# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୦/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, December 20/2022 | Page 18 | ₹ 7.00 | ★★★★★★

୪୯ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 27 | ମୂଲ୍ୟ ₹୭/-




**ରେହାନଙ୍କୁ ୫ ଉଇକେଟ ସଫଳତା**

ପାକିସ୍ତାନ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ସର୍ବକନିଷ୍ଠ ପଦାର୍ପଣକାରୀ ବୋଲର ଭାବେ ୫ ଉଇକେଟ ହାସଲ କରିଛନ୍ତି ଇଂଲଣ୍ଡର ରେହାନ ଅହମଦ।

୧୫

୧୧

**ରିମେକ୍ ଫିଲ୍ମରେ ଅଲିଜେହ**

ବେଲ୍‌ଜିୟମ୍ ଫିଲ୍ମ 'ଲା ଫାମିଲେ ବେଲିଅର'ର ହିନ୍ଦୀ ରିମେକ୍ ଜରିଆରେ ଅଲିଜେହ ଅଗ୍ନିହୋତ୍ରୀ ବଲିଉଡ୍‌ରେ ଡେବ୍ୟୁ କରିବେ।



**କର୍ନାଟକ-ମହାରାଷ୍ଟ୍ର ବିବାଦ: ବେଳଗାଭିରେ ୧୪୪ ଧାରା**

ପୃଷ୍ଠା-୧୨

# ଫସଲ ବଢ଼ିଆ, ଚାଷୀ କାନ୍ଦୁଛି

**ଆଜିର ସମ୍ପାଦକୀୟ**

**'ଡ୍ୟୁଟି' କରୁଛନ୍ତି**

**ଆଜିର ମନ୍ତବ୍ୟ**

ଭାରତ ଯୋଡ଼ୋ ଯାତ୍ରା ମାଧ୍ୟମରେ ଘୃଣାର ବଜାରରେ ପ୍ରେମର ଦୋକାନ ଖୋଲିଛି। ପଦଯାତ୍ରାକୁ ନେଇ ପ୍ରଶ୍ନ ଉଠାଉଥିବା ଭାଜପା ନେତାମାନେ ଏଭଳି ପଦକ୍ଷେପ ନିଅନ୍ତୁ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**






*ରୋଗପୋକ, ବାତ୍ୟା, ବନ୍ୟାଜନିତ କ୍ଷୟକ୍ଷତି ସତ୍ତ୍ୱେ ଚାଷରୁ ପରିବାର ପ୍ରତିପୋଷଣର ଆଶା ଛାଡୁନାହାନ୍ତି ଓଡ଼ିଶାର ଚାଷୀ। କ୍ଷତିଭରଣା ଏବଂ ଲାଭ ପାଇବା ନିମନ୍ତେ ସେମାନେ ଫସଲ ଅନୁକୂଳ ସମୟରେ ଧାରକରଜ କରି ଚାଷ କରୁଛନ୍ତି। ଶେଷରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଫସଲର ଅଣ୍ଡରରେଟ୍ ସେମାନଙ୍କୁ ତଳିତଳାନ୍ତ କରିଦେଉଛି। ଏହା କୌଣସି ନୂଆ କଥା ନୁହେଁ, ପ୍ରତିବର୍ଷ ଏହି ସମସ୍ୟା। କିନ୍ତୁ ପରିତାପର ବିଷୟ, ସ୍ଥିତିରେ ପରିବର୍ତ୍ତନ ଆସୁନାହିଁ। ଫସଲର ସଂରକ୍ଷଣ ଏବଂ ଉପଯୁକ୍ତ ମୂଲ୍ୟରେ ବିକ୍ରି ବ୍ୟବସ୍ଥା ସମ୍ଭବ ହୋଇପାରୁନାହିଁ। ଫଳସ୍ୱରୂପ କ୍ଷେତରେ ଫସଲ ହସିଲାବେଳେ ଚାଷୀ ଆଖିରୁ ଲୁହ ଗଡ଼ିଯାଉଛି।*

**ବରଗଡ ଅଫିସ/ ରସୁଲପୁର (ଡି.ଏନ୍.ଏ.),୧୯।୧୨**

ରାଜ୍ୟରେ ସମ୍ପ୍ରତି କ୍ଷେତଗୁଡ଼ିକରେ ଧାନ, ପରିବା ଭରିଯାଇଛି। ହେଲେ ଶୀତଳଭଣ୍ଡାର ନ ଥିବାରୁ ସେଗୁଡ଼ିକୁ ସାଇତି ରଖି ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବା ସମ୍ଭବ ହୋଇପାରୁନାହିଁ। ଏଥିଯୋଗୁ ଚାଷୀଙ୍କ କଷ୍ଟୋପାର୍ଜିତ ଫସଲର ମୂଲ୍ୟ ଅତି ନଗଣ୍ୟ ହୋଇଯାଇଛି। ତାହାକୁ ଅମଳ କରି ବଜାରକୁ ଆଣିବା ଖର୍ଚ୍ଚ ମଧ୍ୟ ବାହାରୁନାହିଁ। ଏଭଳି ଦୁର୍ଦ୍ଦିନରେ ଘାଣ୍ଟି ହେଉଥିବା ଚାଷୀ ନିଜ ଫସଲକୁ ନଷ୍ଟ କରିବାକୁ ଶ୍ରେୟସ୍କର ମନେ କରୁଛନ୍ତି। ଉଦାହରଣ ଭାବେ ବରଗଡ଼ ଜିଲାକୁ ନିଆଯାଇପାରେ, ଯେଉଁଠି ଧାନ ସାଙ୍ଗକୁ ପନିପରିବାର ଅଭାବୀ ବିକ୍ରି ଲାଗି ରହିଛି। ଏହା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଭଳି ସ୍ଥିତିରେ ଚାଷୀ ବହୁ ଟଙ୍କା ଖର୍ଚ୍ଚ କରି ଲାଭ ଆଶାରେ କରିଥିବା ପରିବା ଫସଲକୁ କ୍ଷେତରେ ନଷ୍ଟ କରିଦେଉଛନ୍ତି। ଏହି କ୍ରମରେ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ପଞ୍ଚାୟତ ଗଞ୍ଜିଆଟିକ୍ରା ଅଞ୍ଚଳର କେତେଜଣ ଚାଷୀ ନିଜ କ୍ଷେତରେ ବନ୍ଧାକୋବି ଫସଲରେ ଟ୍ରାକ୍ଟର ମଡ଼ାଇ ନଷ୍ଟ କରିବା ଭଳି ଘଟଣା ସାମ୍ନାକୁ ଆସିଛି।

ଧାନର ବିକଳ୍ପ ଭାବେ ଚାଷୀଙ୍କୁ ଅଣଧାନ ଅର୍ଥାତ୍ ପନିପରିବା, ଶସ୍ୟଜାତୀୟ ଫସଲ କରିବା ପାଇଁ କୃଷି ବିଭାଗ ଉତ୍ସାହିତ କରୁଛି। କିନ୍ତୁ ପନିପରିବାର ଅଭାବୀ ବିକ୍ରି ଚାଷୀଙ୍କୁ ଚିନ୍ତାରେ ପକାଇଛି। ଗଞ୍ଜିଆଟିକ୍ରା ଗ୍ରାମର ଚାଷୀମାନେ ଧାନ ପରିବର୍ତ୍ତେ

## କୋବି ଚାଷରେ ଟ୍ରାକ୍ଟର ମଡ଼ାଇଦେଲେ



ବରଗଡ଼ ସହର ଉପକଣ୍ଠ ଗଞ୍ଜିଆଟିକ୍ରା ଗ୍ରାମରେ ଚାଷୀ କୋବି ଫସଲ ନଷ୍ଟ କରୁଛନ୍ତି।

## ପନିପରିବାର ଅଭାବୀ ବିକ୍ରି

ପରିବା ଫସଲରେ ଅଧିକ ଲାଭ ମିଳିବ ବୋଲି ଆଶା ବାନ୍ଧିଥିଲେ। ତେଣୁ ସେମାନେ ବହୁ ଏକର ଜମିରେ କୋବି ଚାଷ କରିଥିଲେ। କିନ୍ତୁ ଅମଳ ପରେ ବେପାରୀମାନେ କୋବି କିଲୋଗ୍ରାମ ପ୍ରତି ୨ରୁ ୩ଟଙ୍କା ଦର କରିବାକୁ କହିଥିଲେ। ଏହି ଦରରେ ଚାଷରେ ନିୟୋଜିତ ଶ୍ରମିକଙ୍କ ଖର୍ଚ୍ଚ ମଧ୍ୟ ବାହାରିବ ନାହିଁ। ଫଳରେ ଚାଷୀମାନେ କୋବି ନ ଅମଳ କରି ତାହାକୁ ନଷ୍ଟ କରିବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି ଚାଷୀ ପ୍ରଶାନ୍ତ ସାହୁ କହିଛନ୍ତି। ସେହିପରି ଗଞ୍ଜିଆଟିକ୍ରାର ଆଉ ଜଣେ ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ସେ ୨ ଏକର ଜମିରେ ଫୁଲକୋବି ଏବଂ ବନ୍ଧାକୋବି ଚାଷ କରିଛନ୍ତି। ଏଥିରେ ସେ ପାଖାପାଖି ୧ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ବେପାରୀମାନେ କି.ଗ୍ରା. ପ୍ରତି ୨ଟଙ୍କା ଦରରେ ବନ୍ଧାକୋବି ମାଗୁଛନ୍ତି। ଶୀତଳଭଣ୍ଡାର ଥିଲେ ଏଭଳି ସମସ୍ୟା ଉପୁଜି ନ ଥାଆନ୍ତା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କୋବି ଫସଲରେ ଟ୍ରାକ୍ଟର ମଡ଼ାଇ ନଷ୍ଟ କରିଥିବା ☞ପୃଷ୍ଠା-୪

## ଭୁବନେଶ୍ୱର ସମେତ ଆଉ ୨୫ ବିମାନବନ୍ଦରକୁ ଲିଜ୍‌ରେ ଦିଆଯିବ

### କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍‌ରେ ଦିଆଯିବ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଦ୍ୱାରା ପରିଚାଳିତ ଏହି ବିମାନବନ୍ଦର ସମେତ ଦେଶର ଆଉ ୨୫ଟି ବିମାନବନ୍ଦରକୁ ଲିଜ୍‌ରେ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ବିମାନବନ୍ଦରଗୁଡ଼ିକ ହେଲା ବାରାଣସୀ, ଅମ୍ରିତସର, ତାମିଲନାଡୁର ତ୍ରିଚି, ଇନ୍ଦୋର, ରାଏପୁର, କେରଳର କାଲିକଟ୍, କୋଏମ୍ବାଟୁର, ନାଗପୁର, ପାଟଣା, ମଦୁରାଇ, ସୁରଟ, ରାଞ୍ଚି, ଯୋଧପୁର, ଚେନ୍ନାଇ, ବିଜୟୱାଡ଼ା, ଭଦୋଦରା, ଭୋପାଳ, ତିରୁପତି, କର୍ନାଟକର ହୁବ୍‌ଲି, ଇମ୍ଫାଲ, ଅଗରତାଲା, ଉଦୟପୁର, ଡେରାଡୁନ ଏବଂ ଆନ୍ଧ୍ରପ୍ରଦେଶର ରାଜାମୁଣ୍ଡ୍ରି। ଏଗୁଡ଼ିକୁ ପରିଚାଳନା ପାଇଁ ଆସନ୍ତା ୨୦୨୫ ସୁଦ୍ଧା ପର୍ଯ୍ୟାୟକ୍ରମେ ଘରୋଇ କମ୍ପାନୀଗୁଡ଼ିକୁ ଲିଜ୍‌ରେ ଦିଆଯିବ। କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ମନେଟାଇଜେଶନ ପାଇପ୍‌ଲାଇନ (ଏନ୍‌ଏମ୍‌ପି) ଅନୁସାରେ ☞ପୃଷ୍ଠା-୪

# ତିବ୍ବତ ଏୟାରବେସ୍‌ରେ ଡ୍ରୋନ୍, ଯୁଦ୍ଧବିମାନ ମହଜୁଦ

## ଚାଇନାର ଆକ୍ରମଣ ପ୍ରସ୍ତୁତି

**ନୂଆଦିଲ୍ଲୀ,୧୯।୧୨**

ଚାଇନାର ପ୍ରାୟ ୩୦୦ ସୈନ୍ୟ ଗତ ୯ ତାରିଖରେ ଅରୁଣାଚଳ ପ୍ରଦେଶର ତାୱାଙ୍ଗ୍‌ରେ ପ୍ରବେଶ କରି ଉକ୍ତ ଅଞ୍ଚଳକୁ ନିଜର ବୋଲି ଦାବି କରିଥିଲେ। ଭାରତୀୟ ସେନା ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକ ସୈନ୍ୟ ଆହତ ହୋଇଥିଲେ। ସଂଘର୍ଷ ପରେ ଚାଇନା ସୈନ୍ୟ ଫେରିଯାଇଥିଲେ ହେଁ ପୁନର୍ବାର ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ତିବ୍ବତୀୟ ଏୟାରବେସ୍‌ଗୁଡ଼ିକରେ ଚାଇନା ବହୁସଂଖ୍ୟାରେ ଡ୍ରୋନ୍ ଏବଂ ଲଢୁଆ ବିମାନ ଠୁଳ କରିଥିବା ହାଇରିଜଲ୍ୟୁଶନ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି।

ସୀମାରେ ଚାଇନା ବିମାନ ଓ ଡ୍ରୋନ୍ ପଇଁତରା ବଢ଼ିବାରୁ ଅରୁଣାଚଳ ପ୍ରଦେଶ ଉପରେ ଭାରତୀୟ ବାୟୁସେନା ଏୟାର ପାଟ୍ରୋଲ ଆରମ୍ଭ କରିଛି। କିଛିଦିନ ପୂର୍ବରୁ ଅରୁଣାଚଳ ଉପରେ ଭାରତୀୟ ବାୟୁସୀମା ଲଂଘନ କରିଥିବା ଚାଇନାର ଦୁଇଟି ଯୁଦ୍ଧବିମାନକୁ ଭାରତୀୟ ଯୁଦ୍ଧବିମାନ ତଡ଼ିଥିଲା। ଅରୁଣାଚଳ ପ୍ରଦେଶଠାରୁ ୧୫୦ କିଲୋମିଟର ଉତ୍ତର-ପୂର୍ବରେ ଅବସ୍ଥିତ ଚାଇନାର ବାଙ୍ଗ୍‌ଡ଼ା ଏୟାରବେସ୍‌ର ସାଟେଲାଇଟ୍ ଚିତ୍ର ଏକ ଗଣମାଧ୍ୟମର ହସ୍ତଗତ ହୋଇଛି। ସେଠାରେ ଚାଇନାର ଅତ୍ୟାଧୁନିକ ଡବ୍ଲ୍ୟୁଜେଡ୍- 'ସୋରିଙ୍ଗ୍ ଡ୍ରାଗନ' ଡ୍ରୋନ୍ ମହଜୁଦ ରହିଥିବା ଦେଖାଯାଇଛି। ଏହି ଡ୍ରୋନ୍‌ଗୁଡ଼ିକ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନ ଅଟକି ଉଡ଼ିପାରିବ। ଗୋଇନ୍ଦା, ସାମରିକ ପର୍ଯ୍ୟବେକ୍ଷଣ ଓ ତଦାରଖ ଲାଗି ଏହି ଡ୍ରୋନ୍‌କୁ ଡିଜାଇନ୍ କରାଯାଇଛି। ଏହା ଶତ୍ରୁପକ୍ଷର ଗତିବିଧି ଏବଂ ମିଶାଇଲ୍ ଟାର୍ଗେଟ ସ୍ଥଳ ସମ୍ପର୍କରେ ଚାଇନାକୁ ତଥ୍ୟ ପ୍ରେରଣ କରିପାରିବ। ଭାରତ ପାଖରେ ଏଭଳି ଡ୍ରୋନ୍ ନାହିଁ। ଏଭଳି ଡ୍ରୋନ୍ ଓ ଯୁଦ୍ଧବିମାନ ମହଜୁଦ ରଖିବା ଘଟଣାରୁ ଚାଇନା ଏକ ସକ୍ରିୟ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ନେଟ୍‌ୱର୍କ ପରିବେଶ ସୃଷ୍ଟି କରୁଥିବାର ସୂଚନା ଦେଉଛି। ଅକ୍ସାଇ ଚୀନ୍ ଏବଂ ଉତ୍ତରପୂର୍ବାଞ୍ଚଳରେ ଥିବା ମାକ୍‌ମହୋନ ଲାଇନ ଅଞ୍ଚଳ ପାଇଁ ଏହା ଏକ ସପୋର୍ଟ ମିଶନ ବୋଲି ବାୟୁସେନାର ପୂର୍ବତନ ପାଇଲଟ ତଥା ନ୍ୟୁଜ୍‌ସ୍ୱେସ୍ କମ୍ପାନୀର ମୁଖ୍ୟ ସମୀର ଜୋଶୀ କହିଛନ୍ତି।

ଗତ ନଭେମ୍ବର ୨୭ରେ ଚାଇନା ଶିଗାତ୍‌ସେ ଏୟାରପୋର୍ଟରେ ୧୦ଟି ଫ୍ଲାଙ୍କର ଟାଇପ୍ ଯୁଦ୍ଧବିମାନ ସହ କେଜି-୫୦୦ ଏୟାରକ୍ରାଫ୍ଟ ମୁତୟନ କରିଥିଲା। ବାଙ୍ଗ୍‌ଡା ଏୟାରବେସ୍ ଫ୍ଲାଇଟ୍‌ଲାଇନରେ ଦୁଇଟି ଫ୍ଲାଙ୍କର ଟାଇପ୍ ଯୁଦ୍ଧବିମାନ ରହିଥିବା ଡିସେମ୍ବର ୧୪ର ସାଟେଲାଇଟ୍ ଫଟୋରେ ଦେଖିବାକୁ ମିଳିଥିଲା। ଗତ ସପ୍ତାହରେ ଅରୁଣାଚଳ ପ୍ରଦେଶରେ ☞ପୃଷ୍ଠା-୪







କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବକ୍ସ ଅଫିସରୁ ହକି ବିଶ୍ୱକପ ଟିକେଟ କିଣିବା ପାଇଁ ସୋମବାର ଦର୍ଶକଙ୍କ ଗହଳି। **(ରିପୋର୍ଟ: ଖେଳପୃଷ୍ଠା)**

# ଆହତଙ୍କ ସହ ମଦ ପିଇଲେ ଆମ୍ବୁଲାନ୍ସ ଚାଳକ

**ଜଗତ୍‌ସିଂହପୁର ଅଫିସ, ୧୯।୧୨**

ରାସ୍ତା ପାର୍ଶ୍ୱରେ ଆମ୍ବୁଲାନ୍ସ ଅଟକାଇ ଚାଳକ ଗ୍ଲାସରେ ମଦ ପିଉଥିବାବେଳେ ଆହତଙ୍କ ପାଇଁ ପେଗ୍ ବନାଉଛନ୍ତି। ଗାଡ଼ିର ପଛ ସିଟ୍‌ରେ ଜଣେ ମହିଳା ଓ ଝିଅ ମଧ୍ୟ ବସିଛନ୍ତି। ଏଭଳି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପରେ ଆମ୍ବୁଲାନ୍ସଟି ଆହତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଛାଡ଼ି ଫେରୁଥିବାବେଳେ ଚାଉଳିଆଗଞ୍ଜ ନିକଟରେ ଏକ ସ୍କୁଟର ସହ ଧକ୍କା ହୋଇଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ଆମ୍ବୁଲାନ୍ସକୁ ନେଇ ଚାଉଳିଆଗଞ୍ଜ ଥାନାରେ ରଖିଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏହି ଭିଡିଓ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାରଳା ରୋଡ ମଦ ଦୋକାନ ନିକଟବର୍ତ୍ତୀ ଅଞ୍ଚଳର ବୋଲି ଜଣାପଡ଼ିଛି। ପାରାଦୀପରୁ ଜଣେ ଆହତଙ୍କ ଚିକିତ୍ସା ପାଇଁ ଆମ୍ବୁଲାନ୍ସ (ନଂ. ଓଡି-୨୧-ଏନ୍-୩୮୮୬) ଯୋଗେ କଟକ ନିଆଯାଉଥିଲା। ଆମ୍ବୁଲାନ୍ସଟି ରଘୁନାଥପୁର ବ୍ଲକ ରେଢୁଆ ମୋହନପୁର ଗ୍ରାମର ଦିଲୀପ କୁମାର ରଥଙ୍କ ନାମରେ ରହିଛି। ସେ ନିଜେ ଏହାକୁ ଚଳାଉଛନ୍ତି। ଏ ସମ୍ପର୍କରେ ରଥଙ୍କୁ ପଚାରିବାରୁ କହିଛନ୍ତି, ଆହତ ଜଣକ ହେଉଛନ୍ତି କେନ୍ଦୁଝର ଜିଲାର ଜଣେ ଆଦିବାସୀ ବ୍ୟକ୍ତି। ତାଙ୍କ ନାମ କୈଳାସ ଦେହୁରୀ। ସେ ଦୀର୍ଘ ବର୍ଷ ହେବ ପରିବାର ସହ ପାରାଦୀପରେ ରହି ମଜୁରି ଲାଗି ପରିବାର ଭରଣପୋଷଣ କରନ୍ତି। ୧୦ ବର୍ଷ ହେବ ଦେହୁରୀଙ୍କ ସହ ତାଙ୍କର ପରିଚୟ ରହିଛି। ପାରାଦୀପ ତାରେଣୀଗଡ଼ା ଓ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ରଥଙ୍କ ପୃଥକ୍ ଘର ରହିଛି। ତାରେଣୀଗଡ଼ା ନିକଟ ଘରେ ସେ ପରିବାର ସହ ରହୁଥିବାବେଳେ ମ୍ୟୁନିସିପାଲିଟି ହାଇସ୍କୁଲ ପାଖ ଘର ଭଡା ସୂତ୍ରରେ ଦେଇଛନ୍ତି। ଗତ ୧୮ ତାରିଖରେ ରଥଙ୍କ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟ ଜମିରେ ଥିବା ଚାକୁଣ୍ଡା ☞ପୃଷ୍ଠା-୪





- **ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ**
- **ଗଛରୁ ପଡ଼ି ଆହତ ବ୍ୟକ୍ତିଙ୍କୁ କଟକ ନିଆଯାଉଥିଲା**
- **ଫେରିଲାବେଳକୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଆମ୍ବୁଲାନ୍ସ**

# ରାଜସ୍ଥାନରେ ୫୦୦ ଟଙ୍କାରେ ମିଳିବ ଏଲ୍‌ପିଜି

### ଅଶୋକ ଗେହଲଟ୍‌ଙ୍କ ଘୋଷଣା

**ଜୟପୁର ,୧୯।୧୨**

ରାଜସ୍ଥାନରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଏବଂ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କୁ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଘୋଷଣା କରିଛନ୍ତି। ଆସନ୍ତା ବର୍ଷ ରାଜସ୍ଥାନ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ବଡ଼ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ଏହି ଘୋଷଣା କଲାବେଳେ ପାଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ। ଗରିବ ପରିବାର ଏବଂ ଉଜ୍ଜ୍ୱଳା ହିତାଧିକାରୀମାନଙ୍କୁ ବର୍ଷକୁ ୧୨ଟି ସିଲିଣ୍ଡର ଅଧାରୁ କମ୍ ଦାମ୍‌ରେ ଯୋଗାଇ ଦିଆଯିବ। ଆସନ୍ତା ମାସରେ ଏଥିପାଇଁ ବଜେଟ ବ୍ୟବସ୍ଥା କରାଯିବ ବୋଲି ଗେହଲଟ୍ କହିଛନ୍ତି। ☞ପୃଷ୍ଠା-୪

# ୫ଦିନ ପରେ ବନ୍ଦ କୋଠରିରୁ ଉଦ୍ଧାର ହେଲେ ଅମ୍ରିତ

**ନୟାଗଡ଼ ଅଫିସ/ ଓଡ଼ଗାଁ, ୧୯।୧୨(ସ୍ୱ.ପ୍ର.)**

- **ପାଣି ନେବାକୁ ଆସିଥିବା ମହିଳା ଦେବଦୂତ ସାଜିଲେ**
- **ଅପହରଣକାରୀ ଫେରାର, ୪ ଅଟକ**
- **ପୋଲିସ, ସନ୍ଧାନୀ କୁକୁର ତଦନ୍ତରେ ବିଫଳ**
- **ଅପହରଣର ଗୁମର ଖୋଲିପାରିନି ପୋଲିସ**

ଅପହରଣର ୫ ଦିନ ପରେ ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ କୁରାଳ ସୁବୁଦ୍ଧିସାହିର ୭ମଶ୍ରେଣୀର ଛାତ୍ର ଅମ୍ରିତ ପାତ୍ର(୧୨)ଙ୍କୁ ସୋମବାର ସ୍ଥାନୀୟ ପଣ୍ଡିତ ସାହିରେ ଥିବା ଏକ ବନ୍ଦ କୋଠରିରୁ ଉଦ୍ଧାର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ କୁରାଳ ଗାଁ ସହ ନୟାଗଡ଼ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଅପହରଣକାରୀ କୌଣସି କାରଣରୁ ଅମ୍ରିତଙ୍କୁ ଗାଁ ବାହାରକୁ ନେଇ ପାରି ନ ଥିଲେ। ତାଙ୍କୁ ଉକ୍ତ କୋଠରିରେ ତାଲା ପକାଇ ରଖିବା ପରେ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ଅମ୍ରିତଙ୍କ ଉଦ୍ଧାର ପାଇଁ ଜଣେ ମହିଳା ଦେବଦୂତ ସାଜିଥିଲେ। ସୋମବାର ସକାଳ ପ୍ରାୟ ୮ଟାରେ ସମ୍ପୃକ୍ତା ମହିଳା ପାଣି ନେବାକୁ ଆସିଥିଲେ। ତାଙ୍କୁ ଦେଖି ଅମ୍ରିତ ପାଟି କରି ଡାକିବାରୁ ସେ ତାଙ୍କୁ ସେହି ବନ୍ଦ କୋଠରିରୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ସମ୍ପୃକ୍ତା ମହିଳା ସ୍ଥାନୀୟ ସରପଞ୍ଚ ଓ ଗାଁଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଓଡ଼ଗାଁ ଥାନା ପୋଲିସ ପହଞ୍ଚି ଅମ୍ରିତ, ତାଙ୍କ ବାପା, ମା'ଙ୍କୁ ନିଜ ହେପାଜତକୁ ନେଇ ପଚରାଉଚୁରା କରୁଛି। ଘରଠାରୁ ମାତ୍ର ୫ଶହ ମିଟର ଦୂରରେ ଅମ୍ରିତ ସେହି ବନ୍ଦ କୋଠରିରେ ବନ୍ଦୀ ଥିଲେ। ହେଲେ ପୋଲିସ କିମ୍ବା ସନ୍ଧାନୀ କୁକୁର ତାଙ୍କର ଟେର ପାଇ ନ ପାରିବା ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ ଅମ୍ରିତ ଉଦ୍ଧାର ହେବା ପରେ ସେହି ଘରୁ ପୋଲିସ ପୁଣି ଥରେ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଉକ୍ତ ବନ୍ଦ କୋଠରିରୁ ଅପହରଣ ସ୍ଥଳ ବାଉଁଶବୁଦା ମୂଳ ଦେଇ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇ ଅଟକି ଯାଇଥିଲା। ପୁଣିଥରେ ସନ୍ଧାନୀ କୁକୁର ପଣ୍ଡିତ ସାହିକୁ ଫେରି ଜଗନ୍ନାଥ ମନ୍ଦିର ଫେରିବା ବାଟରେ ଅଟକି ରହିଥିଲା। ଅପହରଣକାରୀ ଓ ଅପହରଣ ନେଇ ପୋଲିସ ମୁହଁ ଖୋଲି ନାହିଁ। ଏସ୍‌ପି ଅଲେଖ ଚନ୍ଦ୍ର ପାହିଙ୍କ ସୂଚନା ଅନୁଯାୟୀ, ଅମ୍ରିତର ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ଅପହରଣକାରୀ ତାକୁ ଖାଇବାକୁ ଦେଉଥିଲେ। ପ୍ରଥମ ଦିନ ପକୁଡି ଖାଇବାକୁ ଦେଇଥିଲେ। ତେବେ ଅମ୍ରିତ ବିଭିନ୍ନ କଥା କହୁଛନ୍ତି। କେତେବେଳେ କହୁଛନ୍ତି ହାତ ବାନ୍ଧି ରଖିଥିଲେ, ☞ପୃଷ୍ଠା-୪



ଉଦ୍ଧାର ପରେ ଅମ୍ରିତ

ଆଶା, ଆଶାରେ ରହିଗଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଲାଗିଥିଲା ବଡ ଝଟକା। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପଦ୍ମପୁର ବିଧାୟକଙ୍କ ସମେତ ପଶ୍ଚିମ ଓଡ଼ିଶାର ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ ଘଟିଥିଲା। ପଦ୍ମପୁର ଓ ବ୍ରଜରାଜନଗର ଉପନିର୍ବାଚନ ଭରି ଦେଇଥିଲା ରାଜନୈତିକ ଉଷ୍ମତା। କରୋନା କଟକଣା ହଟିବା ପରେ ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଲାଗି କଂସ ଚୟନ, ରାଜ୍ୟରେ ପ୍ରଥମକରି ସ୍ୱାସ୍ଥ୍ୟସେବାରେ ଡ୍ରୋନ୍ ବ୍ୟବହାର କଳାହାଣ୍ଡିରେ ଶୁଭାରମ୍ଭ, ଧରିତ୍ରୀ ଖବରଦାତାଙ୍କୁ ମାଓବାଦୀଙ୍କ ହତ୍ୟା, ପଦ୍ମପୁର ସମେତ ଟିଟିଲାଗଡ଼, ଧର୍ମଗଡ଼ ଓ ବଣାଇ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଆନ୍ଦୋଳନ ବର୍ଷର ଗୁରୁତ୍ୱପୂର୍ଣ୍ଣ ଘଟଣା। ସେହିପରି ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖାଦେବା ବନ୍ୟପ୍ରାଣୀପ୍ରେମୀଙ୍କ ମନରେ ଭରି ଦେଇଥିଲା ଉତ୍ସାହ। ପଶ୍ଚିମ ଓଡ଼ିଶାର ଏଭଳି କିଛି ଘଟଣାକ୍ରମକୁ ନେଇ ଏଥରର ବର୍ଷାନ୍ତ ଆଲେଖ୍ୟ।



## ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ

ପ୍ରାୟ ୫ବର୍ଷ ପରେ ସମ୍ବଲପୁରର ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖାଦେଇଥିଲା। ଏହା ପ୍ରାପ୍ତବୟସ୍କ ଓ ଅଣ୍ଡିରା ବୋଲି ବନ ବିଭାଗ ସୂଚନା ଦେଇଥିଲା। ସଫାରି ଗାଡିରେ ପର୍ଯ୍ୟଟକ ଓ ଗାଇଡ୍ ବୁଲିବା ସମୟରେ ଡିସେମ୍ବର ୩ରେ ମୋବାଇଲ ଭିଡିଓରେ କଏଦ କରିଥିଲେ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭି କ୍ୟାମେରାରେ ବାଘର ଗତିବିଧି ନଜରକୁ ଆସିବା ପରେ ବନ ବିଭାଗ ସ୍ପଷ୍ଟ କରିଥିଲା।

## ଖାକିରେ ଦାଗ



ସେପ୍ଟେମ୍ବର ୧୫ରେ କଣ୍ଟାବାଞ୍ଜି ଅନ୍ନପୂର୍ଣ୍ଣା ଲଜ୍‌ରେ ପୋଲିସ ଚଢ଼ାଉ କରି ୫୮ଲକ୍ଷ ଟଙ୍କା ଜବତ ସହ ୭ଜଣଙ୍କୁ ଗିରଫ କରିଥିଲା। ସେମାନେ ସେଠାରେ ଜୁଆ ଖେଳୁଥିଲେ ବୋଲି ଏସ୍‌ଡିପିଓ ହୃଷୀକେଶ ମେହେର ସୂଚନା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ତେଲଙ୍ଗାନାର ଇଟାଭାଟି ମାଲିକ ଓ ଦାଦନ ସର୍ଦ୍ଦାର ବୋଲି ଜଣାପଡିଥିଲା। ଏସ୍‌ଡିପିଓ ମେହେର ଭୁଲ ସୂଚନା ଦେଇଥିଲେ। ସେମାନଙ୍କଠାରୁ ୫୮ଲକ୍ଷ ଜବତ ହୋଇଥିବା କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତଦନ୍ତ କରାଯିବାରୁ ପୋଲିସ ହେପାଜତରୁ ଅଧିକ ପ୍ରାୟ ୨୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏଥିପାଇଁ ଏସ୍‌ଡିପିଓ ମେହେରଙ୍କୁ ନିଲମ୍ବନ କରାଯାଇଥିଲା।

## ୨ମହିଳା ମାଓବାଦୀ ନିହତ

ବଲାଙ୍ଗୀର-ବରଗଡ଼ ଜିଲା ସୀମା ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ନଭେମ୍ବର ୨୪ ପୂର୍ବାହ୍ନରେ ମାଓବାଦୀ-ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇ ଜଣ ମହିଳା ମାଓବାଦୀ ନିହତ ହୋଇଥିଲେ। ନିହତ ଦୁଇ ମହିଳା ମାଓବାଦୀ ଛତିଶଗଡର ଗୀତା ଓ ରୋଜିତା ବୋଲି ଚିହ୍ନଟ କରାଯାଇଥିଲା। ସେମାନଙ୍କ ନାଁରେ ପୋଲିସ ପକ୍ଷରୁ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

## ପ୍ରଶାସନିକ ଅଧିକାରୀଙ୍କ ଜାଲିଆତି





ବଲାଙ୍ଗୀର ସହର ଉପକଣ୍ଠ ଧୁମାମରାର ଜଣେ ମୃତବ୍ୟକ୍ତିଙ୍କ ନାଁରେ ଜମି ହଡ଼ପ ମାମଲାରେ ରାଜ୍ୟ ସରକାର ଜୁଲାଇ ୬ରେ ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କୁ ନିଲମ୍ବିତ କରିଥିଲେ। ଛୁଟିଦିନରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇ ଜଣେ ମୃତବ୍ୟକ୍ତିଙ୍କ ଦେଢ଼ ଏକର ଜମିକୁ ହଡ଼ପ କରାଯାଇଥିବା ଏବଂ କ୍ରେତାଙ୍କୁ ପଟ୍ଟା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜମିକ୍ରେତା, ସାକ୍ଷୀ, ତହସିଲ ଅଫିସ ରେକର୍ଡ କିପର ଏବଂ ରେଜିଷ୍ଟ୍ରି ଅଫିସ କିରାଣି ମଧ୍ୟ ଗିରଫ ହୋଇଥିଲେ।



# ପଶ୍ଚିମକୁ ଝଟକା

୧୯୫୭ ମସିହାରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ନେଇ ଚାଲିଆସୁଥିବା ଆନ୍ଦୋଳନ ବର୍ଷ ଶେଷ ଭାଗରେ ଅର୍ଥାତ୍ ଡିସେମ୍ବର ୧୨ରେ ଉଗ୍ରରୂପ ନେଇଥିଲା। ସମ୍ବଲପୁର ଜିଲା କୋର୍ଟ ଭିତରେ ଭଙ୍ଗାରୁଜା, ଗାଳିଗୁଲଜ ସହ ବିଚାରପତିଙ୍କୁ କୋର୍ଟ ପରିସରରୁ ବାହାର କରିଦିଆଯାଇଥିଲା। ଏହି ଘଟଣାରେ ୨୩ ଓକିଲଙ୍କ ସମେତ ୮ କିନ୍ନର, ଜଣେ ବାର୍ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ସୁପ୍ରିମକୋର୍ଟ ଏଥିରେ କ୍ଷୋଭ ପ୍ରକାଶ କରି ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ବିଭାଗକୁ କଡା ସମାଲୋଚନା କରିଥିଲେ। ଏହାସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିବା ବେଳେ ସମସ୍ତ ପ୍ରାୟ ୧୬ ଶହ ଲାଇସେନ୍ସକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରିଥିଲେ। ଘଟଣା ପାଇଁ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ଏମ୍‌ପି ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସଂସଦରେ ଏ ନେଇ ପ୍ରଶ୍ନ କରିଥିଲେ। ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ୪୩ ଜଣ ଓକିଲଙ୍କୁ ଛାଡି ଅନ୍ୟ ଓକିଲମାନଙ୍କ ଲାଇସେନ୍ସ କାର୍ଯ୍ୟକ୍ଷମ କରାଯାଇଥିଲା।

## ପଦ୍ମପୁର ଉପନିର୍ବାଚନ: ପ୍ରଥମ ବିଧାୟିକା



ବରଗଡ଼ ଜିଲା ପଦ୍ମପୁର ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଦେହାନ୍ତ ପରେ ଏହି ଆସନ ପାଇଁ ଡିସେମ୍ବର ୫ରେ ଉପନିର୍ବାଚନ ହୋଇଥିଲା। ୮ତାରିଖରେ ଭୋଟ୍ ଗଣତି ଏବଂ ଫଳାଫଳ ପ୍ରକାଶ ପାଇଥିଲା। ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହା ସର୍ବାଧିକ ୧ଲକ୍ଷ ୨୦ହଜାର ୮୦୭ଖଣ୍ଡ ଭୋଟ୍ ପାଇ ବିଜୟିନୀ ହୋଇଥିଲେ। ଏହି ଉପନିର୍ବାଚନ ବିଜୟ ପରେ ବର୍ଷା ଏଠାରେ ପ୍ରଥମ ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ଅଲକା ମହାନ୍ତିଙ୍କ ବାଜିମାତ୍



ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ପରେ ଗତ ମେ ୩୧ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥିନୀ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଲକା ମହାନ୍ତି ୯୩,୯୫୩ ଭୋଟ୍ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ଦଳର ପ୍ରାର୍ଥୀ ପୂର୍ବତନ ବିଧାୟକ କିଶୋର ପଟେଲ ୨୭,୮୩୧ ଓ ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ୨୨,୬୩୦ ଭୋଟ୍ ପାଇଥିଲେ।

## ଅସ୍ତମିତ ବ୍ୟକ୍ତିତ୍ୱ



ହେମାନନ୍ଦ ବିଶ୍ୱାଳ, ପୂର୍ବତନ ମୁଖ୍ୟମନ୍ତ୍ରୀ



ରିପୁନାଥ ସେଠ୍ ପୂର୍ବତନ ମନ୍ତ୍ରୀ



ବିଜୟ ରଞ୍ଜନ ସିଂବରିହା ପୂର୍ବତନ ମନ୍ତ୍ରୀ



ଦୁର୍ଯ୍ୟୋଧନ ମାଝି ପୂର୍ବତନ ମନ୍ତ୍ରୀ



ନୀହାର ପ୍ରଧାନ, ବୈଜ୍ଞାନିକ ଇସ୍ରୋ



ରୋହିତ ବିଶ୍ୱାଳ, ଧରିତ୍ରୀ ଖବରଦାତା



ଶ୍ରେୟସ ପୂଜାରୀ ଶିଶୁ କଳାକାର



ମଙ୍ଗୁଲୁ ଚରଣ ବିଶ୍ୱାଳ, ସାହିତ୍ୟିକ

## ବଦଳିଲେ କଂସ



କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବରଗଡ଼ ଧନୁଯାତ୍ରା ବନ୍ଦ ରହିଥିଲା। କରୋନା କଟକଣା ହଟିବା ପରେ ଚଳିତବର୍ଷ ଧୁମ୍‌ଧାମ୍‌ରେ ଏହି ମହୋତ୍ସବ ହେବ। ଏହି କ୍ରମରେ ଗତ ନଭେମ୍ବର ୧୦ତାରିଖ କଂସ ସମେତ ଅନ୍ୟ ପାର୍ଶ୍ୱ କଳାକାରଙ୍କ ଚୟନ ପ୍ରକ୍ରିୟା ହୋଇଥିଲା। ହୃଷୀକେଶ ଭୋଇ ପୁଣିଥରେ କଂସ ଚରିତ୍ରରେ ଅଭିନୟ ପାଇଁ ମନୋନୀତ ହୋଇଛନ୍ତି। ଏହାପୂର୍ବରୁ ସେ ୯ଥର ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ। ତେବେ ଧର୍ମଶାଳା ମହୋତ୍ସବରେ କଂସ ଅଭିନୟ କରି ସେ ବିବାଦୀୟ ହୋଇ ପଡ଼ିଥିଲେ ଏବଂ ପରବର୍ତ୍ତୀ ଚୟନ ପ୍ରକ୍ରିୟାରେ ସେ ଭାଗ ନେଇଥିଲେ ହେଁ କଂସ ମନୋନୀତ ହୋଇପାରି ନ ଥିଲେ।




## ଜିଲା ଗଠନ ଆଶା ଉଜ୍ଜୀବିତ

ଗତ ପଦ୍ମପୁର ଉପନିର୍ବାଚନର ଅବ୍ୟବହିତ ପୂର୍ବରୁ ପଦ୍ମପୁର ଉପଖଣ୍ଡକୁ ଜିଲା ଘୋଷଣା ଦାବି ଜୋର୍ ଧରିଥିଲା। ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରକୁ ଯାଇ ଉପନିର୍ବାଚନ ପରେ ବିଧିବଦ୍ଧ ଭାବେ ଜିଲା ଗଠନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଘୋଷଣା କରିବା ପରେ ଆଶା ଉଜ୍ଜୀବିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଟିଟିଲାଗଡ଼, ଧର୍ମଗଡ଼ ଓ ବଣାଇ ଆଦି ଉପଖଣ୍ଡକୁ ଜିଲା କରିବା ପାଇଁ ମଧ୍ୟ ଦାବି ଉଠିଥିଲା।

## ସ୍ୱାସ୍ଥ୍ୟସେବାରେ ଡ୍ରୋନ

କଳାହାଣ୍ଡି ଜିଲା କେସିଙ୍ଗା ବିଦ୍ୟାପୀଠ ପଡ଼ିଆରୁ ମାର୍ଚ୍ଚ ୨୧ରେ ୧୫ଜଣ ରୋଗୀଙ୍କ ରକ୍ତ ନମୁନା ଡ୍ରୋନ ଯୋଗେ ପରୀକ୍ଷା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଡ୍ରୋନ ଯୋଗେ ରକ୍ତ ନମୁନା ଗୋଟିଏ ସ୍ଥାନରୁ ଅନ୍ୟ ହସ୍ପିଟାଲକୁ ପଠାଯିବା ରାଜ୍ୟରେ ପ୍ରଥମ। ଆଦିବାସୀ ବହୁଳ ଅଞ୍ଚଳରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ବିଶେଷ କରି ଯକ୍ଷ୍ମାରୋଗର ନିରାକରଣ ପାଇଁ ଡ୍ରୋନସେବାର ଶୁଭାରମ୍ଭ କରିଛନ୍ତି।




## ଭିସୁଟ୍‌ରେ ରାଗିଂ



ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ଦ୍ୱିତୀୟବର୍ଷ ଛାତ୍ରଙ୍କୁ ରାଗିଂ ହୋଇଥିଲା। ଏହି ଘଟଣାରେ ନଭେମ୍ବର ୨୯ରେ ଆଣ୍ଟି ରାଗିଂ ସେଲ୍ ତଦନ୍ତ କରି ୭ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ୪ଜଣଙ୍କୁ ୧ବର୍ଷ ପାଇଁ ବିଶ୍ୱବିଦ୍ୟାଳୟରୁ ବହିଷ୍କୃତ କରାଯାଇଥିଲା। ସେମାନେ ହେଲେ ମାନସ ଟୁଡୁ, ପ୍ରତିଶ ଏସ୍‌ଆର୍ ପଣ୍ଡା, ଶାନ୍ତି ସ୍ୱରୂପ ରାଉତ ଓ ପି. ଅରବିନ୍ଦ ସେନାପତି। ଅନ୍ୟ ୩ ଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିଲା। ସେମାନେ ହେଲେ ଅଙ୍କିତ ମହାକୁଡ, ବି.ଆର୍. ସ୍ୱାଧୀନ ଓ ବିଶ୍ୱଜିତ ପଟେଲ।

# ଏକାଦଶ, ଦ୍ୱାଦଶରେ ଉପସ୍ଥାନ କମିଲେ କାର୍ଯ୍ୟାନୁଷ୍ଠାନ

## ଆସନ୍ତା ବର୍ଷରୁ ଲାଗୁ ହେବ ନୂଆ ନିୟମ

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ରାଜ୍ୟର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସରକାର ପ୍ରୟାସ ଚଳାଇଛନ୍ତି। ଏବେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଉପସ୍ଥାନ ବୃଦ୍ଧି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଶ୍ରେଣୀ କକ୍ଷରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଶତପ୍ରତିଶତ ନ ରହିଲେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ଉପରେ ମଧ୍ୟ ପଦକ୍ଷେପ ନିଆଯିବ। ଦୈନିକ କଲେଜ ଛୁଟି ହେବା ପରେ ସବୁ ବିଷୟର ଆଟେଣ୍ଡାନ୍ସକୁ ଅଧ୍ୟକ୍ଷ ଯାଞ୍ଚ କରିବେ। ଯେଉଁ ଛାତ୍ରୀଛାତ୍ର କ୍ଲାସରେ ଅନୁପସ୍ଥିତ ଥିବେ, ବିଶେଷକରି ମାସରେ ୧୦ରୁ ଅଧିକ ଦିନ ଛୁଟିରେ ରହିଲେ, ସେମାନଙ୍କୁ କାରଣ ଦର୍ଶାଇବାକୁ ନୋଟିସ କରାଯିବ। ଛାତ୍ରୀଛାତ୍ର ଯେଉଁ ଉତ୍ତର ରଖିବେ, ସେଥିରେ ଉଭୟ ପିଲା ଓ ଅଭିଭାବକଙ୍କ ଦସ୍ତଖତ୍ତ ରହିବ। ସନ୍ତୋଷମୂଳକ ଉତ୍ତର କିମ୍ବା କାରଣ ନ ଦର୍ଶାଇବା ପର୍ଯ୍ୟନ୍ତ ସେହି ପିଲାମାନେ କଲେଜ ଆସିଲେ ମଧ୍ୟ କୌଣସି କ୍ଲାସରେ ବସିପାରିବେ ନାହିଁ। ଆସନ୍ତା ଶିକ୍ଷାବର୍ଷରୁ ଏହି ନିୟମ ଲାଗୁ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ମାତ୍ର ୫ବର୍ଷର ତଥ୍ୟକୁ ଦେଖିଲେ, ରାଜ୍ୟରେ ଯୁକ୍ତ୨ ଶେଷବର୍ଷ ପରୀକ୍ଷା ପୂର୍ବରୁ ବା ଫର୍ମପୂରଣ ସମୟରେ ସରକାରୀ କଲେଜଗୁଡ଼ିକରେ ପ୍ରାୟ ୪୫ ଭାଗ ପିଲାଙ୍କ ଉପସ୍ଥାନ ୩୫ ପ୍ରତିଶତ ତଳକୁ ଥିବାବେଳେ ଅନୁଦାନପ୍ରାପ୍ତ କଲେଜରେ ୭୦ ଭାଗରୁ ଅଧିକ ପିଲାଙ୍କ ଶ୍ରେଣୀ ଉପସ୍ଥାନ ୪୦ପ୍ରତିଶତ ରହିଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା




ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ପ୍ରାକ୍ଟିକାଲ ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ଦେଉଥିବା ବେଳେ ଥିଓରି ଲାଗି ପ୍ରାୟ ୬୫ପ୍ରତିଶତ ଉପସ୍ଥାନ ରହୁଛି। ପ୍ରାୟ ୪୦ପ୍ରତିଶତ ପିଲା ନିୟମିତ ଥିଓରି କ୍ଲାସରେ ଉପସ୍ଥିତ ଥିବାବେଳେ ୬୦ପ୍ରତିଶତ ପିଲା ଅନୁପସ୍ଥିତ ରହିଛନ୍ତି। ଟ୍ୟୁଶନ ଓ ବିଭିନ୍ନ କୋଚିଂ ଲାଗି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କ ଶ୍ରେଣୀ ଉପସ୍ଥାନ ଶତପ୍ରତିଶତ ହେଉନାହିଁ। ସେହିଭଳି କଳାର ସର୍ବାଧିକ ୮୫ପ୍ରତିଶତ ଓ ବାଣିଜ୍ୟ ବିଭାଗର ୬୫ ପ୍ରତିଶତ ପିଲା ଶ୍ରେଣୀରେ ନିୟମିତ ଅନୁପସ୍ଥିତ ରହୁଛନ୍ତି। ଧନ୍ଦାମୂଳକଶିକ୍ଷା ପିଲାଙ୍କ ଉପସ୍ଥାନ ୫୦% ପାର ହେଉ ନ ଥିବା ଜଣାପଡ଼ିଛି। ଏହି ସମସ୍ୟାର ସମାଧାନ ଲାଗି ପୂର୍ବରୁ କୋଚିଂ ଓ ଟ୍ୟୁଶନ ଉପରେ ସରକାର ଅଙ୍କୁଶ ଲଗାଇଛନ୍ତି। କଲେଜ ସମୟରେ କୌଣସି କୋଚିଂ ସେଣ୍ଟରରେ ପାଠପଢ଼ା ହୋଇପାରିବ ନାହିଁ। ସେହିଭଳି ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ଫର୍ମ ପୂରଣ ଲାଗି ସର୍ବନିମ୍ନ ଉପସ୍ଥାନ ୭୫ପ୍ରତିଶତ ସରକାର ଧାର୍ଯ୍ୟ କରିଛନ୍ତି। ୭୫ପ୍ରତିଶତରୁ କମ୍ ଉପସ୍ଥାନ ଥିବା ପିଲାଙ୍କୁ ଫର୍ମ ପୂରଣରୁ ବାଦ୍ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ମାତ୍ର ଶ୍ରେଣୀରେ ଉପସ୍ଥାନ ଖୁବ୍‌କମ୍ ରହୁଥିଲେ ମଧ୍ୟ ପିଲାଙ୍କର ଭବିଷ୍ୟତକୁ ଗୁରୁତ୍ୱ ଦେଇ ସରକାର ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଫର୍ମ ପୂରଣ ଲାଗି ସୁଯୋଗ ଦେଉଛନ୍ତି। ମାତ୍ର ଏହି ଅବ୍ୟବସ୍ଥାକୁ ଆଉ ସରକାର ବରଦାସ୍ତ କରିବେ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କଲେଜ ଅଧ୍ୟକ୍ଷ ଏ ଦିଗରେ ସର୍ବାଧିକ ଗୁରୁତ୍ୱ ଦେବା ସହ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼

**ବଡ଼ସାହି,୧୯।୧୨ (ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅନ୍ତର୍ଗତ କମଳାଶୂଳ ଗ୍ରାମକୁ ବିଲ୍ ଆଦାୟ କରିବାକୁ ଯାଇଥିବା ବେଳେ ଉପଭୋକ୍ତାଙ୍କ ମାଡ଼ରେ ସ୍ଥାନୀୟ ବିଦ୍ୟୁତ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପ୍ରଧାନ ଗୁରୁତର ହୋଇଛନ୍ତି। ସେହି ଗ୍ରାମର ବାପି ସିଂ, ଲଗ୍ନଦେବ ସିଂ ଏବଂ ଅନ୍ୟମାନେ ମିଳିତ ଭାବେ ଗୋଡ଼ାଇ ଗୋଡ଼ାଇ ଚେନ୍ ଓ ଠେଙ୍ଗା ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଯନ୍ତ୍ରୀ ଅଭିଯୋଗ କରିଛନ୍ତି। ମାମଲା (ନଂ.୩୩୮/୨୨) ରୁଜୁ କରି ପୋଲିସ ୨ଜଣଙ୍କୁ ଅଟକ ରଖିଛି।






# ଭାରିଯାନରେ ଲଘୁଖଣିଜ ପଦାର୍ଥ ପରିବହନ ମନା

**କଟକ ଅଫିସ, ୧୯।୧୨**

- ୧ରୁ ୧୨ ତାରିଖ ଯାଏ ବଲବଉର ରହିବ କଟକଣା
- ଅତ୍ୟାବଶ୍ୟକ କାର୍ଯ୍ୟରେ ନିୟୋଜିତ ଭାରିଯାନ ବାଦ୍

ବାରବାଟୀ ଷ୍ଟାଡିୟମରେ ଆସନ୍ତା ଜାନୁୟାରୀ ୧୧ରେ ପୁରୁଷ ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଏହି ସମାରୋହରେ ଦର୍ଶକ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ପ୍ରଖ୍ୟାତ ବ୍ୟକ୍ତିତ୍ୱ, କଳାକାର ଓ ସଙ୍ଗଠକମାନେ ଯୋଗଦେବେ। ସେମାନଙ୍କ ସୁରକ୍ଷା ଓ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ଜିଲାପାଳ ତଥା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଭବାନୀ ଶଙ୍କର ଚୟନୀ ମୋଟରଯାନ ଆଇନ ଧାରା ୧୧୫ ଏବଂ ମୋଟରଯାନ ନିୟମର ଧାରା ୧୭୩ ଅନୁଯାୟୀ ଭାରିଯାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହି ନିଷେଧାଦେଶ ଆସନ୍ତା ଜାନୁୟାରୀ ୧ ତାରିଖ ରାତି ୧୨ଟରୁ ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ କଟକ ସହର ସୀମା ଏବଂ କଟକଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବଲବଉର ରହିବ। ଉକ୍ତ ସମୟ ମଧ୍ୟରେ ଟ୍ରକ୍, ଟିପ୍ପର, ଟ୍ରାକ୍ଟର- ଟ୍ରେଲର ଆଦି ଭାରିଯାନ ମାଧ୍ୟମରେ ଲଘୁଖଣିଜ ପଦାର୍ଥ ବାଲି, ଚିପ୍ସ ଓ ନିର୍ମାଣ ପଦାର୍ଥ ପରିବହନ କରାଯାଇପାରିବ ନାହିଁ। ତେବେ ଅତ୍ୟାବଶ୍ୟକ ଓ ଆପଦକାଳୀନ କାର୍ଯ୍ୟରେ ନିୟୋଜିତ ଟ୍ରକ୍, ଟିପ୍ପର, ଟ୍ରାକ୍ଟର ଓ ଟ୍ରେଲର ଏହି କଟକଣା ଅନ୍ତର୍ଭୁକ୍ତ ହେବ ନାହିଁ। ମାତ୍ର ଏଥିନିମନ୍ତେ ଜିଲାପାଳ କିମ୍ବା କମିଶନରେଟ ପୋଲିସର ଉପଆୟୁକ୍ତଙ୍କଠାରୁ ଏକ ପ୍ରମାଣପତ୍ର ଆବଶ୍ୟକ ହେବ। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।







## ଜି.ଉଦୟଗିରି ବ୍ଲକ ଉପାଧକ୍ଷ ଗିରଫ

**ଫୁଲବାଣୀ ଅଫିସ/ଟିକାବାଲି:** ନିଜ ବାନ୍ଧବୀଙ୍କୁ ପ୍ରେମ ପରେ ପ୍ରତାରଣା ଏବଂ ବଳାତ୍କାର ଅଭିଯୋଗରେ କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଉପାଧକ୍ଷ ଏନ୍.ଲୁକ୍‌ଙ୍କୁ ସୋମବାର ଟିକାବାଲି ଥାନା ପୋଲିସ ଗିରଫ କରିଛି। ଏଥିସହ ସମ୍ପୃକ୍ତା ବାନ୍ଧବୀ ଏବଂ ଉପାଧକ୍ଷଙ୍କ ଡାକ୍ତରୀମାଇନା କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ରଟିଙ୍ଗିଆ ଗ୍ରାମର ଏନ.ଲୁକ୍ ଟିକାବାଲି ବ୍ଲକ ଶଙ୍କରାଖୋଲ ଅଞ୍ଚଳର ଜଣେ ୩୫ ବର୍ଷୀୟା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହ ପାଇଁ ଉଭୟ ପରିବାରର ସ୍ୱୀକୃତି ମିଳିଥିଲା। ଏପରିକି ସେମାନଙ୍କ ନିର୍ବନ୍ଧ ମଧ୍ୟ ସରିଥିଲା। ହେଲେ କିଛି ଦିନ ହେବ ଏନ୍.ଲୁକ୍ ପ୍ରେମିକାଙ୍କୁ ଅଣଦେଖା କରି ଆସୁଥିଲେ। ସେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଠିକ୍ କରିଥିବା ଜାଣିବା ପରେ ପ୍ରେମିକା ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଏନ୍.ଲୁକ୍‌ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ନଂ.୧୦୮/୨୨ରେ ମାମଲା ରୁଜୁ ହୋଇଥିବା ଜି.ଉଦୟଗିରି ଏସ୍‌ଡିପିଓ ଡି.ତିରୁପତି ରାଓ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତକୁ ସୁନ୍ଦର ନଖ;**
**ମୁହଁକୁ ସୁନ୍ଦର କଳି ତିଳକ,**
**ଏବେ ପଟା ଦାଢ଼ି ଦେଖ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଏହାହିଁ ଦୁନିଆର ରୀତି ବୋଲି ବୁଝିବାକୁ ହୋଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ଓ ଚାଲିଚଳନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହକ କଥା, ନିମ୍ବ ତିଅଣ;**
**ଆଗ ପିତା ପଛକୁ ଗୁଣ।**

ସାଧାରଣତଃ ନିମ୍ବ ପାଟିକୁ ପିତା ଲାଗିଥାଏ। ତେବେ ପିତା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ତିବ୍ବତ ଏୟାରବେସ୍‌ରେ...

ଭାରତୀୟ ବାୟୁସେନା ଯୁଦ୍ଧାଭ୍ୟାସ ଚଳାଇଥିବାବେଳେ ଚାଇନା ଏହା ଉପରେ ନଜର ରଖିବା ଲାଗି ଉଦ୍ୟମ କରିଥିଲା ବୋଲି ବାଙ୍ଗ୍‌ଡା ଚିତ୍ରରୁ ସ୍ପଷ୍ଟ ସୂଚନା ମିଳୁଛି। ୨୦୨୦ରୁ ଭାରତ ସହ ଚାଇନାର ସୀମା ବିବାଦ ବଢ଼ିଛି। ସେବେଠାରୁ ଚାଇନା ସୀମାନ୍ତ ଅଞ୍ଚଳରେ ଏହାର ଏୟାରବେସ୍ ଏବଂ ଲଢୁଆ ବିମାନ, ଡ୍ରୋନ୍, ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ର ଏବଂ ପର୍ଯ୍ୟବେକ୍ଷଣ ଉପକରଣ ବଢ଼ାଇବାରେ ଲାଗିଛି। ତିବ୍ବତ ହେଲିପୋର୍ଟରେ ବେଜିଂ ବିପୁଳ ପରିମାଣର ଏୟାର ଡିଫେନ୍ସ ମହଜୁଦ ରଖିବା ସହ ସୀମାରେ ରେଳଲାଇନ ଓ ଭିତ୍ତିଭୂମି ନିର୍ମାଣ ବଢ଼ାଇ ଚାଲିଛି।

## ଭୁବନେଶ୍ୱର ସମେତ...

ଏସବୁ ବିମାନବନ୍ଦରଗୁଡ଼ିକୁ ଲିଜ୍‌ରେ ଦିଆଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ ସୋମବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବିମାନବନ୍ଦରଗୁଡ଼ିକୁ ଘରୋଇ କ୍ଷେତ୍ରର ନିବେଶ ଓ କାର୍ଯ୍ୟଦକ୍ଷତା ଆସିବା ପରେ ସେଗୁଡ଼ିକର ଉତ୍ତମ ପରିଚାଳନା ହୋଇପାରିବ। ପିପିପି ମୋଡ୍‌ରେ ବିମାନବନ୍ଦରଗୁଡ଼ିକର ବିକାଶ ହେଲେ ଯାତ୍ରୀ ଓ ରାଜ୍ୟ ସରକାରମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏଏଆଇ ବର୍ତ୍ତମାନ ସୁଦ୍ଧା ୮ଟି ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ କମ୍ପାନୀକୁ ଲିଜ୍‌ରେ ଦେଇସାରିଛି। ସେଗୁଡ଼ିକ ହେଲା ଦିଲ୍ଲୀର ଇନ୍ଦିରାଗାନ୍ଧୀ ବିମାନବନ୍ଦର, ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ବିମାନବନ୍ଦର, ଲକ୍ଷ୍ନୌର ଚୌଧୁରୀ ଚରଣ ସିଂ ବିମାନବନ୍ଦର, ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ବିମାନବନ୍ଦର, ବେଙ୍ଗାଲୁରୁ ବିମାନବନ୍ଦର, ଜୟପୁର ବିମାନବନ୍ଦର, ଗୁଆହାଟୀର ଗୋପୀନାଥ ବର୍ଦ୍ଦୋଲୋଇ ବିମାନବନ୍ଦର ଏବଂ ଥିରୁଅନନ୍ତପୁରମ ବିମାନବନ୍ଦର।

## ଫସଲ ବଢ଼ିଆ...

ଚାଷୀ କାଶୀନାଥ ପ୍ରଧାନ କହିଛନ୍ତି, କୋବି ଚାଷରୁ ଭଲ ଲାଭ ମିଳିବ ବୋଲି ସେ ଏହି ଚାଷ କରୁଥିଲେ। ହେଲେ କୋବି ଦର ଏଭଳି କମିଗଲା ଯେ ବେପାରୀମାନେ ମଧ୍ୟ ଆଉ କିଣିବା ପାଇଁ ଆସିଲେ ନାହିଁ। କ୍ଷେତରେ ତାହା ଅଧିକ ଦିନ ରହିପାରିବ ନାହିଁ। ସେଥିପାଇଁ ସେ ଟ୍ରାକ୍ଟର ମଡ଼ାଇ ତାହାକୁ ନଷ୍ଟ କରିଥିବା କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ କହିଛନ୍ତି, ଅନୁକୂଳ ପାଗ ଯୋଗୁ ଏଥର ଉଭୟ ଧାନ ଏବଂ ଅଣଧାନ ଫସଲ ଭଲ ହୋଇଛି। ପରିବା ବିକ୍ରିବଟାରେ ସମସ୍ୟା ଦେଖାଯାଇଛି। ଶୀତଳ ଭଣ୍ଡାର ଅଭାବରୁ ମଧ୍ୟ ଏହି ସମସ୍ୟା ହେଉଛି। ଚାଷୀମାନେ ଚାହିଁଲେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳଭଣ୍ଡାର କରିପାରିବେ। ସେଥିପାଇଁ ଚାଷୀଙ୍କୁ ସଚେତନ କରାଯିବ। ସେହିପରି ସାଧାରଣ ଶୀତଳଭଣ୍ଡାରରେ କୋବି ସଂରକ୍ଷଣ ସମ୍ଭବ ନୁହେଁ, ତାହା କ୍ଷଣସ୍ଥାୟୀ। ଏଥିପାଇଁ ମଲ୍ଟି ପର୍ପୋଜ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ଅମାତ କହିଛନ୍ତି।

ସେହିପରି ଯାଜପୁର ଜିଲା ରସୁଲପୁର ବ୍ଲକରେ ପନିପରିବା ଚାଷ ବହୁଳ ଭାବରେ କରାଯାଉଛି। ଏହି ବ୍ଲକର ବାରବାଟୀଠାରେ ଚାଷୀଙ୍କ ଦୈନିକ ପରିବା ହାଟର ବେଶ୍ ଖ୍ୟାତି ରହିଛି। କ୍ଷେତରୁ ଉତ୍ପାଦିତ ପରିବାକୁ ହାଟରେ ବିକି ଚାଷୀ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଏବେ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଚାଷୀମାନେ ହତାଶ ହେଉଛନ୍ତି। ବିଶେଷକରି ଫୁଲକୋବି ଚାଷୀ ଘୋର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ହାଟରେ ଉନ୍ନତମାନର ଫୁଲକୋବି ଗୋଟାକ (୧ରୁ ୧.୫ କେ.ଜି. ମଧ୍ୟରେ) ଦର ୫ଟଙ୍କାକୁ ଖସି ଆସିଛି, ଯାହାକି ଉତ୍ପାଦିତ ମୂଲ୍ୟଠାରୁ କମ୍। ଉନ୍ନତ କିସମର ମଞ୍ଜି ବ୍ୟବହାର କରି ଚାରା ଉତ୍ପାଦନ କରିବାରୁ ଚାଷୀମାନଙ୍କୁ ଫୁଲକୋବି ଚାରା ପିଛା ୧ରୁ ୨ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହାଛଡ଼ା କୃଷି ଶ୍ରମିକମାନଙ୍କ ସଂଖ୍ୟା କମିଯାଉଛି। ଶ୍ରମିକ ଚାହିଦା ବଢ଼ିଯାଇଥିବାରୁ ସେ ବାବଦକୁ ଚାଷୀମାନଙ୍କୁ ଅଧିକ ମଜୁରି ଖର୍ଚ୍ଚ କରିବାକୁ ପଡୁଛି। ଏ ଅଞ୍ଚଳର କୋବି ଚାଷୀ ଆଲୋକ କୁମାର ମଲ୍ଲିକଙ୍କ ମତରେ ସାର, କୀଟନାଶକ, ଉନ୍ନତ କିସମର ମଞ୍ଜି, କୃଷି ଶ୍ରମିକ, ଜଳସେଚନ ବ୍ୟବସ୍ଥା ଆଦି ମହଙ୍ଗା ହୋଇପଡ଼ିଛି। ହାଟ ନିକଟରେ ସଂରକ୍ଷଣ ବ୍ୟବସ୍ଥା, ସରକାରୀ ମଣ୍ଡିର ସୁବିଧା ନ ଥିବାରୁ ଚାଷୀମାନଙ୍କ କୃଷିଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟ ମିଳୁନାହିଁ। ଯାଜପୁର ଜିଲାରେ ପନିପରିବା ସଂରକ୍ଷଣ ରଖିବା ପାଇଁ ଶୀତଳ ଭଣ୍ଡାର ନାହିଁ। ଜିଲାର ଛତିଆଠାରେ ଥିବା ଶୀତଳଭଣ୍ଡାର କେବଳ ଆଳୁ ସଂରକ୍ଷଣ ରଖିବା ପାଇଁ ଉଦ୍ଦିଷ୍ଟ। ପରିବା ସଂରକ୍ଷଣ ପାଇଁ ପ୍ରତ୍ୟେକ ହାଟ ନିକଟରେ ଶୀତଳଭଣ୍ଡାର ସୁବିଧା କରାଯାଇପାରିଲେ ଚାଷୀମାନଙ୍କ ଦ୍ରବ୍ୟକୁ ଉଚିତ୍ ମୂଲ୍ୟ ମିଳିପାରିବ ବୋଲି ସେ କହିଛନ୍ତି। ଆଉ ଜଣେ ଅଗ୍ରଣୀ ଚାଷୀ ଶିଶିର କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀଙ୍କ ଦୁଃଖ ଶୁଣିବାକୁ କେହିନାହିଁ। ଚାଷୀ କେବଳ ମୁଣ୍ଡର ଝାଳ ତୁଣ୍ଡରେ ମାରି କ୍ଷେତରେ ଖଟିବ, ଆଉ ତା'ର ଉତ୍ପାଦିତ ଦ୍ରବ୍ୟକୁ ନ୍ୟାୟ ମିଳିବ ନାହିଁ। ଏହାଠାରୁ ଘୋର ଅନ୍ୟାୟ ଓ ବଡ଼ ବିପତ୍ତି ଆଉ କିଛି ନାହିଁ। ସରକାର ଚାଷୀମାନଙ୍କ ଉଦ୍ଦେଶ୍ୟରେ ଘୋଷଣା କରୁଥିବା ଯୋଜନାକୁ ବାସ୍ତବ ରୂପ ଦିଅନ୍ତୁ, ନଚେତ ଖାଦ୍ୟ ସଙ୍କଟ ସୃଷ୍ଟି ହେବ ବୋଲି ସେ ମତ ରଖିଛନ୍ତି।

## ଆହତଙ୍କ ସହ ମଦ...

ଗଛ ଡାଳ କାଟିବାକୁ ଦେହୁରୀ ଯାଇଥିଲେ। ଗଛର ଡାଳ କାଟିବା ବେଳେ ତା'ମୂଳରୁ ଅଧାଅଧି କାଟି ଦେଇଥିଲେ। ପରେ ଦଉଡି ଆଣି ଅଗ୍ର ଭାଗରେ ବାନ୍ଧି ତଳେ ଭିଡିବାକୁ ଯୋଜନା କରିଥିଲେ। ଏହି ଉଦ୍ଦେଶ୍ୟରେ ଗଛରେ ଚଢୁଥିବାବେଳେ ଭୁଲବଶତଃ କଟା ଡାଳରେ ଛିଡ଼ିଯିବାରୁ ଦେହୁରୀ ତଳେ ପଡି ଆହତ ହୋଇଥିଲେ। ତାଙ୍କ ବାମ ଗୋଡ଼ ଭାଙ୍ଗିଯିବା ସହ ମେରୁଦଣ୍ଡ ଆଘାତପ୍ରାପ୍ତ ହୋଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ପାରାଦୀପ ପୋର୍ଟ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ରଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ନେଇ ଯାଇଥିଲେ। ବାଟରେ ଦେହୁରୀଙ୍କ ଯନ୍ତ୍ରଣା ବଢ଼ିଯାଇଥିଲା। ମଦ ପିଇଲେ ଏହା ଲାଘବ ହେବ ବୋଲି କହି ବ୍ୟାକୁଳ ହେବାରୁ ବାଧ୍ୟ ହୋଇ ରଥ ସାରଳା ରୋଡ ମଦ ଦୋକାନ ନିକଟରେ ଆମ୍ବୁଲାନ୍ସ ରଖିଥିଲେ। ସେଠାରୁ ମଦ କିଣି ଦେହୁରୀଙ୍କ ସହ ନିଜେ ଗୋଟିଏ ପେଗ୍ ନେଇଥିବା ରଥ ସ୍ୱୀକାର କରିଛନ୍ତି । ସେ ଏକଥା ମଧ୍ୟ କହିଛନ୍ତି, ଆହତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଆଡମିଶନ କରି କିଛି ଟଙ୍କା ଦେଇଥିଲେ। ସେଠାରୁ ଫେରିଲା ବେଳକୁ ଚାଉଳିଆଗଞ୍ଜ ନିକଟରେ ଏକ ସ୍କୁଟି ସହ ଦୁର୍ଘଟଣା ହୋଇଥିଲା। ସ୍କୁଟି ମାଲିକ କ୍ଷତି ବାବଦରେ ୨୦ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ୧୫ ହଜାର ଟଙ୍କାରେ ଆପୋସ ବୁଝାମଣା ହୋଇଛି। ଏବେ ଆମ୍ବୁଲାନ୍ସଟି ଚାଉଳିଆଗଞ୍ଜ ଥାନାରେ ଅଛି। ମଙ୍ଗଳବାର ଟଙ୍କା ଦେଇ ଗାଡ଼ି ଆଣିବେ ବୋଲି ରଥ କହିଛନ୍ତି।

# ଗୋପାଳଚନ୍ଦ୍ର, ଜଗନ୍ନାଥଙ୍କୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'

- ୩୦ଜଣଙ୍କୁ 'ଏକାଡେମୀ ପୁରସ୍କାର' ଓ ୧୦ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ'
- ମିତାଲି ଚିନାରା ଓ ଅନିନ୍ଦିତା ଦାସଙ୍କୁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ'

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଦୁଇବର୍ଷ ପାଇଁ ଏକାଡେମୀର ସର୍ବୋଚ୍ଚ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ସହ 'ଏକାଡେମୀ ପୁରସ୍କାର', 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ୨୦୨୧ ବର୍ଷ ପାଇଁ ଓଡ଼ିଶୀ ସଂଗୀତ କ୍ଷେତ୍ରରେ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ଓ ୨୦୨୨ ପାଇଁ ପାଲାରେ ବିଶେଷ ଅବଦାନ ରଖିଥିବା ଜଗନ୍ନାଥ ବେହେରାଙ୍କୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ମିଳିଛି। ପୁରସ୍କାର ବାବଦରେ ଉଭୟଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। ସେହିଭଳି ଏହି ଦୁଇବର୍ଷ ପାଇଁ ନୃତ୍ୟ, ସଂଗୀତ, ନାଟକ ଓ ଲୋକକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନ୍ୟ ୪୦ଜଣଙ୍କୁ ସମ୍ମାନିତ କରାଯାଇଛି। ୩୦ଜଣଙ୍କୁ 'ଏକାଡେମୀ ପୁରସ୍କାର' ବାବଦରେ ୨ଲକ୍ଷ ଟଙ୍କା ଓ ୧୦ଜଣଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ' ବାବଦରେ ୫୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ସହ ମାନପତ୍ର ଦିଆଯାଇଛି। ସୋମବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି।

୨୦୨୧ ବର୍ଷ ପାଇଁ ଅଭିନୟରେ ବିନାୟକ ମିଶ୍ର ଓ ମନୋରମା ମହାନ୍ତି, ନାଟ୍ୟ ରଚନାରେ ବିଜୟ କୁମାର ଶତପଥୀ, ନିର୍ଦ୍ଦେଶନାରେ ନବୀନ କୁମାର ପରିଡ଼ା, ମଞ୍ଚକଳାରେ ଶରତ କୁମାର ମହାନ୍ତି, ଲୋକ ସଙ୍ଗୀତରେ, ବିଭୂତି ଭୂଷଣ ପଟ୍ଟନାୟକ, ଲୋକବାଦ୍ୟରେ ମୁରଲୀଧର ବେହେରା, ଲୋକନୃତ୍ୟରେ ବେଟିଖାଇ ବରିହା, ଲୋକନାଟ୍ୟରେ ଗୋପୀନାଥ ସ୍ୱାଇଁ, ଯନ୍ତ୍ର ସଂଗୀତ କ୍ଷେତ୍ରରେ ଜନାର୍ଦ୍ଦନ ଦାଶ ଓ କେ. ଭୁବନେଶ୍ୱରୀ, ଓଡ଼ିଶୀ ନୃତ୍ୟରେ ବିଚିତ୍ରାନନ୍ଦ ସ୍ୱାଇଁ, ଓଡ଼ିଶୀ କଣ୍ଠ ସଙ୍ଗୀତରେ ସଂଗୀତା ଗୋସାଇଁ ଓ ସୁଗମ ସଙ୍ଗୀତରେ ଦେବାଶିଷ ମହାପାତ୍ରଙ୍କୁ 'ଏକାଡେମୀ ପୁରସ୍କାର' ମିଳିଛି। ଏଥିସହ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତ ପାଇଁ ମିତାଲି ଚିନାରାଙ୍କୁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ' ପ୍ରଦାନ କରାଯାଇଛି। ସେହିଭଳି ସଙ୍ଗୀତରେ ରାମଚନ୍ଦ୍ର ବେହେରା, ଓଡ଼ିଶୀ ନୃତ୍ୟରେ ରାହୁଲ ଆଚାର୍ଯ୍ୟ, ନାଟ୍ୟ ନିର୍ଦ୍ଦେଶନା ପାଇଁ ନଳିନୀ ନିହାର ନାୟକ ଓ ଲୋକକଳାରେ ଏସ୍. କ୍ଷୀରୋଦ ଦୋରା ଏବଂ ଅଶ୍ୱିନୀ କୁମାର ପଟେଲଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି।

### ଦୁଇବର୍ଷ ପାଇଁ ସମ୍ମାନ ପ୍ରଦାନ

୨୦୨୨ ବର୍ଷ ପାଇଁ ଅଭିନୟ କ୍ଷେତ୍ରରେ ଶଙ୍କର ପ୍ରସାଦ ବସୁମଲ୍ଲିକ ଓ ପ୍ରଦୀପ କୁମାର ପଣ୍ଡା, ନାଟ୍ୟ ରଚନାରେ ଅଶୋକ କୁମାର ବହିଦାର, ନିର୍ଦ୍ଦେଶନରେ ରମେଶ ଚନ୍ଦ୍ର ମହାନ୍ତି, ମଞ୍ଚକଳାରେ ଦେବେନ୍ଦ୍ର କୁମାର ଅମାତ, ଲୋକ ସଙ୍ଗୀତରେ ସୁବାସ ଚନ୍ଦ୍ର ରାମ, ଲୋକବାଦ୍ୟରେ ପ୍ରଦୀପ କୁମାର ସିଂହ, ଲୋକନୃତ୍ୟରେ ଜୟକୃଷ୍ଣ ନାୟକ, ଲୋକନାଟ୍ୟରେ ରସିକ ସାହୁ, ଯନ୍ତ୍ର ସଙ୍ଗୀତରେ ଅଜୟ କୁମାର ଚୌଧୁରୀ ଓ ଅଭିରାମ ନନ୍ଦ, ଓଡ଼ିଶୀ ନୃତ୍ୟରେ ମନୋରଞ୍ଜନ ପ୍ରଧାନ, ଓଡ଼ିଶୀ କଣ୍ଠ ସଙ୍ଗୀତରେ ସୁକାନ୍ତ କୁମାର କୁଣ୍ଡୁ ଓ ସୁଗମ ସଙ୍ଗୀତରେ ପ୍ରଶାନ୍ତ ପାଢ଼ୀଙ୍କୁ 'ଏକାଡେମୀ ପୁରସ୍କାର' ମିଳିଥିବାବେଳେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପାଇଁ ଅନିନ୍ଦିତା ଦାସଙ୍କୁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ' ପ୍ରଦାନ କରାଯାଇଛି। ସେହିଭଳି ୨୦୨୨ ବର୍ଷ ପାଇଁ ସଙ୍ଗୀତ କ୍ଷେତ୍ରରେ ବ୍ରଜେଶ ପଦପଣ୍ଡା, ଓଡ଼ିଶୀ ନୃତ୍ୟରେ ବିଶ୍ୱଜିତ୍ ଦାସ, ନାଟ୍ୟାଭିନୟ ପାଇଁ ଆଦର୍ଶ କୁମାର ଦାସ ଏବଂ ଲୋକକଳାରେ ଜୟନ୍ତୀ ଦୀପ ଓ ନୀଳାଚଳ ପାନଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ୨୦୧୪ ପାଇଁ ନାଟ୍ୟକଳା କ୍ଷେତ୍ରରେ ମନଦ୍ୱୀପା ମଲ୍ଲିକଙ୍କୁ ଏକାଡେମୀ ସମ୍ମାନ ଦିଆଯାଇଥିଲା।

ଉତ୍ସବରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି, ଉପସଭାପତି ମନ୍ମଥ ଶତପଥୀ, ସମ୍ପାଦକ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ରହି ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିଥିଲେ। ବିଶ୍ୱ ଓଡିଆତ୍ୱ ଭାବନା ନେଇ ସମସ୍ତେ ଆଗକୁ ବଢିବାକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ, ଓଡ଼ିଶା କଳା, ସଂସ୍କୃତି ଭାସ୍କର୍ଯ୍ୟର ରାଜ୍ୟ। ଏ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଭାରତରେ ଅନନ୍ୟ। କଳାକାରଙ୍କ ପ୍ରତିଭା ପ୍ରତିଯୋଗିତାର ତୁଳନୀୟ ନୁହେଁ। ସମସ୍ତେ ନିଜ ନିଜ କ୍ଷେତ୍ରରେ ଅନନ୍ୟ। ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଆମେ ଗର୍ବ ଅନୁଭବ କରିବା ଉଚିତ ବୋଲି ସେ କହିଥିଲେ। ପ୍ରାରମ୍ଭରେ ୨୦୨୧ ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପାଇଥିବା ତ୍ରିଲୋଚନ ମହାନ୍ତ, ସୁସ୍ମିତା ଦାସ, ଡ. ବିଜୟ କୁମାର ଜେନା, ମନୋଜ କୁମାର ପଟ୍ଟନାୟକ, ଆନନ୍ଦ ବାଗ, ଗୋବିନ୍ଦ ଚନ୍ଦ୍ର ପାଲ, ଶିବ ପ୍ରସାଦ ଦାସ, ସନ୍ତୋଷ କୁମାର ରଣା ଓ ରୁପକ କୁମାର ପରିଡା ଏବଂ ପ୍ରଭାତ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା ଓ ଏକାଡେମୀ ଉପସଭାପତି ମନ୍ମଥ ଶତପଥୀ ଧନ୍ୟବାଦ ଦେଇଥିଲେ।





ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିଙ୍କ ଗହଣରେ ୨୦୨୧ (ଉପର) ଓ ୨୦୨୨ ବର୍ଷ ପାଇଁ ସମ୍ମାନ ଓ ପୁରସ୍କାର ପାଇଥିବା କଳାକାରମାନେ। (ଫଟୋ-ମୌସମ)

# ଖାଦ୍ୟ ସୁରକ୍ଷା ସବ୍‌ସିଡି ୧୪,୨୯୨,୫୧ କୋଟି ଦିଅ

### କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ସଂସଦୀୟ ଦଳ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଉପରେ ୧୪,୨୯୨,୫୧ କୋଟି ଟଙ୍କା ସବ୍‌ସିଡି ବକେୟା ପଡ଼ିଛି। ଏଥିସହିତ ନଭେମ୍ବର ୩୦ ସୁଦ୍ଧା ଏହି ଟଙ୍କାର ୬,୧୮୭ କୋଟି ଟଙ୍କା ସୁଧ ବାବଦ ବକେୟା ପଡ଼ିରହିଛି। ଉକ୍ତ ବକେୟା ଅର୍ଥକୁ ତୁରନ୍ତ ଦେବା ଲାଗି ବିଜେଡି ସଂସଦୀୟ ଦଳ ସୋମବାର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଭେଟି ଦାବି ପତ୍ର ଦେଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଖାଦ୍ୟଶସ୍ୟ ଉତ୍ପାଦନରେ ରେକର୍ଡ ସୃଷ୍ଟି କରିବା ସହ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ତୃତୀୟ ବୃହତ୍ ଯୋଗାଣକାରୀ ରାଜ୍ୟ ହୋଇପାରିଛି। ରାଜ୍ୟରୁ ଚାଉଳ ସଂଗ୍ରହ କରିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟ। ରାଜ୍ୟର ଚାଷୀମାନେ ଯେପରି ଅସୁବିଧାରେ ନ ପଡ଼ିବେ ସେଥିପାଇଁ କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାର ଧାନ ସଂଗ୍ରହ ବିକେନ୍ଦ୍ରୀକରଣ ପାଇଁ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଖାଦ୍ୟ ସୁରକ୍ଷା ବାବଦରେ ଓଡ଼ିଶା ସରକାର ପାଇବାକୁ ଥିବା ୧୪,୨୯୨.୫୧ କୋଟି ଟଙ୍କା ବକେୟା କେନ୍ଦ୍ର ସରକାରଙ୍କ ଉପରେ ରହିଛି। ସେଥିରୁ ୧୧,୬୮୯.୨୧ କୋଟି ପ୍ରୋଭିଜନାଲ ସବ୍‌ସିଡି ଏବଂ ୨୬୦୩.୩୦ କୋଟି ଆଡ୍‌ଭାନ୍ସ ସବ୍‌ସିଡି ବାକି ରହିଛି। ଏହାଛଡ଼ା ୨୦୨୨ ନଭେମ୍ବର ୩୦ ସୁଦ୍ଧା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୬୧୮୭ କୋଟି ଅତିରିକ୍ତ ସୁଧ ବାବଦକୁ ପାଇବାକୁ ରହିଛି। ଏପର୍ଯ୍ୟନ୍ତ ଏହି ଅର୍ଥ କେନ୍ଦ୍ର ସରକାରଙ୍କ ନିକଟରେ ବକେୟା ରହିଛି। ସବ୍‌ସିଡି ମିଳିବାରେ ବିଳମ୍ବ ଯୋଗୁ ଯୋଗାଣ ନିଗମର ୬,୧୮୭ କୋଟି ଟଙ୍କା ବକେୟା ବାବଦରେ ପଡ଼ି ରହିଛି। ଉକ୍ତ ଅର୍ଥ ଦେବା ପାଇଁ ସଂସଦୀୟ ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।

# ଓଡ଼ିଶାର କୋଇଲା ଉତ୍ପାଦନ ବୃଦ୍ଧିକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ରାଜ୍ୟରେ କୋଇଲା ଉତ୍ପାଦନ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ଉତ୍ତମ କାର୍ଯ୍ୟ, ଠିକ୍ ନୀତି ଓ ସହଯୋଗ ପାଇଁ ଓଡ଼ିଶାରେ କୋଇଲା ଉତ୍ପାଦନ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ବୃଦ୍ଧି ଘଟିଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ସୋମବାର କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପାର୍ଲାମେଣ୍ଟରେ ଏହା କହିଛନ୍ତି।

ରାଜ୍ୟରେ କୋଇଲା ଉତ୍ପାଦନ ବଢୁଥିଲେ ମଧ୍ୟ ଓଡ଼ିଶା ସରକାରଙ୍କୁ ଏହା ଉପରେ ମିଳୁଥିବା ରୟାଲିଟିକୁ କେନ୍ଦ୍ର ସରକାର ବୃଦ୍ଧି କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅନୁରୋଧ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଶନିବାର କୋଲ୍‌କାତାରେ ଅନୁଷ୍ଠିତ ୨୫ତମ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକରେ ପାନୀୟଜଳ ମନ୍ତ୍ରୀ ପ୍ରଦୀପ ଅମାତ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ୫ଦିନ ପରେ ବନ୍ଧ...

ଆଉ କେତେବେଳେ ଖୋଲା ଛାଡିଥିଲେ ବୋଲି କହୁଛନ୍ତି। ପଣ୍ଡିତ ସାହିରେ ଅପହରଣକାରୀ ତାଙ୍କୁ ଜଗି ରହୁଥିଲେ। ଯେଉଁ ଘରେ ଅମ୍ରିତ ବନ୍ଦୀ ଥିଲେ ସେହି ଘର ତାଲା ପଡିଥିଲା, କେହି ରହୁ ନ ଥିଲେ। ତେବେ ତାଙ୍କ ପୁଅକୁ ହତ୍ୟା ଉଦ୍ଦେଶ୍ୟରେ ଅପହରଣ କରାଯାଇଥିବା ଅମ୍ରିତଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅମ୍ରିତଙ୍କଠାରୁ ଅପହରଣ ସମ୍ପର୍କରେ ପଚରାଉଚୁରା ଶେଷ ପରେ ଗଣମାଧ୍ୟମକୁ ପୁଣି ଅବଗତ କରାଯିବ ବୋଲି ସେ କହିଛନ୍ତି। ତେବେ ପୋଲିସ କାହାକୁ ଅଟକ ରଖି ନାହିଁ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ଉଦ୍ଧାରକାରୀ କାବେରୀ ଦୋରା କୁହନ୍ତି, ମୁଁ ପାଣି ନେବାକୁ ଆସିଥିଲି। ଏହି ସମୟରେ ଅମ୍ରିତ ଡାକିଥିଲେ। ଗେଟ୍ ବନ୍ଦ ଥିବାରୁ ବାହାରକୁ ନେଇ ଯିବାକୁ କହିଥିଲେ। ମୋତେ ଏଠାରେ ବନ୍ଦ କରି ରଖାଯାଇଛି ବୋଲି ସୂଚନା ଦେଇଥିଲେ। ନିଖୋଜ ଛାତ୍ର ଗାଁର ହୋଇଥିବାରୁ ଆମେ ତାଙ୍କୁ ଦେଖି ଖୁସି ହୋଇ ଯାଇଥିଲୁ। ପରେ ତାଙ୍କୁ ଉଦ୍ଧାର କରିଥିଲୁ। କିଏ ଅପହରଣ କରିଥିଲା ପଚାରିଥିଲୁ। ପିଲାଟି ଭୟଭୀତ ଥିଲା। ଠିକ୍‌ରେ କିଛି କହି ପାରୁ ନ ଥିଲା। ଯେଉଁ ଘରୁ ଉଦ୍ଧାର ହୋଇଛି ସେ ଘରର ମାଲିକ ପଞ୍ଜାବରେ ରହୁଛନ୍ତି। ପଡୋଶୀ ଘର ଲୋକେ ଚାବି ରଖିଥିଲେ ବୋଲି କାବେରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ସନ୍ଧ୍ୟାରେ ଅମ୍ରିତ ଟ୍ୟୁସନରୁ ଘରକୁ ଫେରୁଥିବା ସମୟରେ ତାଙ୍କୁ କେହି ଅପହରଣ କରି ନେଇଥିଲେ। ପରିବାର ଲୋକଙ୍କ ସହିତ ପୋଲିସ ତନାଘନା ଚଳାଇଥିଲେ ବି ତାଙ୍କ ପତ୍ତା ମିଳି ନ ଥିଲା। ରାତି ପ୍ରାୟ ୧୨ଟାରେ ଘର ନିକଟ ଏକ ବାଉଁଶବୁଦା ମୂଳରୁ ତାଙ୍କ ସାଇକେଲ ମିଳିଥିଲା।

## ରାଜସ୍ଥାନରେ ୫୦୦...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ପରିବାରଗୁଡ଼ିକୁ ଏଲ୍‌ପିଜି ସଂଯୋଗ ଯୋଗାଇଦେବା ଲାଗି ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ। ଯୋଜନା ଆରମ୍ଭ ସମୟରେ ଗ୍ୟାସ୍ ସିଲିଣ୍ଡର ଦାମ୍ ୪୦୦ ଟଙ୍କା ଥିବାବେଳେ ଏବେ ତାହା ୧,୦୪୦ ଟଙ୍କାରେ ପହଞ୍ଚିଲାଣି। ତେଣୁ ଗରିବ ପରିବାର ଗ୍ୟାସ୍ କିଣି ନ ପାରି ଘରେ ଖାଲି ସିଲିଣ୍ଡର ରଖିଛନ୍ତି। ସେମାନଙ୍କୁ ଅଧାରୁ କମ୍ ଦାମ୍‌ରେ ଗ୍ୟାସ୍ ଯୋଗାଇଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଗେହଲଟ୍ କହିଛନ୍ତି। ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଥିବାବେଳେ କଂଗ୍ରେସ ଦ୍ୱିତୀୟ ଥର ପାଇଁ କ୍ଷମତାରେ ରହିବା ନିମନ୍ତେ ଉଦ୍ୟମ ଚଳାଇଛି। ତେବେ ଶାସନ ଅପେକ୍ଷା ସେଠାରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଗତକାଲିର ଟେନ୍‌ସନ ଆଜି କିଛି ମାତ୍ରାରେ କମିଯିବ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଓ ଏକ ପ୍ରକାର ମନୋବଳ ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ**
ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଗତକାଲିଠାରୁ ମନରେ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପରିବହନ, ବ୍ୟବସାୟ,ବାଣିଜ୍ୟ,ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ ନ କଲେ ସମସ୍ୟା ଭିତରକୁ ଟାଣି ହୋଇଯିବାକୁ ପଡ଼ିପାରେ ।

**ମିଥୁନ**
ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ ଆବଶ୍ୟକତା ପୂର୍ଣ୍ଣତା ଲାଭ କରିପାରିବନାହିଁ। ବ୍ୟବସାୟରେ ଉନ୍ନତି କଲେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ । ମିଠାକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ । ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ଅପୂରଣୀୟ ଅଭିଳାଷଜନିତ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ କଟାଇବେ। କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ଘଟିପାରେ । ଆଜିର ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ**
ଆର୍ଥିକ ସ୍ୱଚ୍ଛଳତା ରହିବା କାରଣରୁ ମାନସିକ ସ୍ଥିରତା କେତେକାଂଶରେ ଆସିବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ନ ଚଳିଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ବିଳାସବ୍ୟସନ ଦିଗକୁ ମୁହାଁଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବେ।

**କନ୍ୟା**
ସମସ୍ୟାଗୁଡ଼ିକ ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ କେତେକ କାରଣରୁ ମନରେ ସରସତା ରହିବ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ଏକପ୍ରକାର ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବ । ନିକଟସ୍ଥ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କେବଳ ତାହା କଥାରେ ହିଁ ସୀମିତ ରହିଯାଇପାରେ ।

**ତୁଳା**
ଆଜି ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ । ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଅତ୍ୟଧିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧ କରି ନୂତନ ବସ୍ତ୍ରାଳଙ୍କାର ପାଇଁ ମନ ବଳାଇବେ।

**ବିଛା**
ସଂଯମ ଅଭାବରୁ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନିଜ ପରିସରରେ ସମ୍ପର୍କୀୟଙ୍କ ଦ୍ୱାରା ଅସମ୍ମାନିତ ହେବାକୁ ପଡ଼ିବ । ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ**
ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ଏବଂ ଚେଷ୍ଟା ମଧ୍ୟ ବେକାର ଯିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ସଙ୍ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ମକର**
କୌଣସି ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍‌କ୍ଷିପ୍ତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦେବେ ଅବଶ୍ୟ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ**
ଆଜିର କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଅଫିସ୍ କାମରେ ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। କାନକୁହା କଥାକୁ ବିଶ୍ୱାସକରି ପାରିବାରିକ ଜୀବନରେ ଝଡ଼ ସୃଷ୍ଟିହେବା ଆଶଙ୍କା ରହିଛି। ବନ୍ଧୁଙ୍କ ସହାୟତାରେ ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଡିସେମ୍ବର ୨୦ତାରିଖ, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ପୌଷକୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ରାମାନୁଜ ବୈଷ୍ଣବ ସମ୍ମତ ସଫଳା ଏକାଦଶୀ। ଦିବା ଘ.୦୯।୫ ଗତେ ରାଶି ନକ୍ଷତ୍ର-ବିଶାଖା/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୬।୧୯ ଗତେ, ଘ.୦୭।୦୩ ମଧ୍ୟେ, ଘ.୦୯।୦୧ ଗତେ, ଘ.୧୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୨।୨୬ ଗତେ, ଘ.୦୩।୪୭ ମଧ୍ୟେ ରାହୁକାଳ।

# ରାଉରକେଲା ବିମାନବନ୍ଦର କାମ ସରିଲାଣି

## ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ



ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିଦର୍ଶନରେ ସୋମବାର ଆସିଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

- ମୁଖ୍ୟ, ଅଭ୍ୟାସ ପଡ଼ିଆ କାମ ବି ସରିଲାଣି
- ଉଡ଼ାଣ ଯୋଜନାରେ ଖେଳାଳିଙ୍କ ଲାଗି ରହିବ ୪ ବିମାନ
- ୨୪ରୁ ହେବ ୩ଟି ଅଭ୍ୟାସ ମ୍ୟାଚ୍
- ପୁରୁଷ ହକି ବିଶ୍ୱକପ୍‌ର ୨୦ଟି ମ୍ୟାଚ୍ ରାଉରକେଲାରେ ହେବ
- ବିମାନବନ୍ଦର କାମ ଶେଷ ଲାଇସେନ୍ସକୁ ଅପେକ୍ଷା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହିତ ରାଉରକେଲା ବିମାନ ବନ୍ଦର ଏବଂ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସୋମବାର ସମୀକ୍ଷା କରିଛନ୍ତି। ଏହି ସଚିବସ୍ତରୀୟ ଟିମ୍‌ରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲକ୍ରିଷ୍ଣା ଏବଂ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ମଧ୍ୟ ଯୋଗଦେଇଥିଲେ।

ଏହି ଟିମ୍ ପ୍ରଥମେ ରାଉରକେଲା ବିପିୟୁଟି କ୍ୟାମ୍ପସରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି। ଉଭୟ ମୁଖ୍ୟ ଏବଂ ଅଭ୍ୟାସ ପଡ଼ିଆର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ଷ୍ଟାଡିୟମର ୨ଟି ଯାକ ପିଚ୍ ଓ ହାଇମାଷ୍ଟ ଲାଇଟ ଯାଞ୍ଚ ପରେ ଖେଳ ପାଇଁ ଲାଇସେନ୍ସ ମିଳିଛି। ଏଠାରେ ଉଲେଖନୀୟ ଯେ, ପୁରୁଷ ହକି ବିଶ୍ୱକପର ୨୦ଟି ମ୍ୟାଚ ରାଉରକେଲାରେ ଖେଳାଯିବ। ପ୍ରଥମ ମ୍ୟାଚ ଜାନୁୟାରୀ ୧୩ରେ ଭାରତ ଓ ସ୍ପେନ ମଧ୍ୟରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ଆସନ୍ତା ୨୪ରୁ ୩ଟି ଅଭ୍ୟାସ ମ୍ୟାଚ ଖେଳାଯିବ। ଏହି ଅଭ୍ୟାସ ମ୍ୟାଚରେ ଯଦି କିଛି ତ୍ରୁଟି ରହିଲା ତେବେ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ରାଉରକେଲା ବିମାନ ବନ୍ଦରର କାର୍ଯ୍ୟ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ଆବଶ୍ୟକ ଲାଇସେନ୍ସ ମିଳିବା ନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି। ଉଡ଼ାଣ ଯୋଜନାରେ ଖେଳାଳିଙ୍କ ପାଇଁ ୪ଟି ବିମାନ ସୁବିଧା ମିଳିବ।

ରାଉରକେଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ ହେବାକୁ ଯାଉଛି। ତେଣୁ ହକି ମ୍ୟାଚ୍ ଦେଖିବା ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଦର୍ଶକ ରାଉରକେଲାକୁ ଆସିବେ। ତେଣୁ ଦର୍ଶକମାନଙ୍କ ଗାଡ଼ିଗୁଡ଼ିକୁ ସୁବିଧାରେ ରଖିବା ପାଇଁ ଷ୍ଟାଡିୟମ ଚାରିପଟେ ଆଧୁନିକ ପାର୍କିଂ ସ୍ଥଳ କରାଯାଉଛି। ଏହାଛଡ଼ା ଷ୍ଟାଡିୟମ ଭିତରେ ପାନୀୟ ଜଳ ଏବଂ ଶୌଚାଳୟ ଆଦି ସୁବିଧା କରାଯାଉଛି। ଯେଉଁ ଦର୍ଶକମାନେ ଷ୍ଟାଡିୟମ ବାହାରେ ରହିଥିବେ ସେମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଏଲଇଡି ବ୍ୟବସ୍ଥା ହୋଇଛି। ଏହି ସମୟରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ସହିତ ଜିଲା ପ୍ରଶାସନ ଏବଂ ରାଉରକେଲା ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୩ ପୁରୁଷ ହକି ବିଶ୍ୱକପ ଓଡ଼ିଶାରେ ଖେଳାଯିବ। ଏହି ବିଶ୍ୱକପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସହିତ ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହେବାକୁ ଯାଉଛି। ଏହି କ୍ରୀଡ଼ା ଭିତ୍ତିଭୂମି ଭାରତର ସବୁଠୁ ବଡ଼ ହକି ଷ୍ଟାଡିୟମର ରୂପ ନେବାକୁ ଯାଉଛି। ଏହି ଷ୍ଟାଡିୟମରେ ଏକା ସାଙ୍ଗରେ ୨୦ ହଜାରରୁ ଅଧିକ ଦର୍ଶକ ବସି ଖେଳ ଉପଭୋଗ କରିପାରିବେ।

# ୧୦ ଡିଗ୍ରୀ ତଳେ ୬ ସହର

**କେନ୍ଦୁଝର ୭.୬ ଡିଗ୍ରୀ**

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ପାରଦ ତଳମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ତଳକୁ ଖସି ଯାଇଛି। ରାଜ୍ୟର ୬ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଉତ୍ତର ପୂର୍ବ ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହିତ ହୋଇଛି। ଏହାର ପ୍ରଭାବରେ ଶୀତ ବଢ଼ିଛି। ଗତ ଦୁଇଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ସୋମବାର କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮, ଝାରସୁଗୁଡ଼ା ୮.୨, ସୁନ୍ଦରଗଡ଼ ୮.୫, କୋରାପୁଟ ୯, ଦାରିଙ୍ଗବାଡ଼ି ୯, ଅନୁଗୋଳ ୧୦, ଦେବଗଡ଼ ୧୦.୮, ହୀରାକୁଦ ୧୦.୯, ଭବାନୀପାଟଣା ୧୧, ସୋନପୁର ୧୧, ବରଗଡ଼ ୧୧.୫, ସମ୍ବଲପୁର ୧୧.୮, ବୌଦ୍ଧ ୧୨.୫, କେନ୍ଦ୍ରାପଡ଼ା ୧୨, ଭଦ୍ରକ ୧୨, କଟକ ୧୩, ବାଲେଶ୍ୱରଠାରେ ୧୩.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି।

# ଚିଲିକାରେ ଭାସିଲା ଗ୍ୟାସ୍ ସିଲିଣ୍ଡର



ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଡଙ୍ଗାରେ ପିଟି ହେବା ପରେ ପାଣିକୁ ଖସିପଡ଼ିଛି।

**କୃଷ୍ଣପ୍ରସାଦ,୧୯।୧୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା ଘାଟ ଚିଲିକାରେ ପୁଣି ଅଘଟଣ ଘଟିଛି। ସୋମବାର ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ତଳକୁ ଖସି ଡଙ୍ଗାରେ ପିଟି ହୋଇଯାଇଥିଲା। ଫଳରେ ଡଙ୍ଗାର କିଛି ଅଂଶ ଭାଙ୍ଗିଯିବା ସହ ବୁଡ଼ିଯାଇଥିଲା। ଡଙ୍ଗା ଓ ଭ୍ୟାନରେ ଥିବା ଗ୍ୟାସ୍ ସିଲିଣ୍ଡର ଚିଲିକାରେ ଭାସିଥିଲା। ଅପରାହ୍ନରେ ଗ୍ୟାସ ସିଲିଣ୍ଡର ବୋଝେଇ ଏକ ଡଙ୍ଗା ସାତପଡ଼ାରୁ ଜହ୍ନିକୁଦା କୂଳକୁ ଆସିଥିଲା। କୃଷ୍ଣପ୍ରସାଦ ଚାରିଛକରୁ ଏକ ପିକ୍‌ଅପ୍ ଭ୍ୟାନ ଗ୍ୟାସ ସିଲିଣ୍ଡର ନେବା ପାଇଁ ପହଞ୍ଚିଥିଲା।

**ଭ୍ୟାନ୍ ଖସିପଡ଼ି ପିଟି ହେବାରୁ ଡଙ୍ଗା ବୁଡ଼ିଲା**

ଡଙ୍ଗାରୁ ଗ୍ୟାସ୍ ସିଲିଣ୍ଡର ଭ୍ୟାନରେ ଲୋଡ୍ ହେଉଥିବା ବେଳେ ଭାରସାମ୍ୟ ହରାଇ ଗାଡିଟି ଚିଲିକାକୁ ଖସି ଡଙ୍ଗାରେ ପିଟି ହୋଇଯାଇଥିଲା। ଫଳରେ ଡଙ୍ଗାର କିଛି ଅଂଶ ଭାଙ୍ଗିଯିବା ସହ ବୁଡ଼ିଯାଇଥିଲା। ଏପରିକି ଭ୍ୟାନଟି ମଧ୍ୟ ଚିଲିକାରେ ଫସିଯାଇଥିଲା। ଫଳରେ ଗ୍ୟାସ୍ ସିଲଣ୍ଡର ପାଣିରେ ଭାସିଥିଲା। ଏହା ପରେ ସେଠାରେ ଉପସ୍ଥିତ ଲୋକେ ଡଙ୍ଗା, ଭ୍ୟାନକୁ ଉପରକୁ ଆଣିବା ସହ ଭାସୁଥିବା ଗ୍ୟାସ୍ ସିଲିଣ୍ଡରକୁ ଉଦ୍ଧାର କରିଥିଲେ।




# ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଭାରତ ହକି ବିଶ୍ୱକପ୍ ଜିତୁ

## ସାମାଜିକ ଗଣମାଧ୍ୟମ ଲାଇଭ୍‌ରେ ୫-ଟି ସଚିବ




ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

୨୦୨୩ ବିଶ୍ୱକପ୍ ଲୋକଙ୍କ ବିଶ୍ୱକପ୍। ଏହା କୌଣସି ଦେଶ କିମ୍ବା ଖେଳାଳିଙ୍କ ଲାଗି ଆୟୋଜନ କରାଯାଉନି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଜଣେ ଓଡ଼ିଆ ଅଲିମ୍ପିକ୍‌ରେ ପଦକ ହାସଲ କରିବା। ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଏହି ବିଶ୍ୱକପ୍ ଲୋକଙ୍କ ସହଯୋଗରେ ହେଉ। ଭାରତ ହକି ବିଶ୍ୱକପ୍ ଜିତୁ। ହକି ବିଶ୍ୱକପ୍ ପାଇଁ ଓଡ଼ିଶା ପ୍ରସ୍ତୁତ। ଭୁବନେଶ୍ୱରର କଳିଙ୍ଗ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି। ସୋମବାର ସନ୍ଧ୍ୟାରେ କ୍ରୀଡ଼ାବିତ୍ ଓ ପ୍ରଶଂସକଙ୍କ ସହ ସୋସିଆଲ ମିଡିଆରେ ଲାଇଭ୍ ଆସି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ୫-ଟି ସଚିବ ଭି. କେ. ପାଣ୍ଡିଆନ ଏହା କହିଛନ୍ତି।

କ୍ରୀଡ଼ାରେ ନିବେଶ ଯୁବବର୍ଗଙ୍କ ଉପରେ ନିବେଶ। କ୍ରୀଡ଼ାରେ ନିବେଶ ରାଜ୍ୟକୁ ସଫଳତା ଦେଇଛି। କିଏ କେଉଁ ଦେଶର ପ୍ରଶଂସକ, ସେଥିରେ କିଛି ଫରକ ପଡ଼ିନଥାଏ। ହାର୍‌ଜିତ୍ ଉପରେ ମଧ୍ୟ କୌଣସି ଫରକ ପଡ଼ିନଥାଏ। ଖେଳ ଶେଷରେ ସବୁ ଖେଳାଳି ସାରା ଦେଶ ଓ ବିଶ୍ୱର ସମ୍ପତ୍ତି ବୋଲି ୫-ଟି ସଚିବ କହିଛନ୍ତି। କଠିନ ପରିଶ୍ରମ, ବାରମ୍ବାର ଶିକ୍ଷାରୁ ସଫଳତା ମିଳିଥାଏ।

ଓଡ଼ିଶାର ଯୁବବର୍ଗ ବିଶ୍ୱସ୍ତରର ଖେଳାଳିଙ୍କଠାରୁ ଶିଖନ୍ତୁ। ବିଶ୍ୱକପ୍ ହକିରେ ଭାରତୀୟ ଟିମ୍ ଭଲ କରିବ ବୋଲି ସେ ଆଶା କରିଛନ୍ତି। ଓଡ଼ିଶାର ସୁନ୍ଦରଗଡ଼ରୁ ହକିର ଆରମ୍ଭ, ହକିର ମୂଳପିଣ୍ଡ ବୋଲି ସେଠାରେ ଷ୍ଟାଡିୟମ ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଇଥିଲା। ଭାରତ ଉତ୍ତମ ପ୍ରଦର୍ଶନ କରି ରାଉଣ୍ଡ ଲିଗ୍ ପରେ କ୍ୱାର୍ଟର, ସେମି ଓ ଫାଇନାଲ୍ ଖେଳିବା ନେଇ ସେ ଆଶା ରଖିଛନ୍ତି। ୨୦୨୩ ପାଇଁ ବିଡର ରେସ୍‌ରେ ଥିଲେ ମାଲେସିଆ, ବେଲଜିୟମ୍, ଭାରତ।

ବେଲ୍‌ଜିୟମ୍ ସହ ଟଫ୍ ଫାଇଟ୍ ପରେ ଭାରତ ଜିତିଥିଲା ବିଡ୍। ଭିତ୍ତିଭୂମି, ଇଭେଣ୍ଟ ରେକର୍ଡ, ଅଧିକ ପ୍ରଶଂସକ ଏହି ୩ଟି ବର୍ଗରେ ସବୁଠୁ ଆଗରେ ରହି ଭାରତ ହୋଷ୍ଟ ପାଇଁ ବିଡିଂ ଜିତିଥିଲା। ଦୁଇଟି ସହରରେ ଖେଳ ଆୟୋଜନ ହେଉଥିବାରୁ ଏଥର ଉଦ୍‌ଘାଟନ ଉତ୍ସବ ହେବନାହିଁ। କିନ୍ତୁ ୫ଟି ମହାନଗରେ ଏହାର ଉତ୍ସବ ପାଳନ କରାଯିବ। କଟକକୁ ଆସିବେ ବିଶିଷ୍ଟ ଗାୟକ ପ୍ରୀତମ୍। ସେହିପରି ସବୁ ଖେଳାଳିଙ୍କୁ ସ୍ୱତନ୍ତ୍ର ଓଡ଼ିଆ ଖାଦ୍ୟ ପରଷାଯିବ ବୋଲି କହିଛନ୍ତି ୫-ଟି ସଚିବ। ହକି ପାଇଁ ୩୦ ଜିଲାର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଓ କୋଚିଂ ଦିଆଯିବ। ବିଜୁବାବୁଙ୍କ ହକି ଭଲପାଇବାକୁ ସ୍ମୃତିଚାରଣ କରିବା ସହ ଏହି ମାଟିରୁ ଭାରତ ହକି ବିଶ୍ୱକପ୍ ଜିତୁ ବୋଲି ସେ ପ୍ରାର୍ଥନା କରିଛନ୍ତି।

# ପ୍ରତିପକ୍ଷ ଓକିଲଙ୍କ ପ୍ରଶ୍ନକୁ ନେଇ ଆପତ୍ତି ଉଠାଇଲେ ବର୍ଷା

## ବର୍ଷା-ଅନୁଭବ ପାରିବାରିକ ବିବାଦ

- ଅସମ୍ପୂର୍ଣ୍ଣ ରହିଲା ସାକ୍ଷ୍ୟଗ୍ରହଣ
- ଆଜି ପୁଣି ହେବେ ଜେରା



**କଟକ ଅଫିସ, ୧୯।୧୨**

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ସ୍ୱାମୀ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି ସୋମବାର ପରିବାର ଅଦାଲତରେ ହୋଇଥିଲା। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ବର୍ଷା କୋର୍ଟରେ ହାଜର ହେବା ପରେ ତାଙ୍କର ସାକ୍ଷ୍ୟ ଗ୍ରହଣ ହୋଇଥିଲା। ତେବେ ସାକ୍ଷ୍ୟଗ୍ରହଣ ସମୟରେ ଅନୁଭବଙ୍କ ଓକିଲ ପଚାରିଥିବା କେତେକ ପ୍ରଶ୍ନ ଉପରେ ବର୍ଷା ଆପତ୍ତି ଉଠାଇଥିଲେ। ଯଦ୍ୱାରା ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ଅସମ୍ପୂର୍ଣ୍ଣ ରହିଛି। ମଙ୍ଗଳବାର ପୁଣି ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ଡିସେମ୍ବର ୧୯ ତାରିଖକୁ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ ବର୍ଷା ସୋମବାର ଅଦାଲତରେ ହାଜର ହୋଇଥିଲେ। ଅନୁଭବଙ୍କ ଓକିଲ ଗୀତା ଲୁଥାର ବର୍ଷାଙ୍କୁ ଇଂଲିଶ ଭାଷାରେ ପ୍ରଶ୍ନ ପଚାରିଥିବାବେଳେ ବର୍ଷା ଓଡ଼ିଆରେ ଉତ୍ତର ଦେଇଥିଲେ। ତେବେ ବର୍ଷାଙ୍କୁ ପ୍ରତିପକ୍ଷ ଓକିଲ ଆପତ୍ତିଜନକ ପ୍ରଶ୍ନ ପଚାରିଥିବା ନେଇ ବର୍ଷାଙ୍କ ଓକିଲ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାରୀର ମର୍ଯ୍ୟାଦା ପ୍ରତି ଆଞ୍ଚ ଆସିଲା ଭଳି କୌଣସି ପ୍ରଶ୍ନ ପଚାରିପାରିବେ ନାହିଁ ବୋଲି କୋର୍ଟଙ୍କୁ ସେ ଅବଗତ କରିଥିଲେ। ବର୍ଷା ସାକ୍ଷ୍ୟ ଗ୍ରହଣ ସମୟରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ବୋଲି ବର୍ଷାଙ୍କ ଓକିଲ କହିଛନ୍ତି। ଅନ୍ୟ ପକ୍ଷରେ ଅନୁଭବଙ୍କ ଓକିଲ ଲୁଥାର କହିଛନ୍ତି, ବର୍ଷା ସେପ୍ଟେମ୍ବର ୮ରେ ପାରିବାରିକ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଥିଲା। ନିର୍ଦ୍ଦେଶ ଅନୁସାରେ ଅନୁଭବ ହାଜର ହୋଇଥିଲେ ମଧ୍ୟ ବର୍ଷା ହାଜର ହୋଇ ନ ଥିଲେ। ଫଳରେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରି ନ ଥିଲା। ନିଜ ପକ୍ଷ ରଖିବାକୁ ବର୍ଷା ଅଦାଲତଙ୍କୁ ସମୟ ମାଗିଥିଲେ। ସେହି ଅନୁଯାୟୀ ବର୍ଷା ପାରିବାରିକ ଅଦାଲତରେ ସୋମବାର ହାଜର ହୋଇଥିଲେ। ତେବେ ତାଙ୍କ ସାକ୍ଷ୍ୟ ଗ୍ରହଣ ଅସମ୍ପୂର୍ଣ୍ଣ ଥିବାରୁ ସେ ପୁଣି ଅଦାଲତରେ ମଙ୍ଗଳବାର ହାଜର ହେବେ। ଅନୁଭବଙ୍କ ଓକିଲ ଲୁଥାର ଦିଲ୍ଲୀରୁ ଆସିଥିବାରୁ ସେ ଓଡ଼ିଆ ବୁଝିପାରୁନାହାନ୍ତି, ତେଣୁ ତାଙ୍କ ପାଇଁ ଜେରା ସମୟରେ ଜଣେ ଇଣ୍ଟରପ୍ରିଟର ଉପସ୍ଥିତ ରହିବାକୁ କୋର୍ଟ କହିଛନ୍ତି।



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

# 'ଡ୍ୟୁଟି' କରୁଛନ୍ତି

ଭାରତ ୧ ଡିସେମ୍ବର ୨୦୨୨ରୁ ବିଧିବଦ୍ଧ ଭାବେ ଏକ ବର୍ଷ ପାଇଁ ଜି୨୦ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛି। ସଂଯୋଗବଶତଃ ୨୦୨୨ ଡିସେମ୍ବର ସକାଶେ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍ଏସ୍‌ସି)ର ଅଧ୍ୟକ୍ଷତା ଭାରତ ଭାଗରେ ପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୟୁଏନ୍ଏସ୍‌ସିର ଦୁଇ ବର୍ଷିଆ ନିର୍ବାଚିତ ସଦସ୍ୟ ଭାବେ ଏହା ପୂର୍ବରୁ ଭାରତ ଅଗଷ୍ଟ ୨୦୨୧ରେ ଅଧ୍ୟକ୍ଷତା ଦାୟିତ୍ୱ ନିର୍ବାହ କରିଥିଲା। ଏବେ ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର ଭାବେ ଭାରତ ସମ୍ଭ୍ରମ ରକ୍ଷା କରି କେତେକ ସକାରାତ୍ମକ ପଦକ୍ଷେପ ନେଇପାରିବ ବୋଲି ଆଶା କରାଯାଉଥିଲା। ହେଲେ ନ୍ୟୁୟର୍କଠାରେ ମଲ୍ଟିଲାଟେରାଲିଜମ୍ ବା ବହୁପକ୍ଷବାଦ ଉପରେ ବିତର୍କ ହେବା ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ଅନୌପଚାରିକ ଭାବେ କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିଥିଲେ। କିନ୍ତୁ ତାହାକୁ ଅଯଥାରେ ଗୁରୁତ୍ୱ ଦେଇ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଡକ୍ଟର ସୁବ୍ରମଣ୍ୟମ୍ ଜୟଶଙ୍କର ପାକିସ୍ତାନକୁ ଉପଲକ୍ଷ୍ୟ କରି କହିଥିଲେ, ନିରାପତ୍ତା ପରିଷଦରେ କଶ୍ମୀର ପ୍ରସଙ୍ଗ ଉଠାଇବା ଅନୁଚିତ। ଯେଉଁ ଦେଶ ୯/୧୧ ମାଷ୍ଟରମାଇଣ୍ଡ ଲାଡେନ୍‌ଙ୍କୁ ସୁରକ୍ଷା ପ୍ରଦାନ କରିଥିଲା, ସେହି ରାଷ୍ଟ୍ର ଜାତିସଂଘରେ ପ୍ରବଚନ ଦେବାର ବିଶ୍ୱସନୀୟତା ହରାଇଛି। ସମଗ୍ର ବିଶ୍ୱ ପାକିସ୍ତାନକୁ 'ଆତଙ୍କବାଦର କେନ୍ଦ୍ରସ୍ଥଳୀ' ବୋଲି ଜାଣିଥିବା ବିଷୟ ଜୟଶଙ୍କର କହିଥିଲେ। ତେବେ ପାକିସ୍ତାନର ବିଧିବଦ୍ଧ ପାଳି ପଡ଼ିବା ପରେ ଜୟଶଙ୍କରଙ୍କୁ ଜବାବ ଦେବାକୁ ଯାଇ ବିଲାୱଲ କହିଥିଲେ 'ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍ ମୃତ। କିନ୍ତୁ ଗୁଜରାଟର କଂସେଇ ଜୀବିତ ଅଛନ୍ତି ଓ ସେ ଏବେ ଭାରତର ପ୍ରଧାନମନ୍ତ୍ରୀ'। ଦେଖିବାକୁ ଗଲେ ଏହିଭଳି ଅସୁନ୍ଦର ମନ୍ତବ୍ୟକୁ ଜୟଶଙ୍କରଙ୍କ ତ୍ରୁଟିପୂର୍ଣ୍ଣ କୂଟନୀତି ନିମନ୍ତ୍ରଣ କରି ଡାକି ଆଣିଥିଲା। କାରଣ ବିଲାୱଲ ଭୁଟ୍ଟୋ ତାଙ୍କର ମତକୁ ଚତୁରତାର ସହିତ ମୁଖ୍ୟ ଆଲୋଚନାକୁ ଆଣିବାର ସୁଯୋଗ ପାଇଲେ। ପୁନର୍ବାର କୁହାଯାଇପାରେ ଯେ, ତାଙ୍କ ମୂଳ ମନ୍ତବ୍ୟ ସଭାଗୃହ ଭିତରେ ଦିଆଯାଇ ନ ଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ସିଧାସଳଖ ସମାଲୋଚନା କରିବା ପରେ ଭାରତରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ମନ୍ତବ୍ୟ ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଅନେକ ଭାରତୀୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କରଙ୍କ କାର୍ଯ୍ୟକୁ ପ୍ରଥମେ ତର୍ଜମା କରାଯିବା ଦରକାର। ଲାଡେନ୍‌ଙ୍କୁ ସୁରକ୍ଷା ଦେବା ଓ ପାକିସ୍ତାନ ଆତଙ୍କବାଦର କେନ୍ଦ୍ରସ୍ଥଳ ଭଳି ଶବ୍ଦ ବ୍ୟବହାର କରି ନ ଥିଲେ ହୁଏତ ବିଲାୱଲ ତାଙ୍କର କଦର୍ଯ୍ୟ ମତ ଦେବାରେ ସଫଳ ହୋଇ ନ ଥାନ୍ତେ। ସେ ବିଧିବଦ୍ଧ ଭାବେ ୟୁଏନ୍ଏସ୍‌ସିରେ କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇ ନ ଥିଲେ। ଅନୌପଚାରିକ ଭାବେ ବିଲାୱାଲ କେଉଁଠାରେ କ'ଣ କହିଲେ ଭାରତ ତାହାକୁ ଗୁରୁତ୍ୱ ଦେବାର ନ ଥିଲା। ଏଠାରେ ଯେଉଁ ବିଷୟଟି ଭାରତ ପାଇଁ ଏବେ ଅତି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି, ତାହା ହେଲା ଦେଶର ବିଫଳ ବୈଦେଶିକ ନୀତି। ଭାଜପା କେନ୍ଦ୍ରରେ କ୍ଷମତାସୀନ ହେବାଠାରୁ ପଡ଼ୋଶୀଙ୍କ ସହ ଭାରତର ସମ୍ପର୍କ ଭଲ ନାହିଁ। ଏହାର ସୁଯୋଗ ନେଇ ଚାଇନା ବିଭିନ୍ନ ଦିଗରୁ ଭାରତକୁ ଘେରି ଯାଇଛି। ତାୱାଙ୍ଗରେ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ)ର ଉପସ୍ଥିତି ଓ ଭାରତ ଭୂଖଣ୍ଡକୁ ପ୍ରବେଶ କରିବା ଘଟଣା ଏହାର ସଦ୍ୟ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ବିଫଳ କୂଟନୀତି ବୁଝିବାକୁ ହେଲେ ଉପରଲିଖିତ ଘଟଣାକୁ ତର୍ଜମା କରାଯାଇପାରେ। ଭାରତର ସୈନ୍ୟ ଗଲୱାନ୍‌ଠାରୁ ତାୱାଙ୍ଗ ପର୍ଯ୍ୟନ୍ତ ଆକ୍ରମଣର ଶିକାର ହେବା ସତ୍ତ୍ୱେ କୌଣସି ଦେଶ ତରଫରୁ ଏପର୍ଯ୍ୟନ୍ତ ଚାଇନାକୁ ନିନ୍ଦା କରାଯାଇ ନାହିଁ। ଭାରତ ସପକ୍ଷରେ ଆସୁଥିବା ମତ କେବଳ ଆଶ୍ୱାସନା ସ୍ତରରେ ରହିଯାଉଛି। ଚାଇନା ନେତୃତ୍ୱ ବୁଝିସାରିଲାଣି ଯେ, ଭାରତରେ ଶାସନ କରୁଥିବା ରାଜନୈତିକ ପାର୍ଟିର ମୁଖ୍ୟ ଲକ୍ଷ୍ୟ ଦେଶରେ କ୍ଷମତାକୁ ଜାବୁଡ଼ି ଧରିବା। ବୈଦେଶିକ ନୀତିରେ ନୂଆଦିଲ୍ଲୀ ସ୍ପଷ୍ଟ ଆଭିମୁଖ୍ୟ ରଖୁ ନ ଥିବାରୁ ବେଜିଂ ଯେତେବେଳେ ସୁଯୋଗ ପାଉଛି ଭାରତ ବିରୋଧୀ କାର୍ଯ୍ୟରେ ସେନାକୁ ଲଗାଇ ଦେଉଛି ଏବଂ ଅନ୍ତର୍ଜାତୀୟ ସ୍ତରରେ, ସୁଯୋଗ ପାଇଲା ମାତ୍ରକେ, କେଞ୍ଚେ ଦେଉଛି। ତାୱାଙ୍ଗ ଭିତରକୁ ପିଏଲ୍ଏ ପଶି ଆସିଥିବା ସତ୍ତ୍ୱେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଚିରାଚରିତ ଢଙ୍ଗରେ କହିପକାଇଲେ- ଭାରତର ଇଞ୍ଚେ ଜମିକୁ କେହି ମାଡ଼ିବସିବେ ନାହିଁ। ଦୁଇ ଦେଶ ମଧ୍ୟରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ବେଳେ ଉଚିତ ପଦକ୍ଷେପ ନିଆଯିବା ଲାଗି ପ୍ରସ୍ତୁତି ଆରମ୍ଭ କରା ନ ଯାଇ ବାହୁସ୍ଫୋଟ ମାରିବା ହାସ୍ୟାସ୍ପଦ ମନେ ହେଉଛି। ସେହିଭଳି ପାକିସ୍ତାନ ଏବେ ଆର୍ଥିକ ଦୃଷ୍ଟିରୁ ଏକ ଦୁର୍ବଳ ଦେଶରେ ପରିଣତ ହୋଇଛି। ହେଲେ ଜୟଶଙ୍କର ତାହାକୁ ପୂର୍ବଭଳି ଭାରତର ଶତ୍ରୁ ରାଷ୍ଟ୍ର ଭାବେ ଅଭିହିତ କରି ମନ୍ତବ୍ୟ ଦେବା ଅନାବଶ୍ୟକ ଥିଲା। ଅନେକ ଅନ୍ତର୍ଜାତୀୟ ପ୍ରସଙ୍ଗ ଥିବା ବେଳେ ଘଷରା ବିଷୟ ଉତ୍ଥାପନ କରିବା ଦ୍ୱାରା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ନିଜ ପରିପକ୍ୱତା ପ୍ରଦର୍ଶନ କରିନାହାନ୍ତି ବୋଲି କୁହାଯାଉଛି। ହୁଏତ ଜୟଶଙ୍କରଙ୍କୁ ବୁଝାଇ ଦିଆଯାଇଛି ଯେ ରାଜନୈତିକ ସୁବିଧା ସକାଶେ ସବୁବେଳେ ପାକିସ୍ତାନକୁ ଟେକି ଧରିବା ଆବଶ୍ୟକ। ଜଣେ ଅବସରପ୍ରାପ୍ତ ଅଫିସର ଭାବେ ଜୟଶଙ୍କର ତାଙ୍କ 'ଡ୍ୟୁଟି' କରୁଛନ୍ତି। ନିଜର ବୁଦ୍ଧି ଲଗାଇ ଭାରତ ଓ ତାହାର ନାଗରିକଙ୍କ ବୃହତ୍ ସ୍ୱାର୍ଥ ରକ୍ଷା ଚାକିରିରେ ଥିବା କିମ୍ବା ଅବସର ନେଇଥିବା କୌଣସି ଅଫିସରଙ୍କଠାରୁ ଆଶା କରିବା ବୃଥା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | 1 | | 6 | |
| | 7 | | | 5 | 9 | | | |
| 4 | 8 | | | | 6 | | | 3 |
| | | 1 | | | | | 3 | 8 |
| 8 | | | 5 | | 4 | | | |
| | 9 | | | 6 | | | | |
| | | | | | 5 | 7 | 9 | |
| 2 | | | | | | 5 | | |
| | | | | 2 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 8 | 1 | 6 | 4 | 5 | 7 | 3 |
| 3 | 4 | 1 | 5 | 7 | 8 | 6 | 2 | 9 |
| 5 | 6 | 7 | 3 | 9 | 2 | 1 | 4 | 8 |
| 9 | 2 | 6 | 8 | 5 | 7 | 3 | 1 | 4 |
| 8 | 1 | 5 | 4 | 3 | 9 | 7 | 6 | 2 |
| 4 | 7 | 3 | 6 | 2 | 1 | 8 | 9 | 5 |
| 1 | 3 | 2 | 9 | 8 | 6 | 4 | 5 | 7 |
| 7 | 5 | 4 | 2 | 1 | 3 | 9 | 8 | 6 |
| 6 | 8 | 9 | 7 | 4 | 5 | 2 | 3 | 1 |

ଗତକାଲିର ଉତ୍ତର

# ସ୍ୱଦେଶୀ ସ୍ୱାଭିମାନ ଓ ଜିଆଇ ଟ୍ୟାଗ୍



ସମରେନ୍ଦ୍ର ବଳିଆରସିଂହ

ଶୋଇଲା ପୁଅର ଭାଗ ନାହିଁ। ଆପଣ ପଚାରିବେ, କିଏ ଶୋଇଛି? ଏହାର ଉତ୍ତର ହେଲା, ଆମେ ଶୋଇଛୁ। ଅର୍ଥନୀତି ଭଳି ଏ ଓଡ଼ିଆ ଜାତି ମାନ୍ଦାବସ୍ଥାର ଶିକାର ହୋଇଯାଉଛି। ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାରେ ବହୁ ବିଳମ୍ବ ହେଲା। ନୀଳାଦ୍ରି ବିଜୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା'ଲକ୍ଷ୍ମୀଙ୍କ ପାଇଁ ରସଗୋଲା ଭୋଗ ଦେଇ ମାନଭଞ୍ଜନ କରନ୍ତି। ହେଲେ ରସଗୋଲାକୁ ନେଇ ଆଗ ପଶ୍ଚିମବଙ୍ଗ ଭୌଗୋଳିକ ସଙ୍କେତ ବା ଜିଆଇ ଟ୍ୟାଗ୍ ପାଇଗଲା। ଆମର ବିଳମ୍ବିତ ଉଦ୍ୟମ ପରେ ଆମେ ଓଡ଼ିଶା ରସଗୋଲା ଭାବେ ଜିଆଇ ଟ୍ୟାଗ୍ ପାଇଲୁ। ଏବେ ନଗଦାନଗଦି ଖବର ହେଲା, ଆସାମ ଗାମୋସା(ଗାମୁଛା)କୁ ଜିଆଇ ଟ୍ୟାଗ୍ ମିଳିଛି। ଆସାମର ସଂସ୍କୃତିକୁ ଦର୍ଶାଉଥିବା ଏହି ବସ୍ତ୍ରକୁ ମାନ୍ୟତା ମିଳିବା ନେଇ କେନ୍ଦ୍ର ବାଣିଜ୍ୟ, ଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟେଲ ଟୁଇଟ୍ କରିଛନ୍ତି। ସେ ଲେଖିଛନ୍ତି, ଆସାମର ଗାମୋସା ଏବେ ଦୁନିଆରେ ପ୍ରସିଦ୍ଧ ହେଉଛି। ଜିଆଇ ଟ୍ୟାଗ୍ ମିଳିବା ପରେ ବୁଣାକାରମାନଙ୍କର ଭରସା ବଢ଼ିବ। ଏହି ପରିପ୍ରେକ୍ଷୀରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରାଜ୍ୟବାସୀଙ୍କ ପାଇଁ ଏହା ଗର୍ବର ବିଷୟ ବୋଲି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଲୁଙ୍ଗି ଗାମୁଛା ସମ୍ପର୍କରେ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛୁ। ଏକଦା ଅରଟରେ ବୁଣା ହେଉଥିଲା ନାଲି ରଙ୍ଗର କରିଆ। ପରେ ତନ୍ତ ଆସିଲା ଓ ସେହି କରିଆ ପରିଚିତ ହେଲା ଗାମୁଛା ଭାବେ । ଲାଲମାଟି ଖୋର୍ଦ୍ଧା ବୀର ପାଇକମାନଙ୍କ ମାଟି। ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଥିଲା ଏଠିକାର ପାଇକମାନଙ୍କର ପରିଧାନ। ପାଇକ ପୁଅ ସେଇ ନାଲି ଗାମୁଛାକୁ ମୁଣ୍ଡରେ କି ଅଣ୍ଟାରେ ଭିଡ଼ି ଯୁଦ୍ଧକୁ ଯାଉଥିଲା। ଶତ୍ରୁ ବେକରେ ଗାମୁଛା ପକାଇ ତାକୁ କବଳିତ କରୁଥିଲା । ଗରିବଙ୍କଠାରୁ ଆରମ୍ଭ କରି ଧନୀ, ଗାଁରୁ ସହର ପର୍ଯ୍ୟନ୍ତ ଏହି ସ୍ୱଦେଶୀ ପରିଧାନ ଥିଲା ସମସ୍ତଙ୍କର ପ୍ରିୟ। ଗାମୁଛା ଥିଲା ଲୋକଙ୍କର 'ଷ୍ଟାଇଲ୍ ଷ୍ଟେଟମେଣ୍ଟ'। ଜମିଦାର ହୁଅନ୍ତୁ କି ହଳିଆ, ବେକରେ ପଡ଼ିଥିବ ନାଲି ଗାମୁଛା ବା କରିଆ। ଗାମୁଛା ଅଛି ତ ସବୁ କିଛି ଅଛି। ଖୋର୍ଦ୍ଧା ସହର ସମେତ ଡାଳତୋଳା, ଧଳାପଥର, ସଁପୁର, ବାଜପୁର, ଦେଉଳି, ଆମ୍ବଝର ଆଦି ଗାଁଗୁଡ଼ିକ ଖୋର୍ଦ୍ଧା ଗାମୁଛା ପାଇଁ ପ୍ରସିଦ୍ଧ ଥିଲା। କୋଡ଼ିଆ ସୂତାରେ ଏହା ତିଆରି ହେଉଥିଲା, ରଙ୍ଗ ଛାଡୁ ନ ଥିଲା। ତେଣୁ ଏହାର ଚାହିଦା ଅଧିକ ରହିଥିଲା।

କେବଳ ଲୁଙ୍ଗି, ଗାମୁଛା ନୁହେଁ; ଶାଢ଼ି ପାଇଁ ମଧ୍ୟ ଖୋର୍ଦ୍ଧାର ପ୍ରସିଦ୍ଧି ରହିଛି। ବୀରାଙ୍ଗନା ପାଇକ ରମଣୀ ପିନ୍ଧୁଥିଲେ ଶାଢ଼ି। ଶାଢ଼ି ପିନ୍ଧି ଯୁଦ୍ଧ କରୁଥିବାର ଇତିହାସ ସାକ୍ଷୀ। ପାଇକ ରମଣୀ କଳାବତୀ ହୁଅନ୍ତୁ କି ହାରାବତୀ, ଶାଢ଼ି ପିନ୍ଧି ବୀରଦର୍ପରେ ଇଂରେଜମାନଙ୍କ ମୁକାବିଲା କରୁଥିଲେ। ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ିର ଏକ ଅଲଗା ପରିଚୟ ଥିଲା, ବାଣିଜ୍ୟ ଭାଷାରେ ଯାହାକୁ ଆମେ କହୁଛୁ 'ବ୍ରାଣ୍ଡ'। ଏସବୁ ପରିଧାନ ପିନ୍ଧିବା ପାଇଁ ଭାରି କୋମଳ, ହାଲୁକା ଏବଂ ଚର୍ମ ପାଇଁ ଭଲ। ତନ୍ତବୁଣା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ିର ପ୍ରଚଳନ ପାଖାପାଖି ୧୦୦ ବର୍ଷର ପୁରୁଣା ବୋଲି ବୁଣାକାରମାନେ କୁହନ୍ତି। ଜଣେ ମାରୱାଡ଼ି ବ୍ୟବସାୟୀ ଗଣପତି ଲାଲଙ୍କ ଉଦ୍ୟମକ୍ରମେ ନୀଳ ଲୁଙ୍ଗି ଓ ଲାଲ ଗାମୁଛା ବୁଣା ଆରମ୍ଭ ହୋଇଥିଲା। ତାଙ୍କ ନାମରେ ଏହି ଗାମୁଛା ଗଣପତି ଗାମୁଛା ଭାବେ ପରିଚିତ ହେଲା। ପରେ ଶାଢ଼ି ମଧ୍ୟ ପ୍ରସ୍ତୁତ ହେଲା। ଦୀର୍ଘସ୍ଥାୟୀ ସୂତାରେ ଭଲ ରଙ୍ଗର ପ୍ରୟୋଗ କରାଯାଉଥିଲା, ତେଣୁ ଦିନକୁ ଦିନ ଏସବୁର ଚାହିଦା ଆକାଶଛୁଆଁ ହେଲା। ୧୯୭୫ ବେଳକୁ ଖୋର୍ଦ୍ଧା ବ୍ରାଣ୍ଡ ସାରା ଓଡ଼ିଶାରେ ଛାଇଗଲା। କେବଳ ଓଡ଼ିଶା ନୁହେଁ, ସାରା ଭାରତବର୍ଷରେ ଲୋକପ୍ରିୟ ହେଲା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ି। ତଥ୍ୟ କୁହେ, ୧୯୮୫ରେ କୃଷ୍ଣ ମୁରାରୀ ଶାହା କଳତନ୍ତ ବସାଇ ଅଧିକ ଉତ୍ପାଦନ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ବ୍ରାଣ୍ଡ ଜାତୀୟ ହସ୍ତଶିଳ୍ପ ମାନ୍ୟତା ପାଇଲା। ଏହି ବ୍ରାଣ୍ଡର ପାଇକପୁଅ ଛାପ ଲୁଙ୍ଗି ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରଚାର ପ୍ରସାର କରାଇବାରେ ସହାୟକ ହୋଇଥିଲା। କେବଳ ହିନ୍ଦୁ ନୁହନ୍ତି, ମୁସଲମାନମାନେ ମଧ୍ୟ ଖୋର୍ଦ୍ଧା ଲୁଙ୍ଗି, ଗାମୁଛାକୁ ପସନ୍ଦ କରୁଥିଲେ। ତେଣୁ ହିନ୍ଦୁ-ମୁସଲିମ ସଂପ୍ରୀତି ପାଇଁ ଏସବୁ ପରିଧାନର ବଡ଼ ଭୂମିକା ରହିଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ 'କୁଟି ଖାଅ, କାଟି ପିନ୍ଧ'ର ସ୍ଲୋଗାନ୍ ଦେଉଥିଲେ। ଏଭଳି ସ୍ୱଦେଶୀ ପରିଧାନ ସେଇ ସ୍ଲୋଗାନକୁ ପରିପୁଷ୍ଟ କରୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଆତ୍ମନିର୍ଭର ଭାରତ'ର ସ୍ଲୋଗାନ୍ ଦେଉଛନ୍ତି। ହେଲେ ସେଇ ଆତ୍ମନିର୍ଭରଶୀଳତାର ପ୍ରତୀକ ଥିଲା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ି।



ଖୋର୍ଦ୍ଧା ସମେତ ବେଗୁନିଆ, ବୋଲଗଡ଼ ବ୍ଲକ୍‌ରେ ବହୁ ବୁଣାକାର ପରିବାର ଉତ୍କୃଷ୍ଟମାନର ପରିଧାନ ପ୍ରସ୍ତୁତ କରୁଥିଲେ। ରେଖା ଶାଢ଼ି ଓ ଟସର ଶାଢ଼ି ସେତେବେଳେ ଲୋକପ୍ରିୟ ହୋଇଥିଲା। ଖୋର୍ଦ୍ଧା ନିକଟସ୍ଥ ରାଉତପଡ଼ା ଗ୍ରାମର ବୁଣାକାରମାନେ ଗୀତଗୋବିନ୍ଦ ପାଟ ପ୍ରସ୍ତୁତ କରୁଥିଲେ। ଏହା ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ପାଟବସ୍ତ୍ରର ପରିଚୟ ଲାଭ କରିଥିଲା। ସେହିପରି ଧଳାପଥର ଗ୍ରାମର ବୁଣାକାରଙ୍କ ପରଦା ଶିଳ୍ପ ରାଜ୍ୟ ତଥା ଦେଶ ବାହାରେ ସୁନାମ ଅର୍ଜନ କରିଥିଲା। କୁଶଳୀ ବୁଣାକାର ଉଦୟନାଥ ସାହୁଙ୍କ କୁଶଳୀ ହାତର କାରିଗରି ଯୋଗୁ ଏଠିକାର ପରଦା କଳା ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଏହା ଅନସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଆଧ୍ୟାତ୍ମିକତା କ୍ଷେତ୍ରରେ ଧଳାପଥର ପର୍ଦ୍ଦାକଳାର ବଡ଼ ଭୂମିକା ଥିଲା। ଏହି ପର୍ଦ୍ଦାକଳା ଭାରତ ସରକାରଙ୍କ ଜିଆଇ ଟ୍ୟାଗ୍‌ରେ ମଧ୍ୟ ପଞ୍ଜୀକୃତ ହୋଇଥିଲା।

ସାମଗ୍ରିକ ଭାବେ ଦେଖିବାକୁ ଗଲେ ସ୍ୱଦେଶୀ ବସ୍ତ୍ରର ପ୍ରଚାର, ପ୍ରସାର ପାଇଁ ଖୋର୍ଦ୍ଧା ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେବେ ସମୟସ୍ରୋତରେ ଏସବୁ ହଜିଯିବାକୁ ବସିଛି। ସମ୍ପ୍ରତି ତନ୍ତୁବାୟ ସମବାୟ ସହଯୋଗ ସମିତିଗୁଡ଼ିକ ରୁଗ୍‌ଣ ହୋଇପଡ଼ିଛି। ନକଲି ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଆସି ଅସଲିକୁ ଅନେକ ପରିମାଣରେ ବଜାରରୁ ହଟେଇଦେଇଛି। କାରିଗରମାନଙ୍କୁ ଆଶାନୁରୂପକ ପାରିଶ୍ରମିକ ମିଳୁନାହିଁ। ଅପରପକ୍ଷେ ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ସରକାର ନିଜ ରାଜ୍ୟର ହସ୍ତତନ୍ତ କାରିଗରମାନଙ୍କୁ ରିହାତି ମୂଲ୍ୟରେ ସୂତା, ରଙ୍ଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କଞ୍ଚାମାଲ ଯୋଗାଇଦେଉଥିବା ହେତୁ ସେଠାକାର ବୁଣାକାରମାନଙ୍କ ଉତ୍ପାଦ ଆମ ରାଜ୍ୟର ରପ୍ତାନି ମୂଲ୍ୟ ତୁଳନାରେ ଶସ୍ତା ହେଉଛି।

ଦିନେ ଦେଶ ବିଦେଶରେ ପରିଚୟ ସୃଷ୍ଟି କରିଥିଲା ଲାଲମାଟି ଖୋର୍ଦ୍ଧା। ଲାଲମାଟିର ସ୍ୱଦେଶୀ ବସ୍ତ୍ର ଉତ୍ପାଦନ ପ୍ରାଚୀନ ନୌବାଣିଜ୍ୟ ସହ ଜଡ଼ିତ ବୋଲି କେତେକ ମତ ଦିଅନ୍ତି। ସେତେବେଳେ ଆମର ଲୁଙ୍ଗି, ଗାମୁଛା ଓ ଶାଢ଼ି ସୁଦୂର ଜାଭା, ସୁମାତ୍ରା, ବୋର୍ନିଓକୁ ରପ୍ତାନି ହେଉଥିଲା। ଏଭଳି ସ୍ୱର୍ଣ୍ଣିମ ଅତୀତର ସାକ୍ଷୀ ହେଉଛି ଲାଲମାଟିର ସ୍ୱଦେଶୀ ବସ୍ତ୍ର। ବର୍ତ୍ତମାନ ଏହି ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି, ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା ନ କରନ୍ତି, ତେବେ କାଳଗର୍ଭରେ ଏହି କଳା ଲୀନ ହୋଇଯିବ! ଆମ ସ୍ୱଦେଶୀ ପରିଧାନକୁ ସ୍ୱାବଲମ୍ବନର ନୂଆ ରାହା ଭାବେ ସାମ୍ନାକୁ ଆଣିବାକୁ ହେବ। 'ସ୍ୱଦେଶୀ ସ୍ୱାଭିମାନ'କୁ ଉଜାଗର କରିବାକୁ ପଡ଼ିବ। ଖୋର୍ଦ୍ଧା ଲୁଙ୍ଗି, ଗାମୁଛାକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ସାମଗ୍ରିକ ଭାବେ ଉଦ୍ୟମ କରିବାକୁ ପଡ଼ିବ। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାପାଇଁ ଆଗେଇ ଆସନ୍ତୁ।

**ବିଶ୍ୱାତ୍ମା, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା, ମୋ: ୮୨୪୯୬୭୯୦୯୯**

# ଦୀର୍ଘ ଜୀବନ ବନାମ ସୁସ୍ଥ ଜୀବନ



ଅଲେଖ ଚନ୍ଦ୍ର ମିଶ୍ର

ଦୀର୍ଘକାଳ ବଞ୍ଚିରହିବାକୁ କିଏ ବା ନ ଚାହେଁ ? ସେଥିପାଇଁ ତ 'ଶତାୟୁ ଭବ, ଦୀର୍ଘଜୀବୀ ହୁଅ, କୋଟି ପରମାୟୁ ହେଉ, ମୋର ଆୟୁଷ ତୋତେ ଲାଗିଯାଉ' ଇତ୍ୟାଦି ଆଶୀର୍ବଚନ ଆମ ସଂସ୍କୃତିରେ ଯୁଗଯୁଗରୁ ପ୍ରଚଳିତ ହୋଇ ଆସିଛି। ହେଲେ ମଣିଷ ଜୀବନରେ ଏମିତି ପରିସ୍ଥିତି ଆସେ ଯେତେବେଳେ ସେ ମୃତ୍ୟୁକୁ ସ୍ୱାଗତ କରେ। ଶୀଘ୍ର ଚାଲିଯିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ। କେହିକେହି ସେଥିପାଇଁ ସରକାରଙ୍କ ନିକଟରେ ଗୁହାରି କରନ୍ତି। ଏହାକୁ ଇଉଥାନାସିଆ କୁହାଯାଏ। ଅତଏବ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସାଧାରଣ ଅବସ୍ଥାରେ ଯେଉଁ ମଣିଷ ମୃତ୍ୟୁର କଳ୍ପନାରେ ଶିହରି ଉଠୁଥାଏ ସେ ଇଚ୍ଛାମୃତ୍ୟୁ ଲୋଡ଼େ କାହିଁକି? ଏହାର ଅନେକ କାରଣ ମଧ୍ୟରେ ସର୍ବାଗ୍ରେ ରହିଛି ଦୁରାରୋଗ୍ୟ ବ୍ୟାଧିର ପ୍ରକୋପ, ଯାହା ଶାରୀରିକ ଅସୁସ୍ଥତାର ଏକ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ। ଅର୍ଥାତ୍ ସୁସ୍ଥ ଜୀବନଯାପନ କରୁଥିବା ବ୍ୟକ୍ତି ପ୍ରାୟତଃ ମୃତ୍ୟୁକୁ ଚାହେଁନା। ସୁତରାଂ ଦୀର୍ଘ ଜୀବନ ଏବଂ ସୁସ୍ଥ ଜୀବନ ଏ ଦୁଇଟି ମଧ୍ୟରୁ ସୁସ୍ଥ ଜୀବନ ହିଁ ଅଧିକ ସ୍ପୃହଣୀୟ। ଏହି ଦୁଇଟିର ଏକତ୍ର ସଂଯୋଗ ଏକ ବିରଳ ସଂଘଟନ, ଯାହାକୁ ପାଇବା ପାଇଁ କଠୋର ସଂଯମତା ଓ ଆଚରଣ ବିଧି ପ୍ରୟୋଜନ। ଏ କ୍ଷେତ୍ରରେ ପୁରାଣ ଶାସ୍ତ୍ରଠାରୁ ଚିକିତ୍ସା ବିଜ୍ଞାନ ଯାଏ ସର୍ବତ୍ର ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଇଛି। ତାହା ମଧ୍ୟରୁ ଏକ କ୍ଷୁଦ୍ର ଅଥଚ ମହାନ୍ ଉପଚାର ହେଉଛି ବିଶ୍ରାମ। ଅଥଚ ତା'ର ମୂଲ୍ୟ ନ ବୁଝି କିଛି ଲୋକ ଆରାମ ହାରାମ ବୋଲି କହନ୍ତି ତ ଅନ୍ୟ କେହି ଏହାକୁ ବୃଥା ସମୟ ନଷ୍ଟ (ଡାଉନ ଟାଇମ) ଭାବି ଏଡ଼େଇ ଦିଅନ୍ତି। କେହି କେହି କହିବାର ଶୁଣାଯାଏ, 'ମରିବାକୁ ତ ବେଳ ନାହିଁ, ବିଶ୍ରାମ ନେବି କ'ଣ ?' କାର୍ଯ୍ୟ ବ୍ୟସ୍ତତାର ଅତ୍ୟଧିକ ଚାପରେ ଏମାନେ ଭୁଲିଯାଆନ୍ତି ଯେ, ଦିନଦିନ ଧରି ଅବିରତ ପରିଶ୍ରମ ଦୈହିକ ସନ୍ତୁଳନକୁ ସେମାନଙ୍କର ଅଜ୍ଞାତରେ ଏପରି ନୀରବରେ ପ୍ରତିଘାତ କରିଚାଲିଥାଏ ଯେ ତା'ର ସଂଗୃହୀତ ପରିଣାମ ଶେଷରେ ତାଙ୍କର ଦେହକୁ ଅନ୍ତଃସାରଶୂନ୍ୟ କରିଦିଏ। ତେଣୁ ସୁସ୍ଥସବଳ ରହିବା ପାଇଁ ବିଶ୍ରାମ ଅପରିହାର୍ଯ୍ୟ।

ବିଶ୍ରାମର ଅର୍ଥ କେବଳ କର୍ମରୁ ସାମୟିକ ବିରତି ନୁହେଁ। ଶରୀରର ଆବଶ୍ୟକତା ଅନୁଯାୟୀ ଏହାର ପ୍ରକାର ଭେଦ ରହିଛି ଯଥା ସ୍ଥୂଳ(ଫିଜିକାଲ), ମାନସିକ (ମେଣ୍ଟାଲ), ସ୍ନାୟବିକ (ସେନସରି), ସାମାଜିକ (ସୋସିଆଲ), ଆଧ୍ୟାତ୍ମିକ(ସ୍ପିରିଚୁଆଲ) ଏବଂ ଆବେଗିକ (ଇମୋଶନାଲ)। ସ୍ଥୂଳ ବିଶ୍ରାମ କହିଲେ, ଶାରୀରିକ ପରିଶ୍ରମରୁ ବିରାମକୁ ବୁଝାଇଥାଏ ଯାହା କ୍ଲାନ୍ତି ଓ ଦୁର୍ବଳତା ଦୂରକରେ। ମନକୁ କିଛି ସମୟ ପାଇଁ ଭାରମୁକ୍ତ ଓ ଫାଙ୍କା ରଖିଲେ ମାନସିକ ବିଶ୍ରାମ ମିଳେ, ଯାହା ଦୁଶ୍ଚିନ୍ତା ଦୂରକରି ତାକୁ ଅଧିକ ଗ୍ରହଣଶୀଳ କରେ।



ବୈଦ୍ୟୁତିକ ସରଞ୍ଜାମ ତଥା ଅନ୍ୟାନ୍ୟ ବାହ୍ୟ ସୂତ୍ରରୁ ସୃଷ୍ଟ ଶବ୍ଦ ପ୍ରଦୂଷଣରୁ ମୁକ୍ତି ସ୍ନାୟବିକ ବିଶ୍ରାମ ଯୋଗାଇଥାଏ ଯାହାଦ୍ୱାରା ମସ୍ତିଷ୍କ ଅଧିକ କାର୍ଯ୍ୟକ୍ଷମ ହୁଏ। ପରିବାର, ପରିଜନଙ୍କ ଗହଣରେ ଖୁସିରେ କାଟୁଥିବା ସମୟ ସାମାଜିକ ବିଶ୍ରାମ ପ୍ରଦାନ କରେ, ଯାହା ମନକୁ ଓ ଦେହକୁ ପ୍ରଫୁଲ୍ଲ ଓ ସତେଜ ରଖେ। ଯୋଗ, ଧ୍ୟାନ ଓ ଏକାଗ୍ରତା ମାଧ୍ୟମରେ ମିଳୁଥିବା ବିଶ୍ରାମକୁ ଆଧ୍ୟାତ୍ମିକ ବିଶ୍ରାମ କୁହାଯାଏ, ଯାହାର ପ୍ରଭାବରେ ବୃଥାଚିନ୍ତା (ଟେନ୍‌ସନ), ଉଦ୍‌ବେଗ ଓ ଉତ୍କଣ୍ଠାରୁ ମୁକ୍ତି ମିଳେ। ସେହିପରି ଆବେଗିକ ବିଶ୍ରାମ ସାଥୀମାନଙ୍କ ସହିତ ଗୁଲିଖଟି, ହସ ଓ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାରରୁ ମିଳିଥାଏ। ଏହାଦ୍ୱାରା ଦେହର ସୂକ୍ଷ୍ମ ତନ୍ତ୍ରୀଗୁଡ଼ିକ ଚଳଚଞ୍ଚଳ ହୋଇଥାଏ।

କିନ୍ତୁ ଏ ସମସ୍ତ ପ୍ରକାରର ବିଶ୍ରାମ ଅପେକ୍ଷା ଶୟନ ବା ନିଦ୍ରା ହେଉଛି ଶ୍ରେଷ୍ଠ ବିଶ୍ରାମ, ଯେଉଁଥିରେ ଉପରୋକ୍ତ ସମସ୍ତ ପ୍ରକାରର ବିଶ୍ରାମ ଏକାଧାରରେ ସନ୍ନିବିଷ୍ଟ। କାମ କରିବା ପାଇଁ ଦିନ ଏବଂ ଶୋଇବା ପାଇଁ ତ ରାତିର ସୃଷ୍ଟି। ମଣିଷ ଶରୀର ଏପରି ଭାବରେ ଗଠିତ ଯେ ଶୋଇବା ଦରକାର ପଡ଼ିଲେ ହାଇ ମାଧ୍ୟମରେ ଓ ଆଖି ମୁଦିହୋଇ ଆସିବାରେ ତାର ସଙ୍କେତ ମିଳେ। ଅଥଚ କିଛି ଲୋକ ତାକୁ ଏଡ଼େଇବା ପାଇଁ ଚା, କଫି, ଧୂମପାନ, ମଦ୍ୟ ଇତ୍ୟାଦିର ସାହାରା ନେଇଥାନ୍ତି, ଯାହା ପରିଶେଷରେ ଘାତକ ସାବ୍ୟସ୍ତ ହୁଏ। ଠିକ୍ ଭାବରେ ନ ଶୋଇଲେ ଇନସୋମିଆ, ସ୍ଲିପ ଆପନିଆ, ଡିମେନ୍ସିଆ , ହୃଦଘାତ, ରକ୍ତଚାପ, ମେଦବୃଦ୍ଧି ଇତ୍ୟାଦି ସୃଷ୍ଟିହୁଏ ବୋଲି ଚିକିତ୍ସା ବିଜ୍ଞାନୀମାନେ କୁହନ୍ତି। ଏହାଛଡ଼ା ଶୋଇବା ଦ୍ୱାରା ଶାରୀରିକ ଓ ମାନସିକ କ୍ଲାନ୍ତି ତଥା ଅବସାଦ ଦୂର ହୁଏ, ପାଚନପ୍ରକ୍ରିୟା ତ୍ୱରାନ୍ୱିତ ହୁଏ, ସ୍ମରଣଶକ୍ତି ବଢ଼େ ଏବଂ ଉଠିବା ପରେ କାମ କରିବା ପାଇଁ ଉତ୍ସାହ ମିଳେ। ଆମେରିକାସ୍ଥିତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସଂସ୍ଥା ଏନ୍ଆଇଏଚ୍‌ର ଏପ୍ରିଲ ୨୦୨୧ ସଂଖ୍ୟାରେ ପ୍ରକାଶିତ ବୁଲେଟିନର ତଥ୍ୟ ଅନୁସାରେ ସେମାନେ ଅନେକ ଶତାୟୁଙ୍କ ଉପରେ ଅନୁଧ୍ୟାନ କରି ଜାଣିବାକୁ ପାଇଥିଲେ ଯେ ସେମାନଙ୍କର ଦୀର୍ଘଜୀବନର ଏକ ରହସ୍ୟ ଥିଲା ରାତିରେ ଅନ୍ୟୂନ ଦଶଘଣ୍ଟା ଶୋଇବାର ଅଭ୍ୟାସ।

ଏନ୍ଆଇଏଚ୍‌ର ମୁଖ୍ୟ ଡ. ମାରିଷ୍ଟା ବ୍ରାଉନଙ୍କ ମତରେ ଶୋଇବାର ନିର୍ଦ୍ଦିଷ୍ଟ ଶୃଙ୍ଖଳା ରହିବା ଦରକାର ଯଥା ଶୋଇବାର ଶୈଳୀ (କ୍ୱାଲିଟି), ପରିମାଣ (କ୍ୱାଣ୍ଟିଟି ) ଏବଂ ନିୟମିତତା (କନ୍‌ସିଷ୍ଟେନ୍ସି)। ସେହିପରି ରୋଚେଷ୍ଟର୍ ୟୁନିଭର୍ସିଟିର ନିଦ୍ରା ବିଶାରଦ (ସ୍ଲିପ ଏକ୍ସପର୍ଟ) ଡ. ମାଇକେଲ ମେଡେଗାର୍ଡ କୁହନ୍ତି, ପ୍ରତିଦିନ ରାତିରେ ସ୍କୁଲ ବୟସର ପିଲାମାନେ ନଅଘଣ୍ଟା, କିଶୋର (ଟିନ୍ଏଜ)ମାନେ ଆଠରୁ ଦଶଘଣ୍ଟା, ପ୍ରୌଢ଼ମାନେ ସାତଘଣ୍ଟା ଏବଂ ବୟସ୍କମାନେ ନଅରୁ ଦଶଘଣ୍ଟା ପର୍ଯ୍ୟନ୍ତ ଶୋଇବା ଆବଶ୍ୟକ। ତାଙ୍କ ମତରେ ସର୍ବାଧିକ ଦଶଘଣ୍ଟାରୁ ଅଧିକ ଶୋଇବା ଖରାପ। ସେହିପରି ଉପଯୁକ୍ତ ନିଦ୍ରା ପରେ ବି ଯଦି ନିଦୁଆ (ଡ୍ରାଉଜି ) କିମ୍ବା ଅଳସ ଲାଗେ ତେବେ ଜାଣିବାକୁ ହେବ ଯେ ସ୍ୱାସ୍ଥ୍ୟରେ କିଛି ସମସ୍ୟା ରହିଛି। 'ଅର୍ଦ୍ଧ ରୋଗହାରୀ ନିଦ୍ରା'। ତେଣୁ ପ୍ରତ୍ୟେକ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଯିଏ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ଚାହାନ୍ତି ବିଶ୍ରାମକୁ ହେୟଜ୍ଞାନ କରିବା ଉଚିତ ନୁହେଁ।

**ଶାସ୍ତ୍ରୀନଗର, ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮**

## ପାଠକ ଶ୍ରେଷ୍ଠ ବିଚାରକ

### ଏସିଡ୍ ବିକ୍ରି ଉପରେ କଟକଣା ଲାଗୁହେଉ

ମହାଶୟ,

ଦିଲ୍ଲୀରେ ୧୭ ବର୍ଷୀୟା ଝିଅ ଉପରେ ୨ ଦୁର୍ବୃତ୍ତ ଏସିଡ୍ ଆକ୍ରମଣ କରିବା ଏକ ଦୁଃଖଦାୟକ ପ୍ରସଙ୍ଗ। ଏସିଡ୍ ଆକ୍ରମଣ ପୀଡ଼ିତାମାନଙ୍କୁ କେବଳ ସହାନୁଭୂତିପୂର୍ଣ୍ଣ ବାକ୍ୟ କିମ୍ବା ସାନ୍ତ୍ୱନାମୂଳକ ଅନୁକମ୍ପା ରାଶି ପ୍ରଦାନ ଦ୍ୱାରା ପ୍ରକୃତ ନ୍ୟାୟ ଦେଇହେବ ନାହିଁ। ସେଥିପାଇଁ ଭାରତୀୟ ଆଇନ ଧାରାରେ ପରିବର୍ତ୍ତନ ଆଣି ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ହେବ। ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଅପରାଧୀମାନଙ୍କୁ ଆଇନ ଦଣ୍ଡ ଦେବ ତ ନିଶ୍ଚୟ, କିନ୍ତୁ ସରକାର ପୀଡ଼ିତାମାନଙ୍କୁ ଜୀବନଯାପନ ପାଇଁ ସମସ୍ତ ସୁବିଧା ସୁଯୋଗ ଦେବା ଆବଶ୍ୟକ। ସର୍ବଭାରତୀୟ ସ୍ତରରେ ଏସିଡ୍ ବିକ୍ରି ଉପରେ କଠୋର କଟକଣା ଲାଗିବା ଉଚିତ। ଏସିଡ୍ ବିକ୍ରେତାମାନେ କ୍ରେତାମାନଙ୍କର ପରିଚୟପତ୍ରର ଡାଟା ରଖିବା ଦରକାର। ଜଘନ୍ୟ ଏସିଡ୍ ଆକ୍ରମଣ ଆଧୁନିକ କୁତ୍ସିତ ଅପରାଧର ଭିନ୍ନ ଏକ ଅଧ୍ୟାୟ। ପ୍ରେମ ଓ ପ୍ରତାରଣା କାରଣରୁ ଏସିଡ୍ ଆକ୍ରମଣ ଏକ ହିଂସ୍ର ଅପରାଧ ଶ୍ରେଣୀର। ଏଥିରେ ବିଶେଷକରି ଅଧିକାଂଶ ଝିଅ ସେମାନଙ୍କ ପ୍ରକୃତ ରୂପ ଚେହେରା ହରାଇ ମାନସିକ କଷ୍ଟରେ ଦୁଃଖ ଯନ୍ତ୍ରଣାରେ ସାରା ଜୀବନ ବିତାଇଥାନ୍ତି।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ୍ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ମୁମ୍ବାଇର ୨୭ ବର୍ଷୀୟ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର କୌସ୍ତୁଭ ଧୋଣ୍ଡେ ସ୍ୱୟଂଚାଳିତ ଟ୍ରାକ୍ଟର ନିର୍ମାଣ କରିଛନ୍ତି। ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଓ ୫ଜି ଟେକ୍ନୋଲୋଜିରେ ଚାଲୁଛି। 'ଅଟୋନେକ୍ସଟ ଅଟୋମେଶନ' ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ପ୍ରସ୍ତୁତ କରାଯାଇଛି। କୌସ୍ତୁଭଙ୍କ ଜନ୍ମ କୃଷକ ପରିବାରରେ। ପିଲାଦିନେ ସେ ଚାଷୀମାନଙ୍କ ସମସ୍ୟା ନିକଟରୁ ଦେଖିଛନ୍ତି। ତାଙ୍କ ଅଞ୍ଚଳରେ କୃଷକମାନେ ଟ୍ରାକ୍ଟର କିଣି ତାହାକୁ ବିକ୍ରି କରିବାର କାରଣ ଖୋଜି ସେ ଜାଣିବାକୁ ପାଇଥିଲେ ଯେ ସେମାନଙ୍କ ପାଇଁ ଡିଜେଲ ଦରବୃଦ୍ଧି ଓ ଟ୍ରାକ୍ଟର ଚଳାଇବା ଲାଗି ଚାଳକ ଖୋଜିବା ଥିଲା ବଡ଼ ସମସ୍ୟା। ଏଥିପାଇଁ ସେ ଇଞ୍ଜିନିୟରିଂ ପଢ଼ିବା ପରେ ୨୦୧୬ରେ 'ଅଟୋନେକ୍ସଟ ଅଟୋମେଶନ' ଷ୍ଟାର୍ଟଅପ୍ ଗଠନ କରି ଚାଳକବିହୀନ ଟ୍ରାକ୍ଟର ନିର୍ମାଣରେ ଲାଗିଥିଲେ। କେବଳ ଗୋଟିଏ ଫୋନ୍ ଆପ୍ ଜରିଆରେ କୃଷକ ଏହି ଟ୍ରାକ୍ଟରକୁ ସଞ୍ଚାଳନ କରିପାରିବେ। ଚାଳକ ଚାଳିତ ଡିଜେଲ ଟ୍ରାକ୍ଟର କ୍ଷେତରେ ଯାହା କାମ କରେ ତାହା ଏହା କରିପାରୁଛି। ଏହାର ବିଜ୍ଞାନଭିତ୍ତିକ ପରୀକ୍ଷା ସରିଛି। ଏହାକୁ ୨୦୨୪ ସୁଦ୍ଧା ଲଞ୍ଚ କରାଯିବା ଯୋଜନା ରହିଛି। ଏହି ଟ୍ରାକ୍ଟରରେ ଜଣେ କୃଷକର କ୍ଷତି ୪ଗୁଣ କମ୍ ହେବ ବୋଲି କହନ୍ତି କୌସ୍ତୁଭ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୭

- ଇଣ୍ଡୋନେସିଆର ସୁମାତ୍ରାଠାରେ ସିଲ୍‌କେୟାରର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବିମାନରେ ଯାତ୍ରା କରୁଥିବା ସମସ୍ତ ୧୦୪ ଯାତ୍ରୀ ମୃତ।
- ଦକ୍ଷିଣ କୋରିଆ ରାଷ୍ଟ୍ରପତି ଭାବେ ବିରୋଧୀଦଳ ପ୍ରାର୍ଥୀ ତଥା ନିଜକୁ ଜଣେ ଗାନ୍ଧିବାଦୀ ନେତା ବୋଲାଉଥିବା କିମ୍ ଦାଏ ଜଙ୍ଗ ନିର୍ବାଚିତ।
- ମଣିପୁରରେ କ୍ଷମତାସୀନ ମିଳିତ ସାମ୍ମୁଖ୍ୟରେ ଅଂଶୀଦାର ଥିବା ମଣିପୁର ପିପୁଲ୍ସ ପାର୍ଟିର ୩ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା।

## ଚିରନ୍ତନୀ

ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଲ ନସନା
ଆଜି ବଢ଼ିଛି ପରା ମୋ ବାସନା।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶିବଶକ୍ତି କ୍ଲବ ପକ୍ଷରୁ ଅଲ୍ ଓଡ଼ିଶା ୨୭ତମ ତମାଣ୍ଡୋ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ତମାଣ୍ଡୋ ମିନି ଷ୍ଟାଡିୟମ୍, ସକାଳ ୯ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ୟୁନିଟ୍-୪, ସକାଳ ୯ଟା।
- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଚେତନା ସମାରୋହ, ଉତ୍କଳ ମଣ୍ଡପ, ସକାଳ ୯ଟା।
- ରାଜ୍ୟସ୍ତରୀୟ ଷ୍ଟୁଡେଣ୍ଟ ଫେଷ୍ଟିଭାଲ୍, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ୧୯ତମ ରାଜ୍ୟସ୍ତରୀୟ ଟ୍ୟାଲେଣ୍ଟ ସର୍ଚ୍ଚ ପ୍ରୋଗ୍ରାମ ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ, ଭଞ୍ଜକଳା ମଣ୍ଡପ ଓ ସେଣ୍ଟ ଜାଭିୟର୍ ପବ୍ଲିକ ହାଇସ୍କୁଲ ପରିସର, ଅପରାହ୍ନ ୩ଟା।
- ଆର୍‌ନୋଲ୍ଡ ଆନୁଆଲ ଫିଏଷ୍ଟା-୨୨, ସିଆଣ୍ଟ ଆର୍‌ନୋଲ୍ଡସ ହାୟର ସେକେଣ୍ଡାରି ସ୍କୁଲ ପରିସର, ଗାନ୍ଧୀ ମୈଦାନ, କଳିଙ୍ଗ ବିହାର, ଅପରାହ୍ନ ୫ଟା ୩୦।
- ଡଲ୍ ହାଉସ୍ ପ୍ଲେ ସ୍କୁଲ୍‌ର ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା ୩୦।
- ପ୍ରାଚୀ ସଙ୍ଗୀତ କଲ୍‌ଚର ଟ୍ରଷ୍ଟ ପକ୍ଷରୁ ପ୍ରାଚୀ ସଙ୍ଗୀତ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।

ବାଲିଅନ୍ତା

- ୪୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବ, ବେଣୁପୁର ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ସକାଳ ୯ଟା।

## ୨୫ରୁ ରାହଗିରି

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ):** ରାଜଧାନୀକୁ ଫେରିବ ରାହଗିରି ବା ପଥ ଉତ୍ସବ। ଡିସେମ୍ବର ୨୫ରୁ ପ୍ରତି ରବିବାର ପୁଣିଥରେ ଜନପଥରେ ଜମିବ ନାଚ, ଗୀତ, ମିନି ମାରାଥନ୍, ପ୍ରତିଯୋଗିତା ସାଙ୍ଗକୁ ବିଭିନ୍ନ କାର୍ଯ୍ୟକ୍ରମ। ବିଏମ୍‌ସି, ବିଡିଏ ଏବଂ ସ୍ମାର୍ଟସିଟି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ସ୍ମାର୍ଟ ଜନପଥରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏନେଇ ସୋମବାର ଅନୁଷ୍ଠିତ ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

## ଦୁଇବର୍ଷ ପରେ ଆଜିଠୁ 'ସର୍‌ଗିଫୁଲ'

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ):** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଏବଂ ଅନ୍ୟାନ୍ୟ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମହୋତ୍ସବ 'ସର୍‌ଗିଫୁଲ' ମଙ୍ଗଳବାର ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟନ ହେବ। କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇପାରି ନ ଥିଲା। ଚଳିତବର୍ଷ ଏହି ମହୋତ୍ସବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟରେ ପଢୁଥିବା ବିଭିନ୍ନ ଜିଲାର ୧,୦୫୦ ଜଣ ଛାତ୍ରୀଛାତ୍ର ଏବଂ ୭୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେବେ। ଜିଲାସ୍ତରରୁ ମନୋନୀତ ଛାତ୍ରୀଛାତ୍ର ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଆସନ୍ତା ୨୩ ତାରିଖ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାର କାର୍ଯ୍ୟକ୍ରମ ରହିଛି।

## ପୁନଃ ଥଇଥାନ ନିୟମ-୧୯୯୦ ଲାଗୁ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ):** ଓଡିଶାରୁ ବେସାମରିକ ସେବା ପୁନଃ ଥଇଥାନ ନିୟମ-୨୦୨୦କୁ ଉଚ୍ଛେଦ କରି ପୁଣିଥରେ ପୁନଃ ଥଇଥାନ ନିୟମ-୧୯୯୦ ଲାଗୁ ଦାବିରେ ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ (ଓସେରା) ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ପରିବାରରୁ ଜଣଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସଂଘ ର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇଥିବା ଓସେରା ସଭାପତି ବିଶ୍ୱରଞ୍ଜନ ଆଚାର୍ଯ୍ୟ କହିଛନ୍ତି। ୨୦୦୩-୦୪ରେ ନିଯୁକ୍ତ ଶିକ୍ଷାସହାୟକଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ତଥା ଛଟେଇ ହୋଇଥିବା ଶିକ୍ଷା ସହାୟକଙ୍କୁ ପୁନଃ ନିଯୁକ୍ତି ଦାବି ରହିଥିବା ସାଧାରଣ ସମ୍ପାଦକ ସୀମାଞ୍ଚଳ ମିଶ୍ର କହିଛନ୍ତି।। ପୂର୍ବରୁ ଲୋୟର ପିଏମଜିଠାରେ ବୋତଲ ବାଡ଼େଇ, ରାସ୍ତାରେ କାନ ଧରି ଆଣ୍ଠେଇ ଦାବି ଉପସ୍ଥାପନ କରୁଥିବା ଦେଖିବାକୁ ମିଳିଥିଲା। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରିରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଆଉ ମିଳିଲାନି ରିମାଣ୍ଡ, ଜେଲ ଗଲେ ଅର୍ଚ୍ଚନା

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

**ବେଆଇନ ଅର୍ଥ କାରବାର ମାମଲା**
- **ଜଗବନ୍ଧୁଙ୍କ ଉପରେ ଶେଷ ଭରସା**
- **ଦ୍ୱନ୍ଦ୍ୱରେ ରହିଲେ ଇଡି ଅଧିକାରୀ**



ଦୀର୍ଘ ଦିନର ଜେରା, ଚଢ଼ାଉ ସହ ଥାନା ଓ ଫୋରେନ୍‌ସିକ୍ ଲାବ୍‌ରୁ ଦସ୍ତାବିଜ ପାଇବା ସତ୍ତ୍ୱେ ଏଯାଏ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ କଳା ସାମ୍ରାଜ୍ୟର କାଣିଚାଏ ଗୁମର ଖୋଲିପାରି ନାହିଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ମାତ୍ର କିଛି ଲକ୍ଷ ଟଙ୍କାର ବେଆଇନ କାରବାର ଧରିଥିଲେ ମଧ୍ୟ ରାଜ୍ୟର ଏହି ବଡ଼ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ଘଟଣାରେ ପ୍ରଭାବଶାଳୀ ନେତା, ଅଫିସର, ପୋଲିସ ଓ ବ୍ୟବସାୟୀଙ୍କ ସମ୍ପୃକ୍ତିର ପ୍ରମାଣ ପାଇପାରି ନାହିଁ। ଇତିମଧ୍ୟରେ ଅର୍ଚ୍ଚନାଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ସରିଥିବାବେଳେ କୋର୍ଟ ଆଉ ରିମାଣ୍ଡ ଦେବାକୁ ମନା କରିଛନ୍ତି। ଏପରିସ୍ଥିତିରେ ବେଆଇନ ଆର୍ଥିକ କାରବାରରେ ବଡ଼ବଡ଼ିଆଙ୍କ ଲିଙ୍କ୍ ନେଇ ଇଡି ଅଧିକାରୀମାନେ ହାସଲ କରିଥିବା ତଥ୍ୟର ସତ୍ୟତା ଜାଣି ନ ପାରି ଦ୍ୱନ୍ଦ୍ୱରେ ପଡିଥିବା କୁହାଯାଉଛି। ରବିବାର ଅର୍ଚ୍ଚନାଙ୍କ ରିମାଣ୍ଡ ସରିବା ପରେ ସୋମବାର ଇଡି ତାଙ୍କୁ କୋର୍ଟରେ ହାଜର କରିଥିଲା। ଏହି ସମୟରେ ଅର୍ଚ୍ଚନାଙ୍କୁ ପୁଣି ଥରେ ତୃତୀୟ ପର୍ଯ୍ୟାୟ ପାଇଁ ୨ ଦିନିଆ ରିମାଣ୍ଡରେ ନେବା ପାଇଁ ଇଡି କୋର୍ଟଙ୍କ ନିକଟରେ ଆବେଦନ କରିଥିଲା। ହେଲେ କୋର୍ଟ ଏହାର ଶୁଣାଣି କରି ରିମାଣ୍ଡ ଆବେଦନକୁ ଖାରଜ କରିଦେଇଛନ୍ତି। ଫଳରେ ଅର୍ଚ୍ଚନା ପୁଣି ଥରେ ଝାରପଡ଼ା ଜେଲ ହାଜତକୁ ଫେରି ଯାଇଛନ୍ତି। ତେବେ କୋର୍ଟକୁ ପ୍ରବେଶ ସମୟରେ ଅର୍ଚ୍ଚନାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତିକ୍ରିୟା ରଖିବାକୁ ବାଧ୍ୟ କରିଥିଲେ। 'ସବୁ କହିଛି, କହିବି, କାହାକୁ ଛାଡ଼ିବିନି' ବୋଲି ଅର୍ଚ୍ଚନା କହିଥିଲେ। ହେଲେ ଅର୍ଚ୍ଚନା ସହଯୋଗ କରି ନ ଥିବା ଓ ଏହି ମାମଲାରେ କିଛି କହୁ ନ ଥିବା ଇଡି ସୂଚନା ଦେଉଥିବାରୁ ସନ୍ଦେହ ଦୃଢ଼ୀଭୂତ ହୋଇଛି।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ୭ ଦିନ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ଦିନ ପାଇଁ ରିମାଣ୍ଡରେ ଆସି ଅର୍ଚ୍ଚନା ଚୁପ୍ ରହିଥିଲେ। ତେଣୁ ଆଉ ୨ ଦିନ ରିମାଣ୍ଡରେ ନେଇ କିଛି ପ୍ରମାଣ ପାଇବାକୁ ଇଡି ଆଶା ରଖିଥିଲା। ହେଲେ କୋର୍ଟ ଏହି ଆବେଦନକୁ ଖାରଜ କରିବା ପରେ ଇଡିର ଯୋଜନା ଫେଲ୍ ମାରିଛି। ଅପରପକ୍ଷରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ୯ ଦିନିଆ ରିମାଣ୍ଡରୁ ଆଉ ୩ଦିନ ବାକି ରହିଛି। ସେ ଗତ ୧୪ ତାରିଖରୁ ରିମାଣ୍ଡରେ ଆସି ଜେରାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ବୁଧବାର ତାଙ୍କର ରିମାଣ୍ଡ ସରିବ। ଏହି ସମୟ ମଧ୍ୟରେ ଜଗବନ୍ଧୁଙ୍କଠାରୁ ଅଧିକ ତଥ୍ୟ ହାସଲ କରିବାକୁ ଇଡି ଶେଷ ଆଶା ରଖିଛି।



ଇଭୋସ୍ ବିଲ୍ଡକନ୍ ଓ ମେଟାଲ ମାକ୍ସ ପକ୍ଷରୁ ସୋମବାର ଭୁବନେଶ୍ୱର ମେ'ଫେୟାର ହୋଟେଲରେ ଅନୁଷ୍ଠିତ ଫ୍ୟାଶନ ଶୋ'। **(ଫଟୋ-ବିକାଶ)**

## ଓଏଚ୍‌ଆର୍‌ସି ସଦସ୍ୟ ପଦ ଖୁବ୍‌ଶୀଘ୍ର ପୂରଣ ହେବ

**ହାଇକୋର୍ଟଙ୍କୁ ଜଣାଇଲେ ସରକାର**

**କଟକ ଅଫିସ,୧୯।୧୨**

ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ରେ ଗୋଟିଏ ସଦସ୍ୟ ପଦ ୩ ମାସ ହେବ ଖାଲିପଡ଼ିଛି। ଉକ୍ତ ପଦ ପୂରଣ ନେଇ ହାଇକୋର୍ଟରେଏକ ଜନସ୍ୱାର୍ଥ ମାମଲା ହୋଇଛି। ସୋମବାର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଏହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଜବାବ ରଖାଯାଇ ସଦସ୍ୟ ପଦ ପୂରଣ ନିମନ୍ତେ ପ୍ରକ୍ରିୟା ଚାଲୁ ରହିଛି ଓ ଖୁବ୍‌ଶୀଘ୍ର ପଦବୀ ପୂରଣ ହେବ ବୋଲି ଅଦାଲତଙ୍କୁ ଅବଗତ କରାଯାଇଛି। ପରବର୍ତ୍ତୀ ଶୁଣାଣି ପାଇଁ ଫେବୃୟାରୀ ୧କୁ ଦିନ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଯେ, ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ ସଦସ୍ୟ ଅସୀମ ଅମିତାଭ ଦାସଙ୍କ ତିନିବର୍ଷିଆ କାର୍ଯ୍ୟକାଳ ଅଗଷ୍ଟ ୨୧ରେ ପୂର୍ଣ୍ଣ ହୋଇଥିଲା। ତେବେ ସେହିଦିନଠାରୁ ଉକ୍ତ ପଦବୀ ଖାଲିଥିବା ବେଳେ ଇତି ମଧ୍ୟରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି, ହେଲେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ସଦସ୍ୟ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର ଦାସ ହାଇକୋର୍ଟରେ ଏନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରି ପ୍ରାର୍ଥନା କରିଥିଲେ। ସୁପ୍ରିମକୋର୍ଟରେ ଡି. କେ. ବସୁ. ୨୦୧୫ରେ କହିଥିଲେ ଯେ, ତିନି ମାସରେ ହିଁ ପଦବୀ ପୂରଣ ହେବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଥିଲେ।

## ଲୀଳାନ୍ଦ୍ରି 'ମିସେସ୍', ଆହିଲ 'ମିଷ୍ଟର ଭୁବନେଶ୍ୱର'

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

**ଟାଇଟଲ ହାତେଇଲେ ମା' ପୁଅ**





ମୁଡ୍‌ଲିଫ୍ଟ ଫ୍ୟାଶନ ପକ୍ଷରୁ ମିଷ୍ଟର, ମିସେସ୍, ମିସ୍, ଶିଶୁ ଓ ଚାଲିବା ଆରମ୍ଭ କରିଥିବା ଛୋଟ ଶିଶୁ (ଟୋଡଲର୍ସ)ଙ୍କୁ ନେଇ ବିଭିନ୍ନ ବିଭାଗରେ ଫ୍ୟାଶନ ପ୍ରତିଯୋଗିତାର ଚୂଡାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ସ୍ମୃତି ସଂସଦଠାରେ ଆୟୋଜିତ ଏହି ଶୋ'ରେ ଉଭୟ ମା' ଏବଂ ପୁଅ ଟାଇଟଲ ହାତେଇଛନ୍ତି। ମିସେସ୍ ବିଭାଗରେ ଲୀଳାନ୍ଦ୍ରି ପଣ୍ଡା 'ମିସେସ୍ ଭୁବନେଶ୍ୱର' ଭାବେ ବିଜୟୀ ମୁକୁଟ ପିନ୍ଧିଥିବାବେଳେ ଶିଶୁ-ବାଳକ ବିଭାଗରେ ତାଙ୍କ ପୁଅ ଆହିଲ ମହାନ୍ତି 'ମିଷ୍ଟର ଭୁବନେଶ୍ୱର' ଭାବେ ବିବେଚିତ ହୋଇଥିଲେ। ଏଥିରେ ମୋଟ୍ ୧୨୦ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିଥିବାବେଳେ ୪୮ଜଣ ଶେଷ ପର୍ଯ୍ୟାୟକୁ ଉତୀର୍ଣ୍ଣ ହୋଇଥିଲେ। ଅମ୍ଳାନ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧନା ଏବଂ ଆଶିଷ ମୁଖ୍ୟ ସଂଯୋଜକ ଥିଲେ। ବିଚାରକ ଭାବେ ସୌମ୍ୟା ପ୍ରଧାନ, ମୈତ୍ରୀ ମୋନାଲି, ପ୍ରିୟଙ୍କା ମହାପାତ୍ର ଯୋଗଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ସମିତା ମହାନ୍ତି, ପ୍ରଜ୍ଞା ପ୍ରଧାନ, ଶୁଭାଙ୍ଗୀ ଜେନା ଓ ରାକେଶ ରୋଶନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସିଂହଦ୍ୱାର ନିକଟରେ ଚାଲିଛି ବେଆଇନ ନିର୍ମାଣ

**ପୁରୀ ଅଫିସ, ୧୯।୧୨**

**ବନ୍ଦ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

ଶ୍ରୀମନ୍ଦିର ସିଂହଦ୍ୱାର ନିକଟ ମଙ୍ଗୁମଠ ପାର୍ଶ୍ୱରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ଆଣି ପୁରୀ ଜିଲା କମାକନ୍ତିଆ ଗ୍ରାମର ମାନବାଧିକାର କର୍ମୀ ଦିଲୀପ କୁମାର ବରାଳ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ବରାଳ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସମ୍ପ୍ରତି ଶ୍ରୀମନ୍ଦିର ସିଂହଦ୍ୱାର ନିକଟ ମଙ୍ଗୁ ମଠ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ କାର୍ଯ୍ୟ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) କିମ୍ବା ଜାତୀୟ ଐତିହ୍ୟ ପ୍ରାଧିକରଣ (ଏନ୍‌ଏମ୍‌ଏ) ପକ୍ଷରୁ ଅନୁମତି କିମ୍ବା ଏନ୍‌ଓସି ନିଆଯାଇ ନାହିଁ। ବେଆଇନ ଭାବେ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ୍ (ଓବିସିସି) ପକ୍ଷରୁ ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହି ବେଆଇନ କାର୍ଯ୍ୟକୁ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର କେତେଜଣ ଅଧିକାରୀ ସମର୍ଥନ କରୁଛନ୍ତି ବୋଲି ବରାଳ ଅଭିଯୋଗ କରିଛନ୍ତି। ଶ୍ରୀମନ୍ଦିର ମେଘନାଦ ପାଚେରିଠାରୁ ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ କରିବାକୁ ହେଲେ ଏଏସ୍‌ଆଇ ଏବଂ ଏନ୍‌ଏମ୍‌ଏର ଅନୁମତି କିମ୍ବା ଏନ୍‌ଓସିର ଆବଶ୍ୟକତା ରହିଛି। ମାତ୍ର ଏଠାରେ ତାହାକୁ ଅଣଦେଖା କରାଯାଇ ବିନା ଅନୁମତିରେ କାର୍ଯ୍ୟ କରାଯାଉଛି। ଏହି ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଏଏସ୍‌ଆଇ ଚିଠି କରିଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ, ଯାହା ଦୁର୍ଭାଗ୍ୟର ବିଷୟ। ତୁରନ୍ତ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବରାଳ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏଭଳି ଅଭିଯୋଗ ନେଇ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଓବିସିସି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସସ୍ମିତା



@ ଅମୃତା



@ ଶୁଭେନ୍ଦ୍ର



@ ଶିବାନୀ



@ ଲକ୍ଷ୍ମୀପ୍ରିୟା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ଓଡ଼ିଶା ପୁନଃ ଥଇଥାନ ନିୟମ ୧୯୯୦କୁ ପୁନଃ କାର୍ଯ୍ୟକାରୀ କରିବା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଆଦି ବିଭିନ୍ନ ଦାବି ନେଇ ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ)



ସୋମବାର କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ରାଜକିଶୋର)

## ସଂକ୍ଷେପରେ

### ମୋବାଇଲ, ଟଙ୍କା ଜବତ: ୨ ଗିରଫ

ଖୋର୍ଦ୍ଧା ଅଫିସ,୧୯।୧୨: ଖୋର୍ଦ୍ଧା ମହୋତ୍ସବ ବୁଲିବାକୁ ଆସିଥିବା ପୁରୀ ବାସେଳି ସାହିର ଭୀମସେନ ପାଇକରାୟଙ୍କଠାରୁ ମୋବାଇଲ ଫୋନ ଓ ଟଙ୍କା ଲୁଟିନେବା ଅଭିଯୋଗରେ ଆଦର୍ଶ ଥାନା ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ସ୍ୱପ୍ନେଶ୍ୱର ସାହିର ପ୍ରଦୀପ ସେନାପତି ଓରଫ ଗୁନୁ ଏବଂ ତରତୁଆ ଅଞ୍ଚଳର କରିମ ଖାଁ ଓରଫ କୟା। ଏମାନଙ୍କ ଠାରୁ ୭ ହଜାର ୫ଶହ ଟଙ୍କା ଓ ମୋବାଇଲ ଜବତ ହୋଇଛି। ସୂଚନା ମୁତାବକ, ପୁରୀ ବାସେଳସାହିର ଭୀମସେନ ଗତ ଶନିବାର ଖୋର୍ଦ୍ଧା ମହୋତ୍ସବକୁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ସ୍ୱପ୍ନେଶ୍ୱର ସାହି ନିକଟରେ ତାଙ୍କୁ ଦୁଇଜଣ ଅଟକାଇ ମୋବାଇଲ ଓ ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଭୀମସେନ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୮୦/୨୨)ରୁଜୁ କରି ତଦନ୍ତ ଚଳାଇଥିଲା।

### ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ ବିଫଳ

ବାରଙ୍ଗ,୧୯।୧୨(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅନ୍ତର୍ଗତ ଢାଓ୍ୱା ବ୍ରିଜରେ ସୋମବାର ଭୋରରୁ ଜଣେ ପରିବା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଢାଓ୍ୱା ଗ୍ରାମର ଜାମି ଭୋଇ ନାମକ ପରିବା ବ୍ୟବସାୟୀ ସବୁଦିନ ଭଳି ସୋମବାର ବଡ଼ିଭୋର ଅର୍ଥାତ ୪ଟା ସମୟରେ ତାଙ୍କ ଗାଡି ଧରି ଘରୁ ବାରଙ୍ଗକୁ ପରିବା କିଣିବା ପାଇଁ ଯାଉଥିଲେ। ଢାଓ୍ୱା ବ୍ରିଜ ଉପରେ ପହଞ୍ଚିଥିବାବେଳେ ଏକ ପଲସରରେ ଦୁଇଜଣ ଯୁବକ ଆସି ତାଙ୍କୁ ରୋକିବା ସହ ବନ୍ଧୁକ ଲଗାଇ ପାଖରେ ରଖିଥିବା ଟଙ୍କା ମାଗିଥିଲେ। ପଦାସାହି ଗ୍ରାମପଟୁ ପଟିଆ ଆଡକୁ କେନାଲ ବନ୍ଧରେ ଦୁଇଟି ବାଇକ୍ ଆସୁଥିବା ଦେଖି ଲୁଟେରାଦ୍ୱୟ ପଳାଇଥିଲେ। ଘଟଣାପରେ ଜାମି ଭୟରେ ପରିବା ଆଣିବାକୁ ବାରଙ୍ଗ ନ ଯାଇ ଘରକୁ ଫେରିଥିଲେ। ଖବର ଲେଖା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନାହିଁ

### ଉପରବସ୍ତ କ୍ରିକେଟ କ୍ଲବ ବିଜୟୀ

ବୋଲଗଡ଼,୧୯।୧୨ (ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜଟଣୀର ଉପରବସ୍ତ କ୍ରିକେଟ କ୍ଲବ ଏବଂ ଘୋରଡ଼ିଆର ମା' ଡାକଦେବୀ କ୍ରିକେଟ କ୍ଲବ ମଧରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଉପରବସ୍ତ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ଡାକଦେବୀ କ୍ରିକେଟ କ୍ଲବ ୧୭.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଉପରବସ୍ତ କ୍ରିକେଟ କ୍ଲବ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ଶିକ୍ଷକ ନେତା ଦିବାକର ପରମଗୁରୁ, ଶିକ୍ଷାବିତ୍ ବାଲ୍ମୀକି ବଳିୟାରସିଂହ, ସାମାଜିକ କର୍ମୀ ସମୀର ସାହୁ, ଆୟୋଜକ କ୍ଲବର ସଭାପତି ନିରଞ୍ଜନ ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଭଗବାନ ମଙ୍ଗରାଜ ଓ ଲକ୍ଷ୍ମୀଧର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶାନ୍ତନୁ ଛୋଟରାୟ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ବଦଳିଲେ ବ୍ୟକ୍ତିଗତ ସହାୟକ ହେମନ୍ତ

**ଜିଲାପାଳଙ୍କ ବିରୋଧରେ ଅଭିଯୋଗ ମହଙ୍ଗା ପଡ଼ିଲା**

- ସର୍କିଟ ହାଉସ ଫେରିଲେ ୩ କର୍ମଚାରୀ
- ଏସ୍‌ପିଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା ଅଫିସ,୧୯।୧୨:

ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ଆଣିବା ମହଙ୍ଗା ପଡ଼ିଛି। ଗତ ଶନିବାର ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ହେମନ୍ତ ଭୋଇଙ୍କୁ ବଦଳି କରାଯାଇଛି। ସେହିପରି ଜିଲାପାଳଙ୍କ ବାସଭବନରେ କାର୍ଯ୍ୟରତ ମାଳୀ ବଲ୍ଲଭ ଚନ୍ଦ୍ର ସାହୁ, ରୋଷେୟା ଲକ୍ଷ୍ମୀଧର ଦାସଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ସର୍କିଟ ହାଉସକୁ ବଦଳି କରାଯାଇଛି। ମାଳୀ ଗୋପାଳ ବେହେରାଙ୍କ କୌଣସି ସରକାରୀ ଡକ୍ୟୁମେଣ୍ଟ ନ ଥିବାରୁ ତାଙ୍କ ସମ୍ପର୍କରେ ବଦଳି ଅର୍ଡର ବାହାରି ନ ଥିବା ବେଳେ ତାଙ୍କୁ ପୁଣି ସର୍କିଟ ହାଉସକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରୁଥିବା ହେମନ୍ତଙ୍କୁ ଜିଲା ପରିଷଦ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେ ଜିଲାପରିଷଦ ଚେୟାରମ୍ୟାନଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରିବେ। ପୂର୍ବରୁ ସେଠାରେ ଅବସ୍ଥାପିତ ଗଣେଶ ସେଠୀଙ୍କୁ ଜିଲାପାଳଙ୍କ କନ୍‌ଫିଡେନ୍ସିଆଲ ସେକ୍ସନକୁ ବଦଳି ହୋଇଥିବା ବେଳେ ସେ ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରିବେ। ଗଣେଶଙ୍କୁ ତୁରନ୍ତ ସମସ୍ତ ସରକାରୀ ନଥିପତ୍ର ହସ୍ତାନ୍ତର ଲାଗି ହେମନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ଜିଲାପାଳଙ୍କ ବିରୋଧରେ ଅଭିଯୋଗ ପରଠାରୁ ହେମନ୍ତ ମେଡିକାଲ ଗ୍ରାଉଣ୍ଡରେ ଛୁଟିରେ ଅଛନ୍ତି। ସେହିପରି ବଲ୍ଲଭ ଚନ୍ଦ୍ର ସାହୁ ପୂର୍ବରୁ ଭୁବନେଶ୍ୱର ସର୍କିଟ ହାଉସରେ କାର୍ଯ୍ୟରତ ଥିବା ବେଳେ ଜିଲାପାଳଙ୍କ ବାସଭବନରେ ୨୦୨୧ ଜୁନ ୨ରୁ କାର୍ଯ୍ୟରତ ରହିଥିଲେ। ସେହିପରି ଲକ୍ଷ୍ମୀଧର ଗତ ନଭେମ୍ବର ୧୧ତାରିଖଠାରୁ ଏଠାରେ କାର୍ଯ୍ୟରତ ଥିଲେ। ଗତ ମଙ୍ଗଳବାର ବଲ୍ଲଭ, ଲକ୍ଷ୍ମୀଧର ଓ ଗୋପାଳ ଜିଲାପାଳ ନିର୍ଯାତନା ଦେଉଥିବା ନେଇ ଗଣମାଧ୍ୟମ ଆଗରେ କହିଥିଲେ। ବୁଧବାର ଜିଲାପାଳ ଏହି ୩ଜଣଙ୍କୁ ପୁନଃ ନିଜ ସ୍ଥାନକୁ ଫେରିଯିବାକୁ କହି ବାସଭବନରୁ ବାହାର କରିଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ୩ଜଣ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ବିଫଳ ହେବା ପରେ ଫେରି ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସୂଚନାଥାଉ କି, ନଭେମ୍ବର ୨୪ରେ ହେମନ୍ତଙ୍କ ସ୍ତ୍ରୀ ସବିତା ନାୟକ ଟାଉନ ଥାନରେ ଜିଲାପାଳ ହେମନ୍ତଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଇତିମଧ୍ୟରେ ୨୦ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନାହିଁ। ବାଧ୍ୟ ହୋଇ କୋର୍ଟର ଆଶ୍ରୟ ନେବି ବୋଲି ଉକ୍ତ ସମୟରେ ଗଣମାଧ୍ୟମ ଆଗରେ କହିଥିଲେ ହେମନ୍ତ। ଅନ୍ୟପଟେ ହେମନ୍ତ ଗତ ୧୧ତାରିଖରେ ସଦର ଏସଡିପିଓ ଦିଲୀପ ଦାସଙ୍କ ନିକଟରେ ଲିଖିତ ବୟାନ ଦେଇଥିଲେ। ୪ ପୃଷ୍ଠା ସମ୍ବଳିତ ନିଜ ବୟାନରେ ସେ ଜିଲାପାଳଙ୍କ ଉପରକୁ ସିଧାସଳଖ ଅଙ୍ଗୁଳି ଉଠାଇଛନ୍ତି। ଗତ ୧୫ତାରିଖ ସନ୍ଧ୍ୟାରେ ଏକ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ପଲ୍ଲାସ୍ଥିତ ହେମନ୍ତଙ୍କ ନିର୍ମାଣାଧୀନ ଘର ନିକଟରେ ଫଟୋ ଉତ୍ତୋଳନକୁ ନେଇ ଦମ୍ପତିଙ୍କ ସହ ଖବରଦାତାଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ସମ୍ପୃକ୍ତ ଖବରଦାତାଙ୍କ ଅଭିଯୋଗ ଉପରେ ଟାଉନ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କ ବିରୋଧରେ ସବିତା ଆଣିଥିବା ଅଭିଯୋଗ ଉପରେ ମାମଲା ରୁଜୁ ହୋଇନାହିଁ। ଏନେଇ ସବିତା ଗତ ୧୭ ତାରିଖରେ ଏମ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।



**ଗମ୍ଭାରୀମୁଣ୍ଡା:** ବାଣପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

## ଜନଶୁଣାଣି ଶିବିରରେ ୭୪ ଅଭିଯୋଗ


ଭାକରସାହି ପ୍ରାଥମିକ ବିଦ୍ୟାଳୟରେ ଜିଲାପାଳ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ।

**ମଧ୍ୟାହ୍ନ ଭୋଜନ ଖାଇଲେ ଜିଲାପାଳ**

ବାଲିପାଟଣା,୧୯।୧୨(ଡି.ଏନ୍.ଏ.):

ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୭୪ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ତନ୍ମଧ୍ୟରୁ ୭୨ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅବସରରେ ଜଣେ ହିତାଧିକାରୀଙ୍କୁ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜନଶୁଣାଣି ପରେ ଜିଲାପାଳ ଚକ୍ରବର୍ତ୍ତୀ କୁଶଭଦ୍ରା ହାଇସ୍କୁଲଠାରେ ଚାଲିଥିବା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଭାକରସାହି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଏଥିସହିତ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଜିଲା ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ, ଏସିପି ଶୁଭ ନାରାୟଣ ମୁଦୁଲି, ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ପ୍ରାଣୀ ଚିକିତ୍ସା ଅଧିକାରୀ ଧ୍ରୁମନ ବେହେରା, ଜଳସମ୍ପଦ ଅଧିକାରୀ ଜ୍ଞାନେନ୍ଦ୍ର ନାୟକ, ଏବିଡିଓ ସ୍ମୃତିଶ୍ରୀ ଶତପଥୀ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁଙ୍କ ବିକାଶରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗମ୍ଭାରୀମୁଣ୍ଡା,୧୯।୧୨(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସଞ୍ଜୟ ଦାସଙ୍କ ସଭାପତିତ୍ୱରେ ଉତ୍ସବରେ ଖୋର୍ଦ୍ଧା ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ମୁଖ୍ୟ ଅତିଥି, ବାଲମୁକୁନ୍ଦ ଦାସ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳର ଅଧକ୍ଷ ମିଟୁ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି, ଅବସରପ୍ରାପ୍ତ ଅଧକ୍ଷ ରମାକାନ୍ତ ନନ୍ଦ, ବିଧାୟକଙ୍କ ପ୍ରତିନିଧି ମନୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ସହିତ ଶିଶୁଙ୍କ ବିକାଶରେ ମା'ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗାଡ଼ି ଧକ୍କାରେ ବଟାନିକାଲ ଗାର୍ଡେନ କର୍ମଚାରୀଙ୍କ ମୃତ୍ୟୁ

ବାରଙ୍ଗ,୧୯।୧୨(ଡି.ଏନ୍.ଏ.)

ବାରଙ୍ଗ-ନନ୍ଦନକାନନ ମୁଖ୍ୟରାସ୍ତାରେ ରବିବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନନ୍ଦନକାନନ ଥାନା ଅନ୍ତର୍ଗତ ଦାଢାଭୋଇ ସାହିର ଗୋପାଳଚନ୍ଦ୍ର ନାୟକ। ସେ ବଟାନିକାଲ ଗାର୍ଡେନର ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ସୂଚନା ଅନୁଯାୟୀ, ଗୋପାଳଚନ୍ଦ୍ର ରବିବାର ରାତି ସାଢେ ୧୦ଟାରେ ସ୍କୁଟିରେ ଘରକୁ ଫେରୁଥିଲେ। ତେବେ ବାରଙ୍ଗ ମୁଖ୍ୟରାସ୍ତାରେ ଏକ ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଗାଡିରୁ ଛିଟିକି ପଡି ମୁହଁ ମାଡିହୋଇ ରାସ୍ତାକଡ଼ରେ ପଡିଯାଇଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ପହଞ୍ଚି କର୍ମଚାରୀ ନାୟକଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୮ ବର୍ଷ ହେବ ପାନୀୟଜଳ ପ୍ରକଳ୍ପ ଅଚଳ

- ଅଭିଯୋଗ ପରେ ବି ସମାଧାନ ହେଉନି
- ବିଶୁଦ୍ଧ ପାଣି ପାଇଁ ଲୋକେ ହଇରାଣ

ବେଗୁନିଆ,୧୯।୧୨(ଡି.ଏନ୍.ଏ.):

ଦିନେ କି ଦୁଇଦିନ ନୁହେଁ, ଦୀର୍ଘ ୮ବର୍ଷ ହେବ ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ହେଲାନାହିଁ। ବିଶୁଦ୍ଧ ପାନୀୟଜଳ ପାଇଁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ଦୁଇଦିନ ପୂର୍ବେ ମଧ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଦେଖିବାକୁ ମଳିଛି।

ସୂଚନାଥାଉ କି, ଗୋବିନ୍ଦପୁର ଗ୍ରାମରେ ୪୪୦ ପରିବାରରେ ୨ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେମାନଙ୍କ ପାନୀୟଜଳ ଆବଶ୍ୟକତା ମେଣ୍ଟାଇବା ପାଇଁ ୭ଟି ଖୋଲାକୂଅ, ୨ଟି ସାନିଟାରି କୂଅ ଏବଂ ୧୨ଟି ନଳକୂପ ରହିଛି। ସେହିପରି ୫୦ରୁ ଉର୍ଦ୍ଧ୍ୱ ଘରୋଇ ଖୋଲାକୂଅ ରହିଛି। ରକ୍ଷଣାବେକ୍ଷଣ ଓ ମରାମତି ହେଉ ନ ଥିବାରୁ କେଉଁଠି ଯନ୍ତ୍ରାଂଶ ଅଚଳ ତ ଆଉ କେଉଁଠି ପୁରୁଣା ପାଇପ୍ ଯୋଗୁ ଗୋଳିଆ ପାଣି ବାହାରୁଛି। ଫଳରେ ଲୋକେ ବିଶୁଦ୍ଧ ଜଳ ପାଇଁ ହଇରାଣ ହେଉଛନ୍ତି। ୨୦୦୪ ରେ ୧୭ ଲକ୍ଷ ୪୬ ହଜାର ଟଙ୍କା ବ୍ୟୟରେ ଗ୍ରାମରେ ସ୍ୱଜଳ ଧାରା ପ୍ରକଳ୍ପ ଆରମ୍ଭ ହୋଇଥିଲା। ସେଠାରେ ସ୍ଥାୟୀ ପମ୍ପ ଚାଳକ ଜଣେ ନିଯୁକ୍ତ ହୋଇ ନ ଥିବାରୁ ଆରମ୍ଭରୁ ଜଳ ଯୋଗାଣରେ ସମସ୍ୟା ଲାଗି ରହିଛି। ଅଚଳ ହେଲେ ଠିକ୍ ସମୟରେ ମରାମତି ହେଉ ନ ଥିବାରୁ ଜଳଯୋଗାଣ ମାସ ମାସ ଧରି ବନ୍ଦ ରହୁଛି। ଏବେ ଯନ୍ତ୍ରାଂଶ ଅଚଳ ଓ ଯୋଗାଣ ମୁଖ୍ୟ ପାଇପ୍ ଫାଟିଯାଇଥିବାରୁ ୨୦୧୩ରୁ ପ୍ରକଳ୍ପଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ମରାମତି ଦାବିରେ ସ୍ଥାନୀୟ ବ୍ଲକ ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମର ପ୍ରସନ୍ନ ମହାପାତ୍ର, ଗୋପାଳ ବେହେରା, ଅରୁଣ ମହାପାତ୍ର ପ୍ରମୁଖ କହିଛନ୍ତି। ପ୍ରକଳ୍ପର ପୁନରୁଦ୍ଧାର ସହ ଉପଯୁକ୍ତ ତଦନ୍ତ କରାଯାଇ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ଶତାଧିକ ଦସ୍ତଖତ ଥାଇ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯାଇଛି। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ଏ ସମ୍ପର୍କରେ ଜାଣି ନ ଥିଲି। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡିଛି ।

## ହରିଶ୍ଚନ୍ଦ୍ର ଯୋଜନାରେ ୧୫ଜଣଙ୍କୁ ସହାୟତା

ବୋଲଗଡ଼,୧୯।୧୨(ଡି.ଏନ୍.ଏ.):

ବୋଲଗଡ଼ ବ୍ଲକ ଅଧୀନ ପିତୁକୁଳି ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରୁ ବକେୟା ଥିବା ୧୫ ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଜୟନ୍ତୀ ପ୍ରଧାନ ଓ ସମିତିସଭ୍ୟ ସଞ୍ଜୟ ଗୁମାନସିଂହଙ୍କ ଦ୍ୱାରା ସିଉଳା ଗ୍ରାମର ୪ଜଣ, ଟିକାତଳ ଗ୍ରାମର ୩ଜଣ, ପିତୁକୁଳି ଗ୍ରାମର ୪ଜଣ, ଚମ୍ପାଇଲୋ ଗ୍ରାମର ୩ଜଣ ଏବଂ ଗିରିଗିରିଆ ଗ୍ରାମର ଜଣଙ୍କୁ ୨ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ସରପଞ୍ଚଙ୍କ ପ୍ରତିନିଧି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ର ମୋହନ ମାଝିଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର କୁମାର ସାହୁ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ


ଶିଶୁ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

କୃଷ୍ଣପ୍ରସାଦ,୧୯।୧୨(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଟିଟିପ ଜଗାବଳିଆ ଧନ୍ଦାମୂଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ କୃଷ୍ଣପ୍ରସାଦ ଜୋନ ପକ୍ଷରୁ ୩୮ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଆରସିସି ସତ୍ୟବ୍ରତ ସାହୁ, ମୁଖ୍ୟ ବକ୍ତାଭାବେ ଗୋପୀନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେବତା, ସମ୍ମାନିତ ଅତିଥି ଟିଟିପ ସରପଞ୍ଚ ମିତା ପାହାଣ, ସମିତିସଭ୍ୟା ସଞ୍ଜୁକ୍ତାରାଣୀ ସେଠୀ, ଟିଟିପ ଦୁଇ ସାହି ଗ୍ରାମ୍ୟ କମିଟି ସଭାପତି ଯୋଗେନ୍ଦ୍ର ନାଥ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାନାମ୍ବର ମାଝୀ, ଜଗାବଳିଆ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। କୃଷ୍ଣପ୍ରସାଦ ବ୍ଲକ ଜୋନ ସଭାପତି ବରିଷ୍ଠ ଶିକ୍ଷକ ପଦ୍ମଚରଣ ତରେଇ, ସମ୍ପାଦକ ପ୍ରଧାନ ଶିକ୍ଷକ ସନାତନ ତରେଇଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ୨୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ସହକାରୀ ଶିକ୍ଷକ ଶ୍ୱେତ କୁମାର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଚିଲିକା ନୋଡ଼ାଲ ହାଇସ୍କୁଲ ଆଳୁପାଟଣାରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ଉତ୍ସବରେ ଭାଗନେବେ ବୋଲି ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଶୀନାଥ ଜେନା ପ୍ରକାଶ କରିଛନ୍ତି। ଉତ୍ସବ ପରିଚାଳନାରେ ଜଗାବଳିଆ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ୟଙ୍ଗ୍ ଫୁଟବଲ କ୍ଲବ ପଞ୍ଜାବ ବିଜୟୀ

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଟାଙ୍ଗୀ(ଖୋର୍ଦ୍ଧା),୧୯।୧୨(ଡି.ଏନ୍.ଏ.):

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଇମାମି ଇଷ୍ଟ ବେଙ୍ଗଲ ସହିତ ୟଙ୍ଗ ଫୁଟବଲ କ୍ଲବ ପଞ୍ଜାବ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୟଙ୍ଗ ଫୁଟବଲ କ୍ଲବ ପଞ୍ଜାବ ଟିମ୍ ୨-୧ ଗୋଲରେ ବିଜୟୀ ହୋଇଥିଲା। ଶିବ ଶଙ୍କର ପଣ୍ଡା, ସୁବ୍ରତ କୁମାର ପୁରୋହିତ, ଶଶିକାନ୍ତ ଦାସିଆ ଓ ଦିଲିପ କୁମାର ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଅପର୍ତ୍ତି କୁମାର ବେହେରା। ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ସର୍ବେଶ୍ୱର ପ୍ରଧାନ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ସାମାଜିକ କର୍ମୀ ରାଜ କିଶୋର ବୈରିଗଞ୍ଜନ, ବରକ ଦୁଲ୍ଲା, କମଳାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ କୋଲକାତା ସହିତ ଏଫ୍‌ସି ତ୍ରିଶୁର ମଧରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ ।

# କୌଶଳ ଦେଖାଇଲେ ଆର୍ମୀ ଡଗ୍

**ଖୋର୍ଦ୍ଧାରେ ଆର୍ମି ଡଗ୍ ଶୋ'**

**ସ୍ଥାନୀୟ ଲୋକେ ଦେଖିଲେ ରଣକୌଶଳ**

ଖୋର୍ଦ୍ଧା ଅଫିସ,୧୯।୧୨:

ଖୋର୍ଦ୍ଧା କୋଣାର୍କ ନଗରସ୍ଥିତ କାଳୀମନ୍ଦିର ସମ୍ମୁଖ ପଡିଆରେ ମିରଟ ଆର୍ମି ଡଗସ୍ ୱିଙ୍ଗ ପକ୍ଷରୁ ଡଗ ଶୋ' ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରଜାତିର ପ୍ରଶିକ୍ଷିତ କୁକୁରମାନେ ଜଙ୍ଗଲ ଅପରେଶନ, ଆତଙ୍କବାଦୀଙ୍କ ସହ ଲଢ଼େଇ ସମୟରେ କିପରି ଯବାନଙ୍କୁ ସହଯୋଗ କରିଥାନ୍ତି ତାହାର ଡେମୋ ଦେଖାଇଥିଲେ। ଏଥିସହ ବିଭିନ୍ନ ସମରକଳା କୌଶଳ ପ୍ରଦର୍ଶନ କରିଥିଲେ। କୁକୁରମାନେ କେବଳ ଘର ବିଶ୍ୱସ୍ତ ନୁହନ୍ତି ବରଂ ଦେଶର ସୁରକ୍ଷା ଦିଗରେ ମଧ୍ୟ ଆଗରେ ରହିଛନ୍ତି। କୁକୁରମାନଙ୍କ ବିଭିନ୍ନ ରଣ କୌଶଳକୁ ସ୍ଥାନୀୟ ବାସିନ୍ଦା ଉପଭୋଗ କରିବା ସହ ପ୍ରଶଂସା କରିଥିଲେ। ସୁବେଦାର ସୁଦର୍ଶନ ରାଉତରାୟଙ୍କ ନେତୃତ୍ୱରେ ଡଗ୍ ପ୍ରଶିକ୍ଷକମାନେ କୁକୁରମାନଙ୍କ ସହ ବିଭିନ୍ନ କୌଶଳ ପରିବେଷଣରେ ସହଯୋଗ କରିଥିଲେ।

ସୁବେଦାର ରାଉତରାୟ କୁହନ୍ତି, ମିରଟ ଆର୍ମି ଡଗସ ୱିଙ୍ଗ କୋଲକାତା ଓ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଆସିଥିବା ଅବସରରେ କୋଣାର୍କ ନଗର ବିକାଶ ପରିଷଦ ପକ୍ଷରୁ ଏଠାରେ ଡଗ୍ ଶୋ' କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଅନୁରୋଧକ୍ରମେ ଏଠାରେ ଏହି ଶୋ'କରାଯାଇଛି। ଓସାମାବିନ ଲାଡେନଙ୍କୁ ଧରିବାରେ କ୍ୟାରିଓ ଜାତୀୟ କୁକୁରଙ୍କୁ ବ୍ୟବହାର କରାଯାଇଥିଲା। ଅନେକ ସମୟରେ ଜଙ୍ଗଲରେ ଅପରେଶନ ସମୟରେ କୁକୁରମାନେ ବିଶେଷ ସହଯୋଗ କରିଥାନ୍ତି। ଦେଶ ସୁରକ୍ଷାରେ ଏମାନଙ୍କ ମଧ୍ୟ ଏକ ପ୍ରମୁଖ ଭୂମିକା ରହିଛି। ବିକାଶ ପରିଷଦର ସମ୍ପାଦକ ମାନସ ପଟ୍ଟନାୟକ କୁହନ୍ତି, ସାଧାରଣତଃ କୁକୁରକୁ ଲୋକେ ଘରେ ପାଳିଥାନ୍ତି। ଆର୍ମିରେ ଉଚ୍ଚ ପ୍ରଶିକ୍ଷିତ କୁକୁରମାନଙ୍କ ସମ୍ପର୍କରେ ପୂର୍ବରୁ ଟିଭିରେ ଦେଖିଥିଲୁ। ଆଜି ପ୍ରତ୍ୟକ୍ଷଭାବେ ସେମାନଙ୍କ କୌଶଳ ଦେଖି ଖୁସି ଲାଗିଲା। ଯବାନମାନଙ୍କ ସହ ମିଶି କୁକୁରମାନେ କିପରି ଆତଙ୍କବାଦୀଙ୍କୁ ଦମନରେ ସହଯୋଗ କରୁଛନ୍ତି ତାହା ଦେଖି ଖୁସି ଲାଗିଲା ବୋଲି ସାମାଜିକ କର୍ମୀ ଗୋପାଳ ଦାସ କହିଛନ୍ତି।



କାଳୀମନ୍ଦିର ସମ୍ମୁଖ ପଡିଆରେ ସମରକଳା କୌଶଳ ପ୍ରଦର୍ଶନ କରୁଛନ୍ତି ।



କୋଣାର୍କ ନଗରସ୍ଥିତ କାଳୀମନ୍ଦିର ସମ୍ମୁଖ ପଡିଆରେ ଅନୁଷ୍ଠିତ ଡଗ୍ ଶୋ'ର ଦୃଶ୍ୟ ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବଟାନିକାଲ ଗାର୍ଡେନ କର୍ମଚାରୀଙ୍କ ମୃତ୍ୟୁ

ବାରଙ୍ଗ,୧୯।୧୨(ଡି.ଏନ୍.ଏ.)- ବାରଙ୍ଗ-ନନ୍ଦନକାନନ ମୁଖ୍ୟରାସ୍ତାରେ ରବିବାର ରାତିରେ ଏକ ଅଜଣାଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନନ୍ଦନକାନନ ଥାନା ଅନ୍ତର୍ଗତ ଦାଢ଼ାଭୋଇ ସାହିର ଗୋପାଳଚନ୍ଦ୍ର ନାୟକ। ସେ ବଟାନିକାଲ ଗାର୍ଡେନର ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ସୂଚନା ଅନୁଯାୟୀ, ଗୋପାଳଚନ୍ଦ୍ର ରବିବାର ରାତି ସାଢ଼େ ୧୦ଟାବେଳେ ଓଡି ୦୨ ବିଜେ ୯୧୨୮ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ତେବେ ବାରଙ୍ଗ ମୁଖ୍ୟରାସ୍ତାରେ ଏକ ଅଜଣା ଗାଡି ତାଙ୍କୁ ପଛପଟୁ ଧକ୍କାଦେଇଥିଲା। ଫଳରେ ସେ ଗାଡିରୁ ଛିଟିକି ପଡି ମୁହଁ ମାଡିହୋଇ ରାସ୍ତାକଡ଼ରେ ପଡିଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ କର୍ମଚାରୀଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲା। ସୋମବାର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହର ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲେ। ଖବର ପାଇ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଓ ବଟାନିକାଲ ଗାର୍ଡେନର କର୍ମଚାରୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

### ଅପହୃତା ନାବାଳିକା ଉଦ୍ଧାର ତାମିଲନାଡ଼ୁରୁ ଅପହର୍ତ୍ତା ଗିରଫ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ) ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ତାମିଲନାଡୁରୁ ଅପହର୍ତ୍ତା ଯୁବକଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ାର କାବୁଲି ସାମଲ । ଏହାସହ ଅପହୃତା ନାବାଳିକାଙ୍କୁ ମଧ୍ୟ ଉଦ୍ଧାର କରିଛି । ଏନେଇ ପୋଲିସ ଏକ ମାମଲା ( ୩୨୨/୨୨) ରୁଜୁ କରି ସୋମବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ ଗଙ୍ଗନଗର ଅନ୍ତର୍ଗତ ଭୀମପୁର ଅଞ୍ଚଳରୁ ଜଣେ ନାବାଳିକାଙ୍କୁ କାବୁଲି ଅପହରଣ କରିନେଇଥିଲେ । ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଏୟାରପୋର୍ଟ ଥାନା ପୋଲିସର ଏକ ଟିମ ତାମିଲନାଡୁ ଗସ୍ତ କରି ସେଠାରୁ କାବୁଲିଙ୍କୁ ଗିରଫ କରିଥିଲା।

### ଚଢ଼ାଉ ବେଳେ ମହିଳା ପୋଲିସଙ୍କୁ ଆକ୍ରମଣ, ଅଡିଟର ଗିରଫ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ଚଢ଼ାଉ ପାଇଁ ଯାଇଥିବା ବେଳେ ଜଣେ ମହିଳା ପୋଲିସଙ୍କୁ ଦୁର୍ବ୍ୟବହାର କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ଅଡିଟରଙ୍କୁ ଗିରଫ କରିଛି । ସେ ହେଲେ ପାହାଲ ଥାନା ଅନ୍ତର୍ଗତ ହଂସପାଳର ଏକ ଫ୍ଲାଟରେ ରହୁଥିବା ସୁଧୀର ଚନ୍ଦ୍ର ପାଲ। ପୋଲିସ ମାମଲା (୫୧୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ, ସୁଧୀରଙ୍କ ନାମରେ ମହିଳା ଥାନାରେ ଏକ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଥିଲା। ମହିଳା ଥାନା ପୋଲିସ ଚଢ଼ାଉ କରିବାକୁ ହଂସପାଳ ଯାଇଥିଲା। ଏହି ସମୟରେ ସୁଧୀର ଜଣେ ମହିଳା ଏସ୍ଆଇଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ କରିଥିଲେ।

### ଛୁରିରେ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ) ବାର୍ କର୍ମଚାରୀଙ୍କୁ ଛୁରୀରେ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେ ହେଲେ ଖାରବେଳ ନଗର ଥାନା ଅନ୍ତର୍ଗତ ୟୁନିଟ-୯ ରେ ରହୁଥିବା ପୁରୀ ଜିଲା ନିମାପଡାର ଶିବ ଓରଫ ଶିବ ପ୍ରସାଦ ସାହୁ(୨୮ ) । ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଛୁରୀ ଜବତ ହୋଇଛି । ଏହାସହ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ପୋଲିସ ଖୋଜୁଛି। ସୂଚନାନୁସାରେ, ଅଭିଯୋଗକାରିଣୀଙ୍କ ପୁଅ ସବୁଦିନ ପରି ଉକ୍ତ ଥାନା ଅଞ୍ଚଳରେ ଏକ ବାର୍‌ରେ କାମ କରୁଥିଲେ । ଏହି ସମୟରେ ଗିରଫ ଅଭିଯୁକ୍ତ ଅଭିଯୋଗକାରୀଣଙ୍କ ପୁଅଙ୍କୁ ବାହାରକୁ ଡାକି କିଛି ସହଯୋଗୀଙ୍କୁ ଧରି ମାରଧର କରିବା ସହ ଛୁରୀ ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ ।



ସୋମବାର ସାଲିଆସାହି ଦେଇ ଯାଉଥିବା ରାସ୍ତା ପ୍ରଶସ୍ତିକରଣ ପାଇଁ ସର୍ଭେ ଚାଲିଥିବାବେଳେ ବସ୍ତିର ମହିଳା ଏବଂ ପୁରୁଷ ହାତରେ ଠେଙ୍ଗା ଢେଲା ଧରି ବିରୋଧ କରୁଛନ୍ତି।

# ପୋଲିସ-ବସ୍ତିବାସିନ୍ଦା ମୁହାଁମୁହିଁ, ଲାଠି ଚାଳନା

## ରାସ୍ତା ପ୍ରଶସ୍ତିକରଣ ସର୍ଭେ କାମ ବେଳେ ବିରୋଧ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ରାସ୍ତା ପ୍ରଶସ୍ତିକରଣ ସର୍ଭେ ବେଳେ ସାଲିଆ ସାହିରେ ସୋମବାର ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଜୋନ୍ ଡେପୁଟି କମିଶନର (ଜେଡିସି) ଓ ଟିମ୍‌କୁ ବହୁ ସଂଖ୍ୟାକ ମହିଳାଙ୍କ ସମେତ ବସ୍ତି ବାସିନ୍ଦା ସମ୍ମିଳିତ ଭାବେ ବିରୋଧ କରିଥିଲେ। ଅଧିକାଂଶ ବସ୍ତି ବାସିନ୍ଦାଙ୍କ ହାତରେ ଠେଙ୍ଗା ରହିଥିଲାବେଳେ କିଛି ବାସିନ୍ଦା ପୋଲିସ ଉପରୁ ପଥର ମାଡ କରିଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଶେଷରେ ପୋଲିସ ବାଧହୋଇ ପୋଲିସ ମୃଦୁ ଲାଠି ଚାଳନା କରିଥିଲା। ଖବର ପାଇ ଘଟଣାସ୍ଥଳରେ ୮ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚିଥିଲା। ଜଡିସି ଓ ବରିଷ୍ଠ ପୋଲିସ ଅଧିକାରୀ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ସର୍ଭେ କାମ ପୁଣିଥରେ କରାଯାଇଥିଲା। ସାଲିଆରେ ସାହିରେ କାହାର ବାସଗୃହ ଉଚ୍ଛେଦ କରାଯାଇ ନାହିଁ। ଅନ୍ୟପଟେ ମାପଚୁପ ପରେ କେତେ ଘର ଯାଉଛି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ୪୦୦ ମିଟର ପର୍ଯ୍ୟନ୍ତ କୌଣସି ଘର ଯାଉନି। ବସ୍ତିବାସିନ୍ଦାଙ୍କୁ କେହି ଘର ଉଚ୍ଛେଦ ପାଇଁ ମାପ ହେଉଥିବା କହିବାରୁ ସେମାନେ ଏହାକୁ ବିରୋଧ କରିଥିଲେ। ସେମାନେ ଏବେ ଠିକ୍ କଥା ବୁଝିଯାଇଥିବା ସେ କହିଛନ୍ତି। ଅପରପକ୍ଷରେ ଲାଠିଚାଲଣକୁ ସାଲିଆ ସାହି ଆଞ୍ଚଳିକ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଲାଠି ଚାଳଣା ଯୋଗୁ ଲୋକେ ଛତ୍ରଭଙ୍ଗ ଦେବାରୁ ବିଏମ୍‌ସି ପକ୍ଷରୁ ସର୍ଭେ କାମ କରିଥିଲା, ଯାହା ଅତ୍ୟନ୍ତ ଅଗଣତାନ୍ତ୍ରିକ, ଅମାନବୀୟ ଓ ଅନ୍ୟାୟ। ବିଏମ୍‌ସି ଓ ପୋଲିସର ଏଭଳି



ଉତ୍ତ୍ୟକ୍ତ ବସ୍ତିବାସିନ୍ଦାଙ୍କୁ ବିଏମ୍‌ସି ଅଧିକାରୀ ଓ ପୋଲିସ ବୁଝାଶୁଝା କରୁଛନ୍ତି।

କାର୍ଯ୍ୟ ଠିକ୍ ନୁହେଁ। ଏପରିକି ମହିଳାଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦାଙ୍କୁ ପୋଲିସ ଗିରଫ କରିଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ମହିଳାଙ୍କ ସମେତ ୧୭ଜଣଙ୍କୁ ଥାନାରେ ଅଟକ ରଖାଯାଇଥିଲ। ପରେ କାଉନ୍‌ସେଲିଂ କରି ସମସ୍ତଙ୍କୁ ଛାଡି ଦିଆଯାଇଥିବା ଥାନା ଅଧିକାରୀ ସାହୁ କହିଛନ୍ତି। ସୂଚନାନୁଯାୟୀ, ସିଆର୍‌ପି ଛକରୁ ଇନ୍‌ଫୋସିସ୍ ଭାୟା ସାଲିଆସାହି ଦେଇ ୨୦୦ ଫୁଟ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ଯୋଜନା ରହିଛି। କିନ୍ତୁ ଏହାକୁ ବିରୋଧ କରି ବସ୍ତି ସୁରକ୍ଷା ମଞ୍ଚରୁ ଆନ୍ଦୋଳନ ଜାରି ରହିଛି। ଉକ୍ତ ସ୍ଥାନରେ ତାଙ୍କୁ ସ୍ଥାୟୀ ପଟ୍ଟା ଦିଆଯାଉ ବୋଲି ସେମାନେ ଦାବି କରି ଆସୁଛନ୍ତି। ହେଲେ ପୂର୍ବ କାର୍ଯ୍ୟକ୍ରମ ଅନୁସାରେ ୨୦୦ ଫୁଟିଆ ରାସ୍ତା କାମ ଆଗେଇ ନେବା ପାଇଁ ବିଏମ୍‌ସି ପକ୍ଷରୁ ଗତ ୨ଦିନ ଧରି ମାପଚୁପ କରାଯାଇଥିଲା। ତେବେ ମାପଚୁପ ପରେ ବସ୍ତିବାସିନ୍ଦା ଘର ଉଚ୍ଛେଦ ହେବ ବୋଲି ଶୁଣିବା ପରେ ଏପରି ବିରୋଧ କରାଯାଇଥିଲା।

## ୨୧ ଜାନୁୟାରୀରେ ରାଷ୍ଟ୍ରୀୟ ନେତାଜୀ ଉତ୍ସବ

- ଝାନ୍‌ସୀରାଣୀ ଲକ୍ଷ୍ମୀବାଈ, ଟିପୁ ସୁଲ୍‌ତାନ୍ ଓ ମାଡ୍ରି କାଲୋଙ୍କୁ ଉତ୍ସର୍ଗ
- ଆର୍ଥିକ ଦୁର୍ବଳ ମେଧାବୀ ଛାତ୍ରୀଛାତ୍ରଙ୍କୁ ମିଳିବ 'ଜୟ ହିନ୍ଦ୍ ବୃତ୍ତି'

ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)

ନବମ ନେତାଜୀ ସୁଭାଷ ରାଷ୍ଟ୍ରୀୟ ଉତ୍ସବ ଜାନୁୟାରୀ ୨୧ରେ ଭୁବନେଶ୍ୱର ୟୁନିଟ୍-୩ ବୁଦ୍ଧମନ୍ଦିର ହଲ୍‌ରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠିତ ବୈଠକରେ ଉତ୍କଳ ବିକାଶ ଯୁବ ପରିଷଦର ଯୁଗ୍ମ ସଂଯୋଜକ ମନୋରଞ୍ଜନ ନାୟକ ଓ ସୁଶ୍ରୀ ସରିତା ବାରିକ ସୂଚନା ଦେଇଛନ୍ତି। ନେତାଜୀ ଉତ୍ସବକୁ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ତିନି ମହାରଥୀ ଝାନ୍‌ସୀରାଣୀ ଲକ୍ଷ୍ମୀବାଈ, ଟିପୁ ସୁଲ୍‌ତାନ ଓ ଆଦିବାସୀ ମୁକ୍ତି ସଂଗ୍ରାମୀ ମାଡ୍ରି କାଲୋଙ୍କୁ ଉତ୍ସର୍ଗ କରାଯାଉଛି। ଝାନ୍‌ସୀ ରାଣୀ ଓ ଟିପୁ ସୁଲତାନ୍‌ଙ୍କର ଦାୟାଦ ଯୋଗେଶ ଝାନ୍‌ସିୱାଲେ, ସାହେବଜାଦା ମହମ୍ମଦ ଶହୀଦ୍ ଆଲାମ୍ ଏବଂ ମେହେଫୁଜା ଖାତୁନ୍ ପ୍ରମୁଖ ଯୋଗଦେବେ। ବାଂଲାଦେଶ ଓ ଭାରତ ବର୍ଷର ଆର୍ଥିକ ଦୁର୍ବଳ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆଜାଦ୍ ହିନ୍ଦ୍ ଫୌଜର ବୀରତ୍ୱ ଓ ବଳିଦାନର ସ୍ମାରକୀ ସ୍ୱରୂପ 'ଜୟ ହିନ୍ଦ୍ ବୃତ୍ତି' ପ୍ରଦାନ କରାଯିବ। ପ୍ରତିଭାବାନ ବ୍ୟକ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ସେହିପରି ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିନିଧିମାନେ କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ଓଡ଼ିଆ ବଜାର, ନେତାଜୀ ଭବନ ଏବଂ ରେଭେନ୍ସା କଲିଜିଏଟ୍ ସ୍କୁଲ୍ ପରିଦର୍ଶନ କରିବେ। ନବମ ବର୍ଷରୁ ବିଭିନ୍ନ ସଂଗଠନର ସହଯୋଗରେ ରାଜ୍ୟ ଓ ଦେଶର ବିଭିନ୍ନ ଅଞ୍ଚଳରେ ନେତାଜୀ ଉତ୍ସବ ପର୍ଯ୍ୟାୟକ୍ରମେ ପାଳନ କରାଯିବ। ବୈଠକରେ ପ୍ରଫେସର କିଶୋର ସ୍ୱାଇଁ, ଗୌରାଙ୍ଗ ଚରଣ ନାୟକ, ଅଖିଳ ନାୟକ, ପ୍ରଫେସର ଅଜୟ ପରିଡ଼ା, ସୂର୍ଯ୍ୟକାନ୍ତ ସେଠୀ, ହର ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ମାଣାଧୀନ ପ୍ରକଳ୍ପକୁ ବନ୍ଦ କଲେ ଗ୍ରାମବାସୀ



ବାରଙ୍ଗ,୧୯।୧୨(ଡି.ଏନ୍.ଏ.)

ବାରଙ୍ଗ ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ମୁଣ୍ଡଳୀ ରାସ୍ତାକଡ଼ ମୁଣ୍ଡଳୀ ମୌଜାରେ ୮୩୧ ଏକର ପରିମିତ ଜାଗାରେ ସୋମବାର ଇଡ୍‌କୋ ପକ୍ଷରୁ ଆରମ୍ଭ କରାଯାଉଥିବା ପାଚେରି କାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପାଚେରି କାମ ଆରମ୍ଭ କରାଯାଉଥିବାର ଖବରପାଇ ମୁଣ୍ଡଳୀ, ମାର୍ଥାପୁର, ନରାଜ, ତଳଗଡ଼ଗାଁର ଶତାଧିକ ଲୋକ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ଗ୍ରାମବାସୀଙ୍କ ଜମିକୁ ଟାଟା କମ୍ପାନୀ ୨୦୦୬ରେ ନେଇଥିବାବେଳେ କୌଣସି ପ୍ରକଳ୍ପ ନ କରି ଚାଲିଯାଇଥିଲା। ଏବେ ଗ୍ରାମାବାସୀ ଏହି ଜାଗାକୁ ଚାଷବାସ କରିବା କାର୍ଯ୍ୟରେ ବ୍ୟବହାର କରୁଛନ୍ତି। କିନ୍ତୁ ଏବେ ଇଡ୍‌କୋ ସେହି ଜାଗାକୁ ଟାଟା କମ୍ପାନୀଠାରୁ ନେଇ ଜାଗା ଚିହ୍ନଟ କରି କାମ ଆରମ୍ଭ କରିବାକୁ ବସିଥିବାବେଳେ ଗ୍ରାମବାସୀଙ୍କ ସହ ଆଲୋଚନା କରିନାହିଁ। ତେଣୁ କାମ କରିବା ପୂର୍ବରୁ ଇଡ୍‌କୋ ପକ୍ଷରୁ ଜନଶୁଣାଣି କରିବା ଦରକାର ବୋଲି ଦାବି କରି ଗ୍ରାମବାସୀ ମୁଣ୍ଡଳି ବାସେଳିଗଡା ପାଖରେ ଆରମ୍ଭ କରାଯାଉଥିବା ପାଚେରି କାମ ସ୍ଥାନରେ ବସିରହିଥିଲେ। ଖବରପାଇ ତହସିଲଦାର ଓ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ନିଜ ଜିଦରୁ ଓହରି ନ ଥିଲେ। ଶେଷରେ ପ୍ରଶାସନ ସହ ଆଲୋଚନା ପରେ ଯାହା କାର୍ଯ୍ୟ ହେବା ବୋଲି ପ୍ରତିଶ୍ରୁତି ପୋଲିସ ଦେବା ପରେ ଗ୍ରାମବାସୀ ଫେରିଥିଲେ।

## ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ ବିଫଳ

ବାରଙ୍ଗ,୧୯।୧୨(ଡି.ଏନ୍.ଏ.)

ନନ୍ଦନକାନନ ଥାନା ଅନ୍ତର୍ଗତ ଢାୱା ବ୍ରିଜ ଉପରେ ସୋମବାର ବଡ଼ିଭୋର ସମୟରେ ଜଣେ ପରିବା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଫଳରେ ବ୍ୟବସାୟୀ ଜଣଙ୍କ ସୌଭାଗ୍ୟକ୍ରମେ ବର୍ଞ୍ଚିଯାଇଛି। ଢାୱା ଗ୍ରାମର ଜାମି ଭୋଇ ନାମକ ପରିବା ବ୍ୟବସାୟୀ ସବୁଦିନ ଭଳି ସୋମବାର ବଡିଭୋର ଅର୍ଥାତ ୪ଟା ସମୟରେ ତାଙ୍କ ଗାଡି ଧରି ଘରୁ ବାରଙ୍ଗକୁ ପରିବା କିଣିବା ପାଇଁ ଯାଉଥିଲେ। ଢାୱା ବ୍ରିଜ ଉପରେ ପହଞ୍ଚିଥିବାବେଳେ ଏକ ପଲସରରେ ଦୁଇଜଣ ଯୁବକ ଆସି ତାଙ୍କୁ ରୋକିବା ସହ ବନ୍ଧୁକ ଲଗାଇ ପାଖରେ ରଖିଥିବା ଟଙ୍କା ମାଗିଥିଲେ। ଏହି ସମୟରେ ପଦାସାହି ଗ୍ରାମପଟରୁ ପଟିଆ ଆଡକୁ କେନାଲ ବନ୍ଧରେ ଦୁଇଟି ବାଇକ୍ ଆସୁଥିବାର ଦେଖି ଲୁଟେରାଦ୍ୱୟ ଭୟରେ ପଳାଇଯାଇଥିଲେ। ଘଟଣାପରେ ଜାମି ଭୟରେ ପରିବା ଆଣିବାକୁ ବାରଙ୍ଗ ନ ଯାଇ ଘରକୁ ଫେରିଆସିଥିଲେ। ଖବର ଲେଖାଯିବା ସୁଦ୍ଧା ଘଟଣା ବିଷୟରେ ନନ୍ଦନକାନନ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

## ପାଠପଢ଼ା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ପରାମର୍ଶ

### ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)

ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାବିଂଶ ବାର୍ଷିକ କ୍ରୀଡା ଉତ୍ସବ ପରିଚାଳନା ସମିତି ସମ୍ପାଦକ ଇନ୍ଦ୍ରମଣି ସେଣ୍ଡଙ୍କ ସଭାପତିତ୍ୱରେ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ୧୪ ନମ୍ବର ୱାର୍ଡ କର୍ପୋରେଟର ମୋନାଲିସା ସାହୁ ଯୋଗଦେଇ କହିଲେ, ପାଠପଢ଼ା ସହ କ୍ରୀଡ଼ାର ଗୁରୁତ୍ୱ ରହିଛି। ଖେଳକୁଦ ଶରୀରକୁ ସୁସ୍ଥ ରଖିବା ସହ ମାନସିକ ସ୍ଥିତିକୁ ଦୃଢ଼ କରିଥାଏ। ତେଣୁ ଛାତ୍ରୀଛାତ୍ର କ୍ରୀଡାକୁ ଗୁରୁତ୍ୱ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶାର ବରଫ କନ୍ୟା ରଞ୍ଜିତା ବେହେରା ଏବଂ ଓଡିଶା ରଣଜୀ ଟ୍ରଫି ଟିମ୍‌ର ପୂର୍ବତନ ଖେଳାଳି ତଥା ଆଗଧାଡ଼ିର ବୋଲର ଆଲୋକ କୁମାର ମଙ୍ଗରାଜ ଯୋଗଦେଇ କୁନିକୁନି କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସୁରେଶଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରାୟ ୮୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

## ଆସ୍ଥା ସ୍କୁଲର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ବାଲିଅନ୍ତା,୧୯।୧୨(ଡି.ଏନ୍.ଏ.)

ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ବାଲିଅନ୍ତାସ୍ଥିତ ସ୍ଥାୟୀ କ୍ୟାମ୍ପସରେ ୨ ଦିନ ଧରି ଚାଲିଥିବା ଆନ୍ତଃ ବିଜନେସ୍ ସ୍କୁଲ ଓପନ ଡୋର ବ୍ୟାଡମିଣ୍ଟନ ପ୍ରତିଯୋଗିତା 'ଶଟଲ ସ୍ମାଶର୍ସ-୨୦୨୨' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗ(ଡବଲ୍ସ)ରେ ଭୁବନେଶ୍ୱରର କୌସ୍ତୁବ ଇନ୍‌ଷ୍ଟିଚ୍ୟୁଟ୍ ବିଜେତା ଓ ବିଆଇଟିଏମ୍ ଉପବିଜେତା ଏବଂ ସେହିପରି ମହିଳା ବିଭାଗ(ଡବଲ୍ସ)ରେ ଏନ୍‌ଏମ୍‌ଆଇଇଟି ବିଜେତା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଉପବିଜେତା ହୋଇଥିଲା। ଉତ୍ସବରେ ନାଲ୍‌କୋ ସିଭିଓ ସୋମନାଥ ହଂସଦା ମୁଖ୍ୟ ଅତିଥି ଓ ଅଲମ୍ପିୟାନ ଅନୁରାଧା ବିଶ୍ୱାଳ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଜେତା ଓ ଉପବିଜେତା ଟିମ୍‌ଙ୍କୁ ନଗଦ ଟଙ୍କା, ଟ୍ରଫି ଓ ମାନପତ୍ର ଅତିଥି ପ୍ରଦାନ କରିଥିଲେ। ଅନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟମ୍ ବିବରଣୀ ପାଠ କରିଥିଲେ। ପ୍ରତିଯୋଗୀଙ୍କୁ ପ୍ରଫେସର ଜିନାଶିଷ୍ ମହାନ୍ତି, ନନ୍ଦିତା ମହାପାତ୍ର ଓ ଅଭୀପ୍ସା ମିଶ୍ର ପରିଚାଳନା କରିଥିଲେ। ପ୍ରଫେସର ରୂପାଲି ପାଇକରାୟ ଧନ୍ୟବାଦ ଦେଇଥିଲେ।




ବ୍ୟାଡମିଣ୍ଟନ ପ୍ରତିଯୋଗିତା 'ଶଟଲ ସ୍ମାଶର୍ସ-୨୦୨୨'ରେ ଅତିଥିଙ୍କ ସହ ବିଜେତା ଦଳ।

# ୧୦ ଦଫା ଦାବିରେ ପାଚକ ପାଚିକାଙ୍କ ଧାରଣା

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ସଂଘ ପକ୍ଷରୁ ୧୦ ଦଫା ଦାବିରେ ସୋମବାର ଗାନ୍ଧିମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ପାଚକ ପାଚିକା ଓ ସହାୟିକାଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ ସେମାନେ ସର୍ବନିମ୍ନ ମଜୁରି ପାଉନାହାନ୍ତି କିମ୍ବା ସେମାନଙ୍କର ସାମାଜିକ ସୁରକ୍ଷାର କୌଣସି ବ୍ୟବସ୍ଥା ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବିଦ୍ୟାଳୟଗୁଡ଼ିକରେ ରୋଷେଇ କରୁଥିବା ସମସ୍ତ ପାଚକ ପାଚିକାମାନଙ୍କୁ ଏକକ ନିଯୁକ୍ତି ପତ୍ର ଏବଂ ସରକାରୀ ମାନ୍ୟତା ଦାବି କରଯାଇଛି। ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି ୩୧୯ଟଙ୍କା ହାରରେ ମାସିକ ୯,୫୭୦ ଟଙ୍କା ପ୍ରଦାନ ପାଇଁ ବିକ୍ଷୋଭକାରୀ ଦାବି କରିଛନ୍ତି।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଧ୍ୟାହ୍ନ ଭୋଜନ ପାଚକ ପାଚିକା ଧାରଣା ଦେବା ସହ ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସେହିପରି ୨୦୧୮ ଜାନୁୟାରୀଠାରୁ ବର୍ତ୍ତମାନ ପ୍ରଚଳିତ ୨୦୦୦ଟଙ୍କା ବର୍ଦ୍ଧିତ ଦରମା ହାରରେ କେନ୍ଦ୍ର ସରକାର ଦେବାକୁ ଥିବା ପ୍ରତ୍ୟେକ ରୋଷେୟାଙ୍କ ପ୍ରାୟ ୩୬ ହଜାର ଟଙ୍କା ତୁରନ୍ତ ପୈଠ କରାଯାଉ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ମିଳୁ ଏବଂ ଖରାଛୁଟିର ଦରମା କାଟ ନ କରାଯାଉ ବୋଲି ରାଜ୍ୟ କାର୍ଯ୍ୟକାରୀ ସଭାପତି ସରୋଜିନୀ କୁମ୍ରା କହିଛନ୍ତି। ସେହିପରି ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ସହ ଚିକିତ୍ସା ଭତ୍ତା, ଜୀବନ ବୀମା ଓ ଅବସରକାଳୀନ ଭତ୍ତା ଆଦି ସୁବିଧା ପ୍ରଦାନ ସଂଘର ଅନ୍ୟ ଏକ ଦାବି ରହିଛି। ବିଦ୍ୟାଳୟରେ ଦିନତମାମ ରୋଷେଇ କରିବା, ରୋଷେଇ ବାସନ ସଫା କରିବା ସବୁ କାମ କରୁଛୁ, ତେଣୁ ଦୈନିକ ମଜୁରିଆର ସ୍ୱୀକୃତି ମିଳିବା ସହ ଭବିଷ୍ୟତ ନିଧି ଯୋଜନାରେ ସାମିଲ କରାଯାଉ ବୋଲି ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ କହିଛନ୍ତି।

## ଆଲୋକୀକରଣ ହେଲା ୩ ଗାଁ

ଗୋପ,(ଡି.ଏନ୍.ଏ.): ଗୋପ ବ୍ଲକ ଅଧୀନ କୁଆଁପଡ଼ା ପଞ୍ଚାୟତସ୍ଥିତ ବିଭିନ୍ନ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ତେବେ ସରପଞ୍ଚ ବଲ୍ଲିମଣୀ ପ୍ରଧାନଙ୍କ ଉଦ୍ୟମରେ ପଞ୍ଚାୟତ ଉନ୍ନୟନ ପାଣ୍ଠିରୁ ୩ଟି ଗାଁକୁ ଆଲୋକୀକରଣ କରାଯାଇଛି। କୁଆଁପଡ଼ା ପଞ୍ଚାୟତର ଆଳେସୀ, ସୁଜାନଗର, କୁଆଁପଡ଼ା ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ସୋମବାର ସରପଞ୍ଚ ପ୍ରଧାନ, ସମିତିସଭ୍ୟ ଦିବାକର ସାହୁ, ଯୁବନେତା ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଲାଇଟ୍ ଲଗାଯିବା ପରେ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଆଗାମୀ ଦିନରେ ଉନ୍ନୟନ କାର୍ଯ୍ୟ ଜାରି ରହିବ ବୋଲି ସରପଞ୍ଚ ପ୍ରଧାନ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧୨।୨୦୨୨

| ୫,୮୮,୩୭୬ ଟଙ୍କା | |
|---|---|
| ସୁନା | ୨.୫୭୦ ଗ୍ରାମ୍ |
| ରୁପା | ୩୫.୩୪୦ ଗ୍ରାମ୍ |

# ସୁଧୁରୁନି ପରିମଳ ବ୍ୟବସ୍ଥା

## ପୁଣି ଡରାଉଛି ଝାଡ଼ାବାନ୍ତି ଆତଙ୍କ

ପୁରୀ ଅଫିସ, ୧୯।୧୨

ପୁରୀ ସହରର ବାସେଳି ସାହି ଓ ଆଖପାଖ ଅଞ୍ଚଳରେ କିଛିଦିନ ତଳେ ଝାଡ଼ାବାନ୍ତି ବ୍ୟାପିଥିଲା। ଝାଡ଼ାବାନ୍ତିରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବହୁ ଲୋକ ଆକ୍ରାନ୍ତ ହୋଇଥିଲେ। ଏବେ ତାହା ଧିରେ ଧିରେ ନିୟନ୍ତ୍ରଣ ହେବାରେ ଲାଗିଛି। ସ୍ଥିତି ସୁଧୁରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପରିମଳ ପ୍ରତି ବିଶେଷ ଧ୍ୟାନ ଦିଆଯାଉ ନ ଥିବାରୁ ପୁଣି ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା ରହିଛି। ଝାଡ଼ାବାନ୍ତି ଘଟଣା ଦୂରଦୂରାନ୍ତରୁ ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ମନରେ ଭୟ ସଞ୍ଚାର କରିଛି। ପ୍ରଶାସନ ପକ୍ଷରୁ ସହର କିମ୍ବା ଡ୍ରେନ୍ ସଫେଇ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ପାଣି ପାଇପ ଫାଟି ଦୂଷିତ ଜଳ ମିଶିବା ଓ ଏହି ପାଣିକୁ ଲୋକେ ବ୍ୟବହାର କରିବାରୁ ଝାଡ଼ାବାନ୍ତି ବ୍ୟାପିଥିଲା। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ବିଶୁଦ୍ଧ ପିଇବା ପାଣି ସାହି ବାସିନ୍ଦାକୁ ଯୋଗାଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ପୁରୀରେ ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ବେଳେ ଗତ ସପ୍ତାହରେ ପିଇବା ପାଣି ପାଇପ୍ ଫାଟି ସେଥିରେ ନାଳପାଣି ମିଶି ବାସେଳିସାହି ୱାର୍ଡରେ ଝାଡ଼ାବାନ୍ତି ବ୍ୟାପିଥିଲା। ପରେ ଦୁଇଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲାପାଳ ସମର୍ଥ ବର୍ମା ନିଜେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥିତି ନିୟନ୍ତ୍ରଣରେ ଥିବା କହିଥିଲେ। ଆଶାକର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘର ଘର ବୁଲି ସଂଗ୍ରହ କରୁଥିବା ତଥ୍ୟ ଅନୁଯାୟୀ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ଢେର ହ୍ରାସ ପାଇଛି ବୋଲି ଆଶାକର୍ମୀ କର୍ମୀ ସୋମବାର କହିଛନ୍ତି। ସେହିପରି ଝାଡ଼ାବାନ୍ତି ଏବେ ନିୟନ୍ତ୍ରଣରେ ରହିଛି। ପାଣି ପରୀକ୍ଷା ହୋଇ ରିପୋର୍ଟ ନେଗେଟିଭ୍ ଆସିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦା ଓ ଆକ୍ରାନ୍ତଙ୍କ ପରିବାର ଲୋକେ ଦୂଷିତ ପାଣିର ସମସ୍ୟା ଲାଗି ରହିଥିବାରୁ ଝାଡ଼ାବାନ୍ତି ସ୍ଥିତି ଉପୁଜିଛି ବୋଲି କହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କେବଳ ପ୍ରଶାସନ ଦ୍ୱାରା ଡାଇରିଆ ଔଷଧ ଯୋଗାଇ ଦିଆଯାଉଛି ଓ ସ୍ୱଳ୍ପ କିଛିଦିନ ଟାଙ୍କିରେ ବ୍ଲିଚିଂ ପକାଇ ପ୍ରଶାସନ ଶୋଇପଡ଼ିଛି। କିନ୍ତୁ ମୌଳିକ ସମସ୍ୟା ଉପୁଜିଥିବା ପାଣି ପାଇପ୍ ମରାମତି ନ ହେବା ଦ୍ୱାରା ଏବେବି କେତେଜଣ ବ୍ୟକ୍ତି ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯଦି ପାଇପ୍ ମରାମତି ନ ହୁଏ ତେବେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ପ୍ରଶାସନ ପିଇବା ପାଣି ପାଇପ ବଦଳାଇବା ସହ ଆଖପାଖ ଅଞ୍ଚଳରେ ଜମା ରହୁଥିବା ଅଳିଆ ଆର୍ବଜନାକୁ ସଫା କରିବାକୁ ସହରବାସୀ ଦାବି କରିଛନ୍ତି। ସେହିପରି କଟକ ଓ ଭୁବନେଶ୍ୱରରେ ଡ୍ରୋନ ସାହାଯ୍ୟରେ ମଶା ଦମନ କାର୍ଯ୍ୟକ୍ରମ ଭଳି ପୁରୀ ପୌରସଂସ୍ଥା ପଦକ୍ଷେପ ନେଉ। ବର୍ତ୍ତମାନ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିବାରୁ ପ୍ରଶାସନ ଏଦିଗରେ ଧ୍ୟାନ ଦେବା ଉଚିତ। ଆଗକୁ ଛୁଟିଦିନ ଥିବାରୁ ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହୁଛି। ତେଣୁ ପ୍ରଶାସନ ଏବେଠାରୁ ଯତ୍ନବାନ ନହେଲେ ଆଗାମୀ ଦିନରେ ବଡ ଧରଣର ଅଘଟଣକୁ ଏଡାଇ ହେବନାହିଁ ବୋଲି ପୁରୀବାସୀ କହିଛନ୍ତି।

## ଚକରୋଡ଼ା ଗ୍ରାମ ରାସ୍ତାର ଭିତ୍ତିପ୍ରସ୍ତର



ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ନିମାପଡ଼ା,୧୯।୧୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ, ଗୋପ ରାସ୍ତାର ଚକରୋଡ଼ା ଛକଠାରୁ କେଉଟଶାଳଦା ଗ୍ରାମକୁ ପକ୍କା ସଡ଼କ ନିର୍ମାଣ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପଞ୍ଚାୟତ ସମିତି ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ରାସ୍ତା କାମ ପାଇଁ ପର୍ଯ୍ୟାୟକ୍ରମେ ଆବଶ୍ୟକ ସରକାରୀ ଅନୁଦାନ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଅତିଥି ଭାବେ ମନ୍ତ୍ରୀଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସୁଧୀର ରଞ୍ଜନ ଦାଶ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ସରପଞ୍ଚ ଅଜୟ ପରିଡ଼ା, ସମିତିସଭ୍ୟା ଲକିବାଳା ନାୟକ, ମହେନ୍ଦ୍ର ନାୟକ, ଯୁବନେତା ମହେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଛଣିଜଙ୍ଗ ପଞ୍ଚାୟତର ଚକରୋଡ଼ା, ବେଗୁନିଆ, ବସନ୍ତପୁର, କେଉଟଶାଳଦା ଆଦି ଚାରିମୌଜାକୁ ଏହି ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଆନ୍ଦୋଳନ କରାଯାଇଥିଲା। ଏହି ରାସ୍ତା ଉପରେ ୪ ମୌଜାର ୫ ହଜାର ଲୋକ ନିର୍ଭର କରନ୍ତି। ଉକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହେବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ବିଜେଡି ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି

ପୁରୀ ଅଫିସ, ୧୯।୧୨: ପୁରୀ ତାଳବଣିଆସ୍ଥିତ ଇନ୍‌ଡୋର୍ ଷ୍ଟାଡିୟମରେ ଆସନ୍ତା ୨୬ତାରିଖରେ ବିଜୁ ଜନତା ଦଳ (ବିଜେଡି)ର ପ୍ରତିଷ୍ଠା ଦିବସ ପାଳନ ହେବ। ଏହି କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନେତା ଓ କର୍ମୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ବିଜେଡିର ଏକ ପ୍ରତିନିଧି ଦଳ କାର୍ଯ୍ୟକ୍ରମ ଆୟୋଜନ ନେଇ ସୋମବାର ଜିଲାପାଳଙ୍କୁ ଭେଟି ଆଲୋଚନା କରିଛି। ଦଳ ପ୍ରତିଷ୍ଠାର ରୌପ୍ୟ ଜୟନ୍ତୀ ହୋଇଥିବାରୁ ଚଳିତ ବର୍ଷ ଏହାକୁ ବ୍ୟାପକ ଭାବେ ପାଳନ କରାଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଶ୍ରୀକ୍ଷେତ୍ରରେ ବିଜେଡି ତା'ର ଆଗାମୀ ଦିନର ଅଭିଯାନ ପାଇଁ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିବ। ୨୫ ବର୍ଷରେ ବିଜେଡି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଥିବାରୁ ପ୍ରତିଷ୍ଠା ଦିବସରେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି।

## ଶତାୟୁ ପୁରୁଷ ହୃଷୀକେଶ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ

ପିପିଲି,୧୯।୧୨(ସ୍ୱ.ପ୍ର): କାକୁଡିଆ ଗ୍ରାମର ଶତାୟୁ ପୁରୁଷ ସ୍ୱର୍ଗତ ହୃଷୀକେଶ ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସଭାରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ପ୍ରାକ୍ତନ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ବିଜେଡି ଜିଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ପିପିଲି ଏନ୍‌ଏସି ପ୍ରାକ୍ତନ ଉପାଧ୍ୟକ୍ଷ ସୁକାନ୍ତ ଭଞ୍ଜ, ଶିକ୍ଷାବିତ୍ ମିହିର ରାୟ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତିଭୂଷଣ କର, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଉପସଭାପତି ବିନାୟକ ମିଶ୍ର, ରାମେଶ୍ୱର ଶତପଥୀ, ରଶ୍ମିରଞ୍ଜନ ମିଶ୍ର, ସାମାଜିକ କର୍ମୀ ପ୍ରକାଶ ମଙ୍ଗରାଜ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ସ୍ୱାଇଁ ଜଣେ ଆଦର୍ଶ, ନିଷ୍ଠାପର, ସ୍ପଷ୍ଟବାଦୀ, ଦୃଢ଼ମନା ଓ ସ୍ନେହୀ ମଣିଷ ଥିଲେ ବୋଲି ଅତିଥିମାନେ କହିଥିଲେ। ସ୍ୱର୍ଗତ ହୃଷୀକେଶଙ୍କ ୩ ପୁଅ ଲକ୍ଷ୍ମୀଧର ସ୍ୱାଇଁ, ବେଣୁଧର ସ୍ୱାଇଁ ଓ ରାଜକିଶୋର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁକୁର କାମୁଡ଼ା ରୋଗୀଙ୍କୁ ସୁବିଧାରେ ମିଳିବ ଇଞ୍ଜେକ୍ସନ

ଗୋପ,୧୯।୧୨(ଡି.ଏନ୍.ଏ.): ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ରୋଗୀଙ୍କ ପାଇଁ ଇଞ୍ଜେକ୍ସନର ଅଭାବ ହେବ ନାହିଁ ବୋଲି ସ୍ୱାସ୍ଥ୍ୟ କର୍ମଚାରୀ ପ୍ରଫୁଲ୍ଲ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ କିଛି ଦିନ ଧରି ଗୋପ ବ୍ଲକ ଅଞ୍ଚଳରେ କୁକୁର କାମୁଡ଼ାରେ ଆକ୍ରାନ୍ତ ରୋଗୀ ବିଭିନ୍ନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକ୍ସନ ଅଭାବରୁ ପୁରୀ, ଭୁବନେଶ୍ୱର, କଟକ ଯାଉଥିବା ଅଭିଯୋଗ ହେଉଥିଲା। ଏଭଳି ଅଭିଯୋଗକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ତୁରନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ସୋମବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଆସିଛି। ଏହି ଇଞ୍ଜେକ୍ସନକୁ ଗୋପ ଉଦୟଗିରି ସାହିର କୃଷ୍ଣଚନ୍ଦ୍ର ଭୋଇ ପ୍ରଥମେ ନେଇଛନ୍ତି। ମନ୍ତ୍ରୀଙ୍କ ଏଭଳି ପ୍ରୟାସକୁ ନେଇ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି।



ଡେଲାଙ୍ଗ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଡେଲାଙ୍ଗ,୧୯।୧୨(ଡି.ଏନ୍.ଏ.)

ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଡେଲାଙ୍ଗସ୍ଥିତ ସିଂହବ୍ରହ୍ମପୁର ଉତ୍କଳ ଗୌରବ ବିଦ୍ୟାନିକେତନ ଖେଳପଡ଼ିଆରେ ସୋମବାର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ୩ ଦିନିଆ କ୍ରୀଡା ପ୍ରତିଯୋଗିତାରେ କବାଡ଼ି , ଖୋ ଖୋ, ଫୁଟବଲ୍, ଭଲିବଲ, କ୍ରିକେଟ ଓ ଦୌଡ଼କୁଦ ପ୍ରମୁଖ ରହିଛି। ଏଥିରେ ୨୪ଟି ବିଦ୍ୟାଳୟର ୩୬୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା ଅଧ୍ୟକ୍ଷତା କରିଥିଲା ବେଳେ ପୁରୀ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସହକାରୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ସରପଞ୍ଚ ରଶ୍ମିତା ବେହେରା, ଦୀପକ ଛୋଟରାୟ, ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, ଡେଲାଙ୍ଗ କୋଠବାଡ ସରପଞ୍ଚ ଦୀପକ ସାହୁ, ଭାଗୀରଥି ପ୍ରଧାନ, ଅଲେଖ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ସଭା ସଂଯୋଜନା କରିଥିଲା ବେଳେ ପୁରୁଷୋତ୍ତମ ମୁଦୁଲି, ନଟବର ସେଠୀ ପରିଚାଳନା କରିଥିଲେ।

# ବିଗୁଡ଼ୁଛି ସହରର ସ୍ୱଚ୍ଛତା

## ସଚେତନତା ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୯।୧୨

ସଂସ୍କୃତି ଓ ପର୍ଯ୍ୟଟନର ସହର ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ଯେଭଳି ଭଲ ମାନସିକତା ଓ ଅନୁଭୂତି ନେଇ ଫେରିବେ ସେଥିଲାଗି ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେବାକୁ ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଟିଜ୍ ଦାବି କରିଛି। ଏ ନେଇ ସୋମବାର ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

ପୁରୀ ସହରରେ ବିଗୁଡୁଥିବା ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ବିଷୟରେ ଦାବିପତ୍ରରେ ଉଲ୍ଲେଖ ରହିଛି। ସହରରେ କିଛି ସ୍ଥାନରେ ଅଳିଆ ବାହାରେ ପଡୁଥିବା ଦେଖିବାକୁ ମିଳୁଛି। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଘର ଦୁଆରମୁହଁରୁ ସ୍ୱଚ୍ଛ ସବାରି ଗାଡ଼ି ବୁଲି ଅଳିଆ ସଂଗ୍ରହ କରୁଛି। ଏଥିସହ ପ୍ରଶାସନ ଦ୍ୱାରା 'ପବିତ୍ର ପୁରୀ ଗର୍ବ ଆମରି' ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସହରରେ ଥିବା ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା, ଫଳରେ ଏଠାକୁ ଆସୁଥିବା ଲୋକେ ସ୍ୱଚ୍ଛତା ବାର୍ତ୍ତା ନେଇ ଫେରୁଥିଲେ। ତେବେ ସମ୍ପ୍ରତି ସହରରେ ଅସ୍ୱଚ୍ଛତା ଦେଖିବାକୁ ମିଳୁଛି। ବାହାରେ ଅଳିଆ ପକାଉଥିବା ଲୋକଙ୍କୁ ସଚେତନ କରିବା ପାଇଁ ପ୍ରଶାସନକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ବିଭିନ୍ନ କମ୍ୟୁନିଟିରେ ସ୍ୱଚ୍ଛତା ନେଇ ବୈଠକ କରିବା ସହିତ ସରକାରୀ କାର୍ଯ୍ୟାଳୟ ବୁଲି ସ୍ୱଚ୍ଛତା ପରଖି ଜିଲାପାଳଙ୍କୁ ଜଣାଇବ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

# ତୀର୍ଥଯାତ୍ରାରେ ଯିବେ ୧୫୯ ବରିଷ୍ଠ ନାଗରିକ

## ୨୯ ସୁଦ୍ଧା ଆବେଦନ ପତ୍ର ଦାଖଲ କରିବେ

- ମାର୍ଚ୍ଚ ୪ରୁ ୯ ପର୍ଯ୍ୟନ୍ତ ବୁଲିବେ ରାଜସ୍ଥାନର ପୁଷ୍କର, ଆଜମେର
- ୨୦୧୯-୨୦ ବର୍ଷ ପାଇଁ ୧୪୬ ଜଣ ଯିବେ ଆଲ୍ଲାହାବାଦ, ବାରଣାସୀ

ପୁରୀ ଅଫିସ, ୧୯।୧୨

ରାଜ୍ୟର ବରିଷ୍ଠ ନାଗରିକଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା' ଯୋଜନା ଆରମ୍ଭ କରିଛନ୍ତି। ୨୦୨୨-୨୩ ବର୍ଷ ନିମନ୍ତେ ପୁରୀ ଜିଲାର ୧୫୯ ଜଣ ବରିଷ୍ଠ ନାଗରିକ ରାଜସ୍ଥାନର ଆଜମେର ଓ ପୁଷ୍କର ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରା ୨୦୨୩ ମାର୍ଚ୍ଚ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ତୀର୍ଥଯାତ୍ରାରେ ଯିବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କୁ ନିୟମାବଳୀ ସମ୍ପର୍କରେ ସୂଚନା ଦେବା ସହ ଏ ନେଇ ଆବେଦନ ପାଇଁ ବିଭିନ୍ନ ଅଧିକାରୀ, ବିଡିଓ, ତହସିଲଦାର ଏବଂ ସିଡିପିଓମାନଙ୍କୁ ଅବଗତ କରାଇବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଛନ୍ତି। ଆଗ୍ରହୀ ବରିଷ୍ଠ ବ୍ୟକ୍ତିଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ୭୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ସେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବେ। ୭୦ ବର୍ଷରୁ ୭୫ ବର୍ଷ ବୟସ୍କ ବ୍ୟକ୍ତିଙ୍କ ପାଇଁ ଜଣେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ସହାୟକ ଭାବେ ଯାଇପାରିବେ। ତେବେ ସହାୟକଙ୍କୁ ଗସ୍ତ ଖର୍ଚ୍ଚର ଅଧା ଅର୍ଥ ବହନ କରିବାକୁ ପଡ଼ିବ। ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ପୂରଣ କରି ନିଜ ଫଟୋ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡର ପ୍ରମାଣପତ୍ର, ବୟସ ପ୍ରମାଣପତ୍ର, ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମା ପତ୍ର ସଂଲଗ୍ନ କରି ଜିଲା ପର୍ଯ୍ୟଟନ ଅଧିକାରୀ ବା ଜିଲାପାଳଙ୍କ କାର୍ଯ୍ୟାଳୟରେ ଚଳିତ ମାସ ୨୯ ତାରିଖ ସୁଦ୍ଧା ଦାଖଲ କରିବାକୁ ହେବ। ସେହିପରି ୱେବସାଇଟ୍ www.odishatourism.gov.inରେ ଫର୍ମ ଉପଲବ୍ଧ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ କହିଛନ୍ତି। ସେହିପରି ୨୦୧୯-୨୦ ବର୍ଷର ତୀର୍ଥଯାତ୍ରା ପାଇଁ ୧୪୬ ଜଣ ବରିଷ୍ଠ ନାଗରିକ ୨୦୨୩ ଜାନୁୟାରୀ ୨୭ରୁ ଆଲ୍ଲାହାବାଦ ଓ ବାରଣାସୀ ଗସ୍ତରେ ଯିବେ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ, ଡିଏସ୍‌ପି ଆଶ୍ରିତା ପରମିତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର କର୍ମଚାରୀ, ସେବାୟତଙ୍କ ପାଇଁ ଚିକିତ୍ସା ଶିବିର

ପୁରୀ ଅଫିସ, ୧୯।୧୨

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର ସେବାୟତ ଓ ତାଙ୍କ ପରିବାର ନିମନ୍ତେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ଡେଣ୍ଟାଲ ସାଇନ୍ସର ମିଳିତ ଆନୁକୂଲ୍ୟରେ ଏକ ନିଶୁଳ୍କ ଦନ୍ତ ମୁଖ ଗହ୍ୱର ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଓ ସେମାନଙ୍କ ପରିବାର ଏବଂ ସେବାୟତ ଓ ସେମାଙ୍କ ପରିବା ସଦସ୍ୟ ଯୋଗଦେଇ ଚିକିତ୍ସା ଓ ପରୀକ୍ଷା କରାଇଥିଲେ।

## ଡାକ୍ତରଙ୍କ ଅନୁପସ୍ଥିତି ନେଇ ରୋଗୀ କଲ୍ୟାଣ ସମିତି ବୈଠକ ଅଧାରୁ ବନ୍ଦ

କଣାସ,୧୯।୧୨(ସ୍ୱ.ପ୍ର.)

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଭା ଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ରମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ମୁଖ୍ୟ ପଶୁ ଚିକିତ୍ସକ ଡା. ବିଶ୍ୱରଞ୍ଜନ ବେହେରା, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ, ସିଡିପିଓ ସ୍ମିତା ମହାନ୍ତି ଯୋଗଦେଇ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ୧୫ ଜଣ ରୋଗୀଙ୍କୁ ଜଣ ପିଛା ୩ କେଜି ଚାଉଳ, ୧କେଜି ୫୦୦ ଗ୍ରାମ ଡାଲି, ୧ କେଜି ବାଦାମ ମଞ୍ଜି, ୫୦୦ ଗ୍ରାମ ତେଲ ଥିବା ବ୍ୟାଗ ପ୍ରଦାନ କରିଥିଲେ। ଏଥିସହ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ବୈଠକରେ ଉପସ୍ଥିତ ଦୋକନ୍ଦା ସରପଞ୍ଚ ଓ ସାମାଜିକ କର୍ମୀ ସଞ୍ଜୟ ଛୁଆଳସିଂ, ସନ୍ତୋଷ ସାମନ୍ତରାୟ ଡାକ୍ତରଖାନାକୁ ଡାକ୍ତର ଆସୁ ନ ଥିବା ଦର୍ଶାଇଥିଲେ। ବୈଠକରେ ୧୧ ଜଣ ଡାକ୍ତରଙ୍କ ମଧ୍ୟରୁ ୩ ଜଣ ଡାକ୍ତର ଉପସ୍ଥିତ ଥିବା ଜାଣି ଉଦ୍‌ବେଗ ପ୍ରକାଶ କରି ବୈଠକକୁ ବାତିଲ୍ କରିଥିଲେ। ଆସନ୍ତା ମାସ ପ୍ରଥମ ସପ୍ତାହରେ ବୈଠକ ଡାକିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହିବାକୁ ତାଗିଦା କରିବା ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଆଗାମୀ ବୈଠକରେ ଯୋଗଦେବାକୁ ଅନୁରୋଧ କରିବାରୁ ଜିଲା ଅଧିକାରୀ ବୈଠକରେ ଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୨୫ରେ ପୁରାତନ ଛାତ୍ର ସମାବେଶ

ପୁରୀ ଅଫିସ, ୧୯।୧୨

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ପରିଷଦ ପକ୍ଷରୁ ଆସନ୍ତା ୨୫ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ମହାସମାବେଶ ଆୟୋଜନ ହେବ। ଏଥିରେ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରାକ୍ତନ କୁଳପତି ପ୍ରଫେସର ହରିହର ହୋତା ସଭାପତିତ୍ୱ କରିବେ। ଏନେଇ ସୋମବାର ପୁରାତନ ଛାତ୍ର ପରିଷଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ପୁରାତନ ଛାତ୍ର ମହାସମାବେଶର ଆବାହକ ଡ. ନିତ୍ୟାନନ୍ଦ ମିଶ୍ର କହିଛନ୍ତି, ବିଶ୍ୱବିଦ୍ୟାଳୟ ସ୍ଥାପନ ଆରମ୍ଭରୁ ଗତ ଶିକ୍ଷାବର୍ଷ ୨୦୨୧-୨୨ ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷର ଛାତ୍ରୀଛାତ୍ର ଏଥିରେ ସମବେତ ହେବେ। ବିଶ୍ୱବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନ କରି ଅବସର ନେଇଥିବା ପ୍ରଫେସରମାନଙ୍କୁ ଯଥାବିଧି ସମ୍ମାନିତ କରି ସେମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ଅଧ୍ୟାପନାରତ ଅଧ୍ୟାପିକା ଅଧ୍ୟାପକ, ପ୍ରଫେସରମାନଙ୍କୁ ଯଥାମାନ୍ୟ ଦେବା, ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ କରିବା, ଅଭାବ ଅସୁବିଧାରେ ଥିବା ପୁରାତନ ଭଉଣୀଭାଇଙ୍କୁ ସାହାଯ୍ୟ କରିବା ଏବଂ ବିଶ୍ୱବିଦ୍ୟାଳୟର ବିକାଶ କାର୍ଯ୍ୟରେ ସହଯୋଗ କରିବା ପ୍ରଭୃତି ଏହି କାର୍ଯ୍ୟକ୍ରମର ଅଂଶବିଶେଷ। ବିଭିନ୍ନ ସ୍ଥାନରୁ ଅପ୍ରକାଶିତ ପାଣ୍ଡୁଲିପି ସଂଗ୍ରହ କରି ସେସବୁ ଉପରେ ଗବେଷଣା କରିବା ସହ ପ୍ରକାଶନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ପ୍ରଥମ ମହା ସମାବେଶର ଆୟୋଜନ କରାଯାଇଛି।




ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ପରିଷଦ ପକ୍ଷରୁ ସୂଚନା ଦିଆଯାଉଛି।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ୩ ଖେଳରେ ଗୋପ ଚାମ୍ପିୟନ



ଚାମ୍ପିୟନ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।



ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ।

ଗୋପ,୧୯।୧୨(ଡି.ଏନ୍.ଏ.)

ହକି ବିଶ୍ୱକପ୍ ପୂର୍ବରୁ ହକିର ଲୋକପ୍ରିୟତାକୁ ତୃଣମୂଳସ୍ତରରେ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲସ୍ତରରେ ହକି ଥିମରେ ସ୍ୱତନ୍ତ୍ର କ୍ରୀଡ଼ା ଆୟୋଜନ କରାଯାଇଛି। ବାର୍ଷିକ କ୍ରୀଡ଼ା ଉତ୍ସବରେ ହକିକୁ ପ୍ରାଥମିକତା ଦିଆଯିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଭରିଛି। ଏପରି ନିର୍ଦ୍ଦେଶକୁ ନେଇ ସୋମବାର ଗୋପରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫୁଟବଲ, ଖୋଖୋ, କବାଡ଼ି ଆଦି ଖେଳ କରାଯାଇଛି। ପଞ୍ଚାୟତର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଏହି ଖେଳରେ ଅଂଶଗ୍ରହଣ କରିଥିଲେ। ଗୋପ ସରପଞ୍ଚ ସୁଲୋଚନା ଦାସ, ସାମାଜିକ କର୍ମୀ ବିମ୍ବାଧର ଦାସ, ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ଯୁବନେତା ମନଦୀପ ପାଇକରାୟ, ପ୍ରତାପ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ କ୍ରୀଡ଼ାକୁ ଅଧିକ କ୍ରିୟାଶୀଳ କରିବାକୁ ଏପରି ଗୁରୁତ୍ୱ ଦେଉଥିବା କହିଥିଲେ। ଏକଦିବସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ବାଳିକା ବାଳକ ୩ ଗୋଟି ଖେଳରେ ଚାମ୍ପିୟନ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାକୁ ସ୍କୁଲର ଖେଳ ଶିକ୍ଷକ ଏସ୍.ଏମ୍ ଜେଡ୍ ରାଜା ପରିଚାଳନା କରିଥିଲେ।

## ବଳରାମ ବିଦ୍ୟାପୀଠର ୨୭ଜଣ ବ୍ଲକସ୍ତରକୁ ମନୋନୀତ

ସେହିପରି ଗୋପ ବ୍ଲକ ଅଧୀନ ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜୟନ୍ତୀ ଜେନା, ପ୍ରଧାନ ଶିକ୍ଷକ ମହେନ୍ଦ୍ର ପାଢ଼ୀ, ପୁରାତନ ଛାତ୍ର ସଂସଦ ସଭାପତି ରଶ୍ମିରଞ୍ଜନ ବେହେରା, ସମିତିସଭ୍ୟା ଲିପିକା ସେନାପତି ପ୍ରମୁଖ ଯୋଗଦେଇ କ୍ରୀଡ଼ା ପାଠପଢ଼ାରେ ଉତ୍ସାହ ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ବସନ୍ତ ପାଢ଼ୀ ଉପସ୍ଥିତ ଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ୨୭ ଜଣ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ସୁରେନ୍ଦ୍ର ମୁଦୁଲି, ତପନ ବୋଷ, ସନ୍ତୋଷ ହାଜରା, ଦୀପକ ସିହ୍ନା, ଗୀତାରାଣୀ ମିଶ୍ର, ପ୍ରମିଳା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫୩ ଅଭିଯୋଗରୁ ୧୦ ଦ୍ରୁତ ସମାଧାନ

କଟକ ଅଫିସ : ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୩ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ସେଥିରେ ୭ଟି ସମୂହ ଅଭିଯୋଗ ଥିବାବେଳେ ୪୬ଟି ବ୍ୟକ୍ତିଗତ ରହିଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଅଧକ୍ଷତା କରି ୧୦ଟି ଅଭିଯୋଗର ଦ୍ରୁତ ସମାଧାନ କରିଥିଲେ। ଏହାପରେ କର୍କଟ ଚିକିତ୍ସା ନିମନ୍ତେ ମାହାଙ୍ଗାର ହେମଲତା ବେହେରାଙ୍କୁ ୩ହଜାର, କଣ୍ଟାପଡ଼ାର ଭବାନୀ ଶଙ୍କର ଭୋଇଙ୍କୁ ୩ହଜାର, ସାଲେପୁରର ଅକ୍ଷୟ ସାହୁଙ୍କ ୩ହଜାର, କଣ୍ଟାପଡ଼ାର ନିର୍ମଳା ପରିଡ଼ାଙ୍କୁ ୩ହଜାର ଟଙ୍କା ରେଡକ୍ରସ୍ ପାଣ୍ଠିରୁ ଦିଆଯାଇଥିଲା। ଶିବିରରେ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର ଓ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସହଯୋଗ କରିଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଅଧ୍ୟାପକ ମୃତ

**ଫୁଲନଖରା,୧୯।୧୨(ଡି.ଏନ୍.ଏ.):** କଟକ ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଡାହାଳିଆବାଗରେ ଏକ ଗାଡ଼ି ଧକ୍କାରେ ଜଣେ ଅଧ୍ୟାପକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବଲାଙ୍ଗୀର ସଦର ଥାନା ଡୁଙ୍ଗୁରୁପାଲି ଅଞ୍ଚଳର ପୁରନ୍ଦର ବିଶାଳ। ପୁରନ୍ଦର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅତିଥି ହିନ୍ଦୀ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ପୋଲିସ ସୂତ୍ରରୁ ପ୍ରକାଶ ପୁରନ୍ଦର କୌଣସି ଏକ କାମରେ ସୋମବାର ରହୁଥିବା କଟକ ମଙ୍ଗଳାବାଗସ୍ଥିତ ସ୍ନିତା କମ୍ପ୍ଲେକ୍ସରୁ ସକାଳ ୮ଟା୍‌ରେ ଭୁବନେଶର ଅଭିମୁଖେ ନିଜ ବାଇକ୍ (ଓଡି ୧୭ଏଲ. ୮୦୨୭) ଯୋଗେ ଯାଉଥିଲେ। ଏହି ସମୟରେ ଡାହାଳିଆବାଗରେ ପଛ ପଟରୁ ଏକ ପିକ୍‌ଅପ ଭ୍ୟାନ( ଓଡି.୦୧ଏଏ.୨୪୬୧) ଧକ୍କା ଦେଇଥିଲା। ଦୁର୍ଘଟଣାରେ ପୁରନ୍ଦରଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ଖବରପାଇ କଟକ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ପୁରନ୍ଦରଙ୍କୁ କଟକ ମେଡିକାଲକୁ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରିବାବେଳେଲେ ଚାଳକ ଫେରାର ଅଛି।

### ସୁନା ଅଳଙ୍କାର ଜବତ, ୨ ଗିରଫ

**ଫୁଲନଖରା,୧୯।୨୨(ଡି.ଏନ୍.ଏ.):** ମାଡ଼ ମାରିବା ସହ ଅଳଙ୍କାର ଲୁଟିବା ଅଭିଯୋଗରେ କଟକ ସଦର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଏହି ଥାନା ଗୋପାଳପୁର ପାଇକସାହିର ଆନନ୍ଦ ସେନାପତି ଓ ବାଲିକୁଦା ସାମଲ ସାହିର ସିପ୍ରି ରଞ୍ଜନ ନାୟକ। ପୋଲିସ ତାଙ୍କଠାରୁ ଗୋଟିଏ ସୁନା ଚେନ, ସୁନା ଲକେଟ ଓ ମୋବାଇଲ ଜବତ କରିଛି। ଏ ନେଇ ମାମଲା ନଂ. ୫୮୩/୨୨ ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଏହି ଥାନା ଅନ୍ତର୍ଗତ ଗୋପାଳପୁର ପାଇକସାହିର ବିଜୟ ରାଉତ ଓ ତାଙ୍କ ସାଙ୍ଗ ରବିବାର ରାତିରେ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଅଟକାଇ ଗାଳି କରି ମାଡ଼ ମାରି ସୁନା ଚେନ, ହ୍ୟାଣ୍ଡ ବ୍ୟାଗ,ଓ ଗୋଟିଏ ସୁନା ବ୍ରାସଲେଟ ଛଡାଇ ନେଇଥିଲେ । ପରେ ଏ ନେଇ ବିଜୟ ଅଭିଯୋଗ କରିଥିଲେ।

### ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

■ ହତ୍ୟା ଅଭିଯୋଗ ଆଣିଲେ ବାପଘର

**ଚୌଦ୍ୱାର,୧୯।୧୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମର ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଚକ୍ରଧର ଜେନାଙ୍କ ସ୍ତ୍ରୀ ସସ୍ମିତା(୨୫)। ଅନ୍ୟପଟେ ଝିଅକୁ ହତ୍ୟାକରି ପଙ୍ଖାରେ ଟାଙ୍ଗି ଦିଆଯାଇଛି ବୋଲି ସସ୍ମିତାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୬୦୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ସସ୍ମିତାଙ୍କ ଶାଶୁଘର ଲୋକଙ୍କ ସୂତ୍ରରୁ ପ୍ରକାଶ ଯେ, ସୋମବାର ପୂର୍ବାହ୍ନ ୧୧ଟାରେ ସସ୍ମିତା ଓ ତାଙ୍କ ଦେଢ଼ ବର୍ଷର ପୁଅ ନିଜ ଶୋଇବା ଘରେ ଥିଲେ। ପୁଅ କାନ୍ଦିବାରୁ ସସ୍ମିତାଙ୍କ ଶାଶୁ ଦୁଆର ପଛରୁ ତାଙ୍କୁ ଡାକିବାରେ ସେ ନଶୁଣିବାରୁ ବଡ଼ପୁଅ କ୍ଷେତ୍ରବାସୀଙ୍କୁ ଡାକିଥିଲେ। କ୍ଷେତ୍ରବାସୀ କବାଟ ଭାଙ୍ଗି ଦେଖିବା ବେଳକୁ ପଙ୍ଖାରେ ଶାଢ଼ି ଲଗାଇ ସସ୍ମିତା ବେକରେ ବାନ୍ଧି ଝୁଲୁଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ସାଇଣ୍ଟିଫିକ୍ ଟିମ୍‌କୁ ଡାକିଛି।

### ଗୀତା ଆଲୋଚନାଚକ୍ରର ବାର୍ଷିକ ସମ୍ମିଳନୀ

**ଟାଙ୍ଗୀ(କଟକ)୧୯।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଗତପୁରରେ ଗୀତା ଆଲୋଚନା ଚକ୍ରର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟ ପୂଜା ପରେ ଗୀତା ପାଠ ଆରମ୍ଭ କରାଯାଇଥିଲା। ଡା. କେଶବ ଚନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଆରମ୍ଭ କରାଯାଇଥିଲା। ଭାଗବତ ଗୀତାମୃତ ପ୍ରବଚିକା ମନୋରମା ଷଡଙ୍ଗୀ, ସାବିତ୍ରି ପଣ୍ଡା, ପ୍ରବଚକ ନିମାଇଁ ଚରଣ ରାଉତ, ଦୟାନିଧି ସାହୁ, ଦିଲ୍ଲୁ ସାହୁ ଓ ନୀଳକଣ୍ଠ ଭାଗବତ ଟୁଙ୍ଗୀର ସମ୍ପାଦିକା ଜୟନ୍ତି ପଣ୍ଡା ପ୍ରମୁଖ ଯୋଗଦେଇ ଭାଗବତ କଥାମୃତ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ବୈଷ୍ଣବ ମହାନ୍ତି ଓ ଡ. ଷଡଙ୍ଗୀ ବକ୍ତବ୍ୟରେ ଗୀତା ପାଠ ଦ୍ୱାରା ବ୍ୟକ୍ତି ବିଶେଷ କିପରି ସଂସ୍କାରୀ ଓ କର୍ମାଭିମୁଖୀ ହୋଇପାଏ ତାହା କହିଥିଲେ। ଶାଳଗାଁ ଭାଗବତ ଟୁଙ୍ଗୀର ବାମନ ବାବା ଓ ଜଗତପୁର ରାଧା ଗୋବିନ୍ଦଜୀୟୁ ଭାଗବତ ଟୁଙ୍ଗୀର ସଭାନେତ୍ରୀ ଶୈଳବାଳା ପଣ୍ଡା ଧନ୍ୟବାଦ ଦେଇଥିଲେ।

# କଲେଜ ପାଚେରି ନିର୍ମାଣ କଲେ ଛାତ୍ରୀ

କଟକ ଅଫିସ,୧୯।୧୨


ଛାତ୍ରୀମାନେ ପାଚେରି ନିର୍ମାଣ କରୁଛନ୍ତି।

■ ସ୍ଥାନୀୟ ଲୋକଙ୍କ ସହ ମୁହାଁମୁହିଁ ପରିସ୍ଥିତି
■ ପୋଲିସ ବୁଝାଶୁଝା ପରେ ଥମିଲା ଉତ୍ତେଜନା

କଟକ ଦରଘାପାଟଣା କୁସୁମଦେବୀ ମହିଳା ମହାବିଦ୍ୟାଳୟରେ ମିସ୍ତ୍ରିଙ୍କ ସହ ଛାତ୍ରୀମାନେ ନିର୍ମାଣ କଲେ ପାଚେରି। ଏଭଳି ଏକ ରୋଚକ ଦୃଶ୍ୟ ସୋମବାର କଲ୍ୟାଣନଗର ଅଞ୍ଚଳରେ ଥିବା କୁସୁମଦେବୀ ସତ୍‌ସଙ୍ଗ ମହିଳା ମହାବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିଥିଲା। ପାଚେରି ନିର୍ମାଣବେଳେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଛାତ୍ରୀମାନେ ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଥିଲେ। ଫଳରେ ସ୍ଥାନୀୟ ମହିଳା ଏବଂ ଛାତ୍ରୀମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତେଜନା ପରେ ବି ଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହି ନିଜେ ନିଜେ କଲେଜର ପାଚେରିକୁ ନିର୍ମାଣ କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ଖବରପାଇ ଘଟଣାସ୍ଥଳରେ ମଧୁପାଟଣା ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା।

ସୂଚନାଯୋଗ୍ୟ, ଦୀର୍ଘଦିନ ଧରି କଲେଜର ପଛପଟ ପାଚେରି ନିର୍ମାଣ ହୋଇପାରୁ ନ ଥିଲା। ଫଳରେ ଛାତ୍ରୀମାନଙ୍କୁ କ୍ରୀଡ଼ା ସମୟରେ ନାନା ସମସ୍ୟା ସୃଷ୍ଟି ହେଉଥିଲା। ପାଚେରି ନ ଥିବାରୁ ସ୍ଥାନୀୟ ଯୁବକମାନେ ଆସି ଅସଦାଚରଣ କରିବା ସହ ସେଠାରେ ବସି ଖଟି କରୁଛନ୍ତି, ଯେଉଁଥିପାଇଁ ସେହି ସ୍ଥାନକୁ ଛାତ୍ରୀମାନେ ଯାତାୟାତ କରିପାରୁନାହାନ୍ତି ବୋଲି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି କଲେଜ ଜାଗାରେ ପାଚେରି କାର୍ଯ୍ୟ ଚାଲୁଥିଲା। ହେଲେ ଉକ୍ତ ସ୍ଥାନରେ ଥିବା ଲୋକେ ଏହି କାର୍ଯ୍ୟକୁ ବିରୋଧ କରୁଛନ୍ତି। କଲେଜର ପଛପଟେ ସ୍ଥାନୀୟ ଲୋକଙ୍କ ୬୦ରୁ ଊର୍ଦ୍ଧ୍ୱ ଘର ଥିବାରୁ ସେମାନେ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ତେବେ ସୋମବାର ପାଚେରି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ସ୍ଥାନୀୟ ଲୋକ ମିସ୍ତ୍ରିଙ୍କୁ କହି କାର୍ଯ୍ୟ ବନ୍ଦ କରିଦେଇଥିଲେ। ଏହି କଥା ଛାତ୍ରୀମାନେ ଜାଣିବା ପରେ ନିର୍ମାଣ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଅନ୍ୟ କେତେଜଣ କଲେଜର ମୁଖ୍ୟ ଗେଟ ନିକଟରେ ଧାରଣାରେ ବସିଥିଲେ। ହେଲେ ନିର୍ମାଣ ସ୍ଥଳରେ ସ୍ଥାନୀୟ ଲୋକେ ପାଟିତୁଣ୍ଡ କରିବାରୁ ଛାତ୍ରୀମାନେ ମଧ ଯୁକ୍ତିତର୍କ କରିଥିଲେ। ଫଳରେ ଉତ୍ତେଜନା ପରିସ୍ଥିତି ହେବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାଇ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ପଢିବାକୁ ଆସିଥିବା ଛାତ୍ରୀଙ୍କୁ କିଏ ପାଚେରି କାମରେ ନିୟୋଜିତ କଲେ, ଯଦି ପାଚେରି ନିର୍ମାଣକୁ ନେଇ ବିବାଦ ଥିଲା ତା'ହେଲେ ଆଇନର ଆଶ୍ରୟ କ'ଣ ପାଇଁ ନେଲେନି କଲେଜ କର୍ତ୍ତୃପକ୍ଷ। ସେପଟେ ଏ ଘଟଣାକୁ ମହାବିଦ୍ୟାଳୟ ଅଧକ୍ଷ ଡ. ସ୍ନେହଲତା ଜେନା କହିଛନ୍ତି, ଛାତ୍ରୀମାନଙ୍କୁ ପାଚେରି ନିର୍ମାଣ ପାଇଁ କୁହାଯାଇନାହିଁ। ଆଗକୁ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଥିବାରୁ ଛାତ୍ରୀମାନେ କ'ଣ କରିଥିବେ ସେ ବିଷୟରେ ଜାଣିନାହିଁ। କଲେଜ ଜମିକୁ ସ୍ଥାନୀୟ ଲୋକ ଜବରଦସ୍ତ ମାଡି ବସି ଯାତାୟତ ବାଟ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି କଲେଜ ଅଧକ୍ଷ। ରାତି ହେଲେ ଅସାମାଜିକଙ୍କ ସେଠାରେ ଆଡ୍ଡା ଜମେ। ତେବେ ଦୀର୍ଘବର୍ଷ ପରେ କଲେଜ ପକ୍ଷରୁ ଅଗଷ୍ଟ ମାସରେ ପାଚେରି କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ସେତେବେଳେ ଏହାକୁ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଫଳରେ କଲେଜ ପକ୍ଷରୁ ରାସ୍ତା ପାଇଁ ୧୬ ଫୁଟର ଜାଗା ଛାଡି ପାଚେରି ପାଇଁ ସ୍ଥିର କରାଯାଇଛି। ହେଲେ ସ୍ଥାନୀୟ ଲୋକ ରାସ୍ତା ନିର୍ମାଣ ପରିବର୍ତ୍ତେ କଲେଜ ଜାଗା ଦାବି କରୁଛନ୍ତି। ଏନେଇ ଆମେ ଏଡିଏମ୍‌ଙ୍କ ସହ ଆଲୋଚନା କରିବୁ। ଏହାପରେ ଯାହା ନିଷ୍ପତ୍ତି ନିଆଯିବ।

## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରିଥିଲେ ନାବାଳକ

ମଙ୍ଗୁଳି-ଜଗତପୁର,୧୯।୧୨(ଡି.ଏନ୍.ଏ.)

**ଗଳାକାଟି ହତ୍ୟା ମାମଲା**
■ ଢେଙ୍କାନାଳରୁ ଅଭିଯୁକ୍ତ ଧରାପଡ଼ିଲେ

କଟକ ଜିଲା ଟାଙ୍ଗୀ ଥାନା ଅଞ୍ଚଳର ମିନା ଚାତାରାଙ୍କ ତଣ୍ଟି କାଟି ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ତେବେ ଅଭିଯୁକ୍ତ ଜଣକ ନାବାଳକ ଥିବାବେଳେ ଢେଙ୍କାନାଳ ଜିଲାର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚି ରହିଥିଲା। ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରି ସୋମବାର ଅଭିଯୁକ୍ତଙ୍କୁ ଧରିଛି। ଥାନାକୁ ଆଣି ପଚରାଉଚରା ବେଳେ ଗୁଣି ଗାରେଡି ସନ୍ଦେହରେ ମହିଳାଙ୍କୁ ହତ୍ୟା କରିଛି ବୋଲି ସେ ପୋଲିସ ଆଗରେ ସ୍ୱୀକାର କରିଥିବା ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ପ୍ରକାଶ କରିଛନ୍ତି। ମୃତ ମହିଳାଙ୍କ ବଡ଼ ବୋହୂଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୫୬/୨୨)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ନାବାଳକ ଏପ୍ରିଲ ୨୦୨୧ରେ ପାଖ ଗ୍ରାମର ଜଣେ ୧୨ବର୍ଷୀୟା ବାଳିକାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ବର୍ଷକ ପରେ ନାବାଳିକାଙ୍କ ଏକ ପୁତ୍ର ଜନ୍ମ ହୋଇଥିଲା। କମ୍ ବୟସରେ ବିବାହ ସହ ପିଲା ଜନ୍ମ କରିବା ହେତୁ ନାବାଳିକାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ସେଥିପାଇଁ ପିଲାକୁ ମା କ୍ଷୀର ଦେବା ଏକ ରକମ ଅସମ୍ଭବ ହୋଇ ପଡିଥିଲା। ତେବେ ମିନା ତାଙ୍କର ପଡ଼ୋଶୀ ହୋଇଥିବାରୁ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ତେଣୁ ସେ ହିଁ ଗୁଣି ଗାରେଡି କରି ମୋ ମା ବାପାଙ୍କୁ ମାରିବା ପରେ ଏବେ ମୋ ସ୍ତ୍ରୀର କ୍ଷୀର କରାଇ ଦେଉ ନ ଥିଲା ବୋଲି ନାବାଳକ କହିଛନ୍ତି। ଅନ୍ୟପଟେ ମୃତ ମହିଳାଙ୍କ ସାନ ପୁଅ କୁହନ୍ତି, ମୋ ମା କୌଣସି ଗୁଣି ଗାରେଡି ଶିଖିନି ସେ କେବଳ ପଡୋଶୀ ହିସାବରେ ତାଙ୍କ ଘରକୁ ଯାଏ। ଉଭୟ କମ୍ ବୟସରେ ବିବାହ କରିବାରୁ କ୍ଷୀର ହେଉ ନ ଥିବା ନେଇ ନାବାଳକଙ୍କୁ ଯେତେ ବୁଝେଇଲେ ବି ସେ ବୁଝୁ ନ ଥିଲା। ସେ ବାରମ୍ବାର ନିଜେ ଅନ୍ଧବିଶ୍ୱାସର ଶିକାର ହୋଇ ମୋ ମା' ଗୁଣି କରୁଛି ବୋଲି ସନ୍ଦେହ କରି ଆକ୍ରମଣ କରି ଆସୁଥିଲା।

## ସାନି ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

କଟକ ଅଫିସ,୧୯।୧୨

**ପ୍ରସୂତିଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେବା ମାମଲା**

ବାଣପୁର ଅଞ୍ଚଳର ଜଣେ ପ୍ରସୂତିଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦିଆଯିବା ମାମଲାର ଶୁଣାଣି କରି ହାଇକୋର୍ଟ ସୋମବାର ରାଜ୍ୟ ସରକାର ସାନି ସତ୍ୟପାଠ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆବେଦନକାରୀଙ୍କୁ ପୀଡ଼ିତାଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବାକୁ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଏମ. ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଫେବୃଆରୀ ୧ତାରିଖକୁ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଯେ, ସମ୍ପୃକ୍ତ ପୀଡ଼ିତା ୨୦୧୧ ନଭେମ୍ବରରେ ପ୍ରସବ କରିବା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଗଲା। ସେଠାରେ ତାଙ୍କୁ ୨ ବୋତଲ ରକ୍ତ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କଠାରେ ଅସୁସ୍ଥତା ଦେଖାଦେବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷା ପରେ ୨୦୧୨ ଏପ୍ରିଲରେ ଜଣାପଡ଼ିଲା ଯେ ସେ ଏଚ୍‌ଆଇଭି ସଂକ୍ରମିତ ହୋଇଛନ୍ତି। ଏଥିସହ ତାଙ୍କ ନବଜାତ କନ୍ୟାଟି ବି ମୃତ୍ୟୁବରଣ କରିଥିଲା। ଏହି ଘଟଣାରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ପ୍ରାର୍ଥନା କରାଯାଇଥିଲା। ଏଥିସହ ଲୋକମାନେ ଯେପରି ନିରାପଦ ରକ୍ତ ପାଇବେ ଓ ଏଚ୍‌ଆଇଭି ସଂକ୍ରମଣର ଶିକାର ନ ହେବେ ସେଥିପାଇଁ ପ୍ରତ୍ୟେକ ରକ୍ତଭଣ୍ଡାରରେ ପଲିମର ଚେନ୍ ରିଆକ୍ସନ ଟେଷ୍ଟ (ପିସିଆର) କରି ରକ୍ତ ପରୀକ୍ଷା କରାଯିବାକୁ ପ୍ରାର୍ଥନା କରାଯାଇଥିଲା। ଫଳରେ ଉଇଣ୍ଡୋ ପିରିୟଡ୍ କୁହାଯାଉଥିବା ଅବଧି ଯାହାକି ରୋଗୀଙ୍କୁ ସଂକ୍ରମଣ ହେବା ପୂର୍ବରୁ ରକ୍ତ ସଂକ୍ରମିତ ହୋଇଛି କି ନାହିଁ ଜଣାପଡ଼ିଯିବ। ଯଦ୍ୱାରା ରୋଗୀଙ୍କୁ ନିରାପଦ ରକ୍ତ ଦିଆଯାଇପାରିବ ବୋଲି ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଆବେଦନରେ ଦର୍ଶାଇଥିଲେ।



ରେଭେନ୍‌ଶା କଲେଜିଏଟ୍ ସ୍କୁଲ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀରେ ଯୋଗଦେଇଥିବା ମେୟର ସୁବାସ ସିଂ ଓ ଅନ୍ୟ ଅତିଥିମାନେ।

## ବେଆଇନ ମାଟି ଉଠାଣକୁ ବିରୋଧ

ମଙ୍ଗୁଳି-ଜଗତପୁର,୧୯।୧୨(ଡି.ଏନ୍.ଏ.)



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କୟଳପଡା ପଞ୍ଚାୟତର ଏକ ସରକାରୀ ନାଳରୁ ବେଆଇନ ଭାବେ ମାଟି ଉଠାଣକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଡ୍ରେନେଜ ବିଭାଗ ଗଣ୍ଡରପୁର କଟକରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। କୟଳପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ଏବଂ ପୂର୍ବତନ ଜିଲା ପରିଷଦ ସଦସ୍ୟ ଶ୍ରୀଧର ରାଉଳଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଡ୍ରେନେଜ ବିଭାଗ ଗଣ୍ଡରପୁର କଟକ ନିର୍ବାହୀ ଇଞ୍ଜିନିୟରଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରି କିଭଳି ବିନା ଟେଣ୍ଡରରେ ସରକାରୀ ନାଳକୁ ଖୋଳା ହେଉଛି ଏହାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ନାକରୁଣୀ ପାଟଠାରୁ ଭୂୟାଁ ଯୋର ଦେଇ ମହାନଦୀକୁ ସଂଯୋଗ କରୁଥିବା ପ୍ରଶସ୍ତ ସରକାରୀ ନାଳରୁ ଜଣେ ବ୍ୟକ୍ତି ଗତ କିଛି ଦିନ ହେବ ବେଆଇନ ଭାବେ ଏକ ଜେସିବି ସାହାଯ୍ୟରେ ମାଟି ଖୋଳି ଅନ୍ୟତ୍ର ବିକ୍ରି କରୁଛି ବୋଲି ଗ୍ରାମବାସୀ ଦେଖିଥିଲେ। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ରଶ୍ମିଙ୍କୁ ଜଣାଇବାରୁ ସେ ଡ୍ରେନେଜ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଉକ୍ତ କାମ ପାଇଁ କୌଣସି ଟେଣ୍ଡର ହୋଇନି ବୋଲି ଜଣାପଡ଼ିଥିଲା। ଏହି ନାଳ ଦେଇ ବର୍ଷା ଜଳ ମହାନଦୀକୁ ନିଷ୍କାସିତ ହେଉଥିବାରୁ ଏହାର ସୁରକ୍ଷା ଓ ପ୍ରଶସ୍ତ ପାଇଁ ସରକାର ପ୍ରତି ବର୍ଷ ଟେଣ୍ଡର ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରି କାର୍ଯ୍ୟ ଚାଲୁଥିବା ବେଳେ ଏ ବର୍ଷ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି। କୌଣସି ବଡ଼ ଗୋଷ୍ଠୀ ନିଜର ମୁନଫା ପାଇଁ ଏଭଳି ହୀନ କାର୍ଯ୍ୟ କରୁଛନ୍ତି। ତେଣୁ ପ୍ରଶାସନ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ପୂର୍ବତନ ଜିଲା ପରିଷଦ ସଦସ୍ୟ କହିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି, ଘଟଣାସ୍ଥଳକୁ ନିଜେ ଯାଇ ଦେଖିଥିବା ବେଳେ ମାଟି ଖୋଳା ହେଉଛି ସତ, କିନ୍ତୁ ମାଟିକୁ କେଉଁ ଆଡକୁ ସିଫ୍ଟ କରାଯାଇନି। କେଉଁ କାରଣରୁ ଏଠି ମାଟି ଖୋଳା ହେଉଛି ତାହା ତଦନ୍ତ କରାଯାଉଛି। ଆଗାମୀ ୭ ଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି। ଦାବିପତ୍ର ଦେବାବେଳେ ଭରତଚନ୍ଦ୍ର ପରିଡା, ମହେଶ୍ୱର ସାହୁ, ନବକିଶୋର ପୃଷ୍ଟି, ହରିହର ପାତ୍ର, ରାକେଶ ପ୍ରଧାନ, ମାନସ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଲୋକାର୍ପିତ

ଚୌଦ୍ୱାର,୧୯।୧୨(ଡି.ଏନ୍.ଏ.)

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ ତରଫରୁ ଚୌଦ୍ୱାର ଅଞ୍ଚଳରେ ନିର୍ମିତ ବିଭିନ୍ନ ସାମାଜିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ବଧି ମନ୍ଦିର ପ୍ରାଙ୍ଗଣରେ ଏକ ରୋଷଘର, ୧୨ ନଂ. ୱାର୍ଡ ବାଟବୁଢ଼ୀ କଲୋନୀରେ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର, ୭ନଂ.ୱାର୍ଡ଼ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ୨ଟି ରୋଷଘର, ୪ନଂ. ୱାର୍ଡ଼ ମହାଜନ ସାହିରେ ଏକ ଗୋଷ୍ଠୀକେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିନୟ ଅଗ୍ରୱାଲା, ଶୁଭେନ୍ଦୁ ସାମଲ, ପ୍ରଦୀପ୍ତ ବେହେରା ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ବିଆଇପିଏଫ୍ ସଙ୍ଗଠନ ତରଫରୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ୪୦ଟି ପଙ୍ଖା, ୨ ସ୍କୁଲକୁ କମ୍ପ୍ୟୁଟର ଦିଆଯାଇଥିଲା। ସୁବ୍ରତ ସାମଲ, ଦିଲୀପ ସାହୁ, ଧ୍ରୁବଚରଣ ରାଉତ ସାମିଲ ଥିଲେ।

## ଡ.ଅଜୟ ପାଇବେ ସୁମିତ୍ରା ସ୍ମାରକୀ ଅନୁବାଦ ପୁରସ୍କାର

କଟକ ଅଫିସ,୧୯।୧୨



ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ପ୍ରଫେସର ଡ. ଅଜୟ କୁମାର ପଟ୍ଟନାୟକ ଚଳିତବର୍ଷର ମର୍ଯ୍ୟାଦାଜନକ ସୁମିତ୍ରା ସ୍ମାରକୀ ଅନୁବାଦ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆସନ୍ତା ୨୨ ତାରିଖରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ଡ. ପଟ୍ଟନାୟକଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରାଯିବ। ପ୍ରଫେସର ପଟ୍ଟନାୟକ ବିଶିଷ୍ଟ ଶିକ୍ଷାବିତ, ଅନୁବାଦକ, ଭାଷାବିତ ଏବଂ ସାହିତ୍ୟ ସମାଲୋଚକ ଭାବେ ପରିଚିତ। ତାଙ୍କ ସୃଷ୍ଟି ମଧ୍ୟରେ ଛଅଖଣ୍ଡ ମୌଳିକ ହିନ୍ଦୀ ଗ୍ରନ୍ଥ, ପନ୍ଦର ଖଣ୍ଡ ଅନୁଦିତ ହିନ୍ଦୀ ଗ୍ରନ୍ଥ, ଚଉଦ ଖଣ୍ଡ ସମ୍ପାଦିତ ହିନ୍ଦୀ ଗ୍ରନ୍ଥ, ଛଅଖଣ୍ଡ ମୌଳିକ ଓଡ଼ିଆ ଗ୍ରନ୍ଥ, ବାରଖଣ୍ଡ ଅନୁଦିତ ଓଡ଼ିଆ ଗ୍ରନ୍ଥ, ଦୁଇଖଣ୍ଡ ଶବ୍ଦକୋଷ ପ୍ରଭୃତି ଉଲ୍ଲେଖନୀୟ। ସେଧିମଧରୁ ସାହିତ୍ୟ: ଏକ ସିଂହାବଲୋକନ, ହିନ୍ଦୀ ସାହିତ୍ୟର ଇତିହାସ, ଓଡ଼ିଆ ସାହିତ୍ୟ: ବିବିଧ ପ୍ରସଙ୍ଗ (ହିନ୍ଦୀ) ପ୍ରଭୃତି ରହିଛି। ତାଙ୍କର ଜନ୍ମ ୧୯୪୯ ଜୁନ ୫ରେ ଗଞ୍ଜାମ ଜିଲା ଭଞ୍ଜନଗର ନିକଟବର୍ତ୍ତୀ ଗାମୁଣ୍ଡି ଗ୍ରାମରେ ହୋଇଥିଲା। ଏ ସମ୍ପର୍କରେ ସଂସଦ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

## ୩ ବର୍ଷ ପରେ ବି ହୋଇପାରିଲାନି ତଦନ୍ତ

କଟକ ସଦର,୧୯।୧୨(ଡି.ଏନ୍.ଏ.)

**ଶୁକ ପାଇକା ନଦୀ ଜମି ହାତେଇବା ମାମଲା**

୧୯୯୪ ମସିହାରେ କଟକ ଜିଲା କିଶନ ନଗର ତହସିଲ ଅନ୍ତର୍ଗତ ଶୁକ ପାଇକା ନଦୀ କିସମ ଜମିକୁ ଚଞ୍ଚକତା କରି ପ୍ରାୟ ୨୦୦ ଏକର ଜମି ବେଆଇନ ଭାବେ ବହୁଲୋକ ହାତେଇଥିଲେ। ଏ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ଅଭିଯୋଗ ହେବା ପରେ ଆୟୁକ୍ତଙ୍କ ପକ୍ଷରୁ କଟକ ଜିଲାପାଳ ଓ ସଦର, କଟକ ଉପଜିଲାପାଳଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୩ରୁ ଊର୍ଦ୍ଧ୍ୱ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ତଦନ୍ତ କରାଯାଇ ନାହିଁ। ସୂଚନାଯୋଗ୍ୟ, ୧୯୮୮ମସିହାରେ ସାଲେପୁରରୁ ଅଲଗା ହୋଇ କିଶନ ନଗର ତହସିଲ ସ୍ଥାପନ କରାଯାଇଥିଲା। ମାତ୍ର ୧୯୯୪ରେ ତତ୍କାଳୀନ ତହସିଲଦାର ୨୦୦ ଏକର ଶୁକ ପାଇକା ନଦୀ ପଠା ଜମି ଲୋକମାନଙ୍କ ହାତରେ ପଟ୍ଟା ଦାରା ଟେକି ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ କୌଣସି ଫାଇଲ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ । ତେଣୁ ଏ ସମ୍ପର୍କରେ ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ଏହାର ବିଧିବଦ୍ଧ ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପାଖରେ ଆବେଦନ କରିଥିଲେ। ପତ୍ର ସଂଖ୍ୟା ନଂ.୧୦୨୮୧/୨୩।୧୦।୨୦୧୯ ରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ।ଏହିପତ୍ର ପାଇବା ପରେ କଟକ ଅତିରିକ୍ତ ଜିଲାପାଳ(ରାଜସ୍ୱ) ପତ୍ର ସଂଖ୍ୟା ନଂ.୩୨୭୪/୮।୧୧।୨୦୧୯ରେ ସଦର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଅଭିଯୋଗର ତଦନ୍ତ ରିପୋର୍ଟ ଉପଲବ୍ଧ ନାହିଁ ବୋଲି ବୋଲି ଉପଜିଲାପାଳଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ପତ୍ର ସଂଖ୍ୟା ନଂ.୭୬୦୦/୨୦୧୮।୨୦୨୨ରେ ଜଣାଇଛନ୍ତି। ଅନ୍ୟପକ୍ଷେ ଶୁକ ପାଇକା ନଦୀପଠା ଜବରଦଖଲ ମୁକ୍ତ ବୋଲି ଏନ୍‌ଜିଟି, କୋଲକାତା ବେଞ୍ଚରେ କଟକ ସଦର ତହସିଲଦାର ପତ୍ର ସଂଖ୍ୟା

## ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦାବି

ଖୁଣ୍ଟୁଣୀ,୧୯।୧୨(ଡି.ଏନ.ଏ)



ଅଂଶୁପାରେ ସୋମବାର ବୀର ବିର୍ସା ମୁଣ୍ଡା ହୋ ଛାତ୍ର ସଂଗଠନ ଆଠଗଡ଼ ଶାଖାର ବାର୍ଷିକ ସମାବେଶରେ ଯୋଗଦେଇଥିବା ସଦସ୍ୟ।

ବୀର ବିର୍ସା ମୁଣ୍ଡା ହୋ ଛାତ୍ର ସଂଗଠନ ଆଠଗଡ଼ ଶାଖାର ବାର୍ଷିକ ସମାବେଶ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅଂଶୁପାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାଣ୍ଡିଲ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ସର୍ବ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଓଡ଼ିଶା ଶାଖା ସହ କୋଷାଧକ୍ଷ ଗମେୟା ଅମଙ୍ଗ, ସର୍ବବୃହତ ଆଦିବାସୀ ଶିକ୍ଷାନୁଷ୍ଠାନ କିସ୍ ବିଦ୍ୟାଳୟର ଶିକ୍ଷକ ପାଇକେରାଇ ଦେଓଗାମ, ସଞ୍ଜୟ ପୂର୍ତ୍ତି, ଆଦିବାସୀ ନେତା ରୂପନାରାୟଣ ପୂର୍ତ୍ତି, ବୁଲୁ ତିରିଆ, ଶିବରାମ ହେମ୍ବ୍ରମ, ସହଦେବ ମୁର୍ମୁ, ସ୍ୱର୍ଣ୍ଣଲତା ସିଂ, ସୁମିତ୍ରା ଡାଙ୍ଗିଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୀର ବିର୍ସା ମୁଣ୍ଡା ହୋ ଛାତ୍ର ସଂଗଠନ ଭୁବନେଶ୍ୱର ଶାଖାର ଦୁର୍ଗା ସିଂହ ବୁଡିଉଲି, କଟକ ଶାଖାର ବସନ୍ତ ଚାତାର, ବିଭୂତି କୁଦାଦା, ଆଲୋକ ସିଂ, ରାଇରଙ୍ଗପୁର ଶାଖାର ସୁନୀଲ ସୁଣ୍ଡି, ହରିଚନ୍ଦନପୁର ଶାଖାର ସିଧିଓ କୁଙ୍କାଲ, ନବଘନ ମୁଣ୍ଡା, ଢେଙ୍କାନାଳ ଶାଖାର ମୁନା ପୂର୍ତ୍ତି ଆଦି ଛାତ୍ର ନେତାଙ୍କ ସହ ଆଠଗଡ଼ ଅଞ୍ଚଳର ଶତାଧିକ ହୋ ଛାତ୍ରୀଛାତ୍ର ଯୋଗଦେଇଥିଲେ। ହୋ ଭାଷାକୁ ଭାରତୀୟ ସମ୍ବିଧାନରେ ସାମିଲ କରିବା ସହ ଓଡ଼ିଶା ରାଜ୍ୟରେ ହୋ ଭାଷାକୁ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ଦେବା, ଅଙ୍ଗନୱାଡ଼ିଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା କରିବା, ହୋ ଭାଷା ବହୁଳ ବିଦ୍ୟାଳୟରେ ହୋ ଭାଷା ଶିକ୍ଷକ-ଶିକ୍ଷୟିତ୍ରୀ ନିଯୁକ୍ତି କରିବା ପ୍ରମୁଖ ଦାବି ଉପସ୍ଥାପିତ ହୋଇଥିଲା। ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଡାକରାରେ ଡିସେମ୍ବର ୨୩ରେ ହୋ ଭାଷାକୁ ରାଜଭାଷା ଦାବି ନେଇ ବାଇକ୍ ରାଲିରେ ବହୁ ସଂଖ୍ୟାରେ ଯୋଗ ଦେବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଛାତ୍ର ସଂଗଠନ ସଭାପତି ଶଶୀ ପୂର୍ତ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁମନ୍ତ ସିଂହ, ମଞ୍ଜୁଲତା ମୁଣ୍ଡା, ରଞ୍ଜନ ପୂର୍ତ୍ତି, ଦାମ ତିରିଆ, ନଳିନୀ ଗଇପାଇ, ମିନି ବାନାରା ପ୍ରମୁଖ ସହଯୋଗ କରିଥିଲେ। ସହ କୋଷାଧକ୍ଷ ଜାନକୀ ପୂର୍ତ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କଣ୍ଡରା ପୋଖରୀର ପୁନରୁଦ୍ଧାର କରାଯାଉ

**ପୁରୁଣା ଭୁବନେଶ୍ୱର,୧୯।୧୨(ଡି.ଏନ୍.ଏ.):** ଗ୍ୟାରେଜଛକ ସ୍ଥିତ ପରିତ୍ୟକ୍ତ କଣ୍ଡରା ପୋଖରୀ ସଫେଇ ପାଇଁ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୫ ଏକରରୁ ଉର୍ଦ୍ଧ୍ୱ ପରିମିତ ଏହି ପୋଖରୀ ପରିତ୍ୟକ୍ତ ହୋଇପଡ଼ିଛି। ଏନେଇ ନନ୍ଦପୁଷ୍କରିଣୀ ନଗର ବାସିନ୍ଦାଙ୍କ ସମେତ ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା କଲାନୀ ବାସିନ୍ଦା ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପୋଖରୀର ପୁନରୁଦ୍ଧାର ପାଇଁ ମଞ୍ଚ ୨୦୧୧ରୁ ଅଭିଯୋଗ କରିଆସୁଅଛି। ଏନେଇ ମଞ୍ଚ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ୨୦୧୮ ରେ ବିଏମସି କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୋଖରୀର ପୁନରୁଦ୍ଧାର ପାଇଁ ବିଏମସି କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ତେବେ ଏ ପର୍ଯ୍ୟନ୍ତ ପୋଖରୀର ପୁନରୁଦ୍ଧାର ହୋଇପାରି ନାହିଁ। ଆଗାମୀ ୭ଦିନ ମଧରେ ପଦକ୍ଷେପ ଗ୍ରହଣ କରା ନ ଗଲେ ମଞ୍ଚ ବିଏମସି କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯିବ ବୋଲି ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

### ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବାଲିଅନ୍ତା,୧୯।୧୨(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ମାର୍ଚ୍ଚ ପୋଷ୍ଟରେ ଭାଗ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାନେତ୍ରୀ କାଞ୍ଚନା ଉଦ୍‌ଘାଟନ କରିଥିଲେ। ବାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ଦାସ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ ଶୃଙ୍ଖଳିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକଙ୍କ ଜୁନିୟର ସିନିୟର ବିଭାଗରେ ମୋଟ ୩୨ଟି ଇଭେଣ୍ଟରେ ଖେଳ ହେବ ବୋଲି କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ନାୟକ କହିଛନ୍ତି।

### ହାଇଡ୍ରୋକୋଲ ଲାଡାର ପାଇଁ ଟେଣ୍ଡର ଡାକିଲା ବିଏମ୍‌ସି

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ):** ହକି ପାଇଁ ମିଶନ୍ ମୋଡ୍‌ରେ କାମ କରୁଛି ବିଏମ୍‌ସି। ଏଥିପାଇଁ କେତେବେଳେ ପରିମଳ ତ ଆଉ କେତେବେଳେ ସୌନ୍ଦର୍ଯ୍ୟକରଣ, ପୁଣି ଇଲେକ୍ଟ୍ରି ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦିଆଯାଉଛି। ଯଥାଶୀଘ୍ର ନିର୍ଦ୍ଧାରିତ ସମୟରେ ସମସ୍ତ କାମ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଆଉ ୩ଟି ହାଇଡ୍ରୋକୋଲ୍ ଲାଡାର କିଣିବ ବିଏମ୍‌ସି। ପ୍ରତି ଲାଡାରର ମୂଲ୍ୟ ୨୫ରୁ ୩୦ ଲକ୍ଷ ଟଙ୍କା ଅଟକଳ ରଖାଯାଇଛି। ଏଥିପାଇଁ ସୋମବାର ବିଏମ୍‌ସି ପକ୍ଷରୁ ଟେଣ୍ଡର ଡକାଯାଇଛି। ଭୁବନେଶ୍ୱରର ୩ଟି ଜୋନ୍ ପାଇଁ ଗୋଟିଏ ଲେଖାଏଁ ଲାଡାର ପ୍ରଦାନ କରାଯିବ। ସେହିପରି ରାସ୍ତାକଡ଼ ଜୀବଜନ୍ତୁଙ୍କ ପାଇଁ ବିଏମ୍‌ସି ଆମ୍ବୁଲାନ୍ସ ପ୍ରଦାନ କରିବ। ଅସୁସ୍ଥ ଜୀବଜନ୍ତୁଙ୍କ ସମ୍ପର୍କରେ ଖବର ପାଇବା ପରେ ଆମ୍ବୁଲାନ୍ସ ସେହି ଜୀବଜନ୍ତୁଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଡିସେମ୍ବର ୩୦ ଶେଷ ତାରିଖ ରହିଛି।

# ହକି ପାଇଁ ମାଟିରେ ମିଶୁଛି ଭାତହାଣ୍ଡି






ପଟିଆ ଛକରୁ କିଟ୍ ରାସ୍ତାକଡ଼ରେ ଥିବା ଦୋକାନକୁ ମେଶିନ ଦ୍ୱାରା ଉଚ୍ଛେଦ କରାଯାଉଛି। କାନନବିହାର ରାସ୍ତା ପାର୍ଶ୍ୱରେ ଥିବା ଉଠା ଦୋକାନ ଉଚ୍ଛେଦକୁ ବିରୋଧ କରି ବ୍ୟବସାୟୀ ପରିବାରର ମହିଳାମାନେ ପ୍ରତିବାଦ କରୁଛନ୍ତି।

## ସୌନ୍ଦର୍ଯ୍ୟକରଣ ଆଗରେ ଜୀବନଜୀବିକା ତୁଚ୍ଛ

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ଜାନୁୟାରୀ ମାସରେ ହକି ବିଶ୍ୱକପ୍ ଦେଖିବ ସମଗ୍ର ବିଶ୍ୱ। ରାଜଧାନୀ ଭୁବନେଶ୍ୱର ଏବଂ ରାଉରକେଲାରେ ଖେଳ ଅନୁଷ୍ଠିତ ହେବ। ହକି ଦେଖିବାକୁ ବିଭିନ୍ନ ଦେଶବିଦେଶରୁ ପ୍ରଶଂସକଙ୍କ ସହ ଖେଳାଳିଙ୍କ ସୁଅ ଛୁଟିବ। ତେଣୁ ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ ସଜେଇ ହେଉଛି ରାଜଧାନୀ ଭୁବନେଶ୍ୱର। ଏଠାକୁ ଆସିବା ପରେ ଏହାର ସୌନ୍ଦର୍ଯ୍ୟକରଣ, ପରିମଳ ଏବଂ ସୁବ୍ୟବସ୍ଥିତ ସହରର ଢାଞ୍ଚାକୁ ଦେଖି ଯେପରି ସମସ୍ତେ ଏହାର ପ୍ରଶଂସା କରିବେ ସେଥିପାଇଁ ତତ୍ପର ହୋଇ ଉଠିଛି ବିଏମ୍‌ସି। ମାତ୍ର ସୌନ୍ଦର୍ଯ୍ୟକରଣ ନାମରେ ଶତାଧିକ ଉଠାଦୋକାନୀଙ୍କ ଭାତହାଣ୍ଡିକୁ ଗୋଇଠା ମରାଯାଉଛି। ପ୍ରତିଦିନ ଜବରଦଖଲ ଉଚ୍ଛେଦ ନାମରେ ବ୍ୟବସାୟୀଙ୍କ ଦୋକାନ ଭାଙ୍ଗି ମାଟିରେ ମିଶାଇ ଦିଆଯାଉଛି। ଫଳରେ ହଜାର ହଜାର ଉଠାଦୋକାନୀଙ୍କ ପରିବାର ଏବେ ବେରୋଜଗାର ହୋଇଯାଇଛନ୍ତି। ଦୀର୍ଘ ବର୍ଷ ଧରି ସହରର ବିଭିନ୍ନ ରାସ୍ତାକଡ଼ରେ ଉଠା ଦୋକାନ କରି ପରିବାର ପୋଷଣ କରୁଥିବା ବ୍ୟବସାୟୀମାନେ ହଠାତ୍ ଜୀବିକା ହରାଇ ଅସହାୟ ହୋଇପଡିଛନ୍ତି। ଦୋକାନ ଭାଙ୍ଗିଯିବା ଫଳରେ ପିଲାଙ୍କ ସ୍କୁଲ୍ ଫି' ଦେବା ପାଇଁ ସେମାନେ ଅସମର୍ଥ ହୋଇ ପଡିଛନ୍ତି। ଆର୍ଥିକ ଅନଟନ ଦେଇ ଗତି କରୁଥିବାରୁ ପିଲାଙ୍କ ମୁହଁରେ ଦୁଇବେଳା ଦାନା ଯୋଗାଇଦେବା କଷ୍ଟକର ହୋଇପଡିଥିବା କେତେଜଣ ବ୍ୟବସାୟୀ କୋହଭରା କଣ୍ଠରେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ହକି ପାଇଁ ସହରକୁ ସୁନ୍ଦର କରିବା ନାମରେ ପ୍ରାୟ ୫ହଜାର ଉଠାଦୋକାନୀଙ୍କ ପରିବାର ଉପାସରେ ରହିବେ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ କୁହାଯାଇଛି। ମହାସଂଘ ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି, ଦୋକାନ ଉଚ୍ଛେଦ ପରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ରୋଜଗାର ନ ଥିବାରୁ ଅନେକ ବ୍ୟକ୍ତି ମାନସିକ ଚିନ୍ତାରେ ଦିନ କାଟୁଛନ୍ତି। ଜୀବିକା ହରାଇଥିବା ବ୍ୟକ୍ତିମାନେ ଭବିଷ୍ୟତରେ ଚୋରି, ଛିନତାଇ କରିବାକୁ ପଛାଇବେ ନାହିଁ। ସେଥିପାଇଁ ରାଜ୍ୟ ସରକାର, ବିଡିଏ, ବିଏମ୍‌ସି, ପୋଲିସ୍, ଜିଏ ଅଧିକାରୀମାନେ ଦାୟୀରହିବେ ବୋଲି ସେ କହିଛନ୍ତି। ସେହିପରି ଚନ୍ଦ୍ରଶେଖରପୁରରେ ବ୍ୟବସାୟ କରୁଥିବା ଅନୁ ମିଶ୍ର କହିଛନ୍ତି, ୧୫ ବର୍ଷ ହେବ ଏଠାରେ ବ୍ୟବସାୟ କରୁଛି। ସନ୍ଧ୍ୟା ୫ଟାରୁ ରାତି ୧୦ ପର୍ଯ୍ୟନ୍ତ ରାତ୍ରି ଭୋଜନ ପ୍ରସ୍ତୁତ କରି ବିକିବା ମୋର କାମ। ଏହି ଦୋକାନ ମୋ ରୋଜଗାରର ମାଧ୍ୟମ। ଦୋକାନରୁ ଯାହାକିଛି ମିଳେ ସେଥିରେ ମୁଁ ଏବଂ ମୋ ମା' ଚଳୁଛୁ। ଏବେ ଖେଳ ପାଇଁ ବିଏମ୍‌ସି, ବିଡିଏ ଆମ ଦୋକାନ ସବୁ ଭାଙ୍ଗି ଦେଉଛି। ଖେଳରେ କ'ଣ ପେଟ ପୂରିବ, ଜଣଙ୍କ ଜୀବନ ଜୀବିକାଠାରୁ ଖେଳ ଏବଂ ସୌନ୍ଦର୍ଯ୍ୟକରଣ କ'ଣ ଏତେ ଜରୁରୀ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନୟାପଲ୍ଲୀ ଇସ୍କନ ମନ୍ଦିର ପାଖରେ ଚାଟ୍ ଦୋକାନ କରି ପରିବାର ଚଳାଉଥିବା ବ୍ୟବସାୟୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ୯ବର୍ଷ ହେବ ଏଠି ଦୋକାନ ଥିଲା। ଏହି ରୋଜଗାର ଉପରେ ମୋ ପରିବାର ନିର୍ଭର କରେ। ମାତ୍ର ଗତ ୨୦ ଦିନ ହେବ ଦୋକାନକୁ ଭାଙ୍ଗି ଦେଇଛନ୍ତି। ଯେତେ ନେହୁରା ହେଲେ ବି କେହି ଶୁଣୁ ନାହାନ୍ତି। ହକି ପାଇଁ ସବୁ ଭଙ୍ଗା ହେଉଛି, ୨ ମାସ ପରେ ଦୋକାନ କରିବ ବୋଲି ଭାଙ୍ଗିବାକୁ ଆସିଥିବା ଅଫିସରମାନେ କହିଥିଲେ। ତେବେ ୨ମାସ ପର୍ଯ୍ୟନ୍ତ ପରିବାର କେମିତି ଚଳିବ ସେ ଚିନ୍ତାରେ ଅଛନ୍ତି ପ୍ରଶାନ୍ତ। ଏମାନଙ୍କ ପରି ଶତାଧିକ ବ୍ୟବସାୟୀ ନିଜ ଉପାର୍ଜନର ମାଧ୍ୟମ ହରାଇବା ପରେ ଏଭଳି ଭୋକ ଉପାସରେ ଦିନ କାଟୁଛନ୍ତି। ହକି ପାଇଁ ରାସ୍ତାଘାଟରେ ଚିତ୍ର ଆଙ୍କିବା ସହ ଗଛ ଲଗାଇ, ବୈଠକ ପରେ ବୈଠକ କରି ବିଏମ୍‌ସି, ବିଡିଏ ଅଧିକାରୀମାନେ ବାହାବା ନେବାରେ ବ୍ୟସ୍ତ ଅଛନ୍ତି।

### ରାଜଧାନୀ ନ୍ୟୁଜ୍ ପେପର ହକର୍ସ ୱେଲ୍‌ଫେୟାର ୟୁନିୟନର ନୂତନ କର୍ମକର୍ତ୍ତା

#### ଖବରକାଗଜ ବିତରକ ସମ୍ମିଳନୀ

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ରାଜଧାନୀ ନ୍ୟୁଜ୍ ପେପର ହକର୍ସ ୱେଲ୍‌ଫେୟାର ୟୁନିଅନ ପକ୍ଷରୁ ଶିଖରଚଣ୍ଡୀ ମନ୍ଦିର ପରିସରରେ ଖବରକାଗଜ ବିତରକ ସମ୍ମିଳନୀ ଉପସଭାପତି ଭାସ୍କର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଖବରକାଗଜ ବିତରଣ କରୁଥିବା ବିତରକମାନେ ଯୋଗଦେଇଥିଲେ। ବିତରକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଏହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ଆଗାମୀ ଦିନ ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଲାଗି ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ଆଡ୍‌ଭୋକେଟ ମନୋଜ କୁମାର ନନ୍ଦ, ଉପସଭାପତି ଭାବେ ଭାସ୍କର ଚନ୍ଦ୍ର ସାହୁ, ସମ୍ପାଦକ ସମ୍ପଦ କୁମାର ସାହୁ, ସହସମ୍ପାଦକ ସୁରେନ୍ଦ୍ର ସାହୁ, କୋଷାଧକ୍ଷ ମନୋଜ ସାହୁ, ସହକୋଷାଧକ୍ଷ ବନମାଳୀ ଡୋରା ଓ ଉପଦେଷ୍ଟା ଭାବେ ବିଜୟ ସାମଲ ନିର୍ବାଚିତ ହୋଇଛନ୍ତି। ସେହିଭଳି ରୁନୁ ଦାସ, ଯୁଗଳ ସେଠୀ, ମେଘନାଦ ଦାସ, ମଦନ ସାହୁ, ରମେଶ ପଣ୍ଡା, ସନ୍ତୋଷ ସାହୁ, ସତ୍ୟ ପଣ୍ଡା କାର୍ଯ୍ୟକାରୀ କମିଟି ସଭ୍ୟ ରହିଛନ୍ତି। ଉପଦେଷ୍ଟା ବିଜୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏମ୍‌ସି ଅଫିସ୍ ସମ୍ମୁଖରେ ଉଠାଦୋକାନୀଙ୍କ ବିକ୍ଷୋଭ




ଉଠାଦୋକାନୀମାନେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ବିଶ୍ୱକପ୍ ହକି ପାଇଁ ବିଏମ୍‌ସିର ଉଠାଦୋକାନୀ ଉଚ୍ଛେଦ ପ୍ରତିବାଦରେ ରସ୍ତାକୁ ଓହ୍ଲାଇଛନ୍ତି ଉଠାଦୋକାନୀ। ଏଆଇସିସିଟିୟୁ ସହ ନିବନ୍ଧିତ ଉତ୍ତର ଭୁବନେଶ୍ୱର ଉଠାଦୋକାନୀ ସଂଘ ପକ୍ଷରୁ ସୋମବାର କଳ୍ପନା ଛକଠାରୁ ଶୋଭାଯାତ୍ରାରେ ବାହାରି ବିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ୨୦୦ରୁ ଅଧିକ ଉଠାଦୋକାନୀ ଯୋଗଦେଇ ହକି ଖେଳ ନାମରେ ଗରିବଙ୍କ ପେଟକୁ ନାଠ ନ ମାରି, ତୁରନ୍ତ ଭେଣ୍ଡିଂଜୋନ ନିର୍ମାଣ, ଜୀବନ ଜୀବିକା ଓ ସାମାଜିକ ସୁରକ୍ଷା ସୁରକ୍ଷିତ କରିବା ଆଦି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ। ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା କହିଛନ୍ତି, ସମ୍ବିଧାନର ଧାରା ୨୧କୁ ବିଏମ୍‌ସି ଖୋଲାଖୋଲି ଉଲ୍ଲଙ୍ଘନ କରି ଶତାଧିକ ଲୋକଙ୍କୁ ବେରୋଜଗାର କରିବା ମାନବିକ ଅଧିକାରର ଉଲ୍ଲଙ୍ଘନ। ରାଜ୍ୟ ସରକାର ଉଠାଦୋକାନୀ ଷ୍ଟ୍ରିଟ ଭେଣ୍ଡର ଆଇନକୁ ନ ମାନିବା ଲଜ୍ଜାଜନକ ବିଷୟ ବୋଲି କହିଥିଲେ। ଏହି ଅବସରରେ ଏକ ୪ଜଣିଆ ପ୍ରତିନିଧି ମଣ୍ଡଳୀ ବିଏମ୍‌ସି କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ବିଏମ୍‌ସି ଉଠାଦୋକାନୀଙ୍କ ଉପରେ ବୁଲ୍‌ଡୋଜର ମାଡ଼ କରିବ ନାହିଁ ଏବଂ ଛୋଟ ଛୋଟ ଜାଗାରେ ବ୍ୟବସାୟ କରିବା, ସହରକୁ ପରିଷ୍କାର ରଖିବା ସହିତ ଉତ୍ତର ଭୁବନେଶ୍ୱରରେ ଭେଣ୍ଡିଂଜୋନ ନିର୍ମାଣ କରିବା ଲାଗି କମିଶନର ପ୍ରତିଶ୍ରୁତି ଦେଲା ପରେ ବିକ୍ଷୋଭ ବନ୍ଦ କରାଯାଇଥିଲା। ବିକ୍ଷୋଭରେ ହେମନ୍ତ କୁମାର ସାସ୍ମଲ, ମାନସ ରଞ୍ଜନ ପ୍ରଧାନ, କାଳୁ ବେହେରା, ମହେଶ୍ୱର ବେହେରା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷେ ସୋମବାର କାନନବିହାର ଅଞ୍ଚଳରେ ଉଚ୍ଛେଦ ଚାଲିଥିବା ସମୟରେ ବହୁ ମହିଳା, ପୁରୁଷ ହାତରେ ବ୍ୟାନର ଧରି ରାସ୍ତାକୁ ଓହ୍ଲାଇଥିଲେ। ଖେଳ ନୁହେଁ, ଭାତ ଚାହୁଁ, ଖେଳ ନାମରେ ଗରିବ ମାରଣ ନୀତି ଚଳିବ ନାହିଁ ଆଦି ସ୍ଲୋଗାନ ଦେଇ ରାସ୍ତାରେ ବିକ୍ଷୋଭ କରିଥିଲେ।

### ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ବାରଙ୍ଗ,୧୯।୧୨(ଡି.ଏନ୍.ଏ.)**

ଭାରତୀୟ ଜୈବ ଚିକିତ୍ସା ବିଜ୍ଞାନୀ ସଂଗଠନ ତରଫରୁ ୪୩ତମ ବାର୍ଷିକ ସମ୍ମିଳନୀ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଭୁବନେଶର ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି, ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ଆର୍. ଶର୍ମା, ବକ୍ତା ଭାବେ ବିଶିଷ୍ଟ ଗବେଷକ ଭଟନାଗର ପୁରସ୍କାରପ୍ରାପ୍ତ ନ୍ୟାଶନାଲ ସେଣ୍ଟର ଅଫ୍ ସେଲ ସାଇନ୍ସର ବୈଜ୍ଞାନିକ ପ୍ରଫେସର ଭାସ୍କର ସାହା ଓ ଅନ୍ୟତମ ଅତିଥିଭାବେ ଆଇଏବିଏମ୍‌ଏସ୍ ସଭାପତି ପାଟନା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ନିର୍ଦ୍ଦେଶକ ଡ. ଜି.କେ ପାଲ, ସାଧାରଣ ସମ୍ପାଦକ ଡ. ଇ. ପଦ୍ମିନୀ, ବିଶ୍ୱବିଦ୍ୟାଳୟ ଡାଇରେକ୍ଟର ଅଫ ଅପରେଶନ ଗୌରବ ବର୍ମା, ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ ମୁଖ୍ୟ ଡ. ତୀର୍ଥଙ୍କର ଘୋଷ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ତିନି ଦିନ ଧରି ଏହି ସମ୍ମିଳନୀ ଚାଲିବ। ଆଧୁନିକ ଚିକିତ୍ସା ସହ ଭାରତୀୟ ଚିକିତ୍ସା ପଦ୍ଧତି ଆୟୁର୍ବେଦ, ଯୋଗ ଏବଂ ଓଷ୍ଟିଓପାଥି ଚିକିତ୍ସାର ମିଳିତ ଉପଯୋଗିତା ବିଷୟରେ ଓଡ଼ିଶା ଓ ଭାରତ ଏବଂ ଭାରତ ବାହାରୁ ପ୍ରାୟ ଦେଢ଼ ଶହରୁ ଉର୍ଦ୍ଧ୍ୱ ଚିକିତ୍ସା ବିଜ୍ଞାନୀ ଯୋଗଦେଇ ପ୍ରବନ୍ଧ ଉପସ୍ଥାପନ କରିବେ। ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଡିନ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଅତିଥିଙ୍କୁ ଉତ୍ତମ ବ୍ୟବହାର, ସହଯୋଗ କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୯।୧୨ (ବ୍ୟୁରୋ)**

#### ପବ୍ଲିକ ଟ୍ରାନ୍ସପୋର୍ଟ ପ୍ରଦାନକାରୀଙ୍କ ସହ ପୋଲିସର ଆଲୋଚନା



ଆଉ କେଇଟା ଦିନ ପରେ ଓଡିଶାରେ ହେବ ହକି ବିଶ୍ୱକପ୍। ଓଡିଶା ସମେତ ସାରା ବିଶ୍ୱରୁ ହକିପ୍ରେମୀଙ୍କ ସୁଅ ଛୁଟିବ। ତେଣୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଆଗୁଆ ପ୍ରସ୍ତୁତ କରାଯାଇଛି। ଏହିକ୍ରମରେ ଦେଶ ତଥା ଦେଶ ବାହାରୁ ଆସିବାକୁ ଥିବା ଦର୍ଶକ (ଅତିଥି)ଙ୍କୁ ଭଲ ବ୍ୟବହାର ସହ ସୁରକ୍ଷିତ ନେବା ଆଣିବା କରିବା ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟ ଆସୋସିଏଶନ ସହ ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଟ୍ରାଫିକ ପୋଲିସ କନଫରେନ୍ସ ହଲରେ ଏକ ବୈଠକ କରାଯାଇଥିଲା। ସହରରେ ଚାଲୁଥିବା ଓଲା, ଅଟୋ, ଟ୍ୟାକ୍ସି, ବସ୍ ଓ ଆମ୍ବୁଲାନ୍ସ ଭଳି ସର୍ଭିସରେ ସେମାନେ କିପରି ଭଲ ଅନୁଭୂତି ନେଇ ଫେରିବେ ସେନେଇ ପୋଲିସ ଆରମ୍ଭ କରିଛି ସ୍ୱତନ୍ତ୍ର ପ୍ରୟାସ । ଯେଉଁ ସଂସ୍ଥା ସେବା ଯୋଗାଉଛନ୍ତି ସେସବୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ଅତିଥିଙ୍କୁ ଉତ୍ତମ ବ୍ୟବହାର ସହ ସ୍ୱାଗତ କରିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ଏହାସହ ନିର୍ଦ୍ଦିଷ୍ଟ ଦେୟ ବା ଅଧିକ ମୂଲ୍ୟ ନ ନେବା ଓ ଯାତ୍ରୀମାନଙ୍କୁ ହଇରାଣ ନ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି ଡ୍ରାଇଭରଙ୍କ ୟୁନିଫର୍ମ ଅଛି ସେସବୁ ପରିଧାନ କରିବେ। ସେହିପରି ହକି ସମୟରେ ଅଯଥା ଗହଳି ନ କରି ପୋଲିସକୁ ସହଯୋଗ କରିବା ସହ ପାର୍କିଂ ଏବଂ ଟ୍ରାଫିକକୁ ନିୟନ୍ତ୍ରଣରେ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଟ୍ରାଫିକ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଅନ୍ୟ ସତର୍କ ବାର୍ତ୍ତା ଜାଣିବା ପାଇଁ ଗାଡିଗୁଡିକରେ ରେଡିଓ ଏବଂ ଏଫ୍‌ଏମ ସଂଯୋଗ କରିବା, ଓଡିଶାର ଐତିହ ସ୍ଥଳକୁ ବିଦେଶୀ ପର୍ଯ୍ୟଟକଙ୍କୁ ମାର୍ଗଦର୍ଶନ କରିବା ପାଇଁ ଷ୍ଟାଣ୍ଡରେ ଇଂରାଜୀ ଜ୍ଞାନ ଥିବା ଗାଇଡମାନଙ୍କୁ ନିଯୁକ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ରାସ୍ତାରେ କୌଣସି ଅପ୍ରୀତିକର ପରିସ୍ଥିତି ଓ ଟ୍ରାଫିକ ଜାମ ହେଲେ ୧୧୨କୁ କଲ କରି ଜଣାଇବାକୁ କୁହାଯାଇଛି। ଅନ୍ୟପଟେ ହକି ବିଶ୍ୱକପ ପାଇଁ ପୋଲିସର ୨୪ ଘଣ୍ଟିଆ ସେବା ଜାରିରହିବ। ଏହି ବୈଠକରେ ଟ୍ରାଫିକ ଡିସିପିଙ୍କ ସମେତ ଅତିରିକ୍ତ ଡିସିପି ଓପୋଲିସଅଧିକାରୀମାନେଉପସ୍ଥିତଥିଲେ।

## ଜନଶୁଣାଣି ଶିବିରରେ ୭୪ ଅଭିଯୋଗ

**ବାଲିପାଟଣା,୧୯।୧୨(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୭୪ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ତନ୍ମଧ୍ୟରୁ ୭୨ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅବସରରେ ଜଣେ ହିତାଧିକାରୀଙ୍କୁ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜନଶୁଣାଣି ପରେ ଜିଲାପାଳ ଚକ୍ରବର୍ତ୍ତୀ କୁଶଭଦ୍ରା ହାଇସ୍କୁଲଠାରେ ଚାଲିଥିବା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଭାକରସାହି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ମଧ୍ୟାହ୍ନଭୋଜନ ଖାଇଥିଲେ। ଏଥିସହିତ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଜିଲା ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ, ଏସିପି ଶୁଭ ନାରାୟଣ ମୁଦୁଲି, ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ପ୍ରାଣୀ ଚିକିତ୍ସା ଅଧିକାରୀ ଧୁମନ ବେହେରା, ଜଳସମ୍ପଦ ଅଧିକାରୀ ଜ୍ଞାନେନ୍ଦ୍ର ନାୟକ, ଏବିଡିଓ ସ୍ମୃତିଶ୍ରୀ ଶତପଥୀ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମଧ୍ୟାହ୍ନଭୋଜନ ପରୀକ୍ଷା କରୁଛନ୍ତି।

### ମଧ୍ୟାହ୍ନଭୋଜନ ଖାଇଲେ ଜିଲାପାଳ

## ବଦଳିଲେ ବ୍ୟକ୍ତିଗତ ସହାୟକ ହେମନ୍ତ

**ଖୋର୍ଦ୍ଧା ଅଫିସ,୧୯।୧୨**

### ଜିଲାପାଳଙ୍କ ବିରୋଧରେ ଅଭିଯୋଗ ମହଙ୍ଗା ପଡ଼ିଲା

- ସର୍କିଟ ହାଉସ ଫେରିଲେ ୩ କର୍ମଚାରୀ
- ଏସ୍‌ପିଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ଆଣିବା ୪ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। ଗତ ଶନିବାର ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ହେମନ୍ତ ଭୋଇଙ୍କୁ ବଦଳି କରାଯାଇଛି। ସେହିପରି ଜିଲାପାଳଙ୍କ ବାସଭବନରେ କାର୍ଯ୍ୟରତ ମାଳୀ ବଲ୍ଲଭ ଚନ୍ଦ୍ର ସାହୁ, ରୋଷେୟା ଲକ୍ଷ୍ମୀଧର ଦାସଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ସର୍କିଟ ହାଉସକୁ ବଦଳି କରାଯାଇଛି। ମାଳୀ ଗୋପାଳ ବେହେରାଙ୍କ କୌଣସି ସରକାରୀ ଡକ୍ୟୁମେଣ୍ଟ ନ ଥିବାରୁ ତାଙ୍କ ସମ୍ପର୍କରେ ବଦଳି ଅର୍ଡର ବାହାରି ନ ଥିବା ବେଳେ ତାଙ୍କୁ ପୁଣି ସର୍କିଟ ହାଉସକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରୁଥିବା ହେମନ୍ତଙ୍କୁ ଜିଲା ପରିଷଦ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେ ଜିଲାପରିଷଦ ସଭାପତିଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରିବେ। ପୂର୍ବରୁ ସେଠାରେ ଅବସ୍ଥାପିତ ଗଣେଶ ସେଠୀଙ୍କୁ ଜିଲାପାଳଙ୍କ କନ୍‌ଫିଡେନ୍ସିଆଲ ସେକ୍ସନକୁ ବଦଳି ହୋଇଥିବା ବେଳେ ସେ ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରିବେ। ଗଣେଶଙ୍କୁ ତୁରନ୍ତ ସମସ୍ତ ସରକାରୀ ନଥିପତ୍ର ହସ୍ତାନ୍ତର ଲାଗି ହେମନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ଜିଲାପାଳଙ୍କ ବିରୋଧରେ ଅଭିଯୋଗ ପରଠାରୁ ହେମନ୍ତ ମେଡିକାଲ ଗ୍ରାଉଣ୍ଡରେ ଛୁଟିରେ ଅଛନ୍ତି। ସେହିପରି ବଲ୍ଲଭ ଚନ୍ଦ୍ର ସାହୁ ପୂର୍ବରୁ ଭୁବନେଶ୍ୱର ସର୍କିଟ ହାଉସରେ କାର୍ଯ୍ୟରତ ଥିବା ବେଳେ ଜିଲାପାଳଙ୍କ ବାସଭବନରେ ୨୦୨୧ ଜୁନ ୨ରୁ କାର୍ଯ୍ୟରତ ରହିଥିଲେ। ସେହିପରି ଲକ୍ଷ୍ମୀଧର ଗତ ନଭେମ୍ବର ୧୧ତାରିଖଠାରୁ ଏଠାରେ କାର୍ଯ୍ୟରତ ଥିଲେ। ଗତ ମଙ୍ଗଳବାର ବଲ୍ଲଭ, ଲକ୍ଷ୍ମୀଧର ଓ ଗୋପାଳ ଜିଲାପାଳ ନିର୍ଯାତନା ଦେଉଥିବା ନେଇ ଗଣମାଧ୍ୟମ ଆଗରେ କହିଥିଲେ। ବୁଧବାର ଜିଲାପାଳ ଏହି ୩ଜଣଙ୍କୁ ପୁନଃ ନିଜ ସ୍ଥାନକୁ ଫେରିଯିବାକୁ କହି ବାସଭବନରୁ ବାହାର କରିଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ୩ଜଣ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ବିଫଳ ହେବା ପରେ ଫେରି ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାଥାଉ କି, ନଭେମ୍ବର ୨୪ରେ ହେମନ୍ତଙ୍କ ସ୍ତ୍ରୀ ସବିତା ନାୟକ ଟାଉନ ଥାନରେ ଜିଲାପାଳ ହେମନ୍ତଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଇତିମଧ୍ୟରେ ୨୦ଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନାହିଁ। ବାଧ୍ୟ ହୋଇ କୋର୍ଟର ଆଶ୍ରୟ ନେବି ବୋଲି ଉକ୍ତ ସମୟରେ ଗଣମାଧ୍ୟମ ଆଗରେ କହିଥିଲେ ହେମନ୍ତ। ଅନ୍ୟପଟେ ହେମନ୍ତ ଗତ ୧୧ତାରିଖରେ ସଦର ଏସଡିପିଓ ଦିଲୀପ ଦାସଙ୍କ ନିକଟରେ ଲିଖିତ ବୟାନ ଦେଇଥିଲେ। ୪ ପୃଷ୍ଠା ସମ୍ବଳିତ ନିଜ ବୟାନରେ ସେ ଜିଲାପାଳଙ୍କ ଉପରକୁ ସିଧାସଳଖ ଅଙ୍ଗୁଳି ଉଠାଇଛନ୍ତି। ଗତ ୧୫ତାରିଖ ସନ୍ଧ୍ୟାରେ ଏକ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ପଲ୍ଲାସ୍ଥିତ ହେମନ୍ତଙ୍କ ନିର୍ମାଣାଧୀନ ଘର ନିକଟରେ ଫଟୋ ଉତ୍ତୋଳନକୁ ନେଇ ଦମ୍ପତିଙ୍କ ସହ ଖବରଦାତାଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଖବରଦାତାଙ୍କ ଅଭିଯୋଗ ଉପରେ ଟାଉନ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କ ବିରୋଧରେ ସବିତା ଆଣିଥିବା ଅଭିଯୋଗ ଉପରେ ମାମଲା ରୁଜୁ ହୋଇନାହିଁ। ସବିତା ଏମ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବାଙ୍କୀ (ସ୍ୱ.ପ୍ର.): ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ, ବାଙ୍କୀ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଭାଷା ଓ ସାହିତ୍ୟରେ ଯୁବପିଢ଼ିଙ୍କ ଅବଦାନ' ଶୀର୍ଷକ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାର ସମସ୍ତ ନୀତି ନିୟମ ଉପରେ ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ ମହାପାତ୍ର ଆଲୋକପାତ କରିଥିଲେ। ଆସନ୍ତା ଜାନୁୟାରୀ ୨୬ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ଆବାହକ ଅକ୍ଷୟ ସାମଲ ପ୍ରକାଶ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ ପଣ୍ଡା ଓ ଅଧ୍ୟାପିକା ସରସ୍ୱତୀ ଦେଉରୀ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଚମକ ହରାଇଛି ସହରର ବଡ଼ ଉଦ୍ୟାନ



■ଅବ୍ୟବସ୍ଥାରେ ବିଜୁ ପଟ୍ଟନାୟକ ପାର୍କ
■କୃତ୍ରିମ ହ୍ରଦ ଶୁଷ୍କ, ହରାଇଛି ସବୁଜିମା



**କଟକ ଅଫିସ,୧୯।୧୨**

ଏକଦା ପର୍ଯ୍ୟଟକଙ୍କ କେନ୍ଦ୍ରବିନ୍ଦୁ ପାଲଟିଥିବା ସହରର ସବୁଠାରୁ ବଡ଼ ବିଜୁ ପଟ୍ଟନାୟକ ଉଦ୍ୟାନ ଏବେ ଅବହେଳିତ ଅବସ୍ଥାରେ ରହିଛି। ଉଦ୍ୟାନ ପରିସରରେ ନିର୍ମାଣ ହୋଇଥିବା କୃତ୍ରିମ ହ୍ରଦ, ଜଳ ଫୁଆର ଓ ସବୁଜ ଗାଲିଚା ଜଙ୍ଗଲରେ ପରିଣତ ହୋଇଛି। ନାନାଦି ସୁସଜ୍ଜିତ ଫୁଲ ଗଛ ଆଉ ଦେଖିବାକୁ ମିଳୁନାହିଁ। ଅଧିକାଂଶ ସ୍ଥାନ ଏବେ ଏକ ପ୍ରକାର ଜଙ୍ଗଲରେ ପରିଣତ ହୋଇଛି। ଫଳରେ ଏହା ଦର୍ଶକଙ୍କୁ ପୂର୍ବପରି ଆକୃଷ୍ଟ କରୁନାହିଁ। ମର୍କତନଗରସ୍ଥିତ ସେକ୍ଟର-୧୧ରେ ରହିଛି ବିଜୁ ପଟ୍ଟନାୟକ ଉଦ୍ୟାନ। ୩୩ ଏକର ଜମିରେ ଗଢ଼ି ଉଠିଛି ଏହି ବିଶାଳ ଉଦ୍ୟାନ। ୨୦୧୦ରେ ଏହାର ସମ୍ପ୍ରସାରଣ କରାଯାଇ ସୌନ୍ଦର୍ଯ୍ୟକରଣ ବୃଦ୍ଧି କରାଯାଇଥିଲା। ଏହି ଉଦ୍ୟାନର ରକ୍ଷଣାବେକ୍ଷଣ ଲାଗି ୩୫ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଚିତ୍ତବିନୋଦନ ଲାଗି ଏଠାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଥିଲା। ସେଠାରେ ପର୍ଯ୍ୟଟନ କୁଟୀର, ଶୌଚାଳୟ, କୃତ୍ରିମ ହ୍ରଦ ସହ ଜଳଫୁଆର ଓ ବିଦେଶୀ ଫୁଲର ବଗିଚା ଆଦି ପ୍ରସ୍ତୁତ କରାଯାଇଥିଲା। ଯାହା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରୁଥିଲା। ହେଲେ କିଛିବର୍ଷ ହେବ ଏହି ଉଦ୍ୟାନ ଅବହେଳିତ ଅବସ୍ଥାରେ ରହିଛି। ପୂର୍ବରୁ ସାମୁଦ୍ରିକ ଝଡ଼ରେ ଏଠାରେ ବହୁ କ୍ଷତି ପହଞ୍ଚିଥିଲା। ସେଠାରେ ପଡି ରହିଥିବା ଦେଖିବାକୁ ମିଳିଛି। ଏପରିକି ଗତ ଦୁଇ ବର୍ଷ ହେବ କରୋନା ମହାମାରୀ ଯୋଗୁ ଉଦ୍ୟାନକୁ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଯାହର



ବହୁ ବଡ଼ବଡ଼ ଗଛଗୁଡିକ ମଧ ନଷ୍ଟ ହୋଇଯାଇଥିଲା। ଯାହା ଏବେବି ପ୍ରଭାବ ଏଠାରେ ଦେଖିବାକୁ ମିଳୁଛି। ଶୌଚାଳୟ ଅଚଳ ଅବସ୍ଥାରେ ପଡିରହିଛି। ଯେଉଁଠି ପ୍ରତିଦିନ ୫୦୦ରୁ ଅଧିକ ଲୋକଙ୍କ ଗହଳି ଜମୁଥିଲା ଏବେ ସେଠାରେ ସକାଳେ ସମୟରେ କିଛି ଲୋକେ ପ୍ରାତଃଭ୍ରମଣରେ ଯାଉଛନ୍ତି ଓ ଅପରାହ୍ନରେ ମଧ ଭିଡ଼ ପରିଲକ୍ଷିତ ହେଉନାହିଁ। ଉଦ୍ୟାନର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ଅବହେଳିତ ଅବସ୍ଥାରେ ରହିଛି। ତେଣୁ ଏହି ଉଦ୍ୟାନର ସୌନ୍ଦର୍ଯ୍ୟକରଣ ବୃଦ୍ଧି ସହ ଅତ୍ୟାଧୁନିକ ସୁବିଧା ସୃଷ୍ଟି କରିବା ଲାଗି ଦାବି ହୋଇଛି।

> "ବହୁ ଉପକରଣ ଭାଙ୍ଗିରୁଜି ଗଲାଣି। ଏପରିକି ଉଦ୍ୟାନ ସମ୍ମୁଖରେ ବିଜୁବାବୁଙ୍କ ଏକ ବଡ଼ ପ୍ରତିମୂର୍ତ୍ତି ରହିଛି। ଏହାର ମୂଳଦୁଆରେ ଫାଟିଥିବା ଦେଖିବାକୁ ମିଳୁଛି। ଫଳରେ ଏହି ପ୍ରତିମୂର୍ତ୍ତି ପ୍ରତି ବିପଦ ସୃଷ୍ଟି ହୋଇଛି। ଉଦ୍ୟାନରେ ପିଲାଙ୍କ ଖେଳିବା ଲାଗି ସ୍ୱତନ୍ତ୍ର ସ୍ଥାନ ଓ ସେଠାରେ ପଡିଥିବା ଚେୟାରଗୁଡିକ ନଷ୍ଟ ହେବାକୁ ବସିଛି।
> **ସୁମିତ୍ରା ସାହୁ, ସ୍ଥାନୀୟ ବସିନ୍ଦା**

> "ଅତ୍ୟାଧୁନିକ ଆଲୋକୀକରଣର ବ୍ୟବସ୍ଥା ହୋଇଥିଲେ ମଧ ଅଧାରୁ ଅଧିକ ଅଚଳ ଅବସ୍ଥାରେ ରହିଛି। ଏପରିକି ଲାଇଟ୍‌ଗୁଡିକ ଭାଙ୍ଗି ଖୁଣ୍ଟିରେ ଝୁଲୁଥିବାବେଳେ ଏହାର ମେଶିନ୍ ବାକ୍ସରେ କଳଙ୍କିଲାଗି ଗଲାଣି। ଉଦ୍ୟାନଟିର ଅବସ୍ଥା ଖରାପ ହୋଇପଡିଛି। ଏହାର ରକ୍ଷଣାବେକ୍ଷଣ କରାଗଲେ ସ୍ଥାନୀୟଲୋକ ବେଶ୍ ଉପକୃତ ହେବେ।
> **ନୀଳମଣି ମହାନ୍ତି, ସ୍ଥାନୀୟ ବସିନ୍ଦା**

> "ବିଶେଷକରି ସହରବାସୀ ପ୍ରତିଦିନ ଏଠାରେ କିଛି ସମୟ ବିତାଇବା ଲାଗି ପସନ୍ଦ କରିଥାନ୍ତି। ପିଲାଛୁଆଙ୍କ ସହ ଆସି ସମୟ ବିତାଇବାକୁ ଏଠାରେ ଭଲ ଲାଗେ। ହେଲେ ଏହି ପାର୍କ ଆଉ ସେଭଳି ନାହିଁ। ସେଥିପାଇଁ ଏଠାକୁ ଆସିବାକୁ ମଧ ଇଚ୍ଛା ହେଉନି।
> **ସୁଧାକର ପତି, ସ୍ଥାନୀୟ ବସିନ୍ଦା**

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବଡ଼ମ୍ବା,୧୯।୧୨(ଡି.ଏନ.ଏ.)**

ବଡ଼ମ୍ବା ମଣ୍ଡଳ ସ୍ତରୀୟ ଏକ ଦିବସୀୟ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ମୁଖ୍ୟବକ୍ତା ଭାବେ ୩୦ ନଂ. ଜୋନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା ଓ ସମ୍ମାନିତ ଅତିଥି ଭାବେ ୩୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ନୟନା ସାହୁ, ସଦାନନ୍ଦ ସ୍ୱାଇଁ, ଦୀପକ କୁମାର ସାହୁ ଏବଂ ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇଥିଲେ। ବଡ଼ମ୍ବା ମଣ୍ଡଳ ଅନ୍ତର୍ଗତ ୩୮ ପଞ୍ଚାୟତର ୩୫ରୁ ଊର୍ଦ୍ଧ୍ୱ କବାଡି ଏବଂ ଫୁଟ୍‌ବଲ ଟିମ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସରକାରୀ ଗୋପ ମଥୁରା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଏହାକୁ ସଂଯୋଜନା କରିଥିଲେ। ୩୮ଟି ଗ୍ରାମ ପଞ୍ଚାୟତର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷୟିତ୍ରୀଶିକ୍ଷକଙ୍କ ସହାୟତାରେ ଓ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରବୀଣ କିଶୋର ଦେବଙ୍କ ତତ୍ତ୍ୱାବଧାନରେ କବାଡି ଏବଂ ଫୁଟବଲ ପ୍ରତିଯୋଗିତା ହୋଇଥିଲା। ଏଥିରୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଶେଷରେ ଜନମଙ୍ଗଳ ଅଧିକାରୀ ଉମେଶ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କଟକ ସଦର ବ୍ଲକସ୍ତରୀୟ ସ୍ପୋର୍ଟସ, ଗେମ୍ସ ଉଦ୍‌ଘାଟିତ

କଟକ ଅଫିସ,୧୯।୧୨- କଟକ ସଦର ବ୍ଲକ ଓ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ପୋର୍ଟସ ଓ ଗେମ୍ସ ୨୦୨୨ ଖାନନଗରସ୍ଥିତ ୟଙ୍ଗ୍ ଉତ୍କଳ ସ୍ପୋର୍ଟସ ପଡ଼ିଆରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହି ଦୁଇଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମେୟର ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ କ୍ରୀଡା କ୍ଷେତ୍ରରେ ଦିଆଯାଉଥିବା ବିଭିନ୍ନ ପ୍ରୋତ୍ସାହନ ଓ ସୁବିଧାସୁଯୋଗ ବିଷୟରେ ଅବଗତ କରାଇଥିଲେ। ଅତିରିକ୍ତ ପୋଲିସ ଆୟୁକ୍ତ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସରୋଜିନୀ ମିଶ୍ର, ରବୀନ୍ଦ୍ର ସ୍ୱାଇଁ, ମଧୁପାଟଣା ଥାନାଧିକାରୀ ତୁଷାରକାନ୍ତି ସେଠି, ଜିଲା ଶାରୀରିକ ଶିକ୍ଷାଧିକାରୀ ସୌଦାମିନୀ ଦାସ, ସୁକାନ୍ତ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱବିହାରୀ ଜେନା, ଜୟଧର୍ମ ସେନାପତି, ଚନ୍ଦ୍ରଭାନୁ ନାୟକ, ଭାନୁପ୍ରତାପ ରାଣା, ଅସୀମା ମହାପାତ୍ର, ବିଶ୍ୱଜିତ ପଟ୍ଟନାୟକ, ରଞ୍ଜିତ ଦାସ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କଟକ ସଦର ବ୍ଲକ ଓ କଟକ ମହାନଗର ନିଗମର ବିଭିନ୍ନ ଜୋନରୁ ବିଦ୍ୟାଳୟ ସ୍ତରରେ ମନୋନୀତ ଛାତ୍ରୀଛାତ୍ରମାନେ ଏଥିରେ ଖୋ ଖୋ, କବାଡି, ଭଲିବଲ୍, ଫୁଟବଲ, ବ୍ୟାଡମିଣ୍ଟନ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଯୋଗ୍ୟ କ୍ରୀଡ଼ାବିତମାନେ ଜାନୁୟାରୀ ପ୍ରଥମ ସପ୍ତାହରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ଓଡ଼ିଶା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା ଚୟନ

କଟକ ଅଫିସ,୧୯।୧୨: ଓଡ଼ିଶା ରାଜସ୍ୱ ଅମଲା ସଂଘ କଟକ ଜିଲା ଶାଖାର ପଞ୍ଚମ ତ୍ରୟବାର୍ଷିକ ସମ୍ମିଳନୀ ଓ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ କଟକ ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପ୍ରମୋଦ ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟ ସରକାରଙ୍କ ନିକଟରେ ରାଜସ୍ୱ ଅମଲାମାନଙ୍କ ବିଚାରଧୀନ ବିଭିନ୍ନ ଦାବିଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଦାବିଗୁଡ଼ିକ ମଧରେ ରାଜସ୍ୱ ଅମଲାମାନଙ୍କୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ, ବେତନର ଅଭିବୃଦ୍ଧି, ଓଡ଼ିଶା ରାଜସ୍ୱ ସେବା ପଦୋନ୍ନତିରେ ରାଜସ୍ୱ ଅମଲାମାନଙ୍କ କୋଟା ବୃଦ୍ଧି ଇତ୍ୟାଦି ରହିଛି। ବଡ଼ମ୍ବା ତହସିଲର ବରିଷ୍ଠ ଉପବିଭାଗୀୟ ଅଧିକାରୀ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ରାଜ୍ୟ କର୍ମକର୍ତ୍ତା ରାମାକାନ୍ତ ସାହୁ, ପ୍ରଦୀପ ଜେନା ଓ କାର୍ତ୍ତିରଞ୍ଜନ ପ୍ରଧାନ ଓ ସାଲେପୁର ତହସିଲର ବିଭାଗୀୟ ଅଧିକାରୀ ଦିବ୍ୟ ଲୋଚନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହା ପରେ ସଂଘର ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରଯାଇଥିଲା। ଏଥିରେ ସଭାପତି ଭାବେ ଜ୍ଞାନେନ୍ଦ୍ର ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି, ଅଧକ୍ଷ ମନୋଜ ମହାନ୍ତି, ସଂଗଠନ ସମ୍ପାଦକ ରାଜେଶ ସୁବୁଦ୍ଧି, କୋଷାଧକ୍ଷ ଉଦୟଭାନୁ ଜେନା ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମନୋନୀତ ହୋଇଥିଲେ।

### ପୂର୍ବତନ ବ୍ଲକ ଅଧକ୍ଷଙ୍କ ପରଲୋକ

ବାଙ୍କୀ,୧୯।୧୨(ସ୍ୱ.ପ୍ର): ପୂର୍ବତନ ବାଙ୍କୀ ବ୍ଲକ ଅଧକ୍ଷ ନେତ୍ରାନନ୍ଦ ଚୌଧୁରୀଙ୍କ ରବିବାର ରାତିରେ ପରଲୋକ ଘଟିଛି। ସେ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ବାଙ୍କୀ ବ୍ଲକ ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘଦିନ ହେଲା ଅସୁସ୍ଥ ରହି ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯାଇ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ମନୋଜ ଚୌଧୁରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ସୁରଞ୍ଜନ ପଣ୍ଡା, ସମିତି ସଭ୍ୟ ମହେଶ୍ୱର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, କଲେଜ ଉପାଧକ୍ଷ ମନୋଜ ମହାପାତ୍ର, ପୂଜ୍ୟପୂଜା ଅନୁଷ୍ଠାନ ସଭାପତି ସୁନୀଲ କୁମାର ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଚୌଧୁରୀ ବୈଦ୍ୟେଶ୍ୱର ପଞ୍ଚାୟତର ଦୁଇଥର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ବାଙ୍କୀ ସମବାୟ ଭୂଉନ୍ନୟନ ବ୍ୟାଙ୍କ ସଭାପତି, ବୈଦ୍ୟେଶ୍ୱର ସେବା ସମବାୟ ସମିତି ସଭାପତି ଭାବେ କାର୍ଯ୍ୟ କରିଥିଲେ।

## ବିଜ୍ଞାନମେଳାରେ ୪୦ ପ୍ରକଳ୍ପ ପ୍ରଦର୍ଶିତ

**ବାଙ୍କୀ,୧୯।୧୨(ସ୍ୱ.ପ୍ର.)**



ଛାତ୍ରୀଛାତ୍ରମାନେ ପ୍ରକଳ୍ପ ବିଷୟରେ ସୂଚନା ଦେଉଛନ୍ତି।

ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୪ତମ ବାର୍ଷିକ ବିଜ୍ଞାନମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀକୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ କ୍ୟାପ୍ଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରିଥିଲେ। ଶିକ୍ଷାକେନ୍ଦ୍ର ସଭାପତି ନବକିଶୋର ରାଉତ ମେଳାରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ହୋତା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ବିଜ୍ଞାନ ସମ୍ବନ୍ଧୀୟ ବହୁ ଉପାଦେୟ ବିଷୟ ଅବଗତ କରାଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷାକେନ୍ଦ୍ର ପରିଚାଳନା ପରିଷଦ ସମ୍ପାଦକ ଦାମୋଦର ରାଜ, ସହସମ୍ପାଦକ କୌଶିକ ନାୟକ, ଉପସଭାପତି ରମାକାନ୍ତ ମହାପାତ୍ର, ସଭ୍ୟ ରଞ୍ଜିତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

**କଟକ ଅଫିସ,୧୯।୧୨**

ବିଶିଷ୍ଟ ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କ ୧୧ତମ ଶ୍ରାଦ୍ଧୋତ୍ସବ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନସନ ହଲ୍‌ରେ ସୋମବାର ପାଳିତ ହୋଇଯାଇଛି। ଆଇନଜୀବୀ ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଚାରପତି ଶଶିକାନ୍ତ ମିଶ୍ର, ଆଡଭୋକେଟ ଜେନେରାଲ ଅଶୋକ ପରିଜା, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ, ରାଜ୍ୟ ମାନବାଧିକାର କମିଶନ ସଭ୍ୟ ଅସୀମ ଅମିତାଭ ଦାସ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି କାଳୀପ୍ରସନ୍ନ ମିଶ୍ର ଯୋଗଦେଇ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ବିଭିନ୍ନ ବାର୍ ଆସୋସିଏଶନର ୫ଜଣ କୃତୀ ଆଇନଜୀବୀଙ୍କୁ ଆଇନ ପୁସ୍ତକ ପ୍ରଦାନ କରାଯାଇଥିଲା।



ଗୁଣ୍ଡୁଚି ମୂଷା ସାଂଗଠନିକ ସଂଘ ପକ୍ଷରୁ କଟକ ବଜ୍ରକବାଟି ସ୍ଥିତ କାର୍ଯ୍ୟାଳୟ ପରିସରରେ ରବିବାର ରିକ୍ସା ଚାଳକଙ୍କୁ କମ୍ବଳ ଓ ପୁରୁଣା ପୋଷାକ ଆଦି ବଣ୍ଟନ କରାଯାଉଛି।

## ରାଜ୍ୟ ତୈଳିକ ବୈଶ୍ୟ ସମାଜର ସାଧାରଣ ପରିଷଦ ବୈଠକ



ସାଧାରଣ ପରିଷଦ ବୈଠକ ତୈଳିକ ବୈଶ୍ୟ ସମାଜର ସଦସ୍ୟମାନେ।

**ବାଙ୍କୀ,୧୯।୧୨(ସ୍ୱ.ପ୍ର.)**

ବାଙ୍କୀ ରାଜ୍ୟ ତୈଳିକ ବୈଶ୍ୟ ସମାଜର ସାଧାରଣ ସଭା ବାଙ୍କୀ ପାଟପୁର ସାହିଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଗଡ଼ି, ପାଟପୁର, ସିଂହନାଥପୁର, ଚର୍ଚ୍ଚିକା, ରଘୁନାଥପୁର, ଢଁସର, ବ୍ରହ୍ମପୁରା, ହରିରାଜପୁର, ପାଣିକୋଇଡ଼ ଆଦି ଅଞ୍ଚଳର ତୈଳିକ ସମାଜର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଙ୍କୀ ରାଜ୍ୟ ସଭାପତି ପର୍ଶୁରାମ ସାହୁ ସଭାରେ ଅଧକ୍ଷତା କରିଥିଲେ। ସମାଜର ସଂଗଠନ ସମ୍ପର୍କରେ ଶରତ ଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ବାଉରୀବନ୍ଧୁ ସାହୁ, ଶ୍ରୀଧର ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନା କରିବା ସହିତ ସଂଗଠନକୁ ସୁଦୃଢ଼ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ରାଜେନ୍ଦ୍ର ସାହୁଙ୍କୁ ତୈଳିକ ସମାଜର ନୂତନ ସଦର ବେହେରା ଭାବରେ ମନୋନୀତ କରାଯାଇଛି।

## ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

# କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରେ

**ବାଙ୍କୀ,୧୯।୧୨(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ମଣ୍ଡଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପ୍ରିତମ କୁମାରୀ ବିଦ୍ୟାମନ୍ଦିର ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ାକୁ ବାଙ୍କୀର ଯୁବ ବିଧାୟକ ତଥା ଓ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଥିବା ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। କ୍ରୀଡ଼ା ମାନସିକ ଓ ଶାରୀରିକ ଉନ୍ନତି କରିବା ସହ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରେ ବୋଲି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ସମ୍ମାନିତ ଅତିଥି ୩୨ନଂ. ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଶୋକ ପଟ୍ଟନାୟକ, ପ୍ରଫୁଲ୍ଲ ବେହେରା, ସରପଞ୍ଚ ପ୍ରତିନିଧି ଭବାନୀ ଶଙ୍କର ପରିଜା, ବ୍ଲକ କ୍ରୀଡ଼ା ସମ୍ପାଦିକା ରୀତାଞ୍ଜଳି ସେଠୀ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଚନ୍ଦନ ଜେନା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ୧୭ଟି ପଞ୍ଚାୟତର ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ବୁଦ୍ଧେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।




## ଫୁଟ୍‌ବଲରେ ପାଞ୍ଚଗାଁ, କବାଡିରେ ଜେମାଦେଈପୁର ଚାମ୍ପିୟନ



ଟ୍ରଫି ସହ କବାଡି ଚାମ୍ପିୟନ ଦଳର ଖେଳାଳିମାନେ।

**ଟିଗିରିଆ,୧୯।୧୨(ଡି.ଏନ.ଏ .)**

ବିଶ୍ୱ କପ୍ ହକି ଉପଲକ୍ଷେ ଟିଗିରିଆ ପାଞ୍ଚଗାଁ ସ୍ଥିତ ମିନିଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ ଫୁଟ୍‌ବଲ ଓ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫୁଟ୍‌ବଲରେ ପାଞ୍ଚଗାଁ ଓ କବାଡିରେ ଜେମାଦେଇପୁର ପଞ୍ଚାୟତ ଚାମ୍ପିୟନ ହୋଇଥିଲା। ଫୁଟ୍‌ବଲର ଫାଇନାଲ ମ୍ୟାଚ ପାଞ୍ଚଗାଁ ଓ ଭୋଗଡ଼ା ପଞ୍ଚାୟତ ମଧରେ ଖେଳାଯାଇଥିଲା। ଏଥିରେ ପାଞ୍ଚଗାଁ ୨-୦ ଗୋଲରେ ବିଜୟୀ ହୋଇଛି। କବାଡ଼ି ମ୍ୟାଚର ଫାଇନାଲ ଜେମାଦେଇପୁର ଓ ପୁରୁଣା ଟିଗିରିଆ ମଧରେ ଖେଳାଯାଇଥିଲା। ଏଥିରେ ଜେମାଦେଇପୁର ୨୩/୨୦ରେ ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଚାମ୍ପିୟନ ଓ ରନରଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା, ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସରପଞ୍ଚ ନିରଞ୍ଜନ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଟିଗିରିଆ ଶାରୀରିକ ପ୍ରଶିକ୍ଷଣ କେନ୍ଦ୍ର କର୍ମକର୍ତ୍ତା ଖେଳ ପରିଚାଳନା କରିଥିଲେ।

# ସାହିତ୍ୟ, ସଂସ୍କୃତିକୁ ପୁନର୍ଜୀବିତ କରିବ ମହୋତ୍ସବ

## ଆଠଗଡ଼ ମହୋତ୍ସବ ପଞ୍ଚମ ସନ୍ଧ୍ୟା

**ଆଠଗଡ଼, ୧୯।୧୨(ସ୍ୱ.ପ୍ର)**



ମହୋତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ଓ ଅନ୍ୟମାନେ।

ସାହିତ୍ୟ, ସଂସ୍କୃତିର ଅବକ୍ଷୟ ସହିତ ଉଗ୍ର ଆଧୁନିକତାର ବଳୟ ଭିତରେ ଲୋକକଳା ଏବଂ ପରମ୍ପରାର ଅଧୋଗତି ବେଳେ ମହୋତ୍ସବ ଭଳି ଅନୁଷ୍ଠାନମାନଙ୍କ ଅଭ୍ୟୁଦୟ ଏହାକୁ ପୁନର୍ଜୀବିତ କରିବାରେ ସହାୟକ ହୋଇପାରିଛି। ସାରା ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କଳା, ସାହିତ୍ୟ, ସଂସ୍କୃତି, କ୍ରୀଡାର ନବ ଉନ୍ମେଷ ମହୋତ୍ସବ ମାଧମରେ ସମ୍ଭବପର ହୋଇପାରିଛି। ଆଠଗଡ଼ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଏଭଳି କିଛି ମନ୍ତବ୍ୟ ରଖିଛନ୍ତି ଅତିଥିମାନେ। ମହୋତ୍ସବ ପଡ଼ିଆରେ ଆୟୋଜିତ ଆଠଗଡ଼ ମହୋତ୍ସବର ଆବାହକ ତଥା ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟ ଅତିଥି, ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କ୍ରୀଡ଼ା ଏବଂ ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଠଗଡ଼ ମହୋତ୍ସବର ମୁଖପତ୍ର 'ଅଷ୍ଟାୟନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସର୍ବ ଭାରତୀୟ ପ୍ରଶାସନିକ ସେବାରେ କୃତିତ୍ୱ ଅର୍ଜନ କରିଥିବା ଓମପ୍ରସାଦ ମହାନ୍ତିଙ୍କ ପକ୍ଷରୁ ତାଙ୍କ ବାପା ଗୌରୀଶଙ୍କର ମହାନ୍ତି ଏବଂ ସୁପ୍ରଭା ମହାନ୍ତି, ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ଅର୍ଜନ କରିଥିବା ଇପ୍‌ସିତା ବେହେରା, ଆମେରିକାରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ନୀଳାଦ୍ରି ସିଂହ ଦାସ, ଏସଏନ ସମୀକ୍ଷା, ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ଅର୍ଜନ କରିଥିବା ସତ୍ୟଶାନ୍ତି ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାର୍ଥସାରଥି ପଟ୍ଟନାୟକ, ଯଶୋବନ୍ତ ବାରିକ, ନୀଳକଣ୍ଠ ଦୋରା ଏବଂ ସତ୍ୟପ୍ରକାଶ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ସୀତାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରବିବାର ଚତୁର୍ଥ ସନ୍ଧ୍ୟାରେ କଟକ ଜିଲା ପରିଷଦ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, କଟକ ଜିଲାପାଳ ଡ.ଭବାନୀ ଶଙ୍କର ଚୟନୀ ମୁଖ୍ୟ ବକ୍ତା, ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ, ଟିଗିରିଆ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଟାଙ୍ଗୀ ଚୌଦ୍ୱାର ବ୍ଲକ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଠଗଡ଼ର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡିକ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନବକିଶୋର ରାଉତ ପାର୍ଥସାରଥି ପଟ୍ଟନାୟକ, ନୀଳକଣ୍ଠ ଦୋରା, ସତ୍ୟେନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହନୁମାନଙ୍କ ସୁନା ଅଳଙ୍କାର ଚୋରି

କଣାସ,(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଗଡ଼ଖାରଦ ପଞ୍ଚାୟତ ମୁଗପଦର ଗ୍ରାମର ହନୁମାନ ମନ୍ଦିରରୁ ଚୋରି ହୋଇଥିବା ନେଇ ଗଡ଼ିଶାଗୋଦା ଥାନାରେ ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ମହାବୀରଙ୍କ ଦେହରେ ଲାଗି ରହିଥିବା ସୁନା ରୁପାରେ ନିର୍ମିତ ଅଳଙ୍କାରମାନ ଚୋରି କରି ନେଇଯାଇଛନ୍ତି। ପର ଦିନ ସକାଳୁ ପୂଜକ ମନ୍ଦିର ତାଲା ଭଙ୍ଗା ଯାଇଥିବା ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ଓ ପୂଜକ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିବାକୁ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛ।

## ସଂକ୍ଷେପରେ

### ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ଜଣେ ଗିରଫ

ବଲଙ୍ଗା,୧୯।୧୨(ଡି.ଏନ୍.ଏ.):ବଲଙ୍ଗା ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରାହ୍ମଣଖଣ୍ଡି ଗ୍ରାମର କୁନା ସ୍ୱାଇଁ (୩୨)। ଏନେଇ ପୋଲିସ ଏକ ମାମଲା (ନଂ. ୧୪୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୁନା ଜଣେ ଛାତ୍ରୀଙ୍କ କେତେକ ଆପତ୍ତିଜନକ ଫଟୋ ତାଙ୍କ ମୋବାଇଲରେ ରଖିଥିଲେ। ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ କୁନା କିଛିଦିନ ତଳେ ସେହି ଫଟୋକୁ ଭାଇରାଲ କରି ଦେଇଥିଲେ। ଏହି ଘଟଣା ଛାତ୍ରୀ ଜାଣିବା ପରେ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ୨୦ ଗ୍ରାମ ବ୍ରାଉସୁଗାର ଜବତ, ବେପାରୀ ଗିରଫ

ବଲଙ୍ଗା,୧୯।୧୨(ଡି.ଏନ୍.ଏ.): ବଲଙ୍ଗା ଥାନା ଅନ୍ତର୍ଗତ କୁଆଁରପୁରଠାରେ ଏକ ଗୋଦାମରେ ପାଲିସ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଡପଦନପୁର ଗ୍ରାମର ବିପିନ ପରିଡ଼ା(୪୨)। ପୋଲିସ ତାଙ୍କ ପାଖରୁ ୨୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏନେଇ ଏକ ମାମଲା (ନଂ. ୧୪୬/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ବିପିନ ବ୍ରାଉନ ସୁଗାର ବିକିବା ପାଇଁ ରବିବାର ସକାଳ ୮ଟାରେ କୁଆଁରପୁର ଗୋଦାମ ଗୃହଠାରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବରପାଇ ଥାନା ଅଧିକାରୀ ଚଢ଼ାଉ କରି ବିପିନ୍‌ଙ୍କୁ ଧରିଥିଲେ

### ମାନବାଧିକାର ସୁରକ୍ଷା ସଂଘର ବୈଠକ

ଡେଲାଙ୍ଗ,୧୯।୧୨(ଡି.ଏନ୍.ଏ.):ଡେଲାଙ୍ଗ ବ୍ଲକର କୁଞ୍ଜରସ୍ଥିତ ତ୍ରିନାଥ ଦେବଙ୍କ ମନ୍ଦିର ପରିସରରେ ମାନବାଧିକାର ସୁରକ୍ଷା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ପ୍ରଚାରକ ଅନାମ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ସଭାପତି ସୁରେଶ କୁମାର ମନ୍ତ୍ରୀ, ସମ୍ପାଦକ ସ୍ନେହମୟୀ ରାଉତ, ମହମ୍ମଦ ସାକିର, ଚିତ୍ରସେନ ନିଶଙ୍କ, ଦିଲୀପ ଖଟେଇ, ବେଣୁଧର ସାହୁ ପ୍ରମୁଖ ଯୋଗଦେଇ ମାନବାଧିକାର ସଂଗଠନର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅବହେଳିତ ତଥା ବିଭିନ୍ନ ସୁବିଧା ଓ ଅଧିକାରରୁ ବଞ୍ଚିତ, ଅସହାୟଙ୍କୁ ନ୍ୟାୟ ପ୍ରଦାନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଡେଲାଙ୍ଗ-ପିପିଲି ଅଞ୍ଚଳର ନିସହାୟ ପରିବାରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆନ୍ଦୋଳନ କରାଯିବାକୁ ଏକ ସଂକଳ୍ପପତ୍ର ପାଠ କରାଯାଇଥିଲା।

### ମହିଳା ସରପଞ୍ଚଙ୍କୁ ବ୍ଲକ୍ ପ୍ରଶାସନର ଦୁର୍ବ୍ୟବହାର

କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ

ପୁରୀ ଅଫିସ, ୧୯।୧୨: ନିମାପଡ଼ା ବ୍ଲକ୍ କଳାପାଞ୍ଚଣ ପଞ୍ଚାୟତରେ କୌଣସି ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ। ବ୍ଲକ୍ ପ୍ରଶାସନ ନବନିର୍ବାଚିତ କଂଗ୍ରେସ ମହିଳା ସରପଞ୍ଚଙ୍କୁ ଅସହଯୋଗ କରିବା, ଦୁର୍ବ୍ୟବହାର କରିବା ସହ ପୋଲିସର ଏକତରଫା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ନିମାପଡ଼ା ବ୍ଲକ୍‌ର କଂଗ୍ରେସ ନିର୍ବାଚିତ ପ୍ରାର୍ଥୀ ଓ ସଭ୍ୟମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେମାନେ ଏକ ଦାବିପତ୍ର ଦେଇଛନ୍ତି। ଅଭିଯୋଗକାରୀମାନେ ଦର୍ଶାଇଛନ୍ତି, କଳାପାଞ୍ଚଣ ସରପଞ୍ଚ ଗୀତାଞ୍ଜଳି ଜେନାଙ୍କୁ ବ୍ଲକ ପ୍ରଶାସନ ଅସହଯୋଗ କରୁଛି। ଫଳରେ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ଏ ସମ୍ପର୍କରେ ବିଡିଓ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଗତ ୬ତାରିଖରେ କଳାପାଞ୍ଚଣ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଗ୍ରାମସଭାରେ ପିଇଓ ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିବା ସହ ଥାନାରେ ସରପଞ୍ଚଙ୍କ ସମେତ ୬ଜଣଙ୍କ ନାମରେ ମିଥ୍ୟା ମକଦ୍ଦମା କରିଥିଲେ। ଫଳରେ ପୋଲିସ ଜଣକୁ ଗିରଫ କରି ଜେଲ ପଠାଇଛି। ମାତ୍ର ମହିଳା ସରପଞ୍ଚ ଦେଇଥିବା ଏତଲାକୁ ପୋଲିସ ଗ୍ରହଣ କରିନାହିଁ। ସେ କୋର୍ଟରେ ମକଦ୍ଦମା ଦାୟର କରିଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ତେଣୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ୨୯ ତାରିଖରେ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ଓ ଥାନା ସାମ୍ନାରେ ଗଣଧାରଣା ଦିଆଯିବ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କଳାପାଞ୍ଚଣର ସରପଞ୍ଚ ଗୀତାଞ୍ଜଳୀ ଜେନା ସୂଚନା ଦେଇଛନ୍ତି।

# ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପରେ ଉଚ୍ଛେଦ କରାଯାଉ

### ଗୁରୁକୁଳ ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ବିକ୍ଷୋଭ, ଦାବିପତ୍ର ପ୍ରଦାନ

ପୁରୀ ଅଫିସ, ୧୯।୧୨:



ଉପଯୁକ୍ତ କ୍ଷତିପୂରଣ ଦାବିରେ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଶ୍ରୀମନ୍ଦିର ସେବାୟତ ପିଲାଙ୍କ ନିମନ୍ତେ ମାଟିତୋଟାରେ ପ୍ରସ୍ତାବିତ ଆଦର୍ଶ ଗୁରୁକୁଳ ପାଇଁ ବିର୍ଲା ଏଜୁକେଶନ ସୋସାଇଟି ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ନିକଟରେ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳ କ୍ଷେତ୍ର ପରିଦର୍ଶନ କରି ସେଠାରେ ଥିବା ଜବରଦଖଲ ସ୍ଥାନ ଚିହ୍ନଟ କରି ଖୁବଶୀଘ୍ର ଉଚ୍ଛେଦ ହେବ ବୋଲି କହିଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ମହାପ୍ରଭୁଙ୍କ ଜମିରେ ଦୀର୍ଘବର୍ଷ ହେବ ବସବାସ କରୁଥିବା ଲୋକଙ୍କ ସହ ଅନେକ ବାସଗୃହ, ଦୋକାନ ଓ ଜମି କ୍ଷତିଗ୍ରସ୍ତ ହେବ। ତେବେ ପ୍ରଶାସନ ବିନା କ୍ଷତିପୂରଣ ଓ ବିନା ନୋଟିସରେ ଉଚ୍ଛେଦ ପାଇଁ ଯୋଜନା କରୁଥିବା ଅଭିଯୋଗ ଆଣି ଜମି ସମସ୍ୟା ସମାଧାନ ମଞ୍ଚ ପକ୍ଷରୁ ସୋମବାର ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକେ ଗୋଖାସାହି ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ କରିବା ସହ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ଦେବାକୁ ଦାବି କରି ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

ମଞ୍ଚ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ମାଟିତୋଟା ଅଞ୍ଚଳରେ କେତେଜଣ ଲୋକ ମ୍ୟୁନିସିପାଲିଟି ଲିଜ୍ ଜମିରେ ଏବଂ ଆଉ କେତେଜଣ ବ୍ୟକ୍ତି ମଠ ମନ୍ଦିର ଜମିରେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି। ତେବେ ସରକାର ସେମାନଙ୍କୁ ସ୍ଥାୟୀ ପଟ୍ଟା ଦେଲେ ନାହିଁ। ସେହିପରି ମ୍ୟୁନିସିପାଲିଟି ଜମି ଲିଜ୍ ନବୀକରଣ ହେଉନାହିଁ କି ମଠ ମନ୍ଦିର ଜମିରେ ସୁପ୍ରିମ୍‌କୋର୍ଟ ରାୟ ମୁତାବକ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଜାସତ୍ତ୍ୱ ମାନିନେଇ ସ୍ଥାୟୀ ପଟ୍ଟା ଦିଆଯାଉ ନାହିଁ। ମନ୍ଦିର ପାଇଁ ଜମିଦାରି ଉଚ୍ଛେଦ ଆଇନ କାର୍ଯ୍ୟକାରୀ ହେଉନାହିଁ। ଆମଠାରୁ ଖଜଣା ନେଇ ପଟ୍ଟା ଦିଆଯାଉ ଓ ୟୁନିଫର୍ମ ପଲିସି ମାଧ୍ୟମରେ ଜମି ବିକ୍ରୀ ରଦ୍ଦ କରାଯାଉ। ସେହିପରି ମାଟିତୋଟା ଅଞ୍ଚଳରେ ପ୍ରସ୍ତାବିତ ଗୁରୁକୁଳ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକଙ୍କୁ ବିନା ନୋଟିସ୍ ଓ ବିନା ଜମି ଅଧଗ୍ରହଣରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ସେମାନେ ଚିନ୍ତାରେ ଅଛନ୍ତି। ଉକ୍ତ ପ୍ରକଳ୍ପ କ୍ଷେତ୍ରରେ ପୁନର୍ବାସ ଓ ପୁନସ୍ଥାପନ ନୀତି ଲାଗୁ କରାଯାଉ। ଉପଯୁକ୍ତ ସର୍ଭେ କରି ବିସ୍ଥାପିତ ହେଉଥିବା କ୍ଷତିଗ୍ରସ୍ତଙ୍କୁ ଅନ୍ୟତ୍ର ଜମି ଦିଆଯାଉ। ପୁନର୍ବାସ ଓ ପୁନଃସ୍ଥାପନ ନୀତି ଅନୁଯାୟୀ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯାଉ। କ୍ଷତିଗ୍ରସ୍ତ ଦୋକାନୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଘର ପାଇଁ ଅନ୍ୟତ୍ର ସ୍ଥାନ ନିରୂପଣ କରି କ୍ଷତିପୂରଣ ଦିଆଯାଉ। କ୍ଷତିଗ୍ରସ୍ତଙ୍କୁ ଜମି ମୂଲ୍ୟ ବଜାର ଦରରେ ଦେବା ସହ ୨୦୨୨ ମସିହାର ମୂଲ୍ୟ ମୁତାବକ ନିର୍ମାଣାଧୀନ ଘରଗୁଡ଼ିକର କ୍ଷତିପୂରଣ ଦିଆଯାଉ। କ୍ଷତିଗ୍ରସ୍ତଙ୍କ ପିଲାଙ୍କ ପଢ଼ିବା ପାଇଁ ବ୍ୟବସ୍ଥା ହେଉ। ଏହି ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସଭାପତି ଶରତ କୁମାର ରାୟଗୁରୁ, ମନୋରଞ୍ଜନ ମହାରଣା, ସୁନୀଲ ଖୁଣ୍ଟିଆ, ପ୍ରହ୍ଲାଦ ଖୁଣ୍ଟିଆ, ସୁକାନ୍ତ ଭୋଇ, ସୁବାସ ଭାରତୀ, ଯୋଗେନ୍ଦ୍ର ପଣ୍ଡା, ରଞ୍ଜୁଲତା ଦାସ, ଶ୍ରୀଧର ସାହୁ ଏବଂ ହେମନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ବିଏସ୍‌ଏନ୍‌ଏଲ୍ ତାର କଟାକୁ ନେଇ ଗ୍ରାହକ ଅସନ୍ତୋଷ

ବ୍ରହ୍ମଗିରି,୧୯।୧୨(ଡି.ଏନ୍.ଏ.)

ବ୍ରହ୍ମଗିରି ଅଞ୍ଚଳରେ ଗତ କିଛିଦିନ ହେବ ବିଏସ୍‌ଏନ୍‌ଏଲ କେବୁଲ ତାରକୁ ଦୁର୍ବୃତ୍ତମାନେ ବାରମ୍ବାର କାଟୁଥିବାରୁ ଇଣ୍ଟରନେଟ ସେବା ବ୍ୟାହତ ହେଉଛି। ଫଳରେ ସୋମବାର ଦିନତମାମ ଇଣ୍ଟରନେଟ ସେବା ନ ଥିବାରୁ ବିଭିନ୍ନ ଜରୁରିକାଳୀନ ସେବା ସହ ସାଧାରଣ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ବିଏସ୍‌ଏନ୍‌ଲର ଇଣ୍ଟରନେଟ ପାଇଁ ମାଟି ତଳେ ତାର ଯାଇଛି। କିନ୍ତୁ ବିଏସ୍‌ଏନ୍‌ଏଲର ଏହି ସେବାରେ ବ୍ୟତିକ୍ରମ ସୃଷ୍ଟି କରି ଅନ୍ୟ ଏକ ଘରୋଇ ନେଟୱର୍କ ସଂସ୍ଥାକୁ ବ୍ରହ୍ମଗିରି ଅଞ୍ଚଳରେ ଚଳାଇବା ପାଇଁ ମସୁଧା ଚଳାଇଛି। ଫଳରେ ଗତ ୬/୭ ଦିନ ହେବ ଅଞ୍ଚଳର ବିଭିନ୍ନ ସ୍ଥାନର ମାଟି ତଳେ ଥିବା ବିଏସ୍‌ଏନ୍‌ଏଲ୍‌ର ତାରକୁ କେତେଜଣ ଦୁର୍ବୃତ୍ତ ବାହାର କରି କାଟି ଚାଲିଛନ୍ତି। ଲଗାତର ଅଞ୍ଚଳରେ ଇଣ୍ଟରସେବା ଲୋକେ ପାଇପାରୁ ନ ଥିବାବେଳେ ସୋମବାର ଦିନତମାମ ନେଟ୍ ନ ଥିବାରୁ ସମସ୍ତ ବ୍ୟାଙ୍କ, ନ୍ୟାୟାଳୟ ଭଳି ଜରୁରିକାଳୀନ ସେବା ଠପ୍ ହେବା ସହିତ ବିଭିନ୍ନ ସଂସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏ ନେଇ ବିଏସ୍‌ଏନ୍‌ଏଲ୍‌ର ଏସ୍‌ଡିଓ ସୌମ୍ୟକାନ୍ତ ଓଝା ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ପୁରସ୍କୃତ ହେଲେ, ନାଚ ଗୀତରେ ମନମୋହିଲେ



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀମାନେ।

### ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ପୁରୀ ଅଫିସ, ୧୯।୧୨:

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ଜ୍ଞାନ ମନ୍ଦିର ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ସୋମବାର ପୌରସଦନ (ଟାଉନ ହଲ)ରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ଦ୍ୱିତୀୟ ଦିବସର ପ୍ରଥମ ସଭାରେ ମୁଖ୍ୟ ଅତିଥି ଭାବେ ଡିଆଇଟିର ଅବସରପ୍ରାପ୍ତ ଅଧକ୍ଷ ପ୍ରଭାକର ତ୍ରିପାଠୀ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସରସ୍ୱତୀ ଜ୍ଞାନ ମନ୍ଦିର ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ରଙ୍ଗଲତା ସାହୁ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ସ୍ୱାଧୀନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ସ୍ୱାଇଁ, ସଦସ୍ୟା ନୀଳାମଣି ଖେମୁଣ୍ଡି ଓ ରୂପାଲି ଅପରାଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସମ୍ପାଦକ ବିକାଶ ଦତ୍ତ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ମୁଖପତ୍ର ଧ୍ରୁବଲୋକ ଉନ୍ମୋଚନ କରାଯାଇଥିଲା। ସରକାରୀ ବୃତ୍ତି, ଭାରତୀ କୃଷ୍ଣ ଗଣିତ ପ୍ରତିଭା, ସଂସ୍କୃତିଜ୍ଞାନ, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି, ପ୍ରାଦେଶିକ ମେଧା, ଦଶମ ମାଟ୍ରିକ ଓ +୨ ଦ୍ୱିତୀୟ ବର୍ଷ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ବାର୍ଷିକ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଭାଗୀ, ବାର୍ଷିକ କ୍ରୀଡ଼ାର ଶ୍ରେଷ୍ଠ ପ୍ରତିଭାଗୀ, ଇସ୍ରୋକୁ ଚୟନ ହୋଇଥିବା ଛାତ୍ର ଏବଂ ଅଖିଳ ଭାରତୀୟ ଜ୍ଞାନ ବିଜ୍ଞାନ ମେଳାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ପାରିବାରିକ କଳହକୁ ନେଇ ଆକ୍ରମଣ, ୪ ଆହତ

୭ ଜଣଙ୍କ ବିରୋଧରେ ମାମଲା ରୁଜୁ

ନିମାପଡ଼ା,୧୯।୧୨(ଡି.ଏନ୍.ଏ.): ଏକ ପାରିବାରିକ କଳହକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଆକ୍ରମଣ ଫଳରେ ୪ ଜଣ ଆହତ ହୋଇଛନ୍ତି। ଉଭୟଙ୍କ ପକ୍ଷରୁ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ହଂସପଡ଼ା କେନ୍ଦୁବାରୀ ସାହିର ଭୁବନାନନ୍ଦ ପ୍ରଧାନ ରବିବାର ତାଙ୍କ ଘରଠାରେ ସାଇକେଲ କାମ କରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଡ଼ୋଶୀ ସମୀର ରଞ୍ଜନ ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ରେଶ୍ମାରାଣୀ ପ୍ରଧାନ ପ୍ରମୁଖ ସଂଘବଦ୍ଧ ଭାବେ ତାଙ୍କ ଗେଟ ଭଙ୍ଗାରୁଜା କରିଥିଲେ। ଭୁବନାନନ୍ଦ ଓ ତାଙ୍କ ସ୍ତ୍ରୀ ଅହଲ୍ୟା ପ୍ରତିବାଦ କରିବାରୁ ୪ଜଣ ତାଙ୍କୁ ଆକ୍ରମଣ କରି ହତ୍ୟା ଧମକ ଦେବା ସହ ଅହଲ୍ୟାଙ୍କୁ ଅସଦାଚରଣ କରିଥିଲେ। ଏନେଇ ଅହଲ୍ୟା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବ୍ରହ୍ମାନନ୍ଦଙ୍କ ଘରେ ଭୁବନାନନ୍ଦ କିଛି ଅଦରକାରୀ ସାମଗ୍ରୀ ଗଦା କରିଥିଲେ। ବ୍ରହ୍ମାନନ୍ଦଙ୍କ ଘର କାମ ପାଇଁ ତାଙ୍କ ବଡ଼ ଭାଇ ପ୍ରେମାନନ୍ଦ ସେହି ସାମଗ୍ରୀକୁ ହଟାଇବାକୁ ଭୁବନାନନ୍ଦଙ୍କୁ ତାଗିଦା କରିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଭୁବନାନନ୍ଦ, ସ୍ତ୍ରୀ, ପୁଅ ମିଶି ସମୀରଙ୍କୁ ଠେଙ୍ଗାରେ ପିଟି ଧମକ ଦେଇଥିଲେ। ଏନେଇ ବ୍ରହ୍ମାନନ୍ଦ ୩ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ଗୋଷ୍ଠୀର ୭ଜଣଙ୍କ ବିରୋଧରେ ୨ ପୃଥକ୍ ମାମଲା (ନଂ. ୪୦୮/୨୨ ଏବଂ ନଂ. ୪୦୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

# ଭାରତୀୟ ଡାକସେବାର ପୂର୍ବାଞ୍ଚଳ ସମ୍ମିଳନୀ


କାର୍ଯ୍ୟକ୍ରମରେ ପୁରୀ ଡିଭିଜନ ଡାକ ମଣ୍ଡଳ ମୁଖ୍ୟ ରତନ ଜାନା ଏବଂ ଅନ୍ୟ ଅଧିକାରୀ।

### ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୋବାଇଲରେ ଆଧାର ସଂଯୋଗ

ଅସ୍ତରଙ୍ଗ,୧୯।୧୨(ଡି.ଏନ୍.ଏ.)

ଭାରତୀୟ ଡାକସେବା ପୁରୀ ଡିଭିଜନ ପକ୍ଷରୁ ଅସ୍ତରଙ୍ଗ ବ୍ଲକ କଣମଣ ଗ୍ରାମରେ ଡାକସେବା ଓ ଡାକଘର ସଞ୍ଚୟ ସମ୍ବନ୍ଧୀୟ ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୁରୀ ଡିଭିଜନ ଡାକ ମଣ୍ଡଳ ମୁଖ୍ୟ ରତନ ଜାନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛୁରିଆନା, ପାଟଳଦା ପଞ୍ଚାୟତର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଯୋଗ ଦେଇଥିଲେ।

ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଦୁଷ୍ମନ୍ତ ଜେନା, ନିମାପଡ଼ା ଉପଡାକମଣ୍ଡଳର ଡାକ ନିରୀକ୍ଷକ ଶୁଭାଶିଷ ଆଚାର୍ଯ୍ୟ, ଡିଜିଟାଲ ବ୍ୟାଙ୍କ୍‌ର ମୁଖ୍ୟ ପ୍ରୀତିଷ ସ୍ୱାଇଁ, ନିମାପଡ଼ା ଉପମଣ୍ଡଳର ଡାକ ଓଭରସିଅର ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ଡାକ ଜୀବନ ବୀମା, ଗ୍ରାମୀଣ ଡାକ ଜୀବନ ବୀମା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଭାରତୀୟ ଡାକ ପେମେଣ୍ଟ ବ୍ୟାଙ୍କ୍, ସଞ୍ଚୟ ଖାତା, ସୁକନ୍ୟା ସମୃଦ୍ଧି ଯୋଜନା, ମୋ ଷ୍ଟାମ୍ପ ଆଦି ଉପରେ ଉପସ୍ଥିତ ଥିବା ମହିଳା ଓ ପୁରୁଷଙ୍କୁ ଅତିଥିମାନେ ସୂଚନା ଦେଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଡାକ ବିଭାଗ ପକ୍ଷରୁ ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଫାଇଦା ନେବା ସହ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ପରାମର୍ଶ ଦେଇଥିଲେ। ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍କିମ୍ ସମ୍ପର୍କରେ ଲୋକେ ପ୍ରଶ୍ନ ପଚାରି ଉତ୍ତର ପାଇଥିଲେ। ବିଭାଗ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ଓ ପିଲାଙ୍କ ମୋବାଇଲରେ ଆଧାର ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଉପ ଡାକଘର ଅଧୀନରେ ଥିବା ୧୦ ଗୋଟି ଶାଖା ଡାକଘରର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଜିଲାର ବିଭିନ୍ନ ଡାକସେବାର କର୍ମଚାରୀ ଯୋଗଦେଇଥିଲେ। ଦୁଃଶାସନ ନାୟକ, ସଂଗ୍ରାମ କେଶରୀ ମହାପାତ୍ର, ଜିତେନ୍ଦ୍ର ନାୟକ, ବିପିନ ବିହାରୀ ପଟ୍ଟନାୟକ, ସୁନିତା ସୋରେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡଲ୍‌ଫିନ ସୁରକ୍ଷା ବାର୍ତ୍ତା ନେଇ ସାଇକେଲ ଯାତ୍ରା

ଡେଲାଙ୍ଗ,୧୯।୧୨(ଡି.ଏନ୍.ଏ.)

ଡଲଫିନର ସୁରକ୍ଷା ବାର୍ତ୍ତା ନେଇ ଡେଲାଙ୍ଗ ଅଞ୍ଚଳର ପ୍ରକୃତି ବନ୍ଧୁ ତଥା ସେଭ୍ ଦି ଆର୍ଥ ଫାଉଣ୍ଡେଶନର ଆବାହକ ବିଶ୍ୱଜିତ ପରିଡା, ସାତପଡ଼ା ଅଭିମୁଖେ ସୋମବାର ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ ପରିସରରୁ ଯାତ୍ରା ଆରମ୍ଭ କରିଛନ୍ତି। ଚିଲିକାର ଗର୍ବ ଗୌରବ ହେଉଛି ଡଲଫିନ। ସାତପଡ଼ା ଅଞ୍ଚଳରେ ଏହାକୁ ଖେରା, ମଗରମାଛ, ଭୁଆସୁଣୀ ମାଛ ଓ କେହିକେହି ଏହାକୁ ଚିଲିକାର ସାଧବ ବୋହୂ ବୋଲି କହିଥାନ୍ତି। ଚିଲିକାର ସାତପାଡା ଅଞ୍ଚଳରେ ଦେଖାଦେଉଥିବା ଏରାୱାଡି ଡଲଫିନ ଜଳକ୍ରୀଡ଼ା ଅତ୍ୟନ୍ତ ଆକର୍ଷଣୀୟ। ଏହାକୁ ଦେଖିବା ପାଇଁ ଦେଶ ବିଦେଶରୁ ପ୍ରତିଦିନ ଶହଶହ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ମୋଟର ଚାଳିତ ଡଙ୍ଗା, ଫାଇବର ଡଙ୍ଗା ଓ ଖାଦ୍ୟଭାବ ଯୋଗୁ ଡଲଫିନ୍ ବିଲୁପ୍ତ ହେବାକୁ ବସିଲେଣି। ଦିନକୁ ଦିନ ଡଲଫିନ ସଂଖ୍ୟା କମିବାରେ ଲାଗିଛି। ଏହାର ସୁରକ୍ଷା କରିବା ନିହାତି ଜରୁରୀ। ଏହି ସୁରକ୍ଷା ବାର୍ତ୍ତା ଦେଇ ଡେଲାଙ୍ଗ ବୋଲକଣା ଗ୍ରାମର ବିଶ୍ୱଜିତ ସୋମବାର ଡେଲାଙ୍ଗରୁ ସାତପଡ଼ାକୁ ସାଇକେଲ ଯାତ୍ରା କରିଛନ୍ତି। ବେରବୋଇ ବିଦ୍ୟାଳୟରୁ ଯାତ୍ରା ଆରମ୍ଭ ବେଳେ ପ୍ରଧାନ ଶିକ୍ଷୟତ୍ରୀ କାମିନି ବେହେରା, ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ ପତାକା ଦେଖାଇ ସାଇକେଲ ଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ତୁଷାରକାନ୍ତ ନାୟକ, ଜ୍ୟୋତିର୍ମୟୀ ସାହୁ, ଉର୍ବଶି ପ୍ରଧାନ, ପ୍ରମୋଦ ପଣ୍ଡା, ସ୍ୱାତିକ୍ ରଞ୍ଜନ ଗିରି, ରୋବିତା ସାହୁ, ବନିତା ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡଲଫିନ, ବନ୍ୟପ୍ରାଣୀ, ବିଦେଶାଗତ ବିହଙ୍ଗଙ୍କ ସୁରକ୍ଷା କରିବା ସହିତ ପଲିଥିନ ମୁକ୍ତ ପାଇଁ ଶପଥ କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ଡଲଫିନର ସୁରକ୍ଷା ଦିଗରେ ସଚେତନ କରାଇବେ ବୋଲି ପରିଡ଼ା କହିଛନ୍ତି।



ସଚେତନତା ବାର୍ତ୍ତା ନେଇ ବାହାରିଥିବା ପରିବେଶବିତ୍ ବିଶ୍ୱଜିତ୍ ପରିଡ଼ା।

# ପରିବେଶ ସନ୍ତୁଳନରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ଓଡ଼ିଶା ମିଡିଆ ସମିଟ୍, ଓଡ଼ିଶା ମି ଆୱାର୍ ଉଦ୍‌ଘାଟିତ

କୋଣାର୍କ,୧୯।୧୨(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କୋଣାର୍କରେ ଓଡ଼ିଶା ମିଡିଆ ସମିଟ୍ ଓ ଓଡ଼ିଶା ମି ଆୱାର୍ ସମାରୋହ ସୋମବାର ଆରମ୍ଭ ହୋଇଯାଇଛି। ସମାରୋହରେ ପ୍ରମୁଖ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲା ବେଳେ ବିଶିଷ୍ଟ ଗାନ୍ଧୀବାଦୀ ଏସ୍. ଏ. ସଫିକ ଅଧକ୍ଷତା କରିଥିଲେ। ନମସ୍କାର କମ୍ୟୁନିଟି ମିଡିଆ ନେଟୱର୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗଣମାଧମ ବିଶେଷଜ୍ଞ ତଥା ସାମ୍ବାଦିକ ଏନ. ଏ. ଶାହା ମିଡିଆ ସମିଟ ଓ ସମ୍ମାନ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୟୁନିସେଫର ମିଡିଆ ପରାମର୍ଶଦାତା ଶାରଦା ଲାହାଙ୍ଗି, ଦେବବ୍ରତ ପାତ୍ର, ଆଞ୍ଚଳିକ ନିର୍ଦ୍ଦେଶକ, ଆକ୍ସନ ଏଡ୍, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଶାରୋ ସାମ୍ବାଦିକମାନଙ୍କ ଭୂମିକା ଓ କାର୍ଯ୍ୟ ଶୈଳୀ ଉପରେ ସମେତ ସୁରକ୍ଷା ସମ୍ପର୍କିକ ଉପରେ ଆଲୋଚନା କରିଥିଲେ। ସେହିପରି ଅନ୍‌ଲାଇନରେ ନେପାଳ, ଶ୍ରୀଲଙ୍କା ଓ ବାଂଲାଦେଶର ଗୋଷ୍ଠୀ ବେତାର ଆନ୍ଦୋଳନର ବ୍ୟକ୍ତିମାନେ ଯୋଗଦେଇ ନିଜ ମତ ରଖିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଆକ୍ସନ ଆଡ୍ ଇଣ୍ଡିଆର ନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ଚାଚରା, ଆଞ୍ଚଳିକ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ମନୋଜ ତ୍ରିପାଠୀ, ଶୋଭାକର ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ପରିବେଶ ସନ୍ତୁଳନ କ୍ଷେତ୍ରରେ ଗଣମାଧମର ଭୂମିକା ଉପରେ ନିଜର ମତାମତ ରଖିଥିଲେ। ଏଇ ମିଡିଆ ମହାକୁମ୍ଭରେ ଏକାଠି ହୋଇଛନ୍ତି ପ୍ରାୟ ୫ଶହରୁ ଅଧିକ ସାମ୍ବାଦିକ। ଓଡ଼ିଶାରେ ସାମ୍ବାଦିକତାର ମୂଲ୍ୟବୋଧ, ଗୁଣାତ୍ମକ ମାନ, ନୂତନ ପରୀକ୍ଷା ନିରୀକ୍ଷା, ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଅଙ୍ଗୀକାର, ନୂତନ ପ୍ରତିଭା ତଥା ସାମଗ୍ରିକ ଭାବେ ଗୁଣାତ୍ମକ ଅବଦାନକୁ ଲୋକଲୋଚନକୁ ଆଣିବା ପାଇଁ ଓଡିଶା ମିଡିଆ ସମିଟ ଓ ଓଡିଶା ମିଡିଆ ଆୱାର୍ଡ ଏକ ଗଠନାତ୍ମକ ପ୍ରୟାସ। ରାଜ୍ୟରେ ଲୋକାଭିମୁଖି ସାମ୍ବାଦିକତାକୁ ଆବଶ୍ୟକ ଗୁରୁତ୍ୱ ପ୍ରଦାନ ପୂର୍ବକ କିଛି ସାମ୍ବାଦିକ ତଥା ପ୍ରତିବଦ୍ଧ ସମାଜସେବୀଙ୍କ ଦ୍ୱାରା ୨୦୧୫ ମସିହାରୁ ଏତାଦୃଶ ପରିକଳ୍ପନା କରାଯାଇଛି। କୋଣାର୍କ ଯାତ୍ରୀନିବାସରେ ଆୟୋଜିତ ଏହି ଓଡ଼ିଶା ମିଡିଆ ସମିଟରେ ୟୁନେସ୍କୋ, ୟୁନିସେଫ, ବିଶ୍ୱ ବେତାର ପ୍ରସାରକ ମହାସଂଘ, ଆକ୍ସନ ଏଡ ପରି ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥାର ପ୍ରତିନିଧିଙ୍କ ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାମ୍ବାଦିକ, ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ପ୍ରମୁଖ ଯୋଗଦେଇଛନ୍ତି। ଏଥିରେ ରୋଜାଲିନ ପ୍ରଧାନ, ଶାହାଜାଦୀ କାଜଲ, ଅନୁପ ସାହୁ, ଅନ୍ଦାଜ ଆରନ, ଟିଙ୍କିନା ରାଉତ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ ପ୍ରତାପଚନ୍ଦ୍ର ରାଉତ ଓ ଯାଜ୍ଞସେନୀ ସଂଯୋଜନା କରିଥିଲେ।



ବିହାରର ଶେଓହାରରେ ସୋମବାର ଜନ ସୁରାଜ ଅଭିଯାନରେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ଓ ଅନ୍ୟମାନେ।

# ୨୦୨୪ ନିର୍ବାଚନରେ ଆମେ ଜିତିବୁ:ଖାର୍ଗେ

ନୂଆଦିଲ୍ଲୀ,୧୯।୧୨

କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରାରେ ଜନସମାଜ ଯୋଡି ହୋଇଛି । ରାହୁଲ ସବୁ ସମାଜକୁ ସାଙ୍ଗରେ ନେଇ ଚାଲୁଛନ୍ତି । ତେଣୁ ଲାଗୁଛି ୨୦୨୪ରେ ଲୋକ ସଭା ନିର୍ବାଚନ ଆମେ ଜିତିବୁ। ରାଜସ୍ଥାନର ଅଲୱାରରେ ସୋମବାର ଖବରଦାତାଙ୍କ ସହ କଥା ହେବା ବେଳେ ଖାର୍ଗେ ଏହା କହିଛନ୍ତି।

ଚାଇନାର ଚାଲାକିକୁ ନେଇ କେନ୍ଦ୍ରର ଭାଜପା ସରକାରଙ୍କ ଉପରେ ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି । ସେ କହିଥିଲେ ଚାଇନା ଆକ୍ରମଣ କରୁଛି ହେଲେ ସରକାର ଏ ବିଷୟରେ ସହ ଚର୍ଚ୍ଚା କରିବାକୁ ବି ପ୍ରସ୍ତୁତ ନୁହେଁ । ସରକାର ଚାଇନାକୁ ନେଇ ଚର୍ଚ୍ଚା କରିବାକୁ କାହିଁକି ଭୟ କରୁଛନ୍ତି ବୋଲି ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି। ସେ ଆହୁରି କହିଛନ୍ତି ଅରୁଣାଚଳ ପ୍ରଦେଶର ତୱାଙ୍ଗ ସେକ୍ଟରରେ ଏତେ ବଡ ଘଟଣା ଘଟିଲା ହେଲେ ପ୍ରତିରକ୍ଷା ମନ୍ତ୍ରୀ ଗୋଟିଏ ଫର୍ଦ୍ଦର ବୟାନ ଦେଲେ । ଚାଇନାକୁ ନେଇ ସରକାର କ'ଣ କରୁଛନ୍ତି ତାହା ଆମକୁ ସରକାର ଜଣାଇବା ଦରକାର । ଆମ ନେତା ଯେତେବେଳେ ଚାଇନା ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇଲେ ଓଲଟା ଭାଜପା ନେତା ଆମକୁ ଟାର୍ଗେଟ କରି ପ୍ରଶ୍ନ ପଚାରିଲେ । ମୁଁ କହୁଛି ରାହୁଲ ଗାନ୍ଧୀ ଆଉ କଂଗ୍ରେସ ଦେଶ ସହ ରହିଛନ୍ତି । ତେବେ ଚାଇନା ପ୍ରସଙ୍ଗରେ ସରକାର ମୂଷା ଭଳି ବ୍ୟବହାର କରୁଥିବା ଖାର୍ଗେ କହିଛନ୍ତି। ଅପରପକ୍ଷେ ଚାଇନା ଘଟଣାକୁ ନେଇ ରାଜ୍ୟସଭାରେ ହଙ୍ଗାମା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ କଂଗ୍ରେସ ଦଳକୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଅତି ନିମ୍ନସ୍ତରର ରାଜନୀତି କରୁଥିବା ସେ ଅଭିଯୋଗ ଆଣିଛନ୍ତି। ସଂସଦ ପରିସରରେ ସୋମବାର ଗଣମାଧ୍ୟମକୁ କେନ୍ଦ୍ରମନ୍ତ୍ରୀ ପୀୟୁଷ କହିଛନ୍ତି, ଅରୁଣାଚଳ ଘଟଣାରେ ପ୍ରତିରକ୍ଷାମନ୍ତ୍ରୀ ତାଙ୍କ ବିବୃତ୍ତି ଦେଇ ସାରିଛନ୍ତି। ମାତ୍ର ବିରୋଧୀ ପକ୍ଷରୁ ଗୃହରେ ଆବଶ୍ୟକ ସମ୍ମାନ ପ୍ରଦର୍ଶନର ଅଭାବ ଦେଖାଯାଉଛି। ଯାହା ଏଭଳି ସ୍ତରରେ ପହଞ୍ଚିଛି ଯେ ସେମାନେ ସଂସଦର କାର୍ଯ୍ୟରେ କୌଣସି ନିୟମକୁ ବିଶ୍ୱାସ କରୁନାହାନ୍ତି ବୋଲି ପୀୟୁଷ କହିଛନ୍ତି।



ମଲ୍ଲିକାର୍ଜୁନ ଖାର୍ଗେ।

# ଚାଷୀଙ୍କ ପ୍ରତି ସମବେଦନା ନାହିଁ : ଭାଜପା

■୨୧ରେ ୫୮ ସବ୍‌ଡିଭିଜନରେ ଉପଜିଲାପାଳଙ୍କୁ ଦେବ ସ୍ମାରକପତ୍ର

■୨୨ରୁ ୨୮ ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡି ପରିଦର୍ଶନ କରିବାକୁ ଯୋଜନା

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)





ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଓଡ଼ିଶା ଚାଷବହୁଳ ରାଜ୍ୟ। ଚାଷୀ ପରିବାର ଚଳାଇବା, ପିଲାଙ୍କୁ ପାଠ ପଢ଼ାଇବା, ବିବାହ-ବ୍ରତ ଇତ୍ୟାଦି ପାଇଁ ଧାନ ବିକ୍ରି କରିବା ଲାଗି ଏହି ସମୟକୁ ଅପେକ୍ଷା କରିଥାଏ । ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି କେନ୍ଦ୍ରରେ ମୋଦି ସରକାର ୨୦୧୪ରୁ ପ୍ରତିବର୍ଷ ନିରନ୍ତର ଭାବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଆସୁଛନ୍ତି। ବର୍ତ୍ତମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କାରେ ପହଞ୍ଚିଲାଣି । ଅନ୍ୟପଟେ ରାଜ୍ୟ ସରକାର ପ୍ରତି ମୁହୂର୍ତ୍ତରେ ଚାଷୀଙ୍କ ମାନସିକତା ଓ ଧୈର୍ଯ୍ୟକୁ ହତ୍ୟା କରିବା ଲାଗି ଜୋରସୋର ଉଦ୍ୟମ କରୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ଚାଷୀଙ୍କ ପାଇଁ ନ୍ୟାୟ ଦାବିରେ ଭାଜପା ପକ୍ଷରୁ ଆସନ୍ତା ୨୧ରେ ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ । ସେହିପରି ଆସନ୍ତା ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଭାଜପା କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ବିଭିନ୍ନ ଅଞ୍ଚଳର ମଣ୍ଡି ପରିଦର୍ଶନ କରିବେ। ରାଜ୍ୟ ସରକାର ଚାଷୀଙ୍କ ହିତ ପାଇଁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ ନ କଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ବଡ଼ ଆନ୍ଦୋଳନ କରାଯିବ। ପ୍ରତିବର୍ଷ 'ରିକର୍ଣ୍ଣ ରୋଗ' ଭଳି ମଣ୍ଡିର ଅବ୍ୟବସ୍ଥା ଓଡ଼ିଶା ପ୍ରଦେଶରେ ବ୍ୟାପକ ଭାବେ ବଢ଼ିଚାଲିଛି । ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ୧% ସମବେଦନା ନାହିଁ। ଚାଷୀ ପରିବାର ପାଇଁ ଯେଉଁ ସମ୍ମାନ ରହିବା କଥା ତାହା ଓଡ଼ିଶାରେ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରାଜ୍ୟ ସରକାର ୧୫ ଦିନ ବିଳମ୍ବରେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଲେ। ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା ଲାଗି ତରବରିଆ ଭାବେ ବରଗଡ଼ ଜିଲାରେ ମଣ୍ଡି ଖୋଲି ରାଜନୈତିକ ଚାଲ୍ ଖେଳିଥିଲେ। ଉପକୂଳ ଓଡ଼ିଶାରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲା ଯାଇନାହିଁ। ଡିସେମ୍ବର ୧ରେ ମଣ୍ଡି ଖୋଲିବା କଥା କିନ୍ତୁ ଏ ପର୍ଯ୍ୟନ୍ତ ଖୋଲିଲା ନାହିଁ। ଧାନ କିଣି ସଂଗ୍ରହ କରି ରଖିବା ପାଇଁ ରାଜ୍ୟ ସରକାରଙ୍କ କିଛି ଯୋଜନା ନାହିଁ । ମଣ୍ଡି ଖୋଲିବା ବିଳମ୍ବ ହେବାରୁ ପଶ୍ଚିମ ଓଡ଼ିଶା ଚାଷୀ ଛତିଶଗଡ଼ ଓ ଉପକୂଳ ଓଡ଼ିଶା ଚାଷୀ ଆନ୍ଧ୍ରପ୍ରଦେଶକୁ ବାଧ୍ୟ ହୋଇ ଧାନ କୁଇଣ୍ଟାଲ ପ୍ରତି ମାତ୍ର ୧୨୫୦ ଟଙ୍କାରେ ବିକ୍ରି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ପ୍ରମୁଖ ପଦବୀରୁ ୧୨ ନେତାଙ୍କ ଇସ୍ତଫା

## ତେଲଙ୍ଗାନା କଂଗ୍ରେସରେ ହଇଚଇ

ହାଇଦ୍ରାବାଦ,୧୯।୧୨

ତେଲଙ୍ଗାନା କଂଗ୍ରେସରେ ଗୋଷ୍ଠୀବିବାଦ ସୋମବାର ତୀବ୍ର ରୂପ ଧାରଣ କରିଛି। ନିଜକୁ ମୂଳ କଂଗ୍ରେସ ବୋଲି ଦାବି କରୁଥିବା କେତେଜଣ ନେତା ୫ ବର୍ଷ ପୂର୍ବେ ଟିଡିପି ଛାଡ଼ି ଏହି ଦଳରେ ସାମିଲ ହୋଇଥିବା ନେତାଙ୍କୁ ବହିରାଗତ କହି ବିରୋଧ କରି ଆସୁଥିଲେ। ଏହି ବିରୋଧ ଦୀର୍ଘଦିନ ହେଲା ଲାଗିରହିଥିବାବେଳେ ସୋମବାର ତଥାକଥିତ ବହିରାଗତ ୧୨ ଜଣ ନେତା ରାଜ୍ୟ କଂଗ୍ରେସ କମିଟିର ବିଭିନ୍ନ ପଦବୀରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ନିଜକୁ ମୂଳ କଂଗ୍ରେସ ବୋଲି ଦାବି କରୁଥିବା ନେତାମାନେ 'ହାତ ସେ ହାତ ଯୋଡ଼ୋ' ଯାତ୍ରା ପ୍ରସ୍ତୁତି ବୈଠକରୁ ଦୂରେଇ ରହିଛନ୍ତି। ୧୨ ଜଣ ନେତା ସେମାନଙ୍କ ମିଳିତ ଇସ୍ତଫାପତ୍ର ଏଆଇସିସି ରାଜ୍ୟ ପ୍ରଭାରୀ ମନିକାମ୍ ଟାଗୋରଙ୍କ ନିକଟକୁ ପଠାଇଦେଇଛନ୍ତି। ଅନୁଗତଙ୍କୁ ଅଣଦେଖା କରି ବହିରାଗତମାନଙ୍କୁ ଦଳରେ ବିଭିନ୍ନ ପଦପଦବୀରେ ରଖାଯାଉ ଥିବା ନେଇ ବରିଷ୍ଠ ନେତା ଏନ୍. ଉତ୍ତମ କୁମାର ରେଡ୍ଡୀ ଏବଂ ଭଟ୍ଟି ବିକ୍ରମର୍କା ଆପତ୍ତି ଉଠାଇଥିଲେ। ସେମାନେ କଂଗ୍ରେସ ବଞ୍ଚାଅ ଅଭିଯାନ ଆରମ୍ଭ କରିଥିଲେ। ମୂଳ କଂଗ୍ରେସ ବୋଲି ଦାବି କରୁଥିବା ନେତାମାନେ ତେଲଙ୍ଗାନା କଂଗ୍ରେସ କମିଟି ସଭାପତି ରେଭାନ୍ଥ ରେଡ୍ଡୀଙ୍କ ବିରୋଧୀ ହୋଇଥିବାବେଳେ ଇସ୍ତଫା ଦେଇଥିବା ୧୨ ଜଣ ନେତା ରେଭାନ୍ଥଙ୍କ ସପକ୍ଷବାଦୀ ଭାବେ ଜଣାଶୁଣା। ବରିଷ୍ଠ ନେତାମାନେ ଦଳର ହାତ୍ ସେ ହାତ୍ ଯୋଡ଼ୋ ଯାତ୍ରାରେ ଯୋଗ ଦେଇ ନ ଥିବାରୁ ଏନେଇ ଦଳ ହାଇକମାଣ୍ଡ ବିଚାର କରିବେ ବୋଲି ରେଭାନ୍ଥ କହିଛନ୍ତି।



ଫୁର୍‌ସତ୍

# ପୁଅକୁ ଫେରାଇ ଆଣିଲା 'ଗୁଗଲ ଆର୍ଥ'

## ୨୫ ବର୍ଷ ପରେ ସତ ହେଲା ମା'ଙ୍କ ଆଶା

**କାନ୍‌ବେରା:** ସୋସିଆଲ ମିଡିଆ ହେଉ ଅବା ଇଣ୍ଟରନେଟ୍ ଅନେକଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି ଏହି ଅତ୍ୟାଧୁନିକ ନେଟ୍‌ୱର୍କିଂ ସେବା। ବହୁଳ ବ୍ୟବହୃତ ଏହି ସୁବିଧା କିଛି କ୍ଷେତ୍ରରେ ନକାରାତ୍ମକ ପରିଗଣିତ ଦେଉଥିବାବେଳେ ଅନେକଙ୍କ ଜୀବନରେ ଖୁସି ଭରିଛି ଇଣ୍ଟରନେଟ୍। ୨୫ ବର୍ଷ ପରେ ନିଜ ହଜିଲା ପୁଅକୁ ଫେରିପାଇଛନ୍ତି ମଧ୍ୟପ୍ରଦେଶ ଖାଣ୍ଡୱାର କମଳା। ପୁଅକୁ ଭେଟିବା ପରେ ଦିନକୁ ଦୁଇଓଳା ପେଟକୁ ଖାଇବାକୁ ପାଉ ନ ଥିବା କମଳାଙ୍କ ଖୁସି କହିଲେ ନ ସରେ। ଅଷ୍ଟ୍ରେଲିଆର ଜଣେ ସଫଳ ବ୍ୟବସାୟୀ ହେଉଛନ୍ତି ସରୁ ବ୍ରିଅରଲି। ଗୁଗଲ ଆର୍ଥ ସାହାଯ୍ୟରେ ଏବେ ସରୁ ଭାରତରେ ଥିବା ତାଙ୍କ ପରିବାର ନିକଟକୁ ଫେରିଛନ୍ତି।

ଦିନ ଥିଲା ସରୁ, ବଡ଼ ଭାଇଙ୍କ ସହ ଟ୍ରେନ୍‌ରେ ଗୋଟିଏ ବଗିରୁ ଆଉ ଗୋଟିଏ ବଗି ବୁଲି ଭିକ୍ଷାବୃତ୍ତି କରୁଥିଲେ। କେବେ କେମିତି ଗୋଟିଏ ଦିନ ପେଟପୂରା ଖାଇବା ମିଳିଯାଉଥିଲା ତ ବାକି ଦିନ ସରୁଙ୍କ ଉପାସରେ କଟୁଥିଲା। ଏମିତି ଦିନେ ଟ୍ରେନ୍‌ରେ ବୁଲୁବୁଲୁ ସରୁଙ୍କୁ ନିଦ ହୋଇଯାଇଥିଲା। ପାଖାପାଖି ୧୦ ଘଣ୍ଟା ପରେ ତାଙ୍କ ନିଦ ଭାଙ୍ଗିଲା ବେଳକୁ ଦେଖିଲେ ସେ ଏକ ଅଜଣା ଜାଗାରେ ପହଞ୍ଚିଯାଇଛନ୍ତି। ମା'ଙ୍କ ପାଖକୁ ଫେରିବା ଲାଗି ଚେଷ୍ଟା କରିଥିଲେ ବି ସେ ଫେରିପାରି ନ ଥିଲେ। ସରୁଙ୍କୁ ପାଇ ଜଣେ ବ୍ୟକ୍ତି ତାଙ୍କୁ ବିକ୍ରି କରି ଦେଇଥିଲେ। ପରେ ସେ ଏକ ଅର୍ଫାନ୍ ହୋମ୍‌ରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ ଜଣେ ଅଷ୍ଟ୍ରେଲୀୟ ନାଗରିକ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ବିଦେଶ ନେଇଯାଇଥିଲେ। ସରୁ କିନ୍ତୁ ପିଲା ଦିନର କଥା ଓ ନିଜ ପରିବାର ଲୋକଙ୍କୁ ଭୁଲିପାରି ନ ଥିଲେ। ସେ ନିଜ ପ୍ରିୟଜନମାନଙ୍କ ନିକଟକୁ ଫେରିବାକୁ ସବୁବେଳେ ଚାହୁଁଥିଲେ। ଫେସ୍‌ବୁକ୍‌ରେ ଗଣେଶ ତଲାଇ ଫେସ୍‌ବୁକ୍ ଗ୍ରୁପ୍‌ରେ ଆଡ୍ ହେଲେ। ଏହାପରେ ଖଣ୍ଡୱା ରେଳଷ୍ଟେଶନ୍‌କୁ ଗୁଗଲ ଆର୍ଥ ଜରିଆରେ ଖୋଜିବା ଆରମ୍ଭ କରିଦେଲେ। ନିଜ ଗାଁର ନାଁ ମନେ ନ ଥିବାବେଳେ ଏହି ଆପ୍ ତାଙ୍କୁ ବହୁତ ସାହାଯ୍ୟ କରିଥିଲା। ପିଲାଦିନର ସ୍ମୃତିକୁ ସେ ଏହି ଆପ୍‌ରେ ଖୋଜିଲା ପରେ ବହୁ ବିଳମ୍ବରରେ ନିଜ ଘର ଠିକଣା ପାଇଲେ। ଏହାପରେ ସରୁ ଏବେ ଅଷ୍ଟ୍ରେଲିଆରୁ ଆସି ନିଜ ଜନ୍ମଦାତ୍ରୀ ମା' କମଳାଙ୍କ ନିକଠରେ ପହଞ୍ଚିଛନ୍ତି। ପ୍ରିୟଜନଙ୍କ ପାଇ ସେ ବେଶ୍ ଖୁସି ଥିବା କହିଛନ୍ତି। ତେବେ ନିଜ ଜୀବନୀକୁ ନେଇ ସରୁ ଆଗାମୀ ଦିନରେ ଏକ ଫିଲ୍ମ ତିଆରି କରିବା ନେଇ ଯୋଜନା ରଖିଛନ୍ତି। ଏହି ଅବସରରେ କମଳା କହିଛନ୍ତି, ଦିନେ ତାଙ୍କ ସାନପୁଅ ସରୁ ଘରକୁ ଫେରିବ ବୋଲି ତାଙ୍କର ଆଶା ଥିଲା।



ପରିବାର ସହ ସରୁ

# ରିମେକ୍ ଫିଲ୍ମରେ ଅଲିଜେହ

**ମୁମ୍ବାଇ:** ନିର୍ଦ୍ଦେଶକ ବିକାଶ ବହଲ୍ ତାଙ୍କ ଆଗାମୀ ଫିଲ୍ମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତାଙ୍କ ସିନେମାର ମୁଖ୍ୟ ଚରିତ୍ରରେ ବଲିଉଡ୍‌ର ଦବଙ୍ଗ ସଲମାନ୍ ଖାଁଙ୍କ ଭାଣେଜୀ ଅଲିଜେହ ଅଗ୍ନିହୋତ୍ରୀ ନଜରକୁ ଆସିବେ। ୨୦୧୬ରେ ଆସିଥିବା ଫ୍ରେଞ୍ଚ୍-ବେଲଜିୟମ୍ ଫ୍ଲ 'ଲା ଫାମିଲେ ବେଲିଅର'ର ହିନ୍ଦୀ ରିମେକ୍ କରିବେ ନିର୍ଦ୍ଦେଶକ ବିକାଶ। ଅଲିଜେହ ଏହି ରିମେକ୍ ଫିଲ୍ମ ଜରିଆରେ ବଲିଉଡ୍ ଡେବ୍ୟୁ କରୁଛନ୍ତି। ଚଳଚ୍ଚିତ୍ରଟି ଫ୍ୟାମିଲି ଡ୍ରାମା ଉପରେ ଆଧାରିତ। ପରିବାରରେ ଏକମାତ୍ର ଶୁଣିପାରୁଥିବା ୧୬ ବର୍ଷୀୟା ଯୁବତୀ ଚରିତ୍ରରେ ଅଲିଜେହ ନଜରକୁ ଆସିବେ। ରିଲିୟାନ୍ସ ଏଣ୍ଟରଟେନ୍‌ମେଣ୍ଟ ସହ ଅଲିଜେହଙ୍କ ବାପା ଅତୁଲ ଅଗ୍ନିହୋତ୍ରୀ ଏହାର ପ୍ରଯୋଜନା କରୁଛନ୍ତି।



# ଏକତା ହିଁ ଶକ୍ତି

## ଅନ୍ତର୍ଜାତୀୟ ମାନବ ଏକତା ଦିବସ

କୁହାଯାଏ ଏକତା ହିଁ ସବୁଠାରୁ ବଡ଼ ଶକ୍ତି। ଏହାଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ସହଜରେ ହୋଇପାରେ। ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ଦେଶ ଦେଶ ମଧ୍ୟରେ ବିବାଦ ସମସ୍ତ ସମସ୍ୟାର ସହଜ ସମାଧାନ ପାଇଁ ଏକଜୁଟ ହେବା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ବିଶ୍ୱସ୍ତରରେ ଏକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଏକତା ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଏହି ଦିବସର ଅଧିକ ଗୁରୁତ୍ୱ ରହିଥାଏ। ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ହେଉଛି ସଦସ୍ୟ ରାଷ୍ଟ୍ରଗୁଡ଼ିକର ଦାରିଦ୍ର୍ୟ ହ୍ରାସ କରିବା ତଥା ଦାରିଦ୍ର୍ୟ ହ୍ରାସ ରଣନୀତି ପ୍ରସ୍ତୁତ କରିବା।

ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ସାମାଜିକ ପ୍ରତିବନ୍ଧକ ବିରୋଧରେ ଏକଜୁଟ ହୋଇ ଲଢ଼େଇ କରିବା ଲାଗି ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଦସ୍ୟ ରାଷ୍ଟ୍ରର ସରକାରଙ୍କୁ ଉତ୍ସାହିତ କରାଯାଇଥାଏ। ୨୦୦୫ରେ ବିଶ୍ୱ ଶିଖର ସମ୍ମିଳନୀରେ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୨ ଡିସେମ୍ବର ୨୦୦୫ରେ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠିତ ହୋଇଥିଲା, ଯାହା ଏକତାକୁ ମୌଳିକ ତଥା ବିଶ୍ୱସ୍ତରୀୟ ଭାବରେ ସ୍ୱୀକୃତି ଦେଇଥିଲା।

ମିଳିତ ଜାତିସଂଘ ଅନୁଯାୟୀ, ଅନ୍ତର୍ଜାତୀୟ ମାନବ ଏକତା ଦିବସ ହେଉଛି ବିବିଧତା ମଧ୍ୟରେ ଆମର ଏକତାକୁ ପାଳନ କରିବାର ଦିନ। ଅନ୍ତର୍ଜାତୀୟ ଚୁକ୍ତିନାମା ପ୍ରତି ଦେଇଥିବା ପ୍ରତିଶ୍ରୁତିକୁ ସମ୍ମାନ କରିବାକୁ ପ୍ରତି ସଦସ୍ୟ ରାଷ୍ଟ୍ରର ସରକାରଙ୍କୁ ମନେପକାଇବା ଲାଗି ଗୋଟିଏ ଦିନ। ଏକତାର ମହତ୍ତ୍ୱ ବିଷୟରେ ଜନସାଧାରଣ ସଚେତନତା ସୃଷ୍ଟି କରିବାର ଦିନ।

# ହେୟାର ଷ୍ଟାଇଲରେ ୱାର୍ଲ୍ଡ ରେକର୍ଡ

**ଦୁବାଇ:** ଜଣେ ଫେମସ୍ ହେୟାର ଷ୍ଟାଇଲିସ୍ ଦାନୀ ହିସ୍‌ୱାନିଙ୍କ ସବୁଠାରୁ ଉଚ୍ଚତା ବିଶିଷ୍ଟ ହେୟାର ଷ୍ଟାଇଲ୍ ପାଇଁ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଜଣେ ମହିଳାଙ୍କ ମୁଣ୍ଡରେ ସେ ୯ ଫୁଟର ହେୟାର ଷ୍ଟାଇଲ କରିଥିଲେ। ରେକର୍ଡ ମୁତାବକ, ଦାନୀ ଫ୍ୟାଶନ ଦୁନିଆରେ ୭ ବର୍ଷ ହେବ ଅଛନ୍ତି। ସେ ତାଙ୍କ କାମକୁ ଏକ କଳା ଭାବେ ଦେଖିଥାନ୍ତି। ଏହା ପୂର୍ବରୁ ସେ ଜଣେ ମହିଳାଙ୍କ ମୁଣ୍ଡରେ ଛୋଟ ଖ୍ରୀସ୍ମାସ ଟ୍ରି କରିଥିଲେ। କିନ୍ତୁ ଏବେ ସେ ଏକ ବଡ଼ ଖ୍ରୀସ୍ମାସ୍ ଟ୍ରି କରିବାର ଚ୍ୟାଲେଞ୍ଜ ନେଇଥିଲେ। ଏଥିରେ ସେ ସଫଳ ହୋଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ବୁକ୍‌ରେ ନାମ ଲେଖାଇ ପାରିଛନ୍ତି। ସେ ଉକ୍ତ ମହିଳାଙ୍କ ମୁଣ୍ଡରେ ଏକ ହେଲମେଟ୍ ପିନ୍ଧାଇ ତା' ଉପରେ ଏହି ଖ୍ରୀସ୍ମାସ୍ ଟ୍ରି ତିଆରି କରିଥିଲେ।



# ସୁନ୍ଦର ଦିଶିବା ଲାଗି ୧ କୋଟି ଖର୍ଚ୍ଚ

**ଲଣ୍ଡନ:** ବ୍ରିଟେନ୍‌ର ଜଣେ ମହିଳା ଇନ୍‌ଫ୍ଲୁଏନ୍ସର ସୁନ୍ଦର ଦେଖାଯିବା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଛି। ଟ୍ରେସିଙ୍କର ଛୋଟବେଳେ ବହୁତ ଚୁଟି ଥିଲା। କିନ୍ତୁ ପରେ କେମିକାଲ ବ୍ୟବହାର ଫଳରେ ତାଙ୍କ ମୁଣ୍ଡରୁ ଚୁଟି ଝଡ଼ିବାକୁ ଲାଗିଲା। ସେ ଏଥିପାଇଁ ହେୟାର ଟ୍ରାନ୍ସପ୍ଲାଣ୍ଟ କରିବାକୁ ନିଷ୍ପତ୍ତି ନେଲେ। ଏଥିରେ ତାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିନ୍ତୁ ପର ମୁହୂର୍ତ୍ତରେ ସେ ୧ କୋଟି ଟଙ୍କା ବ୍ୟୟ କରି ହେୟାର ଟ୍ରାନ୍ସପ୍ଲାଣ୍ଟ କରିଥିଲେ।



# ଜୋତା ପାଇଁ ୮୦୩ ଦିନ ଅପେକ୍ଷା

**ଡବ୍‌ଲିନ୍:** ବର୍ତ୍ତମାନ ସମୟରେ ସମସ୍ତେ ଅନ୍‌ଲାଇନ୍ ଅର୍ଡର କରିବାକୁ ପସନ୍ଦ କରୁଛନ୍ତି। ଯଦ୍ୱାରା ସେମାନେ ତାଙ୍କ ପସନ୍ଦର ଜିନିଷ କିଛିଦିନ ମଧ୍ୟରେ ପାଇଯାଉଛନ୍ତି। ତେବେ ନିକଟରେ ଏମିତି ଏକ ଘଟଣା ଘଟିଛି, ଯେଉଁଥିରେ ଅର୍ଡର କରିଥିବା ଜଣେ ମହିଳାଙ୍କୁ କମ୍ପାନୀ ପକ୍ଷରୁ ୨ ବର୍ଷ ଅପେକ୍ଷା କରିବାକୁ ମେସେଜ୍ ଆସିଛି। ଜିସେ କିରି କିଂସେଲା ନାମ୍ନୀ ମହିଳା କିଛିଦିନ ତଳେ ଅନ୍‌ଲାଇନ୍ ଶପିଂ ଆପ୍ 'ଏଏସ୍‌ଓଏସ୍'ରୁ ଏକ ଜୋତା ଅର୍ଡର କରିଥିଲେ। ଅର୍ଡର କରିବାର କିଛି ସମୟ ପରେ ତାଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିଲା। ସେଥିରେ ଅର୍ଡର ଥିବା ଜୋତା ପାଇବାକୁ ୮୦୩ ଦିନ ଅର୍ଥାତ୍ ୨ ବର୍ଷ ୨ ମାସ ସମୟ ଲାଗିବ ବୋଲି ଲେଖାଥିଲା। ଏହି ମେସେଜ୍‌କୁ ସେ ଟାଙ୍କ ଟୁଇଟର ପେଜ୍‌ରେ ଶେୟାର କରିଥିଲେ, ଯେଉଁଥିରେ ତାଙ୍କୁ ଅନେକ ମଜାଳିଆ କମେଣ୍ଟ ଆସିଛି।

## ଧରାପଡ଼ିଲେ ଅଷ୍ଟମ ପାସ୍ ଆଇପିଏସ୍ ଅଫିସର

ମଧ୍ୟପ୍ରଦେଶର ଗ୍ୱାଲିଓରର ବିକାଶ ଯାଦବ ମାନରେ ଜଣେ ଅଷ୍ଟମ ପାସ୍ ଯୁବକ ନିଜକୁ ଆଇପିଏସ୍ ଅଫିସରର ପରିଚୟ ଦେଇ ୧୨ରୁ ଊର୍ଦ୍ଧ୍ୱ ଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ମାମଲା ସାମ୍ନାକୁ ଆସିଛି। ଦିଲ୍ଲୀ ପୋଲିସ ବିକାଶଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉତ୍ତର ଦିଲ୍ଲୀର ଏକ ରେଷ୍ଟୁରାଣ୍ଟରେ କାର୍ଯ୍ୟ କରୁଥିବା ବିକାଶ ବିରୋଧରେ ଏକାଧିକ ଆପରାଧିକ ମାମଲା ଥିବା ପୋଲିସ ଜାଣିବାକୁ ପାଇଛି।

**ସଂକ୍ଷେପରେ**

## ଆଲ୍ଲାହାବାଦ ୟୁନିଭର୍ସିଟିରେ ଛାତ୍ର-ଗାର୍ଡ ସଂଘର୍ଷ

**ଲକ୍ଷ୍ନୌ,୧୯।୧୨:** ଆଲ୍ଲାହାବାଦ ୟୁନିଭର୍ସିଟି କ୍ୟାମ୍ପସରେ ପ୍ରବେଶକୁ ନେଇ ସୋମବାର ସନ୍ଧ୍ୟାରେ ଛାତ୍ର ଓ ସୁରକ୍ଷା ଗାର୍ଡଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ୟୁନିଭର୍ସିଟି ଗେଟ୍‌ରେ ଥିବା ପୋଲିସକର୍ମୀଙ୍କ ଉପରକୁ ଛାତ୍ରମାନେ ଟେକା ଫିଙ୍ଗିଥିବାବେଳେ ଉତ୍ୟକ୍ତ ଛାତ୍ର ଏକ ମୋଟର ସାଇକେଲ ଜଳାଇ ଦେଇଛନ୍ତି। ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲା। କିଛିମାସ ପୂର୍ବେ ୟୁନିଭର୍ସିଟି ଫି’ ବୃଦ୍ଧି ନେଇ ବିକ୍ଷୋଭ କରିଥିବା ଛାତ୍ର ସଂଗଠନର ନେତା କ୍ୟାମ୍ପସରେ ଥିବା ବ୍ୟାଙ୍କ ଯାଉଥିବାବେଳେ ଗାର୍ଡ ତାଙ୍କୁ ଭିତରକୁ ଛାଡ଼ି ନ ଥିଲା। ଫଳରେ ଗାର୍ଡ ଓ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ମାଡ଼ଗୋଳ ସ୍ଥିତି ଉପୁଜିଥିଲା।

### ପରିବାରର ୬ ଜୀବନ୍ତ ଦଗ୍ଧ ଘଟଣା

## ଘରେ ନିଆଁ ଲଗାଇବାକୁ ସୁପାରି ଦିଆଯାଇଥିଲା

**ହାଇଦ୍ରାବାଦ ,୧୯।୧୨:** ତେଲଙ୍ଗାନାର ମଞ୍ଚେରିଆଲ ଜିଲାରେ ଗତ ଶନିବାର ଭୋର ସମୟରେ ଏକ ଘରେ ନିଆଁ ଲାଗି ପରିବାରର ୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଜିଲାର ଭେଙ୍କଟପୁରରେ ଗ୍ରାମ ରାଜସ୍ୱ ସହାୟକ (ଭିଆର୍‌ଏ)ଙ୍କ ଘରେ ନିଆଁ ଲଗାଇବା ପାଇଁ ସୁପାରି ଦିଆଯାଇଥିଲା ବୋଲି ପୋଲିସ ସନ୍ଦେହ କରୁଛି। ଘଟଣା ପଛରେ ପରକୀୟା ପ୍ରୀତି ରହିଥିବା ପୋଲିସ ଜାଣିବାକୁ ପାଇଛି। ଭିଆର୍‌ଏ ଶିବାୟାଙ୍କ ସ୍ତ୍ରୀ ପଦ୍ମା (୪୫)ଙ୍କ ସହ ତାଙ୍କର ପାରିବାରିକ ବନ୍ଧୁ ଶାନ୍ତିଆହ ଅନୈତିକ ସମ୍ପର୍କ ରଖିଥିଲେ। ଶାନ୍ତିଆହ ତାଙ୍କ ସ୍ତ୍ରୀ ସୃଜନାଙ୍କଠାରୁ ଅଲଗା ହୋଇ ଭିଆର୍‌ଏଙ୍କ ଘର ନିକଟରେ ରହୁଥିଲେ। ନିଆଁ ଲାଗିବାର କାରଣ ସମ୍ପର୍କରେ ଫୋରେନ୍‌ସିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ପୋଲିସ କହିଛି। କେତେଜଣ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

## ୧୯୭୧ ଯୁଦ୍ଧର ହିରୋ ରାଠୋଡ଼ଙ୍କ ପରଲୋକ



ଭୈରୋଁ ସିଂ ରାଠୋଡ଼

**ଯୋଧପୁର, ୧୯।୧୨:** ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧର ହିରୋ କୁହାଯାଉଥିବା ଲାନ୍ସ ନାଏକ ଭୈରୋଁ ସିଂ ରାଠୋଡ଼ଙ୍କ ସୋମବାର ପରଲୋକ ଘଟିଛି। ଥଣ୍ଡା ଓ ଛାତିରେ ଯନ୍ତ୍ରଣା ଯୋଗୁ କିଛିଦିନ ଧରି ଅସୁସ୍ଥ ଥିବା ଭୈରୋଁ ସିଂ ଯୋଧପୁରର ଏମ୍ସରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଯୁଦ୍ଧରେ ଭୈରୋଁ ତାଙ୍କ ମେଶିନ୍ ଗନ୍ ସାହାଯ୍ୟରେ ବହୁ ପାକିସ୍ତାନୀ ସୈନ୍ୟଙ୍କୁ ନିହତ କରିଥିଲେ। ଯୁଦ୍ଧରେ ତାଙ୍କ ବୀରତ୍ୱ ପାଇଁ ୧୯୭୨ରେ ତାଙ୍କୁ ସେନା ମେଡାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ରେ କାର୍ଯ୍ୟ କରୁଥିବା ଭୈରୋଁ ସିଂ ୧୯୮୭ରେ ଚାକିରିରୁ ଅବସର ନେଇଥିଲେ। ଭୈରୋଁ ସିଂଙ୍କ ଜୀବନୀକୁ ନେଇ ବଲିଉଡ୍‌ରେ ‘ବର୍ଡର’ ନାମରେ ଫିଲ୍ମ ତିଆରି ହୋଇଥିଲା, ଯେଉଁଥିରେ ଭୈରୋଁଙ୍କ ଭୂମିକାରେ ସୁନୀଲ ସେଟ୍ଟୀ ଅଭିନୟ କରିଥିଲେ।

## ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ବାଲକୋନିରୁ ଠେଲି ହତ୍ୟା

**ବେଙ୍ଗାଲୁରୁ ,୧୯।୧୨:** କର୍ନାଟକର ହଗଲି ଗ୍ରାମର ଆଦର୍ଶ ପ୍ରାଇମେରୀ ସ୍କୁଲ ଶିକ୍ଷକ ମୁଥାପ୍ପା ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ବାଲକୋନିରୁ ଠେଲି ହତ୍ୟା କରିଛନ୍ତି। ପ୍ରଥମେ ମୁଥାପ୍ପା ୧୦ ବର୍ଷ ବୟସର ଭରତଙ୍କୁ ବେଲଚାରେ ପିଟିଥିଲେ, ଏହାପରେ ତାଙ୍କୁ ବାଲକୋନିରୁ ତଳକୁ ଠେଲିଦେଇଥିବା ଗଡକ ଜିଲା ବରିଷ୍ଠ ପୋଲିସ ଅଧିକାରୀ ଶିବପ୍ରକାଶ ଦେବରାଜୁ କହିଛନ୍ତି। ଭରତଙ୍କ ମା’ ଗୀତା ବରକର ସେହି ସ୍କୁଲର ଶିକ୍ଷୟିତ୍ରୀ ହୋଇଥିବାବେଳେ ମୁଥାପ୍ପା ଏ ଘଟଣା ନେଇ ତାଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି। ମୁଥାପ୍ପା ବର୍ତ୍ତମାନ ଫେରାର୍ ଥିବାବେଳେ ପୋଲିସ ତାଙ୍କ ଖୋଜାଖୋଜି ଚଳାଇଛି।

### କର୍ନାଟକ-ମହାରାଷ୍ଟ୍ର ବିବାଦ

# ବେଲଗାଭିରେ ୧୪୪ ଧାରା

## ସୀମାରେ ୩୦୦ ନେତା ଅଟକ



**ବେଲଗାଭି/ନୂଆଦିଲ୍ଲୀ ,୧୯।୧୨**

ମହାରାଷ୍ଟ୍ର-କର୍ନାଟକ ସୀମା ବିବାଦ ସୋମବାର ଉଗ୍ର ରୂପ ଧାରଣ କରିଛି। ମହାରାଷ୍ଟ୍ର ଏକୀକରଣ ସମିତି (ଏମ୍‌ଇଏସ୍)ର ସଦସ୍ୟଙ୍କ ସହ ଏନ୍‌ସିପି ନେତାମାନେ ବେଲଗାଭିରେ ପ୍ରବେଶ ଅନୁମତି ଦାବି କରି ବିକ୍ଷୋଭ କରିବା ପରେ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କର୍ନାଟକ ବିଧାନସଭାରେ ବି.ଏସ୍. ବୋମାଇ ସରକାରଙ୍କ ଶେଷ ଶୀତ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ଏନ୍‌ସିପି ସମେତ ଶିବସେନା ନେତାମାନେ ବିକ୍ଷୋଭ ଯୋଜନା କରିଥିଲେ। ସୀମାରେ ୩୦୦ରୁ ଊର୍ଦ୍ଧ୍ୱ ଏନ୍‌ସିପି, କଂଗ୍ରେସ ଓ ଶିବସେନା ସଦସ୍ୟ ବେଲଗାଭିରେ ପ୍ରବେଶ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ କର୍ନାଟକ ପୋଲିସ ଅଟକ ରଖି ଫେରାଇ ଦେଇଛି। ସେହିପରି ମହାରାଷ୍ଟ୍ର ପୋଲିସ ମଧ୍ୟ କେତେଜଣଙ୍କୁ ଅଟକ ରଖିଥିଲା। ତିଲକୱାଡ଼ିଠାରେ ଏମ୍‌ଇଏସ୍‌ର ବିକ୍ଷୋଭକୁ ରୋକିବା ଲାଗି ବ୍ୟାପକ ପୋଲିସ ମୁତୟନ ହେବା ସହ ବେଲଗାଭିରେ ୧୪୪ ଧାରା ଜାରି ହୋଇଛି।

ମହାରାଷ୍ଟ୍ର ଏକୀକରଣ ସମିତିର ସଦସ୍ୟମାନେ ୫ ଦଶନ୍ଧିର ସୀମା ବିବାଦ ପ୍ରସଙ୍ଗ ଉଠାଇ ଶୀତ ଅଧିବେଶନ ପୂର୍ବରୁ ବଡ଼ ଧରଣର ବିକ୍ଷୋଭ ଯୋଜନା କରିଥିଲେ। ସୀମା ବିବାଦ ପାଇଁ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପାଟୋଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭାଜନ ନୀତିକୁ ଦାୟୀ କରିଛନ୍ତି। ମୋଦି ମହାରାଷ୍ଟ୍ରକୁ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ବସିବା ସତ୍ତ୍ୱେ ସୀମା ବିବାଦର ସମାଧାନ ହୋଇପାରି ନାହିଁ। ନେତାମାନଙ୍କୁ ବେଲଗାଭି ଛଡ଼ା ନ ଯିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟକୁ ସ୍ପଷ୍ଟ କରୁଛି ବୋଲି କଂଗ୍ରେସ ନେତା କହିଛନ୍ତି। ଏହି ମାମଲା ଉପରେ ସୁପ୍ରିମକୋର୍ଟ ରାୟ ନ ଶୁଣାଇବା ପର୍ଯ୍ୟନ୍ତ ଦୁଇ ରାଜ୍ୟ ସୀମାକୁ ନେଇ ଦାବି ଉଠାଇବେ ନାହିଁ ବୋଲି ଶାହାଙ୍କ ସହ ବୈଠକରେ ଦୁଇ ମୁଖ୍ୟମନ୍ତ୍ରୀ ରାଜି ହୋଇଥିଲେ। ତେବେ ଏହା ମହାରାଷ୍ଟ୍ର ଗର୍ବର ପ୍ରସଙ୍ଗ ହୋଇଥିବା କହି ଏହା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଆମେ ଆମ ଲୋକଙ୍କ ସହ ରହିଛୁ ଏବଂ ସବୁ ଆବଶ୍ୟକତା ଯୋଗାଇ ଦେବୁ ବୋଲି ଶିନ୍ଦେ କହିବା ସହ କର୍ନାଟକ ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ବିରୋଧ କରିଛନ୍ତି।

ମହାରାଷ୍ଟ୍ର-କର୍ନାଟକ ସୀମା ବିବାଦ ବିଶେଷଜ୍ଞ କମିଟି ମୁଖ୍ୟ ତଥା ମହାରାଷ୍ଟ୍ର ଏମ୍‌ପି ଧୈର୍ଯ୍ୟଶୀଳ ସାମ୍ଭାଜିରାଓ ମାନେ ସୋମବାର ବେଲଗାଭି ଗସ୍ତ କରିବାକୁ ଥିବାବେଳେ ଜିଲା ପ୍ରଶାସନ ତାଙ୍କୁ ବାରଣ କରିଥିଲା। ମହାରାଷ୍ଟ୍ର ଏମ୍‌ପିଙ୍କ ପ୍ରବେଶ ଯୋଗୁ ଆଇନ ଶୃଙ୍ଖଳା ସ୍ଥିତି ଉପୁଜିପାରେ ବୋଲି ପୋଲିସ ଏଡିଜି ଆଲୋକ କୁମାର କହିଥିଲେ। କର୍ନାଟକ ବିଧାନସଭା ଅଧିବେଶନ ସମୟରେ ବିକ୍ଷୋଭ ପାଇଁ ୬୧ଟି ସଂଗଠନ ଅନୁମତି ଲୋଡ଼ିଥିଲେ। ଆଇନ ଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ବେଲଗାଭିରେ ୬ ଏସ୍‌ପି, ୧୧ ଏଏସ୍‌ପି, ୪୩ ଡିଏସ୍‌ପିଙ୍କ ସମେତ ୪,୦୦୦ରୁ ଊର୍ଦ୍ଧ୍ୱ ପୋଲିସ ମୁତୟନ ହୋଇଛନ୍ତି।

## ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମାଫୋସା ଏଏନ୍‌ସି ନେତା ନିର୍ବାଚିତ



**ଜୋହାନ୍ସବର୍ଗ ,୧୯।୧୨(ପି.ଟି.)**

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ସୋମବାର ଶାସକ ଦଳ ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ୭୦ ବର୍ଷୀୟ ରାମାଫୋସା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଜ୍ୱେଲି ମଖିଜେଙ୍କୁ ପରାସ୍ତ କରିଛନ୍ତି। କୋଭିଡ୍ ମହାମାରୀ ବେଳେ ଜ୍ୱେଲି ଓ ତାଙ୍କ ସହଯୋଗୀମାନେ ବହୁକୋଟି ଟଙ୍କା ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ ହେବା ପରେ ସେ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିଲେ। ରାଷ୍ଟ୍ରପତି ରାମାଫୋସା ମନିଲଣ୍ଡରିଂ ଦୁର୍ନୀତି ମହାଭିଯୋଗରୁ ବର୍ତ୍ତିଯିବା ପରେ ତାଙ୍କୁ ଶାସକ ଦଳର ନେତା ଭାବେ ପୁନଃ ନିର୍ବାଚିତ କରାଯାଇଛି। ରାଷ୍ଟ୍ରପତିଙ୍କ ଘନିଷ୍ଠ ସହଯୋଗୀ ପଲ୍‌ ମାଶାଟିଲେଙ୍କୁ ଦଳର ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଛି।

## ୫ ବର୍ଷରେ ୧୦.୯ ଲକ୍ଷ କୋଟି ଅନାଦେୟ ଋଣ

**ନୂଆଦିଲ୍ଲୀ ,୧୯।୧୨**

ଗତ ୫ ଆର୍ଥିକ ବର୍ଷରେ ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କର ୧୦.୦୯ ଲକ୍ଷ କୋଟି ଟଙ୍କାର ଋଣ ଅନାଦେୟ ରହିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ଲୋକ ସଭାକୁ କହିଛନ୍ତି। ଋଣଗ୍ରହୀତାମାନଙ୍କଠାରୁ ଅସୁଲି ଲାଗି କ୍ରମାଗତ ପ୍ରକ୍ରିୟା ଜାରି ରହିଛି। ଅନାଦେୟ ଋଣ ସମେତ ଏନ୍‌ପିଏ (ଅଣକାର୍ଯ୍ୟକାରୀ ପୁଞ୍ଜି) ଅସୁଲ କରିବା ଏକ ଧାରାବାହିକ ପ୍ରକ୍ରିୟା। ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତଥ୍ୟ ଅନୁଯାୟୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨୦୧୭-୨୨ ଆର୍ଥିକ ବର୍ଷରେ ୪,୮୦,୧୧୧ କୋଟି ଟଙ୍କା ଅସୁଲ କରିଥିବାବେଳେ ସେଥିରୁ ପରିଶୋଧ ସମ୍ଭାବନା ନ ଥିବା ଋଣ (ରିଟିନ୍ ଅଫ୍ ଲୋନ୍) ପରିମାଣ ୧,୦୩,୦୪୫ କୋଟି ଟଙ୍କା। ଆର୍‌ବିଆଇ ତଥ୍ୟ ଅନୁଯାୟୀ ୫ ଆର୍ଥିକ ବର୍ଷରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ମୋଟ ୧୦,୦୯, ୫୧୧ କୋଟି ଟଙ୍କାର ଋଣକୁ ରିଟିନ୍ ଅଫ୍ କରିଛନ୍ତି। ତେବେ ସେହି ଋଣଗ୍ରହୀତାମାନେ ଉକ୍ତ ଋଣ ପରିଶୋଧ କରିବା ଲାଗି ଉତ୍ତରଦାୟୀ ଏବଂ ଅସୁଲି ପ୍ରକ୍ରିୟା ଜାରି ରହଥିବା ଅର୍ଥମନ୍ତ୍ରୀ ଗୃହକୁ ଜଣାଇଛନ୍ତି।



ନିର୍ମଳା ସୀତାରାମନ୍

## ଶ୍ରଦ୍ଧାଳୁ ଭାବେ ମନ୍ଦିର ଆସି ଦୁର୍ନୀତି ଧରିଲେ ଜଜ୍

**ଚେନ୍ନାଇ, ୧୯।୧୨**

ମାଡ୍ରାସର ଧାଣ୍ଡୟୁଥାପାନି ମନ୍ଦିର ଦର୍ଶନ ଟିକେଟ୍‌କୁ ନେଇ ଏକାଧିକ ଦୁର୍ନୀତି ଅଭିଯୋଗ ପରେ ମାଡ୍ରାସ ହାଇକୋର୍ଟ ବିଚାରପତି ଏସ୍.ଏମ୍. ସୁବ୍ରମନିୟମ ମନ୍ଦିର ପରିଦର୍ଶନ କରିଛନ୍ତି। ସେ ସାଧାରଣ ଶ୍ରଦ୍ଧାଳୁ ଭାବେ ମନ୍ଦିର ଆସିଥିଲେ। ନିଜ ପରିଚୟ ଦେଇ ନ ଥିବାବେଳେ ଦର୍ଶନ ପାଇଁ ସେ ତିନିଟି ଟିକଟ କିଣି ୧୫୦ ଟଙ୍କା ଦେଇଥିଲେ। କିନ୍ତୁ ଟିକେଟ କାଉଣ୍ଟରରେ ବସିଥିବା ବ୍ୟକ୍ତି ତାଙ୍କୁ ୫୦ ଟଙ୍କାରେ ୨ଟି ଟିକେଟ ସହ ୫ ଟଙ୍କିଆ ତୃତୀୟ ଟିକେଟ ଦେଇଥିଲେ। ଏ ନେଇ ବିଚାରପତି କାଉଣ୍ଟରରେ ପ୍ରଶ୍ନ କରିବାରୁ ମନ୍ଦିର କର୍ତ୍ତୃପକ୍ଷ ଦୁର୍ବ୍ୟବହାର କରିଥିଲେ। ଏହା ଉପରେ ଦୃଷ୍ଟି ଦେବାକୁ ସେ ହିନ୍ଦୁ ରିଲିଜିୟସ୍ ଆଣ୍ଡ ଚାରିଟେବୁଲ ଏଣ୍ଡୋମେଣ୍ଟସ୍‌କୁ ପରାମର୍ଶ ଦେଇଛନ୍ତି।

## ଟୁଇଟର ସିଇଓ ପଦରୁ ଓହରନ୍ତୁ ମସ୍କ

**ୱାଶିଂଟନ୍, ୧୯।୧୨**

ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟର ୟୁଜର୍ସ ଏଲନ ମସ୍କଙ୍କ ଉପରେ ଖୁସି ନାହାନ୍ତି। ଟୁଇଟରର ମାଲିକାନା ଏଲନ ମସ୍କଙ୍କ ହାତକୁ ଯିବା ପରେ କମ୍ପାନୀର କର୍ମଚାରୀଙ୍କଠୁ ଆରମ୍ଭ କରି ୟୁଜର୍ସ ଅସୁଖୀ ଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ମସ୍କ ଟୁଇଟର ସିଇଓ ପଦରେ ରହିବା ଉଚିତ୍ କି ନୁହେଁ ସେଥିଲାଗି ଟୁଇଟର ପୋଲ୍ ଜରିଆରେ ୟୁଜର୍ସଙ୍କ ମତ ଲୋଡ଼ିଥିଲେ। ସୋମବାର ଏହାର ଫଳ ପ୍ରକାଶ ପାଇଛି, ଯେଉଁଥିରେ ୫୭.୫% ୟୁଜର୍ସ ମସ୍କ ସିଇଓ ପଦରୁ ଓହରି ଯିବା ଦରକାର ବୋଲି ମତ ଦେଇଥିବାବେଳେ ମାତ୍ର ୪୨.୫% ମସ୍କଙ୍କ ସପକ୍ଷରେ ଭୋଟ ଦେଇଛନ୍ତି। ମୋଟ ୧୭ ନିୟୁତ ଟୁଇଟର ୟୁଜର୍ସ ଏଥିରେ ଅଂଶଗ୍ରହଣ କରିଥିଲେ। ପୋଲ ରେଜଲ୍ଟ ଅନୁସାରେ ମସ୍କ ଆଗାମୀ ନିଷ୍ପତ୍ତି ନେବେ ବୋଲି ରବିବାର କହିଥିବାବେଳେ ଏ ନେଇ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।



### ୫୭% ୟୁଜର୍ସଙ୍କ ମତ

ମସ୍କଙ୍କ ଟୁଇଟର ପୋଲ୍‌କୁ ଅନୁକରଣ କରି ଆମେରିକୀୟ ର୍‍ୟାପର ସ୍ନୁପ ଡଗ୍ ଏହି ମାଇକ୍ରୋବ୍ଲଗିଂ ଆପ୍ ପରିଚାଳନା କରିବା ଲାଗି ୟୁଜର୍ସଙ୍କ ମତ ଲୋଡିଛନ୍ତି। ଏଥିଲାଗି ସୋମବାର ସ୍ନୁପ ଟୁଇଟର ପୋଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ୟୁଜର୍ସ ନିଜ ମତ ଦେଇଛନ୍ତି। ଏଥିରୁ ୮୦ ପ୍ରତିଶତ ୟୁଜର୍ସ ସ୍ନୁପ ଟୁଇଟର ପରିଚାଳନା ଦାୟିତ୍ୱ ଗ୍ରହଣ କରନ୍ତୁ ବୋଲି ମତ ଦେଇଛନ୍ତି।



ଘନ କୁହୁଡ଼ି ଯୋଗୁ ସୋମବାର ସକାଳେ ଗୁରୁଗ୍ରାମର ସିଗ୍ନେଚର ଟାୱାର ନିକଟସ୍ଥ ଦିଲ୍ଲୀ-ଗୁରୁଗ୍ରାମ ଏକ୍ସପ୍ରେସ୍ ୱେରେ ଟ୍ରାଫିକ୍ ଜାମ।

## ଆମେରିକା ନିର୍ମିତ ୪ କ୍ଷେପଣାସ୍ତ୍ର ଖସାଇଥିବା ଦାବି କଲା ରୁଷିଆ



**ମସ୍କୋ,୧୯।୧୨**

ୟୁକ୍ରେନ୍ ଉପରେ ରୁଷିଆ ୧୦ ମାସ ହେଲା ଆକ୍ରମଣ ଚଳାଇଥିବାବେଳେ ଆମେରିକା ନିର୍ମିତ ୪ଟି କ୍ଷେପଣାସ୍ତ୍ରକୁ ଖସାଇଥିବା ପ୍ରଥମ ଥର ପାଇଁ ମସ୍କୋ ଦାବି କରିଛି। ୟୁକ୍ରେନ୍ ସୀମାକୁ ଲାଗି ରହିଥିବା ରୁଷିଆର ବେଲ୍‌ଗୋରୋଡ ଅଞ୍ଚଳ ଉପରେ ଆମେରିକାର ୪ଟି ‘ହାର୍ମ’ ଆଣ୍ଟି-ରାଡାର କ୍ଷେପଣାସ୍ତ୍ରକୁ ରୁଷୀୟ ସୈନ୍ୟ ଖସାଇଥିଲେ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଛି। ୟୁକ୍ରେନ୍‌କୁ ଆମେରିକା ସମେତ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅସ୍ତ୍ର ସହାୟତା ଯୋଗାଇ ଆସୁଛନ୍ତି। ବେଲ୍‌ଗୋରୋଡ ଅଞ୍ଚଳରେ ୟୁକ୍ରେନ୍ ପକ୍ଷରୁ ବାରମ୍ବାର କ୍ଷେପଣାସ୍ତ୍ର ମାଡ଼ କରାଯାଉଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

## ନାବାଳିକାଙ୍କୁ କୀଟ ନାଶକ ଦେଇ ହତ୍ୟା

**ଖଣ୍ଡୱା, ୧୯।୧୨**

ମଧ୍ୟପ୍ରଦେଶର ଜୱାରର ଫାଲିଆ ଆଦିବାସୀ ସମ୍ପ୍ରଦାୟର ଜଣେ ନାବାଳିକାଙ୍କୁ ଅପହରଣ ପରେ କୀଟନାଶକ ଦେଇ ହତ୍ୟା କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଶନିବାର ସନ୍ଧ୍ୟାରେ ନାବାଳିକାଙ୍କୁ ଘରେ ନ ପାଇଁ ତାଙ୍କ ସମ୍ପର୍କୀୟ ତାଙ୍କୁ ଖୋଜାଖୋଜି କରିଥିଲେ। ରାତିରେ ପୋଲିସ ନାବାଳିକାଙ୍କୁ ଏକ ଖୋଲା ପଡ଼ିଆରେ ଅଚେତ ଅବସ୍ଥାରେ ପାଇଥିଲା। ବିଷକ୍ରିୟା ଯୋଗୁ ନାବାଳିକାଙ୍କ ମୁହଁରୁ ଫେଣ ଭଳି କିଛି ପଦାର୍ଥ ବାହାରୁଥିବାବେଳେ ପୋଲିସ ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଫିଫା ବିଶ୍ୱକପ୍ ପରାଜୟ ପରେ ଫ୍ରାନ୍ସ ସହରରେ ଦଙ୍ଗା

**ପ୍ୟାରିସ୍ ,୧୯।୧୨**

କାତାରରେ ରବିବାର ଶେଷ ହୋଇଥିବା ଫିଫା ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସ ଆର୍ଜେଣ୍ଟିନାଠାରୁ ୪-୨ ପେନାଲ୍ଟିରେ ହାରିଯାଇଥିଲା। ଏହାକୁ ନେଇ ଫ୍ରାନ୍ସରେ ଉତ୍ତେଜନା ପ୍ରକାଶ ପାଇଛି। ହଜାର ହଜାର ଫୁଟ୍‌ବଲପ୍ରେମୀ ଫ୍ରାନ୍ସର ପ୍ୟାରିସ୍, ନାଇସ୍ ଏବଂ ଲିଓନ୍ ସହରରେ ରାଜରାସ୍ତାକୁ ଓହ୍ଲାଇବା ଫଳରେ ଦଙ୍ଗା ସୃଷ୍ଟି ହୋଇଛି। ଉତ୍ୟକ୍ତ ଲୋକେ ଟେକାପଥର, ବୋତଲ ଏବଂ ବାଣ ପୋଲିସ ଉପରକୁ ପକାଇଥିଲେ। ଉତ୍ତେଜନାପୂର୍ଣ୍ଣ ସ୍ଥିତି ଜାରି ରହିଥିବାବେଳେ ଆଇନ ଶୃଙ୍ଖଳା ସ୍ଥିତି ରକ୍ଷା କରିବା ଲାଗି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଲିଓନରେ ଦଙ୍ଗାକୁ ଏଡ଼ାଇ ଚାଲିଯିବାକୁ ଉଦ୍ୟମ କରୁଥିବା ଜଣେ ମହିଳାଙ୍କ ଉପରେ ଆକ୍ରମଣ ହୋଇଛି। ପ୍ୟାରିସ୍ ରାଜରାସ୍ତାରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସଶସ୍ତ୍ର ପୋଲିସକୁ ଲୁହବୁହା ବାଷ୍ପ ପ୍ରୟୋଗ କରିବାକୁ ପଡ଼ିଥିଲା। ଫ୍ରାନ୍ସ ରାଜଧାନୀର ଚାମ୍ପସ-ଏଲିସିଠାରେ ଦଙ୍ଗାନିରୋଧୀ ପୋଲିସ ସହ ଉତ୍ୟକ୍ତ ଲୋକଙ୍କର ସଂଘର୍ଷ ହୋଇଥିଲା। ସୋସିଆଲ ମିଡିଆ ବ୍ୟବହାରକାରୀମାନେ ପ୍ୟାରିସ୍ ଓ ଲିଓନ୍ ସହର ରାସ୍ତାଘାଟରେ ଦେଖାଦେଇଥିବା ଦଙ୍ଗା ଓ ଉତ୍ତେଜନାପୂର୍ଣ୍ଣ ସ୍ଥିତିର ଭିଡିଓ ପୋଷ୍ଟ କରିଛନ୍ତି। ପୋଲିସ ଟିଅର ଗ୍ୟାସ୍ ଛାଡୁଥିବାବେଳେ ଲୋକେ ଦୌଡ଼ି ପଳାଉଥିବା ଦେଖାଯାଇଛି।



### ସ୍ଥିତି ନିୟନ୍ତ୍ରଣ ପାଇଁ ଲୁହବୁହା ଗ୍ୟାସ୍ ପ୍ରୟୋଗ

ପୂର୍ବରୁ ବିଶ୍ୱକପ୍‌ର ବିଭିନ୍ନ ମ୍ୟାଚ୍‌ରେ ପରାଜୟକୁ ନେଇ ୟୁରୋପୀୟ ଦେଶଗୁଡ଼ିକରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗତ ୧୫ ତାରିଖ ସେମିଫାଇନାଲରେ ଫ୍ରାନ୍ସଠାରୁ ମରକ୍କୋ ହାରିଯିବା ପରେ ଫ୍ରାନ୍ସ ଓ ବେଲ୍‌ଜିୟମର ବିଭିନ୍ନ ସହରରେ ଦଙ୍ଗା ହୋଇଥିଲା। ଫ୍ରାନ୍ସରେ ଜଣେ ୧୪ ବର୍ଷର ବାଳକ ହିଂସାତ୍ମକ ସଂଘର୍ଷରେ ପ୍ରାଣ ହରାଇଥିଲେ। ବ୍ରସେଲ୍ସରେ ପୋଲିସ ଶତାଧିକ ଲୋକଙ୍କୁ ଗିରଫ କରିଥିଲା।

## କେରଳରେ ଫୁଟ୍‌ବଲ ଉନ୍ମାଦନା: ୩ ଜଣଙ୍କୁ ହାଣିଲେ

**କନ୍ନୁର ,୧୯।୧୨**

ରବିବାର ରାତିରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଫିଫା ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଚାଲିଥିବାବେଳେ କେରଳର କେତେକ ସ୍ଥାନରେ ଏହାକୁ ନେଇ ହିଂସାକାଣ୍ଡ ଘଟିଛି। କନ୍ନୁରରେ ୩ ଜଣ ଯୁବକଙ୍କୁ ତାଙ୍କ ବିରୋଧୀ ଗୋଷ୍ଠୀ ହାଣିଥିବାବେଳ କୋଚିରେ ୨ ପୋଲିସ କର୍ମଚାରୀଙ୍କ ଉପରେ ମାଡ଼ ହୋଇଛି। କୋଲାମ୍‌ରେ ଜଣେ ଯୁବକ ସଂଜ୍ଞାହୀନ ହୋଇପଡ଼ି ପ୍ରାଣ ହରାଇଛନ୍ତି। ଫ୍ରାନ୍ସକୁ ହରାଇ ଆର୍ଜେଣ୍ଟିନା ବିଶ୍ୱକପ୍ ହାତେଇବା ପରେ କନ୍ନୁର ଜିଲାର ପଲ୍ଲିୟାମୂଲାରେ ଦୁଇଟି ଟିମ୍ ମଧ୍ୟରେ ସଂଘର୍ଷ ହୋଇଥିଲା। ବିରୋଧୀ ଟିମ୍‌ର ଆକ୍ରମଣରେ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ୨ ଜଣ ଆହତ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ କନ୍ନୁର ପୋଲିସ ୬ ଜଣଙ୍କୁ ଗିରଫ କରିଛି। ପୂର୍ବରୁ କ୍ରୋଏସିଆଠାରୁ ବ୍ରାଜିଲ ହାରିଯିବା ପରେ ପଲ୍ଲିୟାମୂଲାରେ ସଂଘର୍ଷ ହୋଇଥିଲା। ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ଗ୍ୟାଙ୍ଗ ସଦସ୍ୟମାନେ ଡ୍ରଗ୍ସ ନିଶାରେ ଥିଲେ କି ନାହିଁ ତାହାର ତଦନ୍ତ କରୁଛି।

### ଉତ୍ସବ ପାଳନ ବେଳେ ସଂଜ୍ଞାହୀନ ହୋଇ ଜଣେ ମୃତ

ସେହିପରି ରବିବାର ରାତିରେ କଲୁର ଷ୍ଟାଡିୟମ ଛକଠାରେ କେତେଜଣ ଯୁବକ ରାସ୍ତା ଅବରୋଧ କରି ଆର୍ଜେଣ୍ଟିନା ବିଜୟରେ ଉତ୍ସବ ମନାଉଥିଲେ। ପୋଲିସ ସେମାନଙ୍କୁ ବିରୋଧ କରିବାରୁ ସେମାନେ ମାଡ଼ ମାରିବା ସହ ଜଣେ ପୋଲିସ କର୍ମଚାରୀଙ୍କୁ ରାସ୍ତାରେ ଘୋଷାଡ଼ିଥିଲେ। ଏଥିରେ କୋଚି ନର୍ଥ ଥାନାର ୨ ଜଣ କର୍ମଚାରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୋଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଛି। କୋଲାମ ସହରର ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରବିବାର ରାତିରେ ଆର୍ଜେଣ୍ଟିନା ବିଜୟ ପାଳନ ବେଳେ ଜଣେ ନାବାଳକ ସଂଜ୍ଞାହୀନ ହୋଇପଡ଼ିଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ଭୁଶୁଡ଼ିଲା ୧୩ କୋଟିର ପୋଲ



ପାଟନା,୧୯।୧୨: ବିହାରରେ ନିର୍ମିତ ଏକ ପୋଲ ରବିବାର ଦୁଇଖଣ୍ଡ ହୋଇ ନଦୀରେ ଖସିପଡ଼ିଛି। ବେଗୁସରାଇ ଜିଲାରେ ବୁରହି ଗଣ୍ଡକ ନଦୀ ଉପରେ ୧୩ କୋଟି ଟଙ୍କା ବ୍ୟୟରେ ଉକ୍ତ ବ୍ରିଜ୍ ନିର୍ମାଣ ହୋଇଥିଲା। ତେବେ ସଂଯୋଗ ରାସ୍ତା ନ ଥିବାରୁ ଉକ୍ତ ପୋଲ ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରି ନ ଥିଲା। ୨୦୬ ମିଟର ଲମ୍ବ ଏହି ବ୍ରିଜ୍‌ରେ କିଛିଦିନ ହେଲା ଫାଟ ଦେଖାଦେଇଥିଲା। ତେବେ ରବିବାର ବ୍ରିଜ୍ ଭୁଶୁଡ଼ିବା ବେଳେ ସେଠାରେ କେହି ନ ଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୨୨ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

ବାଲେଶ୍ୱର ଅଫିସ,୧୯।୧୨: ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଗସ୍ତରେ ଆସିବେ। ସେ ବିଭିନ୍ନ ବିଭାଗର ଉନ୍ନତିମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ବାଲେଶ୍ୱର ପୋଲିସ ରିଜର୍ଭ ପଡ଼ିଆରେ ଅବତରଣ କରି ଆୟୋଜିତ ସମାବେଶରେ ଜିଲାବାସୀଙ୍କୁ ଉଦ୍‌ବୋଧନ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲାପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ସୋମବାର ରାଜ୍ୟ କ୍ଷୁଦ୍ର, ମଧ୍ୟମ ଓ ଲଘୁ ଉଦ୍ୟୋଗ ତଥା ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଜିଲାରେ ପହଞ୍ଚି ସମାବେଶ ସ୍ଥଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ତ୍ରୀଙ୍କ ସହ ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ। ଏନେଇ ମନ୍ତ୍ରୀ ପ୍ରତାପ କେଶରୀ କହିଛନ୍ତି ଯେ, ସମଗ୍ର ଜିଲାର ୮ଟି ନିର୍ବାଚନମଣ୍ଡଳୀର ୧୨ଟି ବ୍ଲକ ଅଛି। ଏହି ସବୁ ବ୍ଲକ ଅଞ୍ଚଳରେ ୧ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶିଳାନ୍ୟାସ କରାଯିବ। ଯାହା ନବବର୍ଷରେ ବାଲେଶ୍ୱରବାସୀଙ୍କ ପାଇଁ ଭେଟି ସଦୃଶ ହେବ ବୋଲି ମନ୍ତ୍ରୀ କହିଥିଲେ।

### ଅନୁପସ୍ଥିତ: ୯୬ ପ୍ରାଥମିକ ଶିକ୍ଷକ ବହିଷ୍କୃତ

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ): ରାଜ୍ୟରେ ଦୀର୍ଘଦିନ ଧରି ବିନାନୁମତିରେ ଅନୁପସ୍ଥିତ ରହୁଥିବା ଶିକ୍ଷକଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରାଥମିକ ସ୍କୁଲରେ କନିଷ୍ଠ ଶିକ୍ଷକ ବର୍ଗରେ କାର୍ଯ୍ୟ କରୁଥିବା ୯୬ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଚାକିରିରୁ ବହିଷ୍କୃତ କରାଯାଇଛି। ସେହିଭଳି ୨୬ଜଣ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ୧୫୪ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏନେଇ ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ବିନାନୁମତିରେ ବହୁ ଶିକ୍ଷକ ଦୀର୍ଘଦିନ ଧରି ଅନୁପସ୍ଥିତ ରହୁଥିବା ଯୋଗୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିକଟରେ ହୋଇଥିବା ରାଜ୍ୟସ୍ତରୀୟ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ଏହି ସମୀକ୍ଷା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବା ସହ କାର୍ଯ୍ୟ କ୍ଷେତ୍ରରେ ଅବହେଳା କରୁଥିବା ଶିକ୍ଷକଙ୍କ ବିରୋଧରେ ଉଚିତ୍ ଦଣ୍ଡବିଧାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ୨୦ କଇଁଛ ଉଦ୍ଧାର




ପାରଳାଖେମୁଣ୍ଡି,୧୯।୧୨(ଡି.ଏନ୍.ଏ.): ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲା ମତ୍ସ୍ୟ ବିଭାଗ ପୋଖରୀରୁ କଇଁଛ ଚୋରାଚାଲାଣ ହେଉଥିବା ବେଳେ ବନବିଭାଗ ଉଦ୍ଧାର କରିଛି। ମତ୍ସ୍ୟବିଭାଗ ପୋଖରୀରେ ଦିନମଜୁରିଆ ଭାବେ କାମ କରୁଥିବା ଜଣେ ବ୍ୟକ୍ତି ରବିବାର ରାତିରେ ୨୦ଟି ପାଣି କଇଁଛ ଲୁନା (ଓଡି୨୦ ୮୧୮୪) ଯୋଗେ ନେଇ ଯାଉଥିବା ବେଳେ ଗ୍ରାମବାସୀ ଅଟକାଇଥିଲେ। ପରେ ସେମାନେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ଏନ୍.ଡି ଶର୍ମା ଘଟଣାସ୍ଥଳରେ ପହଞ୍ଚିବାରୁ ଲୁନା ଛାଡ଼ି ସମ୍ପୃକ୍ତ ବ୍ୟକ୍ତିଜଣକ ଫେରାର ହୋଇଯାଇଥିଲେ। ରେଞ୍ଜର ଶର୍ମା ଲୁନା ସହିତ କଇଁଛଙ୍କୁ ଜବତ କରିବା ସହ ବନବିଭାଗ ସ୍ଥାନୀୟ ରାମସାଗରରେ ଛାଡ଼ିଦେଇଛି। ଏ ନେଇ ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ରେଞ୍ଜର ଶର୍ମା କହିଛନ୍ତି, ଏହା ପାଣି କଇଁଛ ପ୍ରଜାତିର। ଏହାକୁ ଧରିବା କୌଣସି ଅପରାଧ ନୁହେଁ। ତଥାପି ଅଭିଯୁକ୍ତଙ୍କୁ ଖୋଜାଚାଲିଛି ବୋଲି ରେଞ୍ଜର କହିଛନ୍ତି।

# ଜିଏସ୍‌ଟି ପ୍ରତ୍ୟାହାର, ଏମ୍ଏସ୍‌ପି ଦାବି

## କିଷାନ ଗର୍ଜନ ରାଲିରେ ଯୋଗଦେଲେ ୫୫ ହଜାର ଚାଷୀ

ନୂଆଦିଲ୍ଲୀ ,୧୯।୧୨

ଦିଲ୍ଲୀର ରାମଲୀଳା ମଇଦାନରେ ସୋମବାର ଆୟୋଜିତ କିଷାନ ଗର୍ଜନ ରାଲିରେ ୫୫ ହଜାର ଚାଷୀ ଯୋଗଦେଇଥିଲେ। କୃଷି ସାମଗ୍ରୀ ଉପରୁ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ପ୍ରତ୍ୟାହାର ସମେତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବଢ଼ାଇବା ପାଇଁ ସେମାନେ ଦାବି କରିଥିଲେ। ଆର୍‌ଏସ୍ଏସ୍ ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନ ଭାରତୀୟ କିଷାନ ସଂଘ (ବିକେଏସ୍) ଡାକରାରେ କିଷାନ ଗର୍ଜନ ରାଲି ଆୟୋଜନ କରାଯାଇଥିଲା। ପୁଣିଥରେ ଚାଷୀମାନେ ସେମାନଙ୍କ ମିଳିତ ଶକ୍ତି ପ୍ରଦର୍ଶନ କରିଛନ୍ତି ଏବଂ ଦାବି ପୂରଣ ଲାଗି କେନ୍ଦ୍ର ସରକାରଙ୍କ ଉପରେ ଏହା ଚାପ ପକାଇବ ବୋଲି ଆଶା କରାଯାଉଛି। ଦିଲ୍ଲୀ ସୀମାରେ ଦୀର୍ଘ ୧୧ ମାସର ଚାଷୀ ଆନ୍ଦୋଳନ ପରେ କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିଥିଲେ। ସରକାରଙ୍କ ଲିଖିତ ପ୍ରତିଶ୍ରୁତି ପରେ ଚାଷୀ ଆନ୍ଦୋଳନରୁ ଓହରିଥିଲେ। ଉକ୍ତ ପ୍ରତିଶ୍ରୁତି ସମ୍ପର୍କରେ କେନ୍ଦ୍ରକୁ ସ୍ମରଣ କରାଇଦେବା ଗର୍ଜନ ରାଲିର ଉଦ୍ଦେଶ୍ୟ।



# ସବୁ ହସ୍ପିଟାଲରେ ହେଉ ଶିଶୁରୋଗ ଆଇସିୟୁ

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ(ଆଇଏପି) ଇଣ୍ଟେନ୍‌ସିଭ୍‌ର ୨୪ତମ ଜାତୀୟ ସମ୍ମିଳନୀ 'ପେଡିକ୍ରିଟିକନ୍-୨୦୨୨' ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀରେ ଓଡ଼ିଶାର ଶିଶୁରୋଗ ବିଶେଷଜ୍ଞମାନେ ଭାରତ ଓ ବିଭିନ୍ନ ଦେଶରୁ ଯୋଗ ଦେଇଥିବା ବିଶିଷ୍ଟ ଓ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଏହା ସେମାନଙ୍କୁ ଓଡ଼ିଶାରେ ଶିଶୁରୋଗ ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ କରିବାରେ ସହାୟକ ହେବ। ଦେଶର ସରକାରୀ, ଘରୋଇ ହସ୍ପିଟାଲ ସମେତ ସମସ୍ତ ମେଡିକାଲ୍ କଲେଜରେ ଶିଶୁରୋଗ ଆଇସିୟୁ ଖୋଲିବା ନିମନ୍ତେ ଉଭୟ ସରକାରୀ ଓ ଘରୋଇସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଆଇଏପିର ନବନିର୍ବାଚିତ ସଭାପତି ଡା. ଜି.




**ପେଡିକ୍ରିଟିକନ୍ -୨୦୨୨**

ଭି. ବାସବରାଜ ଆହ୍ୱାନ ଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରଙ୍କୁ ଭଗବାନ ଭାବେ ଅଭିହିତ କରି କହିଲେ, ଶିଶୁରୋଗ ବିଶେଷଜ୍ଞମାନେ ଭବିଷ୍ୟତ ପିଢ଼ିର ଚିକିତ୍ସା କରୁଥିବାବେଳେ ଆମେ କିସ୍‌ରେ ଜନଜାତି ଓ ସମାଜର ଅବହେଳିତ ଶିଶୁଙ୍କ ଯତ୍ନ ନେବା ସହ ସେମାନଙ୍କୁ ଶିକ୍ଷା ମାଧ୍ୟମରେ ସଶକ୍ତ କରାଇ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଉଛୁ। କିଟ୍‌ର ରୌପ୍ୟ ଜୟନ୍ତୀ ପରିପ୍ରେକ୍ଷୀରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିବାରୁ ସାମନ୍ତ ଯୋଗଦେଇଥିବା ସମସ୍ତ ଶିଶୁରୋଗ ବିଶେଷଜ୍ଞଙ୍କୁ ଧନ୍ୟବାଦ ଜଣାଇଥିଲେ। ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ ସମସ୍ତଙ୍କ ପାଇଁ ପହଞ୍ଚ ଓ ସୁଲଭ ରଖାଯାଇଥିଲା। ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରି ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ଶିବବ୍ରତ ପଟ୍ଟନାୟକ କହିଲେ, ଶିଶୁରୋଗର ଅଧିକ ତଥା ଉନ୍ନତ ମାନର ଚିକିତ୍ସା ନିମନ୍ତେ ଶିଶୁରୋଗ ବିଶେଷଜ୍ଞଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ପରିଚିତ କରାଇବା, ଶିଶୁରୋଗୀଙ୍କ ତ୍ୱରିତ ଓ ଉନ୍ନତ ଚିକିତ୍ସା ପାଇଁ ଜିଲାସ୍ତରରେ ଶିଶୁରୋଗ ଆଇସିୟୁର ଗୁରୁତ୍ୱ, ସରକାରୀ ଓ ଘରୋଇ ହସ୍ପିଟାଲ ଏବଂ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ସଚେତନ କରାଇବା ହେଉଛି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହା ଛଡ଼ା ସମାଜର ସବୁବର୍ଗର ଲୋକଙ୍କୁ ସୁହାଇଲା ଭଳି କିଭଳି ସୁଲଭ ମୂଲ୍ୟରେ ଚିକିତ୍ସା ପ୍ରଦାନ କରାଯାଇପାରିବ, ସେ ନେଇ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ, ଲଣ୍ଡନର କିଙ୍ଗ୍‌ସ କଲେଜ, ଫିଲାଡେଲଫିଆର ଶିଶୁ ଡାକ୍ତରଖାନା ସମେତ ନେଦରଲ୍ୟାଣ୍ଡ, ମଧ୍ୟପ୍ରାଚ୍ୟ, ଇଣ୍ଡୋନେସିଆ, ନେପାଳ, ନ୍ୟୁଜଲାଣ୍ଡ, କାନାଡା ଆଦି ଦେଶରୁ ୩୦ରୁ ଊର୍ଦ୍ଧ୍ୱ ଫାକଲ୍ଟି ଓ ଶିଶୁ ରୋଗ ବିଶେଷଜ୍ଞ ଯୋଗ ଦେଇଥିଲେ। ଆଇଏଏପି ଓ କିମ୍ସ ସହଯୋଗରେ ଆଇଏଏପି-ଇଣ୍ଟେନ୍ସିଭ୍ କେୟାର ଓଡ଼ିଶା ଚାପ୍ଟର ଦ୍ୱାରା ପୂର୍ବ ଭାରତରେ ପ୍ରଥମଥର ପାଇଁ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ବକେୟା ଖାଦ୍ୟ ସବ୍‌ସିଡି ଦାବି କଲା ବିଜେଡି

ନୂଆଦିଲ୍ଲୀ, ୧୯।୧୨

ଓଡ଼ିଶାର ବିଜେଡି ଏମ୍‌ପିମାନେ ସୋମବାର କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି ରାଜ୍ୟ ପାଇବାକୁ ଥିବା ବକେୟା ଖାଦ୍ୟ ସବ୍‌ସିଡି ବାବଦ ୧୪,୨୯୨.୫୧ କୋଟି ଟଙ୍କା ପୈଠ କରିବାକୁ ଦାବି କରିଛନ୍ତି। ଏଥିସହିତ ନଭେମ୍ବର ପର୍ଯ୍ୟନ୍ତ ଅତିରିକ୍ତ ସୁଧ ବାବଦକୁ ୬,୧୮୭ କୋଟି ଟଙ୍କା ଦାବି କରାଯାଇଛି। ରାଜ୍ୟ ସଭା ଏବଂ ଲୋକ ସଭାର ବିଜେଡି ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସ୍ମାରକ ପତ୍ର ଦେଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ପିଡିଏସ୍ ବ୍ୟବସ୍ଥାକୁ ଚାଉଳ ଯୋଗାଇବାରେ ଓଡ଼ିଶାର ଅବଦାନ ତୃତୀୟ ସର୍ବାଧିକ। ରାଜ୍ୟର ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ରାଜ୍ୟ ସରକାର କେନ୍ଦ୍ର ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। କେନ୍ଦ୍ର ସରକାରଙ୍କ ଉପରେ ଖାଦ୍ୟ ସବ୍‌ସିଡି ବାବଦରେ ବର୍ତ୍ତମାନ ସୁଦ୍ଧା ୧୪,୨୯୨.୫୧ କୋଟି ଟଙ୍କା ବକେୟା ରହିଛି। ସେଥିରୁ ୧୧,୬୮୯.୨୧ କୋଟି ଅସ୍ଥାୟୀ ଖାଦ୍ୟ ସବ୍‌ସିଡି ହୋଇଥିବାବେଳେ ୨,୬୦୩.୩୦ କୋଟି ଅଗ୍ରୀମ ସବ୍‌ସିଡି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହା ବାଦ୍ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଅତିରିକ୍ତ ସୁଧ ବାବଦରେ ୬,୧୮୭ କୋଟି ଟଙ୍କା ପାଇବାକୁ ଅଛି।

# ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ହେବ ହାକାଥନ୍

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ୨) ଛାତ୍ରୀଛାତ୍ରଙ୍କ ପାଇଁ ହାକାଥନ୍ ଆୟୋଜିତ ହେବ। ଆଇଆଇଟି ଭୁବନେଶ୍ୱର ଏବଂ ଓସେପା ସହଭାଗିତାରେ ଡିସେମ୍ବର-ଜାନୁୟାରୀ ମଧ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହାକାଥନ ଆୟୋଜନ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ହାକାଥନ କାର୍ଯ୍ୟକ୍ରମର ବିଷୟବସ୍ତୁ ରହିବ 'ଅକ୍ଷୟଶକ୍ତି'। ଏଥିରେ ଅନ୍ୟ ବୈଷୟିକ ଓ ସାମାଜିକ ବିଷୟବସ୍ତୁ ଗ୍ରହଣ କରାଯିବ। ହାକାଥନ୍ ହବ୍ ଭାବେ ଆଇଆଇଟି କାର୍ଯ୍ୟ କରିବ। ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଗୋଟିଏ ପ୍ରକଳ୍ପ ଜିଲାସ୍ତରୀୟ ହାକାଥନ ପାଇଁ ମନୋନୀତ ହେବ। ଜିଲାସ୍ତରରେ ଅଂଶଗ୍ରହଣ ପାଇଁ ଯାହାର ପ୍ରକଳ୍ପ ମନୋନୀତ ହେବ, ସମ୍ପୃକ୍ତ ବିଦ୍ୟାର୍ଥୀଙ୍କୁ ଡିବିଟି ଜରିଆରେ ୫୦୦୦ ଟଙ୍କା ଦିଆଯିବ। ଯଦି ମନୋନୀତ ପ୍ରକଳ୍ପକୁ ଜଣେରୁ ଅଧିକ ଛାତ୍ରୀଛାତ୍ର ପ୍ରସ୍ତୁତ କରିଥିବେ ସେ କ୍ଷେତ୍ରରେ ଅଧ୍ୟକ୍ଷଙ୍କ ସୁପାରିସକ୍ରମେ ଜଣଙ୍କ ଆକାଉଣ୍ଟକୁ ଏହି ୫୦୦୦ ଟଙ୍କା ଯିବ। ପ୍ରତ୍ୟେକ ଜିଲାରୁ ଗୋଟିଏ ଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟସ୍ତରୀୟ ହାକାଥନ ପାଇଁ ମନୋନୀତ ହେବ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ୧୫,୦୦୦, ଦ୍ୱିତୀୟ ପାଇଁ ୧୦,୦୦୦ ଏବଂ ତୃତୀୟ ସ୍ଥାନ ଲାଗି ୫୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିପରି ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ପାଇଁ ୫୦,୦୦୦, ଦ୍ୱିତୀୟ ପାଇଁ ୩୦,୦୦୦ ଏବଂ ତୃତୀୟ ପାଇଁ ୧୦,୦୦୦ଟଙ୍କାର ପୁରସ୍କାର ବ୍ୟବସ୍ଥା ରଖାଯାଇଛି। ଏହାଛଡ଼ା ରାଜ୍ୟ ଏବଂ ଜିଲାସ୍ତରର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଆସନ୍ତା ୨୩ ତାରିଖରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏହାର କ୍ୟାମ୍ପସରେ ଜିଲାସ୍ତରୀୟ ଟିମ୍‌କୁ ହାକାଥନ୍ ବିଷୟରେ ବିସ୍ତୃତ ଭାବେ ଅବଗତ କରାଯିବ ବୋଲି ସୂଚନା ଦିଆଯାଇଛି।

# ହାଇୱା ଧକ୍କାରେ ୨ଯୁବକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ, ପ୍ରତିଶ୍ରୁତି ପରେ ହଟିଲା

ବାଲିଗୁଡା,୧୯।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁରୁବାଲି ବୁଲାଣି ରାସ୍ତାରେ ରବିବାର ରାତିରେ ହାଇୱା ଧକ୍କାରେ ୨ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ଗାଁ ଅଞ୍ଚଳର ରାକେଶ ମଲ୍ଲିକ ଓରଫ ଲିତୁ ଓ ଅଚ୍ୟୁତାନନ୍ଦ ନାୟକ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ସୋମବାର ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ ୫୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ପ୍ରାୟ ୩ ଘଣ୍ଟା ପରେ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବାରୁ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶ ଯେ, ରବିବାର ରାତି ପ୍ରାୟ ୧୦ଟାରେ ବଡ଼ଗାଁ ଅଞ୍ଚଳର ରାକେଶ ଓ ଅଚ୍ୟୁତାନନ୍ଦ ବାଇକ୍‌ରେ ମହାସିଙ୍ଗି ଆଡୁ ବାଲିଗୁଡ଼ା ଅଭିମୁଖେ ଆସୁଥିଲେ। ସୁରୁବାଲି ଗାଁ ନିକଟ ବୁଲାଣି ରାସ୍ତାରେ ସାମ୍ନାରୁ ଆସୁଥିବା ହାଇୱା ଧକ୍କା ଦେଇଥିଲା। ଉଭୟଙ୍କୁ ବାଲିଗୁଡ଼ା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ରାକେଶ ଓ ଅଚ୍ୟୁତାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ୫୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସମ୍ପୃକ୍ତ ଠିକା ସଂସ୍ଥା ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ଆନ୍ଦୋଳନ ହଟିଥିଲା।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

## ଭିତର କାଠ ନିକଟରେ ରକ୍ତଛିଟା

ପୁରୀ ଅଫିସ, ୧୯।୧୨

ଶ୍ରୀମନ୍ଦିରରେ ସୋମବାର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଭିତର କାଠ ନିକଟରେ ରକ୍ତଛିଟା ଦେଖିବାକୁ ମିଳିବା ପରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି କରାଯାଇଛି।

ସୂଚନା ଅନୁଯାୟୀ, ସୋମବାର ଭୋର ୩ଟା ୩୦ରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ନୀତି ଆରମ୍ଭ ହୋଇଥିଲା। ଭିତରଶୋଧ, ମଙ୍ଗଳ ଆଳତି ଓ ମଇଲମ ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ସକାଳ ୮ଟା ୩୦ରେ ଗୋପାଳବଲ୍ଲଭ ଓ ପହିଲି ଭୋଗ ସରିଥିଲା। ୧୦ଟା ୫ରେ ସକାଳଧୂପ ସରି ପ୍ରଥମ ଭୋଗମଣ୍ଡପ ପରେ ଭକ୍ତମାନେ ଭିତର କାଠ ନିକଟରେ ଶ୍ରୀବିଗ୍ରହଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ହଠାତ୍ ଭିତରକାଠ ପାଖରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। କୌଣସି ଭକ୍ତଙ୍କ ଗୋଡ଼ରୁ ରକ୍ତ ପଡ଼ିଥିବା ଅନୁମାନ କରାଯାଉଛି। ଏହାପରେ ତୁରନ୍ତ ନୀତି ଓ ଭକ୍ତଙ୍କ ଦର୍ଶନ ସମେତ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟା ୫ରେ ଚୂନପାଣି ପଡ଼ିଥିଲା। ୧୧ଟା ୧୫ରେ ମଇଲମ କରାଯାଇ ସିଂହାସନ ଧୁଆଯାଇଥିଲା। ୧୧ଟା ୫୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ୧୦ରେ ଶେଷ ହୋଇଥିଲା। ବଡ଼ ମହାସ୍ନାନ ପାଇଁ ଦାରୁଦିଅଁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ତେବେ ମହାସ୍ନାନ ନୀତି ପରେ ପୁଣି ଅନ୍ୟ ନୀତିକାନ୍ତି ପୂର୍ବଭଳି ଆଗେଇଥିଲା।

# ପୁଣି ୧୪୪ ଧାରା, ସ୍ୱାଭାବିକ ହେଉନି କୋର୍ଟ କାର୍ଯ୍ୟ

ସମ୍ବଲପୁର,୧୯।୧୨(ବ୍ୟୁରୋ)



ଜିଲା କୋର୍ଟ ପରିସରରେ ଓକିଲଙ୍କ ପ୍ରତିନିଧି ଦଳ।

- **କାର୍ଯ୍ୟକାରୀ ହେଉନି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**
- **ସମ୍ବଲପୁରରେ ବିଭିନ୍ନ ଜିଲାର ଓକିଲ ପ୍ରତିନିଧି ଦଳ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବି ନେଇ ସମ୍ବଲପୁରରେ ଆନ୍ଦୋଳନ ସମୟରେ କୋର୍ଟରେ ଭଙ୍ଗାରୁଜା ଓ ବିଚାରପତିଙ୍କୁ ବାହାର କରିଦେବା ଘଟଣା ନେଇ ଉପୁଜିଥିବା ପରିସ୍ଥିତିରେ ସୁଧାର ଆସିନାହିଁ। ଜିଲା ପ୍ରଶାସନ ସୋମବାର ପୁଣି କୋର୍ଟ ପାର୍ଶ୍ୱରେ ୧୪୪ ଧାରା ଲାଗୁ କରିଛି। କୋର୍ଟରେ ବିଚାରପତି ଓ କର୍ମଚାରୀ କାମ କରୁଥିବାବେଳେ କୋର୍ଟ ପରିସର ଓ ବାହାରେ ପୋଲିସ ଛାଉଣି ରହିଥିଲା। ତେଣୁ ମହକିଲମାନେ କୋର୍ଟ କାମରେ ଆସିବାକୁ ଭୟ କରୁଛନ୍ତି। ଜିଲା ଓକିଲ ସଂଘର ୫୪ଜଣ ଓକିଲଙ୍କୁ ଛାଡି ଅନ୍ୟ ସମସ୍ତଙ୍କ ନିଲମ୍ବନ ହଟିବା ପରେ ମଧ୍ୟ ଓକିଲମାନେ କାର୍ଯ୍ୟରେ ଯୋଗଦେଉନାହାନ୍ତି।

କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା, ମହକିଲ ଓ କୋର୍ଟ କାମରେ ଆସୁଥିବା ଲୋକମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଜିଲା କୋର୍ଟ ପକ୍ଷରୁ ହେଲ୍ପଡେସ୍କ ଖୋଲାଯାଇ କର୍ମଚାରୀ ନିଯୁକ୍ତ କରାଯାଇଛି। ଏହା ଦ୍ୱାରା କିଛିଟା ଅଫିସ କାମ ହେଉଥିଲେ ମଧ୍ୟ ମହକିଲମାନଙ୍କ କାମରେ ବାଧା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲାର ଓକିଲ ସଂଘ ସଦସ୍ୟଙ୍କ ଏକ ପ୍ରତିନିଧି ଦଳ ସୋମବାର ସମ୍ବଲପୁର ଗସ୍ତ କରିଛନ୍ତି। ସେମାନେ ଜିଲା ଓକିଲ ସଂଘ କର୍ମକର୍ତ୍ତା, ଗିରଫ ଓକିଲ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର ଓ ବିଚାରପତିମାନଙ୍କୁ ସାକ୍ଷାତ କରିଛନ୍ତି। ଆଇଜି କୁମାରଙ୍କୁ ଭେଟି ସେମାନେ ଅନୁରୋଧ କରିଥିଲେ ଯେ, ସମ୍ବଲପୁର ଜିଲା କୋର୍ଟରେ ଯାହା ଘଟଣା ଘଟିଲା ତାହା ଦୁଃଖଦାୟକ। ସବୁ ସମସ୍ୟାର ସମାଧାନର ବାଟ ରହିଛି। ଘଟଣା ପରେ ଜନସାଧାରଣଙ୍କ କୋର୍ଟ ସମ୍ବନ୍ଧୀୟ କୌଣସି କାମ ହୋଇପାରୁ ନାହିଁ। ତେଣୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବାକୁ ଦାବି କରିଥିଲେ। ଏହାସହ ଯାହା ଉପଲବ୍ଧି ହେଲା ହାଇକୋର୍ଟରେ ଜଣାଇବାକୁ ଯୋଜନା ରହିଛି ବୋଲି କହିଥିଲେ। ପ୍ରତିନିଧି ଦଳରେ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ରାଜକିଶୋର ଦାସ, ପୂର୍ବତନ ସଭାପତି ନିର୍ମଳ ରଥ, ବାଲେଶ୍ୱର ସଂଘ ସଭାପତି ମନୋଜ ନାୟକ, ନୀଳଗିରି ବାର୍‌ର ପୂର୍ବତନ ସଭାପତି କିଶୋର ଷଡଙ୍ଗୀ, ଭୁବନେଶ୍ୱର ବାର୍‌ର ପୂର୍ବତନ ସଭାପତି ଜାୟୁଲ ହକ, ବାଲେଶ୍ୱର ସଂଘର ମହମ୍ମଦ ଇସଲାମ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ପୋଲିସ ଆଇଜି ଡ. କୁମାର କହିଛନ୍ତି, କୌଣସି ଅଘଟଣ ଘଟିବା ସନ୍ଦେହରେ ୧୪୪ ଧାରା ଲାଗୁ କରାଯାଇଥାଏ। ଯେଉଁ କାରଣରୁ ଆନ୍ଦୋଳନ କରାଯାଉଥିଲା ତାହା ସ୍ଥାୟୀ ଭାବେ ପ୍ରତ୍ୟାହୃତ ହୋଇନାହିଁ। ଅସ୍ଥାୟୀ ଭାବେ ଆନ୍ଦୋଳନ ସ୍ଥଗିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ହୃଦ୍‌ବୋଧ ହେବା ପରେ ୧୪୪ଧାରା ଲାଗୁ କରାଯାଇଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ସ୍ଥିତି ସ୍ୱାଭାବିକ କରିବାକୁ ପ୍ରୟାସ କରାଯାଉଛି। କୋର୍ଟ କାର୍ଯ୍ୟରେ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଭିଡିଓ ଓ ଅନ୍ୟ ତଥ୍ୟ ପ୍ରମାଣ ପାଇବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁଛି। ଗିରଫ କରିବା ଏକ ପ୍ରକ୍ରିୟା। ଆଗକୁ ପ୍ରମାଣ ମିଳିଲେ ଗିରଫ କରାଯିବ ବୋଲି ସେ କହିଥିଲେ। ଏହି ଘଟଣାରେ ଟାଉନ ଥାନାରେ ସୋମବାର ଓକିଲ ମନୋରଞ୍ଜନ ପଣ୍ଡା ଆତ୍ମସମର୍ପଣ କରିଥିଲେ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏବେ ଗିରଫ ସଂଖ୍ୟା ୩୫କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରେ ୮ଜଣ କିନ୍ନର, ଜଣେ ସାଧାରଣ ଲୋକ ଓ ୨୬ ଜଣ ଓକିଲ ରହିଛନ୍ତି। ୧୪ଜଣ ଓକିଲଙ୍କ ଜାମିନ ଆବେଦନ ଏସ୍‌ଡିଜେଏମ୍ କୋର୍ଟରେ ଖାରଜ ହେବା ପରେ ଜିଲା ଜଜ୍‌କୋର୍ଟରେ ଆବେଦନ କରିଛନ୍ତି।

# ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୧୯।୧୨(ସ୍ୱ.ପ୍ର.)

କେନ୍ଦୁଝର ସ୍ପେଶାଲ ଫାଷ୍ଟଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ ମିଶ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ ରତନ ମୁଣ୍ଡା(୨୧)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ କରିଛନ୍ତି। ପ୍ରକାଶ ଯେ, ୨୦୨୦ ନଭେମ୍ବର ୨୪ରେ କେନ୍ଦୁଝର ସଦର ଥାନା ଅଞ୍ଚଳରେ ୪ ବର୍ଷର ନାବାଳିକା ଘରେ ଏକାକୀ ଥିବା ବେଳେ ସମ୍ପର୍କୀୟ କକା ରତନ ତାଙ୍କ ଘରକୁ ଡାକି ବଳାତ୍କାର କରିଥିଲେ। ସନ୍ଧ୍ୟାରେ ନାବାଳିକାଙ୍କ ମାଆ,ବାପା ଫେରି ଝିଅଠାରୁ ସମସ୍ତ ଘଟଣା ଜାଣିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୩୭୧/୨୦ ରେ ପୋକ୍ସୋ ଆଇନ୍‌ରେ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲେ। ୨୧ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ସେହିପରି ପୀଡ଼ିତା ନାବାଳିକାକୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱକପ୍ ଏକାଦଶରେ ମେସି, ଏମ୍ବାପେ



କିଲିଆନ୍ ଏମ୍ବାପେ

କାତାରରେ ଫିଫା ବିଶ୍ୱକପ୍‌ର ପରିସମାପ୍ତି ଘଟିଛି। ଫାଇନାଲରେ ଫ୍ରାନ୍ସକୁ ପେନାଲ୍ଟି ଶୁଟ୍‌ଆଉଟ ୪-୨ (ନିର୍ଦ୍ଧାରିତ ସମୟ ଖେଳ ୨-୨ ଓ ଅତିରିକ୍ତ ସମୟରେ ୧-୧) ଗୋଲରେ ହରାଇ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଛି। ଏଥିସହ ପ୍ଲେ-ମେକର ଲିଓନେଲ ମେସିଙ୍କ ବିଶ୍ୱକପ ବିଜୟ ସ୍ୱପ୍ନ ସାକାର ହୋଇଛି। ଆସୋସିଏଟେଡ୍ ପ୍ରେସ୍ ପକ୍ଷରୁ ବିଭିନ୍ନ ଲେଖକ ଓ ସାମ୍ବାଦିକଙ୍କ ଭୋଟିଂ ଆଧାରରେ ବିଶ୍ୱକପ ଏକାଦଶ ଘୋଷଣା କରାଯାଇଛି। ଏଥିରେ ସ୍ୱାଭାବିକଭାବେ ମେସି ଏବଂ ଫାଇନାଲରେ ଗୋଲ ଦେବାରେ ହ୍ୟାଟ୍ରିକ ହାସଲକାରୀ ଫ୍ରାନ୍ସର କିଲିଆନ ଏମ୍ବାପେ ସ୍ଥାନ ପାଇଛନ୍ତି। ବିଭିନ୍ନ ଦେଶ ପକ୍ଷରୁ ୪-୩-୩ କମ୍ବିନେଶନକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଉକ୍ତ ଆଧାରରେ ହିଁ ଦଳ ଘୋଷଣା କରାଯାଇଛି। ୧୧ ଖେଳାଳିଙ୍କ ମଧ୍ୟରୁ ୧୦ ଜଣ ଅତିକମ୍‌ରେ ସେମିଫାଇନାଲ ଖେଳିଥିବା ବେଳେ କେବଳ ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଏଥିରେ ବ୍ୟତିକ୍ରମ ରହିଛନ୍ତି।

## ଗୋଲ୍‌କିପର

**ଡୋମିନିକ୍ ଲିଭାକୋଭିକ୍ (କ୍ରୋଏସିଆ):** ନକ୍‌ଆଉଟ୍ ପର୍ଯ୍ୟାୟରେ ଲିଭାକୋଭିକ୍ ଦୁଇ ଦୁଇଟି ମ୍ୟାଚ୍‌ରେ ପେନାଲ୍ଟି ଶୁଟ୍‌ଆଉଟରେ ଦଳକୁ ବିଜୟୀ କରାଇଥିଲେ। ଜାପାନ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ୩ଟି ସ୍ପଟ୍ କିକ୍ ରୋକିଥିବା ବେଳେ ବ୍ରାଜିଲ ବିପକ୍ଷରେ ନେମାରଙ୍କ ଶଟ୍ ପୂର୍ବରୁ ଦଳ ବିଜୟୀ ହୋଇଥିଲା। ବର୍ତ୍ତମାନ କ୍ରୋଏସିଆର ଡାଇନାମୋ ଜାଗ୍ରେବ ପକ୍ଷରୁ ଖେଳୁଥିବା ବେଳେ ଆଗାମୀ ଦିନରେ ଅନେକ ୟୁରୋପୀୟ କ୍ଲବ ତାଙ୍କୁ ନେବାକୁ ଆଗ୍ରହ ପ୍ରକାଶ କରିପାରନ୍ତି।

## ବ୍ୟାକ୍

**ରାଇଟ୍ ବ୍ୟାକ୍ ଅଶ୍ରଫ୍ ହାକିମି (ମରକ୍କୋ):** କାତାରରେ ନିଜ ପ୍ରଦର୍ଶନ ଜରିଆରେ ହାକିମି ନିଜକୁ ବିଶ୍ୱର ଶ୍ରେଷ୍ଠ ରାଇଟ୍ ବ୍ୟାକ୍ ଭାବେ ପ୍ରତିଷ୍ଠିତ କରିଛନ୍ତି। ନିଜ ଅଭେଦ୍ୟ ଡିଫେନ୍ସ ସହିତ ପ୍ରତି ଆକ୍ରମଣ କରିବାରେ ମାହିର ଥିଲେ ହାକିମି। ଟୁର୍ନାମେଣ୍ଟରେ ଆହତ ଥିଲେ ମଧ୍ୟ ଏହା ତାଙ୍କ ପ୍ରଦର୍ଶନକୁ ପ୍ରଭାବିତ କରି ନ ଥିଲା। ପ୍ୟାରିସ୍ ସେଣ୍ଟ ଜର୍ମେନ୍ ପକ୍ଷରୁ ଖେଳୁଥିବା ହାକିମି ସେମିଫାଇନାଲରେ କିଲିଆନ୍ ଏମ୍ବାପେଙ୍କ ପ୍ରଭାବ କମ୍ କରିବାରେ ସହାୟକ ହୋଇଥିଲେ। ଏହାସହିତ ସ୍ପେନ୍ ବିପକ୍ଷ ଶୁଟ୍‌ଆଉଟରେ ମଧ୍ୟ ତାଙ୍କର ପାନେଙ୍କା ପେନାଲ୍ଟି ବେଶ୍ ପ୍ରଶଂସନୀୟ।

## ଲେଫ୍ଟ ବ୍ୟାକ୍

**ଥିଓ ହର୍ନାଣ୍ଡେଜ୍ (ଫ୍ରାନ୍ସ):** ଥିଓ ହର୍ନାଣ୍ଡେଜ ଫ୍ରାନ୍ସ ଦଳ ପାଇଁ ପ୍ରଥମ ପସନ୍ଦର ଖେଳାଳି ନ ଥିଲେ। ବଡ଼ଭାଇ ଲୁକାସ୍ ପ୍ରଥମ ମ୍ୟାଚ୍‌ର ୮ମ ମିନିଟ୍‌ରେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ତାଙ୍କୁ ଦଳରେ ସୁଯୋଗ ମିଳିଥିଲା। ତେବେ ଥିଓଙ୍କ ଆକ୍ରମଣାତ୍ମକ ଖେଳ ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା। ବାମପାର୍ଶ୍ୱରେ ଏମ୍ବାପେ ଓ ଆଡ୍ରେନ୍ ରାବିଓଟ୍‌ଙ୍କ ସହିତ ସେ ଦେଖାଇଥିଲେ ଚମତ୍କାର ତାଳମେଳ। ଏହାସହିତ ମରକ୍କୋ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସେ ଦଳ ପାଇଁ ସ୍କୋର କରିଥିଲେ ପ୍ରଥମ ଗୋଲ୍। କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ବ୍ୟତୀତ ଥିଓ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ସେଣ୍ଟର ବ୍ୟାକ୍

**ଜୋସକୋ ଜିଭାର୍ଡିଓଲ୍ (କ୍ରୋଏସିଆ):** କ୍ରୋଏସିଆକୁ ସେମିରେ ପହଞ୍ଚାଇବାରେ ୨୦ ବର୍ଷୀୟ ଜିଭାର୍ଡିଓଲ୍‌ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। କ୍ରୋଏସିଆ ବିଶ୍ୱକପ୍‌ରେ ୩ୟ ସ୍ଥାନ ହାସଲ କରିଥିବା ବେଳେ ବେଲ୍‌ଜିୟମ ଓ ବ୍ରାଜିଲ ବିପକ୍ଷରେ ତାଙ୍କର ଖେଳ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଲିଟିଲ ପେପ୍ ନାମରେ ପରିଚିତ ଏହି ଖେଳାଳି ଜଣଙ୍କ ତୃତୀୟ ସ୍ଥାନ ପ୍ଲେ ଅଫ୍‌ରେ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ।

## ସେଣ୍ଟର ବ୍ୟାକ୍

**ନିକୋଲାସ୍ ଓଟାମେଣ୍ଡି (ଆର୍ଜେଣ୍ଟିନା):** ଲିଓନେଲ ମେସିଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ପାଇଁ ସମସ୍ତ ମିନିଟ୍ ଖେଳିଛନ୍ତି ନିକୋଲାସ୍ ଓଟାମେଣ୍ଡି। ଆର୍ଜେଣ୍ଟିନାର ଶକ୍ତିଶାଳୀ ଡିଫେନ୍ସର ନେତୃତ୍ୱ ନେଉଥିବା ଓଟାମେଣ୍ଡିଙ୍କ ପାଇଁ ମଧ୍ୟ ଏହା ସମ୍ଭବତଃ ଶେଷ ବିଶ୍ୱକପ୍। ରାଉଣ୍ଡ ଅଫ୍ ୧୬ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଏମି ମାର୍ଟିନେଜ୍ ପୋଷ୍ଟ ବାହାରେ ରହିଥିବା ବେଳେ ଓଟାମେଣ୍ଡି ଏକ ଚମତ୍କାର ସେଭ୍ କରିଥିଲେ।

## ମିଡ୍‌ଫିଲ୍ଡର

**ସୋଫ୍ୟାନ ଆମ୍ରାବଟ (ମରକ୍କୋ):** ଡିଫେନ୍ସିଭ୍ ମିଡ୍‌ଫିଲ୍ଡର ଭାବରେ ଆମ୍ରାବଟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।



ଲିଓନେଲ ମେସି

ମରକ୍କୋ ଡିଫେନ୍ସର ଢାଲ ଭାବେ ଥିବା ଏହି ୨୬ ବର୍ଷୀୟ ଖେଳାଳିଙ୍କ ପାଇଁ ସେମି ପର୍ଯ୍ୟନ୍ତ ଦଳ ଗୋଟିଏ ବି ଗୋଲ ବରଣ କରି ନ ଥିଲା। ସେମିଫାଇନାଲରେ ନିଜ ଦକ୍ଷତା କାରଣରୁ ଏମ୍ବାପେଙ୍କୁ ନୀରବ ରଖିବାରେ ମଧ୍ୟ ସମର୍ଥ ହୋଇଥିଲେ।

## ମିଡ୍‌ଫିଲ୍ଡର

**ଜୁଡ୍ ବେଲିଂହାମ୍ (ଇଂଲଣ୍ଡ):** ୧୯ ବର୍ଷୀୟ ବେଲିଂହାମ୍ ନିଜ ଚମତ୍କାର ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ବିଶ୍ୱକପ୍ ପ୍ରଦର୍ଶନ ପରେ ବିଭିନ୍ନ କ୍ଲବ ପାଇଁ ସେ ପ୍ରଥମ ପସନ୍ଦର ଖେଳାଳି ପାଲଟି ଯାଇଛନ୍ତି। ଟୁର୍ନାମେଣ୍ଟରେ ସେ ଇରାନ୍ ବିପକ୍ଷରେ ଗୋଲ ସ୍କୋର କରିଥିବା ବେଳେ ସେନେଗାଲ ବିପକ୍ଷ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ତାଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଥିଲା।

**ଆଣ୍ଟୋନିଓ ଗ୍ରିଜ୍‌ମ୍ୟାନ (ଫ୍ରାନ୍ସ):** ସମୁଦାୟ କ୍ୟାରିୟରରେ ଫରୱାର୍ଡ ଭାବରେ ଖେଳିଥିବା ଗ୍ରିଜ୍‌ମ୍ୟାନଙ୍କୁ ମିଡ୍‌ଫିଲ୍ଡରର ଦାୟିତ୍ୱ ମିଳିଥିବା ବେଳେ ସେ ଏହାକୁ ଠିକ୍ ଭାବେ ନିର୍ବାହ କରିଛନ୍ତି। ଏପରି କି ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସେ ମେସି ଓ ଏମ୍ବାପେଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ସର୍ବାଧିକ ୧୧ଟି ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ଗ୍ରିଜ୍‌ମ୍ୟାନ୍। ଇଂଲଣ୍ଡ ଓ ମରକ୍କୋ ବିପକ୍ଷ ମ୍ୟାଚ୍‌ରେ ସେ ଶ୍ରେଷ୍ଠ ଖେଳାଳି ରୂପେ ମଧ୍ୟ ପୁରସ୍କୃତ ହୋଇଥିଲେ। କେବଳ ଲଙ୍ଗ୍ ଓ ଶର୍ଟ ପାସ୍ ନୁହେଁ ବରଂ ଡିଫେନ୍ସିଭ୍ ଦକ୍ଷତା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ।

## ଷ୍ଟ୍ରାଇକର

**କିଲିଆନ୍ ଏମ୍ବାପେ (ଫ୍ରାନ୍ସ):** କ୍ରମାଗତ ଦ୍ୱିତୀୟ ବିଶ୍ୱକପ୍‌ରେ ଫ୍ରାନ୍ସ ପାଇଁ ଟପ୍ ସ୍କୋରର ରହିଛନ୍ତି ୨୩ ବର୍ଷୀୟ ଏମ୍ବାପେ। ୨୦୧୮ରେ ୪ ଗୋଲ ସ୍କୋର କରିଥିବା ବେଳେ ଚଳିତବର୍ଷ ସ୍କୋର କରିଛନ୍ତି ୮ ଗୋଲ୍। ପୋଲାଣ୍ଡ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଡବଲ ଗୋଲ ସ୍କୋର କରିଥିବା ଏମ୍ବାପେ ଫାଇନାଲରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାସହିତ ଫିଟ୍ ରହିଲେ ସେ ସହଜରେ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ୧୬ କ୍ୟାରିୟର ଗୋଲ ରେକର୍ଡ ଭାଙ୍ଗିପାରିବେ।

**ଲିଓନେଲ ମେସି (ଆର୍ଜେଣ୍ଟିନା):** ନିଜ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଜିତିଥିବା ମେସିଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ। କେବଳ ଗୋଲ ସ୍କୋର କରିବା ନୁହେଁ, ଆସିଷ୍ଟରେ ମଧ୍ୟ ସେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ୭ ଗୋଲ ସହିତ ଏମ୍ବାପେଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦଳ ପାଇଁ ୨୬ ବିଶ୍ୱକପ ମ୍ୟାଚ୍ ଖେଳିଥିବା ମେସି ୧୩ ଗୋଲ ସହିତ ଆର୍ଜେଣ୍ଟିନାର ସର୍ବକାଳୀନ ଶ୍ରେଷ୍ଠ ଗୋଲସ୍କୋରର ରହିଛନ୍ତି। କାତାର ବିଶ୍ୱକପର ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଜୁଲିଆନ ଆଲଭାରେଜ୍ (ଆର୍ଜେଣ୍ଟିନା):** ଲାଉଟାରୋ ମାର୍ଟିନେଜ୍‌ଙ୍କ ଖରାପ ଫର୍ମ କାରଣରୁ ଦୁଇଟି ମ୍ୟାଚ୍ ପରେ ଆଲଭାରେଜଙ୍କୁ ସୁଯୋଗ ମିଳିଥିଲା। ପରବର୍ତ୍ତୀ ୪ ମ୍ୟାଚ୍‌ରୁ ୪ ଗୋଲ ସହିତ ଗୋଲ୍ଡେନ୍ ବୁଟ୍ ଦୌଡ଼ରେ ମଧ୍ୟ ସାମିଲ ଥିଲେ ଏହି ମାଞ୍ଚେଷ୍ଟର ସିଟି ଷ୍ଟ୍ରାଇକର।

# ବିଶ୍ଳେଷଣ ଅନାବଶ୍ୟକ



ଜର୍ଜ ବୁରୁଚାଗା

୧୯୭୮ରେ ମୁଁ ବାହାରେ ରହି ଦେଖିଛି। ୧୯୮୬ରେ ମୁଁ ବିଶ୍ୱକପ୍‌କୁ ସ୍ପର୍ଶ କରିଛି ଏବଂ ଚୁମ୍ବନ ମଧ୍ୟ ଦେଇଛି। ମାତ୍ର ୨୦୨୨ରେ ପ୍ରଥମେ ଷ୍ଟାଣ୍ଡରୁ, ପରେ ଦଳ ସହିତ ଉପଭୋଗ କରିଛି ଏବଂ ଟ୍ରଫିକୁ ପୁଣିଥରେ ସ୍ପର୍ଶ କରିବା ସୁଯୋଗ ପାଇଛି। ମୋ ପାଇଁ ଏହାଠାରୁ ଅବା ବଡ଼କଥା ଆଉ କ'ଣ ହୋଇପାରେ। ଆର୍ଜେଣ୍ଟିନାର ଜଣେ ନାଗରିକ ଏବଂ ୩ଥର ବିଶ୍ୱ ଚାମ୍ପିୟନ ଦଳର ଜଣେ ସଦସ୍ୟ ଭାବେ ମୁଁ ନିଜକୁ ଅଶେଷ ଗୌରବାନ୍ୱିତ ମନେକରୁଛି। ଇତିହାସରେ ମେସି ଜଣେ ମହାନ୍ ଫୁଟ୍‌ବଲ ଖେଳାଳି, ଏଥିରେ ମୋର ଆଉ ତିଳେମାତ୍ର ସନ୍ଦେହ ନାହିଁ। ଆର୍ଜେଣ୍ଟିନା ହେଉଛି ସର୍ବଶ୍ରେଷ୍ଠ ଫୁଟ୍‌ବଲ ଖେଳୁଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ, ଯାହାକୁ ସମଗ୍ର ବିଶ୍ୱ ସମ୍ମାନ ଦିଏ। ମେସିଙ୍କ ଆର୍ଜେଣ୍ଟିନା ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଅବଶ୍ୟ ଏମ୍ବାପେ୍ କିଛି ସମୟ ତାଙ୍କ ଚମକ ଦେଖାଇଥିଲେ। କିନ୍ତୁ ବର୍ତ୍ତମାନ ବିଶ୍ଳେଷଣର ଆବଶ୍ୟକତା ନାହିଁ। ଇତିହାସ କହିବ, ରେକର୍ଡ ବୁକ୍‌ରେ ଦେଖିବାକୁ ମିଳିବ ଆର୍ଜେଣ୍ଟିନା ହେଉଛି ୨୦୨୨ ବିଶ୍ୱକପ୍ ଚାମ୍ପିୟନ। ମ୍ୟାଚ୍ ପରେ ପୁରସ୍କାର ବିତରଣ ଉତ୍ସବ ଶେଷ ହେବା ମାତ୍ରେ ଲୁସେଲ ଷ୍ଟାଡିୟମ ଭିନ୍ନ ଏକ ପରିବେଶକୁ ବଦଳି ଯାଇଥିଲା। ଷ୍ଟାଣ୍ଡରେ ରହି ମ୍ୟାଚ୍ ଉପଭୋଗ କରୁଥିବା ଆର୍ଜେଣ୍ଟିନା ଖେଳାଳିମାନଙ୍କ ପିତାମାତା, ପୁଅ, ଝିଅ ଏବଂ ବନ୍ଧୁପରିଜନ ଷ୍ଟାଡିୟମର ଘାସପଡ଼ିଆକୁ ଚାଲିଆସିଥିଲେ। ସେମାନେ ପାଖାପାଖି ଦୁଇ ଘଣ୍ଟା କାଳ ପଡ଼ିଆରେ ଉପସ୍ଥିତ ରହି ଟାଇଟଲ ବିଜୟ ଉତ୍ସବ ମନାଇଥିଲେ। କିଛି ବାଳକ ଓ ବାଳିକା ଫୁଟ୍‌ବଲ ଖେଳିବା ଆରମ୍ଭ କରିଥିଲେ। ବିଜୟ ସହ ମେସି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ମାରାଡୋନାଙ୍କ ସମକକ୍ଷ ହୋଇଛନ୍ତି। ମାରାଡୋନା ୧୯୮୬ରେ ଜିତିଥିଲେ ଏବଂ ୧୯୯୦ ଫାଇନାଲରେ ପରାଜିତ ହୋଇଥିଲେ। ମେସି କିନ୍ତୁ ୨୦୧୪ ସଂସ୍କରଣରେ ଜର୍ମାନୀ ବିପକ୍ଷ ଫାଇନାଲରେ ହାରିଯିବା ପରେ ଏଥର ବିଶ୍ୱକପ୍ ହାତେଇ ପାରିଛନ୍ତି। ଏହା ପୂର୍ବରୁ ମେସି ତାଙ୍କ କ୍ୟାରିୟରରେ ଜାତୀୟ ଦଳ ସହ ବିଶ୍ୱକପ୍ ଜିତି ନ ପାରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବର୍ତ୍ତମାନ କେବଳ ଦଳ ନୁହେଁ, ଆର୍ଜେଣ୍ଟିନାବାସୀ ଆଶ୍ୱସ୍ତ। ଏକ ଫୁଟ୍‌ବଲ ପଡ଼ିଆରେ କାନ୍ଦିବା, ପରସ୍ପରକୁ ଆଲିଙ୍ଗନ କରିବାର ବିରଳ ଦୃଶ୍ୟ ମୁଁ କେବେ ଦେଖିନାହିଁ। ମ୍ୟାଚ୍‌ଟି ବାସ୍ତବିକ ଖୁବ୍ ରୋମାଞ୍ଚକ ଥିଲା। ଏକଦା ଆମେ ମ୍ୟାଚ୍ ସହଜେ ଜିତିନେବୁ ବୋଲି ମନେହେଉଥିଲା। ପରେ ଆମେ ହାରିଯାଇପାରୁ ବୋଲି ଧାରଣା ସୃଷ୍ଟି ହୋଇଥିଲା। ଅତିରିକ୍ତ ସମୟ ଖେଳର ଫଳାଫଳ କ'ଣ ହେବ ତାହା ପୂର୍ବାନୁମାନ କରିହେଉ ନ ଥିଲା। ଶେଷରେ ପେନାଲ୍ଟିରେ ଆମେ ବିଜୟଲାଭ କଲୁ। ଆନନ୍ଦର ସୀମା ରହିଲା ନାହିଁ। ପ୍ରକୃତରେ ଫୁଟ୍‌ବଲରେ ରହିଛି ଭାବପ୍ରବଣତା। ଏଥର ୨୦ ନିୟୁତରୁ ଅଧିକ ଆର୍ଜେଣ୍ଟିନା ବାସିନ୍ଦା, ପୂର୍ବରୁ ସେମାନଙ୍କ ପିତାମାତା ୧୯୮୬ରେ ଏବଂ ସେମାନଙ୍କ ଜେଜେବାପା ଓ ଜେଜିମା ୧୯୭୮ରେ ଯାହା ଦେଖିଥିଲେ ତାହା ଦେଖିପାରିଛନ୍ତି। ଲିଓନେଲ ମେସିଙ୍କର ଏହା ହେଉଛି ସବୁଠାରୁ ବଡ଼ ସଫଳତା। ମାରାଡୋନା ଓ ଆମେ ଅବସର ନେବା ପରେ ମେସିଙ୍କ ଭଳି ଜଣେ ଷ୍ଟାର ଖେଳାଳି ଥାଇ ଏକ ଶକ୍ତିଶାଳୀ ଦଳ ଗଠନ କରିବାକୁ ୭ରୁ ୮ ବର୍ଷ ସମୟ ଲାଗିଥିଲା। ମେସିଙ୍କ ଅବସର ପରେ ଏକ ଶକ୍ତିଶାଳୀ ଟିମ୍ ଗଠନ ଲାଗି ଆର୍ଜେଣ୍ଟିନା ଫୁଟ୍‌ବଲ ପାଇଁ ଆଗାମୀ କିଛିବର୍ଷ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

-(ଟିଭାକ୍ ସ୍ପୋର୍ଟ୍ସ)

# ରାଉରକେଲାରେ ହକି ଟେଷ୍ଟ ସିରିଜ

ଭୁବନେଶ୍ୱର, ୧୯।୧୨
(କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ (ଅନ୍ତର୍ଜାତୀୟ ହକି ଫେଡେରେଶନ) ହକି ବିଶ୍ୱକପ୍ ଆସନ୍ତା ମାସ ୧୩ ତାରିଖରୁ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପୂର୍ବରୁ ୨୦୧୮ରେ ଏହି ମେଗା ପ୍ରତିଯୋଗିତା ହୋଇଥିବାବେଳେ ରାଉରକେଲାର ନବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ପ୍ରଥମଥର ପାଇଁ ଏହା ଆୟୋଜନ ହେବ। ତେଣୁ ଏଫ୍‌ଆଇଏଚ୍ ନିୟମ ଅନୁସାରେ ବିଶ୍ୱକପ୍ ପରି ବଡ଼ ପ୍ରତିଯୋଗିତା ପୂର୍ବରୁ ସେଠାରେ ୩ ମ୍ୟାଚ୍‌ବିଶିଷ୍ଟ ଏକ ଟେଷ୍ଟ ସିରିଜ ଆୟୋଜନ ହେବ। ଭାରତୀୟ ଜୁନିୟର ଦଳ ଏବଂ କୋରିଆ ମଧ୍ୟରେ ଏହି ସିରିଜ ଚଳିତ ମାସ ୨୩ରୁ ୨୮ ପର୍ଯ୍ୟନ୍ତ ଖେଳାଯିବ। ଫଳରେ ବିଛାଯାଇଥିବା ନୂଆ ଟର୍ଫରେ ଯଦି କିଛି ତ୍ରୁଟି ପରିଲକ୍ଷିତ ହୁଏ ତାହାକୁ ସଜଡ଼ା ଦିଆଯାଇ ପାରିବ। ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟରତ ଓଡ଼ିଶାର ନିଶାନଜ୍ୟୋତି ମହାନ୍ତି ଏହି ହକି ସିରିଜ ପାଇଁ ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଫିସିଆଲ ଭାବେ ନିଜ ଦାୟିତ୍ୱକୁ ସଫଳତାର ସହ ତୁଲାଇଥିବା ନିଶାନ ଆଗାମୀ ସିରିଜରେ ମଧ୍ୟ କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ଆଶା ରଖିଛନ୍ତି। ଏ ନେଇ ନିଶାନଙ୍କୁ ୨୩ ତାରିଖରେ ରିପୋର୍ଟ କରିବାକୁ କୁହାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଏକ ପତ୍ର ମାଧ୍ୟମରେ ଏ ସମ୍ପର୍କରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ସମ୍ପାଦକ ପ୍ରେମ୍‌ଚାନ୍ଦ ଲୋଚାବଙ୍କୁ ଜଣାଇ ଦିଆଯାଇଛି।

**ନିଶାନ ଅମ୍ପାୟର ନିଯୁକ୍ତ**



# ଖେଳ ଜାରି ରଖିବେ ମେସି

**ଦୋହା, ୧୯।୧୨(ଏପି):** ଫୁଟ୍‌ବଲ ବିଶ୍ୱକପ୍ ହାସଲ କରିସାରିଥିଲେ ମଧ୍ୟ ଲିଓନେଲ ମେସି ଆର୍ଜେଣ୍ଟିନା ପାଇଁ ତାଙ୍କ ଖେଳ ଜାରି ରଖିବେ। ରବିବାର ଲୁସେଲ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି ଆର୍ଜେଣ୍ଟିନା ଚାମ୍ପିୟନ ହୋଇଛି। ୩୫ ବର୍ଷୀୟ ମେସିଙ୍କ ସମ୍ଭବତଃ ଏହା ଶେଷ ବିଶ୍ୱକପ୍ ବୋଲି କୁହାଯାଉଥିଲା। ମାତ୍ର ସେ ତାଙ୍କ ଖେଳ ଜାରି ରଖିବେ ବୋଲି ମ୍ୟାଚ୍ ପରେ ସ୍ପଷ୍ଟ କରିଛନ୍ତି। ସେ ଫୁଟ୍‌ବଲକୁ ଖୁବ୍ ଭଲ ପାଆନ୍ତି। ଜାତୀୟ ଦଳର ସଦସ୍ୟ ଭାବେ ଖେଳକୁ ବେଶ୍ ଉପଭୋଗ କରୁଛନ୍ତି। ଜଣେ ବିଶ୍ୱ ଚାମ୍ପିୟନ ହିସାବରେ ସେ ଆଉ କେତୋଟି ମ୍ୟାଚ୍ ଖେଳିବାକୁ ଚାହାନ୍ତି। ମେସି ବିଶ୍ୱର ଶ୍ରେଷ୍ଠ ଖେଳାଳି ଭାବେ ୭ଥର ବାଲନ ଡି'ଅର୍ ପୁରସ୍କାର ପାଇଛନ୍ତି। ସେ ତାଙ୍କ ପୂର୍ବତନ କ୍ଲବ ବାର୍ସିଲୋନା ସହ ୪ଥର ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତିଛନ୍ତି। କିନ୍ତୁ ବିଶ୍ୱକପ୍ ହେଉଛି ଏହି ଖେଳର ସବୁଠାରୁ ବଡ଼ ପୁରସ୍କାର।

# ୨୦୨୩ ଫେବୃୟାରୀରେ ଓସିଏଲ୍

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଆପେକ୍ସ କାଉନ୍‌ସିଲ ବୈଠକ ସୋମବାର କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍-୨ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା କ୍ରିକେଟ ଲିଗ୍ (ପୁରୁଷ) ଟି୨୦ ଟୁର୍ନାମେଣ୍ଟ ୨୦୨୩ ଫେବୃୟାରୀରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବାରବାଟୀରେ ହେବାକୁଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହକୁ ଓସିଏ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବ। ସିନିୟର ମହିଳା ଓ ପୁରୁଷ ସମେତ ବିଭିନ୍ନ ବୟସବର୍ଗ ଦଳର କୋଚ୍ ନିମନ୍ତେ ଓସିଏ ଦରଖାସ୍ତ ଆହ୍ୱାନ କରିବ। ଓସିଏ ସହ ଅନୁବନ୍ଧିତ କୌଣସି ଖେଳାଳି ଅଣସ୍ୱୀକୃତିପ୍ରାପ୍ତ କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ଏହା ବ୍ୟତୀତ ବିଭିନ୍ନ ଓସିଏ କମିଟି ଗଠନ ଦାୟିତ୍ୱ ସଭାପତି ଓ ସମ୍ପାଦକଙ୍କ ଉପରେ ନ୍ୟସ୍ତ ରହିବ। ଏହି ବୈଠକରେ

**ଓସିଏର ଆପେକ୍ସ କାଉନ୍‌ସିଲ ବୈଠକ**

ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ମନାଲିକା ବୋରଗୋନେ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ ଏବଂ ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲିନ୍ ସୁଇପ୍ ପଥରେ ଇଂଲଣ୍ଡ

କରାଚୀ, ୧୯।୧୨(ଏପି)

**ରେହାନଙ୍କୁ ୫ ଉଇକେଟ**

ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ ଜିତିବା ଦିଗରେ ଅଗ୍ରସର ହେଉଛି ଭ୍ରମଣକାରୀ ଇଂଲଣ୍ଡ କ୍ରିକେଟ ଦଳ। ଲେଗ୍‌ସ୍ପିନର ରେହାନ ଅହମ୍ମଦ ତାଙ୍କ ପଦାର୍ପଣ ମ୍ୟାଚରେ ସର୍ବକନିଷ୍ଠ ପୁରୁଷ ଖେଳାଳି ହିସାବରେ ୫ ଉଇକେଟ ସଫଳତା ହାସଲ କରି ବିଜୟପଥକୁ ସୁଗମ କରିଛନ୍ତି। ଇଂଲଣ୍ଡ ଦୀର୍ଘ ୧୭ ବର୍ଷ ପରେ ପାକିସ୍ତାନକୁ ପ୍ରଥମ ଟେଷ୍ଟ ଟୁର୍‌ରେ ଆସିଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟର ୩ୟ ଦିବସରେ ପାକିସ୍ତାନର ଦ୍ୱିତୀୟ ଇନିଂସ ୨୧୬ ରନ୍‌ରେ ସୀମିତ ହୋଇଯାଇଛି। ୧୮ବର୍ଷୀୟ ଅହମ୍ମଦ ୪୮ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିବା ବେଳେ ଜ୍ୟାକ୍ ଲିଚ୍ (୩/୭୨)ତାଙ୍କର ସମସ୍ତ ୩ ଉଇକେଟ ୬ଟି ଡେଲିଭରିରେ ନେଇଥିଲେ। ଫଳରେ ଇଂଲଣ୍ଡ ପାଇଁ ୧୬୭ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଭ୍ରମଣକାରୀ ଦଳ ବ୍ୟାଟିଂ କରିବାକୁ ଯାଇ ସୋମବାର ଖେଳ ଶେଷସୁଦ୍ଧା ୨ ଉଇକେଟ ହରାଇ ୧୧୨ ରନ୍ କରିଛି। ଜ୍ୟାକ୍ କ୍ରଲି ୪୧ ରନ୍ କରିଥିବା ବେଳେ ବେନ୍ ଡକେଟ ୫୦ ରନ୍ କରି ଅପରାଜିତ ରହିଛନ୍ତି। କ୍ରଲି ଓ ଡକେଟ ପାର୍ଟନରଶିପ୍‌ରେ ୬୯ ବଲ୍‌ରୁ ୮୭ ରନ୍ କରିଥିଲେ। ରହସ୍ୟମୟ ପାକିସ୍ତାନୀ ବୋଲର ଅବ୍ରାର ଅହମ୍ମଦ ଇଂଲଣ୍ଡର ପତନ ଘଟିଥିବା ଦୁଇଟିଯାକ ଉଇକେଟ ହାସଲ କରିଛନ୍ତି। ୪ ଦିନ ମଧ୍ୟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ ପାଇଁ ଇଂଲଣ୍ଡ ଆହୁରି ୫୫ ରନ୍ ଆବଶ୍ୟକ କରୁଛି। ଗତ ସପ୍ତାହରେ ମୁଲ୍‌ତାନଠାରେ ଦଳ ୨୬ ରନ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୦୪
ଇଂଲଣ୍ଡ ପ୍ରଥମ ଇନିଂସ: ୩୫୪
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୧୬ (ବାବର ଆଜାମ-୫୪, ସାଉଦ୍ ଶକିଲ-୫୩, ଅବ୍‌ଦୁଲ୍ଲା ସଫିକ୍-୨୬; ରେହାନ ଅହମ୍ମଦ-୫/୪୮, ଜ୍ୟାକ୍ ଲିଚ୍-୩/୭୨)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୧୨/୨ (ବେନ୍‌ଡକେଟ-୫୦*, ଜ୍ୟାକ୍‌କ୍ରଲି-୪୧, ଅବ୍ରାର ଅହମ୍ମଦ-୨/୪୩)।



ଆର୍ଜେଣ୍ଟିନା ଫିଫା ବିଶ୍ୱକପ୍ ଜିତିବାରୁ ଭାରତରେ ଲିଓନେଲ ମେସି ସମର୍ଥକଙ୍କ ବିଜୟ ଉତ୍ସବ।

# ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୧୨
(କ୍ରୀଡ଼ା ପ୍ରତିନିଧି)

ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସହଯୋଗକ୍ରମେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୪୫ତମ ଆନ୍ତଃରାଜ୍ୟ, ଆନ୍ତଃଜୋନ୍ ଏବଂ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସେଲର ସସ୍ମିତା ସାମନ୍ତ, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଶୈଳେନ୍ଦ୍ର ଜେନା, ବାଇର ଉପସଭାପତି ଏସ୍. ମୁରଲୀଧରନ,



ଆନ୍ତଃରାଜ୍ୟ, ଆନ୍ତଃଜୋନ୍ ଏବଂ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଯୁଗ୍ମ ସମ୍ପାଦକ ଓମାର ରଶିଦ, ଯୁଗ୍ମ ଆବାହକ ରାଜେଶ କମଲ ରାଜପୁତ, ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଡିଆର ଚେୟାରମ୍ୟାନ ପ୍ରଭାକର ରାଓ, ରାଜ୍ୟ ଆସୋସିଏଶନ ସମ୍ପାଦକ ନିଲେନ କୁମାର ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ଟିମ୍ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ଏଥିରେ ୫ ଜୋନ୍ (ଆନ୍ତଃରାଜ୍ୟ)ର ବିଜେତା ଏବଂ ଆୟୋଜକ ଓଡ଼ିଶା ଦଳ ଭାଗ ନେଇଛି। ଏଥିରେ ପୂର୍ବାଞ୍ଚଳରୁ ଉତ୍ତରାଖଣ୍ଡ, ପଶ୍ଚିମାଞ୍ଚଳରୁ ଛତିଶଗଡ଼, ଉତ୍ତରାଞ୍ଚଳରୁ ହରିୟାଣା, ଦକ୍ଷିଣାଞ୍ଚଳରୁ ତାମିଲନାଡୁ, ଉତ୍ତରପୂର୍ବ ଜୋନ୍‌ରୁ ମଣିପୁର ପ୍ରତିନିଧିତ୍ୱ କରୁଛନ୍ତି। ବ୍ୟକ୍ତିଗତ ଇଭେଣ୍ଟ ଚଳିତ ମାସ ୨୧ରୁ ଆରମ୍ଭ ହେବ। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଜାତୀୟ ଚାମ୍ପିୟନଶିପ୍‌ରେ ୩୩ ରାଜ୍ୟରୁ ପାଖାପାଖି ୯୦୦ ଖେଳାଳି ଭିନ୍ନ ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ବାଳିକା-ବାଳକ ସିଙ୍ଗଲ୍ସ, ବାଳିକା-ବାଳକ ଡବଲ୍ସ ଏବଂ ମିକ୍ସଡ ଡବଲ୍ସରେ ପ୍ରତିଯୋଗିତା ହେବ। ଜୁନିୟର ନମ୍ବର ୱାନ୍ ବାଳକ ସିଙ୍ଗଲ୍ସ ଖେଳାଳି ଶଙ୍କର ମୁଥୁସ୍ୱାମୀ, ବାଳିକା ସିଙ୍ଗଲ୍ସରେ ତସ୍‌ନିମ ମୀର ଏବଂ ଓଡ଼ିଶା ଓପନ ମହିଳା ସିଙ୍ଗଲ୍ସ ବିଜେତା ଉନ୍ନତି ହୋଦା ପ୍ରମୁଖ ପ୍ରତିଯୋଗିତାର ଆକର୍ଷଣରେ ରହିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ ଦିନର ଖରାପ ଫଳାଫଳ ପରେ ୩ୟ ଦିନ ଷ୍ଟକ୍ ବଜାର ଫଳାଫଳ ଭଲ ରହିଛି। ସୋମବାର ଷ୍ଟକ୍ ବଜାରର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୪୬୮ (୪୬୮.୩୮) ପଏଣ୍ଟ ବଢ଼ି ୬୧,୮୦୬ (୬୧,୮୦୬.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟିରେ ମଧ ୧୫୧ (୧୫୧.୪୫) ପଏଣ୍ଟ ବୃଦ୍ଧି ଘଟି ୧୮,୪୨୦ (୧୮,୪୨୦.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓସିଓରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଛାତ୍ର

ଭୁବନେଶ୍ୱର,୧୯।୧୨


ନୱାଜ ଉଦ୍ଦିନ୍ | ସୁଶ୍ରୀ ଶ୍ରଦ୍ଧା ଜେନା

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ଛାତ୍ର ଓଡିଶା ରାସାୟନିକ ଅଲମ୍ପିୟାଡ-୨୦୨୨ର ବିଜେତା (ପ୍ରଥମ ଓ ୩ୟ ସ୍ଥାନ) ହୋଇ ଅନୁଷ୍ଠାନର ସଫଳତାରେ ଆଉ ଗୋଟିଏ ପର୍ଦ୍ଦ ଯୋଡିବାରେ ସଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନିକଟରେ ଓଡ଼ିଶା କେମିକାଲ୍ ସୋସାଇଟି ଦ୍ୱାରା ଓଡିଶା ରାସାୟନିକ ଅଲମ୍ପିୟାଡ (ଓସିଓ)-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉକ୍ତ ପ୍ରତିଯୋଗିତା ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩ହଜାର ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ୩ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ବିଜେତା ଭାବେ ପ୍ରଥମ, ୨ୟ ଓ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଓଡ଼ିଶା କେମିକାଲ୍ ସୋସାଇଟି ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଏସଆଇଆର-ଆଇଏମଏମଟିସିର ନିର୍ଦ୍ଦେଶକ ପ୍ରଫେସର ସୁଦ୍ଧାସତ୍ୱ ବସୁ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ବିଶେଷ କରି ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କିଟର ନୱାଜ ଉଦ୍ଦିନ୍‌ଙ୍କୁ ୩୦୦୦ ଟଙ୍କାର ଅର୍ଥରାଶି ପୁରସ୍କାର ଦେଇଥିବା ବେଳେ ତୃତୀୟ ସ୍ଥାନ ଅଧିକାର କରିଥିବା କିଟ ଛାତ୍ରୀ ସୁଶ୍ରୀ ଶ୍ରଦ୍ଧା ଜେନାଙ୍କୁ ୧୦୦୦ ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଅପରପକ୍ଷରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ.ଚିତ୍ତରଂଜନ ମିଶ୍ର ରାସାୟନ ବିଜ୍ଞାନ ବିଭାଗର ସମସ୍ତ ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ସେହିଭଳି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଓ ରସାୟନ ବିଭାଗର ମୁଖ୍ୟ ତଥା ଅନୁଷ୍ଠାନର ଉପାଧ୍ୟକ୍ଷ ଡ଼ଃ. ରୁଦ୍ରମୋହନ ନନ୍ଦଙ୍କର ନିରାନ୍ତର ପ୍ରୟାସ ଯୋଗୁ ପିଲାମାନଙ୍କର ପ୍ରତିଭା ବିକାଶ ସାଙ୍ଗକୁ ସଫଳତା ହାସଲରେ ଅନେକ ସହାୟକ ହୋଇଛି ବୋଲି ମିଶ୍ର ମତପ୍ରକାଶ କରିଛନ୍ତି।

# ୮ରୁ ଫ୍ୟାଶନ୍ ଆଣ୍ଡ ଲାଇଫ୍‌ଷ୍ଟାଇଲ୍ ମେଳା

ଭୁବନେଶ୍ୱର,୧୯।୧୨




ରାଜ୍ୟର ପ୍ରମୁଖ ଗୃହ ନିର୍ମାଣକାରୀ ସଂସ୍ଥା ଇଭୋସ ବିଲ୍ଡକନ୍‌ର ସହଯୋଗରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ମହିଳା ଉଦ୍ୟୋଗୀ ପରିଷଦ ଆଇଏନ୍‌ଡବ୍ଲ୍ୟୁଇସି ପକ୍ଷରୁ ଏକ ୫ ଦିନିଆ ଫ୍ୟାଶନ୍ ଆଣ୍ଡ ଲାଇଫ୍‌ଷ୍ଟାଇଲ୍ ମେଳାର ଆୟୋଜନ କରାଯାଉଛି। ଏପରିକି ଜାନୁୟାରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପଟିଆ ସ୍ଥିତ ପ୍ଲାଟ୍ରୋନିକ୍ସ ଗ୍ରାଉଣ୍ଡଠାରେ ଉକ୍ତ ମେଳା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଫ୍ୟାଶନ୍, ହ୍ୟାଣ୍ଡଲୁମ୍ ଏବଂ ଜୀବନଶୈଳୀ ବ୍ୟବସାୟ କ୍ଷେତ୍ରରେ ୧୨୦ରୁ ଅଧିକ ମହିଳା ଉଦ୍ୟୋଗୀ ଉକ୍ତ ମେଳାରେ ସ୍ଥାନ ପାଇବା ସହ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ମେଳାରେ ବିଭିନ୍ନ ପ୍ରକାର ସମ୍ମିଳନୀ ସାଙ୍ଗକୁ ଟକ୍ ଶୋ, ସାଂସ୍କୃତିକ କାର୍ଯ୍ୟକ୍ରମ, ଫ୍ୟାଶନ୍ ଶୋ, ଖାଦ୍ୟ ମହୋତ୍ସବ, ବୁଣାକାର, ତୃଣମୂଳ ଉଦ୍ୟୋଗୀ, ହସ୍ତତନ୍ତ ସମୃଦ୍ଧ ସଂସ୍କୃତି ସହ ଜଡ଼ିତ ଛୋଟ ବ୍ୟବସାୟ ଆଦି ପ୍ରଦର୍ଶିତ ସହିତ ଲକି ଡ୍ର ମଧ୍ୟ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଆଇଏନ୍‌ଡବ୍ଲ୍ୟୁଇସିର ଆବାହକ ସୁକିର୍ତୀ ପଟ୍ଟନାୟକ କହିଛନ୍ତି, ଆସନ୍ତା ୮ ତାରିଖରେ ହେବାକୁ ଥିବା ମେଳାରେ ଜାତୀୟ ଡିଜାଇନ୍‌ର ଏବଂ ଫ୍ୟାଶନ୍ ହାଉସ୍ ସହଯୋଗରେ ସ୍ଥାନୀୟ ବୁଣାକାର ଶିଳ୍ପ ପାଇଁ ନବସୃଜନ, ପ୍ରଯୁକ୍ତିବିଦ୍ୟା ନୂତନ ବ୍ୟବସାୟ ସୁଯୋଗ ଏବଂ କାରିଗରମାନଙ୍କ ପାଇଁ ନୂତନ ବଜାର ମଧ୍ୟ ଅନୁସନ୍ଧାନ କରାଯିବ। ସେହିଭଳି ଉତ୍ପାଦନ, ବନ ଏବଂ ଖୁଚୁରା ବିକ୍ରୟ ସହ ଜଡ଼ିତ ବିଭିନ୍ନ ଜାତୀୟ ଉଦ୍ୟୋଗ ଓ ଉଦ୍ୟୋଗୀମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସେହିପରି ଆଇସିସିର ସହ-ଅଧ୍ୟକ୍ଷ ଜେ.ବି.ପାଣି କହିଛନ୍ତି, ଆଇଏନ୍‌ଡବ୍ଲ୍ୟୁଇସି ଓଡ଼ିଶା ପରିବର୍ତ୍ତନର ଅଗ୍ରଭାଗରେ ରହିଛି। ବାଣିଜ୍ୟ ମେଳା ପରେ ଆମେ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଅନୁଭବ କଲୁ। ଏହାକୁ ଭିତ୍ତିକରି ଏହି ଫ୍ୟାଶନ୍ ଏବଂ ଲାଇଫ୍‌ଷ୍ଟାଇଲ୍ ମେଳାର ପରିକଳ୍ପନା କରାଯାଇଛି, ଯାହାକି ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି କରିବ। ଉକ୍ତ କାର୍ଯ୍ୟକ୍ରମକୁ ଆଇସିସି, ଏମ୍ଏସ୍ଏମ୍ଇ-ଡିଏଫ୍ଓ ଭାରତ ସରକାର, ଓଡ଼ିଶା ସରକାର ଏବଂ ବିଭିନ୍ନ ମିଡ଼ିଆ ହାଉସ୍ ମାଧ୍ୟମରେ ଜାତୀୟସ୍ତରରେ ପ୍ରୋତ୍ସାହିତ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ଜଣାପଡିଛି। ଏପରିକି ମେଳାରେ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ଓ ବ୍ୟବସାୟୀ ମେଳା ପାଇଁ ସେମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିଛନ୍ତି। ବିଶେଷକରି ଫ୍ୟାଶନ୍ ଡିଜାଇନ୍‌ର ମନୀଷ ମାଲହୋତ୍ରା, ଅଭିନେତ୍ରୀ ଦିଆ ମିର୍ଜା, ପୂର୍ବତନ ଭାରତୀୟ କ୍ରିକେଟର୍ ଇରଫାନ୍ ପଠାନ୍, ଅଭିନେତା ଜାଏଦ୍ ଖାନ୍ ଓ ଅଭିନେତ୍ରୀ ସୋନି ରାଜଦାନ ଉକ୍ତ ମେଳାରେ ମୁଖ୍ୟ ଆକର୍ଷଣ ସାଜିବେ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି କେ.କେ. ରଥ (ଚେୟାରମ୍ୟାନ୍ ଓ ନିର୍ଦ୍ଦେଶକ, ଇଭୋସ ବିଲ୍ଡକନ୍), ଜ୍ୟୋତିପ୍ରକାଶ ପାଲ୍ (ନର୍ଦ୍ଦେଶକ ଓ ରିଜିଓନାଲ୍ ହେଡ୍, ଆଇସିସି), ପ୍ରୀତି ପଲ୍ଲବୀ ପଟ୍ଟନାୟକ (କୋର୍ ମେମ୍ବର ଆଇଏନ୍‌ଡବ୍ଲ୍ୟୁଇସି), ପି.କେ.ଗୁପ୍ତା (ଯୁଗ୍ମ ନିର୍ଦ୍ଦେଶକ ଏମ୍ଏସ୍ଏମ୍ଇ ଡିଏଫ୍ଓ) ପ୍ରମୁଖ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଉକ୍ତ ଫ୍ୟାଶନ୍ ଓ ଲାଇଫ୍‌ଷ୍ଟାଇଲ୍ ମେଳାରେ କୋ-ଟାଇଟେଲ୍ ସ୍ପନ୍‌ସର୍ ଭାବେ ବୟନିକା ଓ ଅରୁନ୍ଧତୀ ଜୁଏଲର୍ସ ସହଯୋଗ କରୁଛନ୍ତି।

# ନୂଆବର୍ଷରୁ ନୂଆ ଷ୍ଟୋର ଖୋଲିବ କଲ୍ୟାଣ

ନୂଆଦିଲ୍ଲୀ,୧୯।୧୨

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ଆସନ୍ତା ୨୦୨୩ରେ ବ୍ୟବସାୟ ସମ୍ପ୍ରସାରଣ ସାଙ୍ଗକୁ ନୂଆ ଷ୍ଟୋର ଖୋଲିବା ନେଇ ଯୋଜନା କରିଥିବା ଜଣାପଡିଛି। ଏପରିକି ୫୨ ସପ୍ତାହରେ ୫୨ଟି ନୂଆ ଷ୍ଟୋର ଖୋଲିବାକୁ କଲ୍ୟାଣ ଲକ୍ଷ୍ୟ ରଖିଥିବା ବେଳେ କମ୍ପାନୀ (କଲ୍ୟାଣ) ତା'ର ବଜାର ଉପସ୍ଥିତିରେ ମଧ୍ୟ ୩୦% ବୃଦ୍ଧି ଆଣିବ ବୋଲି କୁହାଯାଉଛି। ସେହିଭଳି ୨୦୨୩ରେ କମ୍ପାନୀ ମୁଖ୍ୟତଃ ଅଣଦକ୍ଷିଣ ଭାରତୀୟ ଅଞ୍ଚଳରେ ବ୍ୟବସାୟ ସମ୍ପ୍ରସାରଣକୁ ଗୁରୁତ୍ୱାରୋପ କରିବ। କମ୍ପାନୀର ମୋଟ କାରବାର ପ୍ରତି ଉପରୋକ୍ତ ଅଞ୍ଚଳଗୁଡ଼ିକର ଅବଦାନ ୩୫% ରହିଛି। ଅଣ ଦକ୍ଷିଣ ଭାରତୀୟ ବଜାରରୁ ୫୦% ରାଜସ୍ୱ ସଂଗ୍ରହ କରିବା ଲାଗି କମ୍ପାନୀର ଯେଉଁ ଭିଜନ ୨୦୨୫ ରହିଛି, ସେହି ଆଧାରରେ କଲ୍ୟାଣ ଜୁଏଲର୍ସ ତା'ର ଷ୍ଟୋର ସମ୍ପ୍ରସାରଣ କରିବାକୁ ଯୋଜନା ରଖିଛି। ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି, ଗହଣା କ୍ଷେତ୍ରରେ ବର୍ତ୍ତମାନ ଅଧିକ ସଂଗଠିତ ଏବଂ ଅନୁଭୂତିପୂର୍ଣ୍ଣ ରିଟେଲ ବଜାର ଆଡ଼କୁ ଅଗ୍ରସର ହେଉଥିବା ବେଳେ ସେହି ଧାରାର ଲାଭ ହାସଲ କରିବା ଲାଗି ଆମେ ବେଶ ସୁଦୃଢ଼ ସ୍ଥିତିରେ ରହିଛୁ।

# ପିଜିଆଇର ଆକର୍ଷଣୀୟ ଜୁଏଲାରୀ କଲେକ୍ସନ

ନୂଆଦିଲ୍ଲୀ,୧୯।୧୨

ଅନ୍ତଃରାଷ୍ଟ୍ରୀୟ ଜୁଏଲେରି ବ୍ରାଣ୍ଡ ପ୍ଲାଟିନମ୍ ଗୁଲଡି ଇଣ୍ଟରନ୍ୟାଶନାଲ (ପିଜିଆଇ)ର ନୂତନ କଲେକ୍ସନ ପ୍ଲାଟିନମ୍ ଇଭାରା ଜୁଏଲେରିର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଫେଷ୍ଟିଭ୍ ଓ ପାର୍ଟି ସିଜନ୍ ପାଇଁ 'ପ୍ଲାଟିନମ୍ ଇଭାରା 'ର ନୂଆ ପ୍ଲାଟିନମ୍ ଜୁଏଲେରି ପିସ୍‌ଗୁଡିକର ଏକ ଆକର୍ଷଣୀୟ ରେଞ୍ଜ୍ ଉପଲବ୍ଧ ରହିଛି। ଉକ୍ତ କଲେକ୍ସନରେ ଆକର୍ଷଣୀୟ ନେକ୍‌ଲେସ୍‌ଠାରୁ ଆରମ୍ଭକରି ରିଷ୍ଟ ୱେୟାର, ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ଇୟରିଙ୍ଗ୍ ଓ ରିଙ୍ଗ୍ ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନ୍‌ର ଏକ ଶୃଙ୍ଖଳା ରହିଛି। ସେହିଭଳି ଭିନ୍ନ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ସୃଷ୍ଟି କରିବା ସହ ଆପଣଙ୍କ ପୋଷାକକୁ ପରିପୂର୍ଣ୍ଣ କରୁଥିବା ସ୍ୱତନ୍ତ୍ର ଧରଣର ପିସ୍ ନିର୍ମାଣ କରିବା ପାଇଁ ସୂକ୍ଷ୍ମ ତଥାପି ବାଧାମୁକ୍ତ ଗଠନ, ସ୍ୱତନ୍ତ୍ର ଡାଇମଣ୍ଡ ପିସ୍‌ଗୁଡିକ ସହ ସେଗୁଡ଼ିକ ଏକତ୍ରିତ ହୋଇଛି। ବିଶେଷକରି କାଜୁଆଲ ୱେୟାର ହେଉ କିମ୍ବା ପାର୍ଟି ୱେୟାର, ୱର୍କୱେୟାର, ଇଣ୍ଡିଆନ୍‌ୱେୟାର, ପ୍ଲାଟିନମ୍ ଇଭାରାର କ୍ୟୁରେଟେଡ୍ କଲେକ୍ସନ ଆପଣଙ୍କର ହଲିଡେ ସିଜନ ୱାର୍ଡରୋବ୍ ପାଇଁ ଏକ ନିଶ୍ଚିତ ଜୁଏଲେରି ଅଟେ।

# ପୋଷଣ ସହାୟତା ଦେବ ଲାଲଚାନ୍ଦ ଫାଉଣ୍ଡେଶନ୍

ଭୁବନେଶ୍ୱର,୧୯।୧୨




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ ଜୁଏଲର୍ସର ସହଭାଗୀ ସଂସ୍ଥା ଲାଲଚାନ୍ଦ ଫାଉଣ୍ଡେଶନ୍ ଭୁବନେଶ୍ୱରର ୨୦୦ ଯକ୍ଷ୍ମାରୋଗୀଙ୍କୁ ୬ ମାସ ପାଇଁ ପୋଷ୍ୟ ଭାବେ ଗ୍ରହଣ କରି ଆବଶ୍ୟକ ପୋଷଣ ସହାୟତା ପ୍ରଦାନ କରୁଥିବା ଜଣାପଡ଼ିଛି। ବିଶେଷକରି ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଭୁବନେଶ୍ୱର ଓ ଲାଲଚାନ୍ଦ ଫାଉଣ୍ଡେଶନ୍‌ର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀଙ୍କ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ସ୍ଥାନୀୟ ଶହୀଦ ନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଭୁବନେଶ୍ୱରର ଡା. ସୁମନ ସୁନ୍ଦରାୟ, ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଭୁବନେଶ୍ୱର ଡା. ଏମ୍.ଏସ୍.ସମଦ.ଖାନ୍, ଜିଲା ପ୍ରକଳ୍ପ ସଂଯୋଜକ ରୋଶନ କୁମାର ପାଢ଼ୀ, ଜିଲା ସଂଯୋଜକ (ପିପିପି) ଗୁରୁଚରଣ ମନ୍ତ୍ରୀ, ଶହୀଦ ନଗର ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ, ଡା. ଐଶ୍ୱର୍ଯ୍ୟା ମହାପାତ୍ରଙ୍କ ସମେତ ଲାଲଚାନ୍ଦ ଫାଉଣ୍ଡେଶନର ନିର୍ଦ୍ଦେଶକ ଅଜିତ୍ ହଂସ, କିଷନ ଗୁପ୍ତା ଏବଂ ସାଇନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସମସ୍ତ ୱାର୍ଡ ଅଧୀନରେ ଥିବା ଯକ୍ଷ୍ମା ରୋଗୀଙ୍କ ମଧ୍ୟରୁ ୨୦୦ ରୋଗୀଙ୍କୁ ୬ମାସ ପାଇଁ ପୋଷ୍ୟ ଭାବେ ଗ୍ରହଣ କରି ଫାଉଣ୍ଡେଶନ ପୋଷଣ ସହାୟତା ପ୍ରଦାନ କରୁଛନ୍ତି। ସେହିପରି ଲାଲଚାନ୍ଦ ଫାଉଣ୍ଡେଶନ୍‌ର ଏଭଳି ମହତ କାର୍ଯ୍ୟକୁ ବିଏମସି କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ଜିଲା ଯକ୍ଷ୍ମା ଅଧିକାରୀଙ୍କ ପକ୍ଷରୁ ଫାଉଣ୍ଡେଶନ୍‌କୁ କୃତଜ୍ଞତା ପ୍ରଦାନ କରାଯାଇଛି।

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
0674-2580101, 2549949


REAL ESTATE

SALE

Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road-30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165. D-2273

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




Newly open SPA positively health benefits expert therapist, Jagamara. 7849011931. D-73668

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Full body massage in homely atmosphere. All Therapy, Mob.- 8114881641. D-73417

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74612

Newly open full body massage ladies and gents. 8327740003, 8093860513. D-74616

Relax, Refresh your Body, Mind at Saikrupa Spa with best therapies. 8984068077. D-2230

**LOST**
On 16.12.2022 HDFC Bank ID Card No.-220305292200495 is lost. If the said ID Card found please return to G.P Combines Pvt. Ltd., 155, Bapuji Nagar, Bhubaneswar, Ph No.- 9861260540. D-71361

**ସହ ପ୍ରାଧ୍ୟାପକଙ୍କ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ପିଏଚ.ଡି. ଲାଭ**

ଡଃ ମୃତ୍ୟୁଞ୍ଜୟ ପଣ୍ଡା ଭାରତୀୟ ବୈଷୟିକ ପ୍ରତିଷ୍ଠାନ IITISM) ଧନବାଦରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର Prof. Devara Vijaya Bhaskar (Guide) ଓ Prof. Tanmoy Maity (co-guide)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Coordinated Power Management Strategies for multiple subgrids in photovoltaic battery based DC microgrid" ଉପରେ ଗବେଷଣା କରୁଥିଲେ। ସନ୍ଦର୍ଭଟି IIT, Madrasର Prof. N. Lakshminarasammaଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇ IIT (ISM) Dhanbadରୁ ସମ୍ମାନ ସୂଚକ ପିଏଚ୍.ଡି. ଲାଭ କରିଛନ୍ତି। ଡଃ ପଣ୍ଡାଙ୍କର ବିଭିନ୍ନ research paper ବିଦେଶ ଓ ଦେଶର Technical Journal ମାନଙ୍କରେ ପ୍ରକାଶିତ ହୋଇ ଅନେକ ଗବେଷକଙ୍କ ପାଇଁ ମାର୍ଗଦର୍ଶକ ହୋଇପାରିଛି। ଡଃ ପଣ୍ଡା ପୂର୍ବରୁ Govt. College of Engineering, Kalahandiରେ ସହକାରୀ Prof. ଭାବେ କାର୍ଯ୍ୟ କରିଥିଲେ ଏବଂ ବର୍ତ୍ତମାନ Vellore Institute of Technologyର Vellore Campusରେ Asst. Prof. Sr. Grade-1 ରୂପେ କାର୍ଯ୍ୟ କରୁଛନ୍ତି। ପ୍ରକାଶ ଥାଉ କି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଳ ଗ୍ରାମର ଡଃ ମୃତ୍ୟୁଞ୍ଜୟ ମାତା ସୁଜାତା ଦେବୀ ଓ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୈଳାଶ ନାଥ ସୁବୁଦ୍ଧିଙ୍କ କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କ ବଡ଼ ଭାଇ ଡଃ ମୃଣ୍ମୟ ଓ ଭାଉଜ ଡଃ ଶୁଭସ୍ମିତା ଏବେ ଆମେରିକାର "City University of New York"ରେ ଉଚ୍ଚତର ଗବେଷଣାରତ (Post-Doc) ତାଙ୍କର ସଫଳତାର ଶ୍ରେୟ ପାଇଁ ସେ ଭଗବାନଙ୍କର ଆଶୀର୍ବାଦ ସହିତ ପିତା, ମାତା, ଭାଇ, ଭାଉଜ, ଆତ୍ମୀୟଙ୍କ ସହିତ ଶୁଭାକାଂକ୍ଷୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୨୨୭୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**AFFIDAVIT**

I, Sambit Kumar Mohanty, S/o Malaya Kumar Mohanty, aged 23 years, residing at A-205, Kokila Gardens Phase-2, Pokhariput, Bhubaneswar have changed my name from Sambit Kumar Mohanty to Sambit Mohanty for all intents and purposes. D-2294

By virtue of affidavit No.- "12AA177268", dt.-19.12.2022 before Notary Public, Bhubaneswar I, PRATYUSH KUMAR MOHARANA, S/o-Pradeep Kumar Moharana, At-Madhusudan Nagar, Jatni- 752050 declare that my name is wrongly written as "PRATYUSH MOHARANA" in HSC Certificate further "PRATYUSH MOHARANA" and "PRATYUSHKUMAR MOHARANA" one and same person. D-2292

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏ ପ୍ରଶାନ୍ତ କୁମାର୍ ମହାରଣା
(ନେତୁଆ ଭାଇ)
ଧରାବତରଣ: ୨୭.୦୭.୧୯୫୧
ସ୍ୱର୍ଗାରୋହଣ: ୧୦.୧୨.୨୦୨୨
ବଣିଆ ସାହି, କଟକ
"ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।"
ଶୋକସନ୍ତପ୍ତ:
ଭାଇ-ଭାଇବୋହୂ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ, ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୨୮୦

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ଗୌରୀବାଳା ପରିଡ଼ା
ବଡ଼ମାଛପୁର, ଜୈନାବାଦ, ନିମାପଡ଼ା, ପୁରୀ
ଆବିର୍ଭାବ-୦୨।୦୨।୧୯୫୦
ତିରୋଧାନ- ୧୦।୧୨।୨୦୨୨
ହେ ଦିବଂଗତ ଆତ୍ମା, ଆଜି ତୁମ ଏକାଦଶାହ ପୁଣ୍ୟ ତିଥିରେ ଆମ୍ଭମାନଙ୍କର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ତ୍ୟାଗ ତଥା ନୀତି ଆଦର୍ଶ ଆମ୍ଭମାନଙ୍କ ପାଇଁ ସଦା ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବାପି, ସନ୍ତୁ, କୁନା, ବୁବୁ, ଗୁଡୁ, ଲୁଡୁ, ସାଇରୁପା, ଅଂଶୁ, ଆୟୁଷ ଓ ପରିବାରବର୍ଗ ।
ଧ-୨୨୭୬

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫ୍ୟୁଜନ୍ ମାନିଆ



**ଫ୍ୟାଶନ ଦୁନିଆରେ ନିଜକୁ ଅପ୍‌ଡେଟ୍ ରଖିବା ଏବଂ ଏଥିରେ ନୂଆ ଏକ୍ସପେରିମେଣ୍ଟ କରିବାରେ ଏବେ ମହିଳାଙ୍କଠାରେ ବଢୁଛି କ୍ରେଜ୍। ବିଭିନ୍ନ ୱେଷ୍ଟର୍ନ ସହ ଇଣ୍ଡିଆନ୍ ପୋଷାକର ଫ୍ୟୁଜନ୍ ପାଲଟିଛି ଅନେକଙ୍କ ଲାଗି ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ...**





ଟ୍ରାଡିଶନାଲ ପୋଷାକର ଡିମାଣ୍ଡ ସବୁବେଳେ ରହି ଆସିଛି। ହେଲେ ବିଭିନ୍ନ ୱେଷ୍ଟର୍ନ ୱେର୍‌ଗୁଡ଼ିକର ଆଟ୍ରାକ୍ଟିଭ୍ ଡିଜାଇନ ଅଧିକାଂଶଙ୍କୁ ବେଶି ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି। ତେଣୁ ଏହା ଭିତରେ ଯେପରି ଟ୍ରାଡିଶନାଲ ୱେର୍‌ର ଚାହିଦା କମି ନ ଯାଉ ସେଥିପାଇଁ ବର୍ତ୍ତମାନ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ରିତୁ କୁମାର, ମନୀଷ ମାଲହୋତ୍ରା, ସନ୍ଦୀପ୍ ଖୋସ୍‌ଲାଙ୍କ ଭଳି ବଡ଼ ବଡ଼ ଫ୍ୟାଶନ ଡିଜାଇନର ମଧ୍ୟ ଏହାକୁ ବିଭିନ୍ନ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଫ୍ୟୁଜନ୍ କରି ନୂଆ ନୂଆ ଡିଜାଇନ ପ୍ରସ୍ତୁତ କରୁଛନ୍ତି। ଆମ ଦେଶ ସମେତ ବାହାର ଦେଶଗୁଡ଼ିକରେ ମଧ୍ୟ ଇଣ୍ଡିଆନ୍ ଟେକ୍ସଟାଇଲର ଡିମାଣ୍ଡ ବେଶ୍ ବଢ଼ିବାରେ ଲାଗିଛି। ବିଶେଷକରି ଚିକେନ୍‌କରି, ଇକତ୍, ବ୍ଲକ ପ୍ରିଣ୍ଟ, ଖଦି ଭଳି ଅନ୍ୟାନ୍ୟ ଇଣ୍ଡିଆନ୍ ଫେବ୍ରିକ୍‌ରେ ପ୍ରସ୍ତୁତ ୱେଷ୍ଟର୍ନ ଡ୍ରେସ୍ ଅଧିକାଂଶଙ୍କୁ ବେଶି ଆକୃଷ୍ଟ କରୁଛି। ଓଡ଼ିଶାର ବିଭିନ୍ନ ପାରମ୍ପରିକ ପାଟ କପଡ଼ାକୁ ବ୍ୟବହାରକରି ଭଳିକି ଭଳି ଆକର୍ଷଣୀୟ ଡିଜାଇନ୍‌ର ପୋଷାକ ପ୍ରସ୍ତୁତ କରାଯାଉଛି। ୱେଷ୍ଟର୍ନ ଡ୍ରେସ୍ ସହ ଟ୍ରାଡିସନାଲ ଇଣ୍ଡିଆନ୍ ଆଉଟ୍‌ଫିଟ୍‌କୁ ମିକ୍ସ ମ୍ୟାଚ୍ କରି ଦିଆଯାଉଥିବା ଭିନ୍ନ ରୂପ ଅଧିକ ଆଇ କ୍ୟାଚି ମଧ୍ୟ ଲାଗୁଛି। ଏହାକୁ ଲୋକଲୋଚନକୁ ଆଣିବା ପାଇଁ ବଡ଼ ବଡ଼ ଫ୍ୟାଶନ ଶୋ' ମଧ୍ୟ ଆୟୋଜନ କରାଯାଉଛି। ବର୍ତ୍ତମାନ ଏଭଳି ଫ୍ୟୁଜନ୍ ଆଉଟଫିଟ୍ ଛୋଟ ବଡ଼ ଶୋ' ରୁମ୍‌ରୁ ଆରମ୍ଭକରି ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡ଼ିକରେ ବି ଉପଲବ୍ଧ ହେଉଛି। ଦିନକୁ ଦିନ ଫ୍ୟାଶନ ପ୍ରିୟ ମହିଳାମାନଙ୍କ ଠାରେ ଏଭଳି ଆଉଟ୍‌ଫିଟ୍‌ର କ୍ରେଜ୍ ବଢ଼ିବାରେ ଲାଗିଛି...

**ମିକ୍ସ ମ୍ୟାଚ୍ ଫ୍ୟୁଜନ୍‌ର ଡିମାଣ୍ଡ ବେଶି:** ଇଣ୍ଡିଆନ୍ ଡ୍ରେସ୍ ସହ ୱେଷ୍ଟର୍ନ ଆସେସରିଜ୍ ଯେପରି ଶାଢ଼ି ସାଙ୍ଗକୁ ଜିନ୍ସ କିମ୍ବା ଅନ୍ୟ ପ୍ୟାଣ୍ଟ, ଶାଢ଼ି ସହ ଲଙ୍ଗ୍ କୋଟ୍ କିମ୍ବା ଧୋତିପ୍ୟାଣ୍ଟ, ଚୁଡିଦାର କୁର୍ତ୍ତା ସାଙ୍ଗକୁ ଡିଜାଇନର ଜ୍ୟାକେଟ୍, ଷ୍ଟାଇଲିଶ୍ ଫୁଟ୍‌ୱେର ଆଦି ମିକ୍ସ ମ୍ୟାଚ୍ କରି ପିନ୍ଧିବା ବି ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ସେହିପରି ୱେଷ୍ଟର୍ନ ଆଉଟ୍‌ଫିଟ୍ ପସନ୍ଦ କରୁଥିବା ମହିଳାମାନେ ଏହାକୁ ଭାରତୀୟ ଝଲକ ଦେବା ଲାଗି କୋହ୍ଲାପୁରୀ ଜୁତି କିମ୍ବା ଅନ୍ୟ ଏଥ୍‌ନିକ୍ ଫୁଟ୍‌ୱେର, ଷ୍ଟୋଲ୍, ସ୍କାର୍ଫ, ଏବଂ ଟ୍ରାଡିଶନାଲ୍ ଜୁଏଲେରି ଭଳି ଟ୍ରାଡିଶନାଲ ଆସେସରିଜ୍ ବ୍ୟବହାର କରୁଛନ୍ତି।

**ହସ୍ତତନ୍ତ ମେଳା ସାଜିଛି ମୁଖ୍ୟ:** ବର୍ତ୍ତମାନ ଏହି ଫ୍ୟାଶନ ଫ୍ୟୁଜନ୍‌ର ଡିମାଣ୍ଡ ଏତେ ମାତ୍ରାରେ ବଢୁଛି ଯେ, ଦେଶର ପ୍ରତିଟି ବଡ଼ ବଡ଼ ସହରରେ ହ୍ୟାଣ୍ଡଲୁମ୍ ଏକ୍‌ଜିବିଶନ୍ ବା ହସ୍ତତନ୍ତ ପ୍ରଦର୍ଶନୀମାନ ଆୟୋଜନ କରାଯାଉଛି। ଏଥିରେ ପ୍ରତ୍ୟେକ ରାଜ୍ୟର ପାରମ୍ପରିକ ପୋଷାକ ଉପଲବ୍ଧ ହେଉଛି। ତା' ସହ ଏହାକୁ ବ୍ୟବହାରକରି ଫ୍ୟାଶନ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଛି। ବହୁ ସଂଖ୍ୟାରେ ଫ୍ୟାଶନପ୍ରିୟ ମହିଳା ଏଭଳି ଆଉଟ୍‌ଫିଟ୍ କିଣିବା ଲାଗି ଗହଳି ଜମାଉଥିବା ଦେଖିବାକୁ ମିଳୁଛି।

**ବଢୁଛି ଖଦିର ଡିମାଣ୍ଡ:** ଖଦିରେ କେବଳ କୁର୍ତ୍ତା, ପାଇଜାମା, ଶାଢ଼ି ଆଦି ପ୍ରସ୍ତୁତ ହେଉଥିଲା। ହେଲେ ବର୍ତ୍ତମାନ ଖଦିରେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍, ୱେଷ୍ଟ କୋଟ୍, ଡିଜାଇନର୍ ଟପ୍ସ, ସ୍କର୍ଟ୍, ପଲାଜୋ, ସେପାରେଟର୍ସ ଏବଂ ନୂଆ ଡିଜାଇନର ଶାଢ଼ି ପ୍ରସ୍ତୁତ କରାଯାଉଛି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁନାହିଁ ପିନ୍ଧିବାକୁ ମଧ୍ୟ ବେଶ୍ ଆରାମଦାୟକ ଲାଗୁଛି।

**ବଦଳୁଛି ସିଲ୍କର ଅନ୍ଦାଜ:** କେବଳ ପର୍ବପର୍ବାଣି, ବିବାହ କିମ୍ବା କୌଣସି ଉତ୍ସବରେ ନୁହେଁ, ଏବେ ବଡ଼ ବଡ଼ ଫ୍ୟାଶନ ଶୋ'ରେ ବି ମଡେଲମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି। ସିଲ୍କ କେବଳ ଶାଢ଼ିରେ ସୀମିତ ନାହିଁ ଏହାକୁ ବ୍ୟବହାର କରି ଲେହେଙ୍ଗା, ଜ୍ୟାକେଟ୍, ବିଭିନ୍ନ ପ୍ରକାର ଡ୍ରେସ୍ ଏବଂ ଆସେସରିଜ୍ ପ୍ରସ୍ତୁତ କରାଯାଉଛି, ଯାହାକି ଅପେକ୍ଷାକୃତ ଟ୍ରେଣ୍ଡି ଲୁକ୍ ଦେଉଥିବାରୁ ଯୁବତୀ ଓ ମହିଳାମାନେ ଏହାକୁ ବେଶି ପସନ୍ଦ କରୁଛନ୍ତି। ନୀତା ଲୁଲା, ରିତୁ କୁମାର ଏବଂ ଅନ୍ୟ ନାମୀ ଫ୍ୟାଶନ ଡିଜାଇନରମାନେ ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି।

## ଏମାନେ କ'ଣ କରନ୍ତି



**ଅନୀତା ପରିଡ଼ା**(ଗୃହିଣୀ, ସତ୍ୟବାଦୀ, ପୁରୀ)- ନୂଆ ରୂପରେ ବାହାରିଥିବା ଶାଢ଼ି ଗାଉନ୍ ହେଉ ଅବା ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ୍ ଆଉଟ୍‌ଫିଟ୍‌ଗୁଡିକ ଦେଖିବାକୁ ଯେମିତି କ୍ଲାସି ପିନ୍ଧି ସାରିବା ପରେ ମଡର୍ନ ଲୁକ୍ ଦେଇଥାଏ। ଏସବୁକୁ ଯେକୌଣସି ପାର୍ଟି ଫଙ୍କସନ୍‌କୁ ପିନ୍ଧି ଯାଇପାରୁଛି। ଏଥିସହ ଶାଢ଼ି ଦାମ୍ ବି ବଜେଟ ଫେଣ୍ଡ୍ରଲି। ମୋତେ ଶାଢ଼ି ସହ ମ୍ୟାଚ୍ କରି ଜୁଏଲେରି ପିନ୍ଧିବାକୁ ଭଲ ଲାଗେ। ତେବେ ଆସେସରିଜ୍‌କୁ ଏହି ଶାଢ଼ି ସହ ମ୍ୟାଚ୍‌କରି ପିନ୍ଧିଲେ ବହୁ ସୁନ୍ଦର ଲାଗୁଛି। ବର୍ତ୍ତମାନ ମୋର ଫ୍ୟୁଜନ୍ ଶାଢ଼ି ଫେଭରାଇଟ୍ ହୋଇସାରିଛି।



**ବିଶ୍ୱଜିତା ମହାନ୍ତି**(ଭୁବନେଶ୍ୱର)- ଶାଢ଼ି ଭଳି ଟ୍ରାଡିଶନାଲ ଆଉଟ୍‌ଫିଟ୍ ହେଉ ଅବା ଜିନ୍ସ - ଟପ୍ସ, ଗାଉନ୍, ଲଙ୍ଗ୍ ଫ୍ରକ୍ ଭଳି ୱେଷ୍ଟର୍ନ ଡ୍ରେସ୍ ଭିନ୍ନ ଭିନ୍ନ ଅବସର ଅନୁଯାୟୀ ପିନ୍ଧିବାକୁ ପସନ୍ଦକରେ। ତେବେ ବର୍ତ୍ତମାନ ଲାଟେଷ୍ଟ ଫ୍ୟାଶନ ଡିଜାଇନ ପାଲଟିଥିବା ବିଭିନ୍ନ ଇଣ୍ଡୋ- ୱେଷ୍ଟର୍ନ ଡ୍ରେସ୍ ବେଶ୍ ଆଇକ୍ୟାଚି ଲାଗୁଛି। ତେଣୁ ହ୍ୟାଣ୍ଡଲୁମ୍ ଏକ୍ସପୋ କିମ୍ବା ଅନ୍ୟ କୌଣସି ସ୍ଥାନରେ ପ୍ରଦର୍ଶନୀ ଥିଲେ ଏଭଳି ଲାଟେଷ୍ଟ କଲେକ୍ସନ ନିଶ୍ଚୟ ଆଣିଥାଏ। ବର୍ତ୍ତମାନ ସମ୍ବଲପୁରୀ କପଡ଼ା ଏବଂ ଅନ୍ୟ ପାଟ କପଡ଼ାରେ ପ୍ରସ୍ତୁତ ହେଉଥିବା ଲାଟେଷ୍ଟ ଡିଜାଇନ ବ୍ୟବହାର କରିବାକୁ ଭଲ ଲାଗୁଛି।

# ଅଧିକ ପେନ୍‌କିଲର ଖାଉଥିଲେ



**ଅନେକ ମହିଳାଙ୍କଠାରେ କାର୍ଯ୍ୟବ୍ୟସ୍ତତାର ଚାପ ସାଙ୍ଗକୁ ନିଜ ଖାଦ୍ୟ ପ୍ରତି ଅବହେଳା କାରଣରୁ ଅଣ୍ଟା, ଆଣ୍ଠୁ ଆଦି ଗଣ୍ଠି ଯନ୍ତ୍ରଣା ଦେଖାଦେଇଥାଏ। ଆଉ ଏଥିରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ବିନା ପରାମର୍ଶରେ ଅନେକେ ସଙ୍ଗେ ସଙ୍ଗେ ପେନ୍‌କିଲରର ସାହାଯ୍ୟ ନେଉଛନ୍ତି। ହେଲେ ଆପଣ ଜାଣନ୍ତି କି, ଏଭଳି ଔଷଧର ଅଧିକ ସେବନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ...**

- ବର୍ତ୍ତମାନ ଅନେକଙ୍କଠାରେ ଡାଇବେଟିସ୍ କିମ୍ବା ବ୍ଲଡ୍‌ପ୍ରେସର ସମସ୍ୟା ଦେଖିବାକୁ ମିଳୁଛି। ଏହି ରୋଗ ଥିବା ମହିଳାମାନେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଅଧିକ ମାତ୍ରାରେ ବ୍ୟବହାର କରିବା ଦ୍ୱାରା କିଡ୍‌ନୀ ଫେଲ୍ୟୁଅର ହେବାର ଆଶଙ୍କା ରହିଥାଏ।
- ପୁଣି କିଛି ପେନ୍‌କିଲରର ମାତ୍ରାଧିକ ସେବନ କେତେକଙ୍କଠାରେ ରକ୍ତକୁ ପତଳା କରିବା ବା ରକ୍ତର ସାନ୍ଦ୍ରତା ହ୍ରାସ କରିବା ସହ ରକ୍ତଚାପ ସମସ୍ୟା ସୃଷ୍ଟି କରିଥାଏ।
- ଗ୍ରେଟର ଶିକାଗୋରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଡାକ୍ତରଙ୍କ ବିନା ପରାମର୍ଶରେ କିମ୍ବା ମନଇଚ୍ଛା ଦୈନିକ ଆବଶ୍ୟକ ମାତ୍ରାଠାରୁ ଅଧିକ ପେନ୍‌କିଲର୍ ବା ନନ୍-ଷ୍ଟେରଇଡାଲ୍ ଆଣ୍ଟି-ଇମ୍‌ଫ୍ଲାମେଟୋରି ଡ୍ରଗ୍ସର ସେବନ କରିବା ଦ୍ୱାରା ଲିଭର(ଯକୃତ) ଖରାପ ହେବା ଆଶଙ୍କା ଖୁବ୍ ବେଶି।
- ଥଣ୍ଡା, ସାଇନସ୍ ଏବଂ ଗ୍ୟାସ୍ ଭଳି ସମସ୍ୟା ଲାଗି ବ୍ୟବହୃତ ପେନ୍‌କିଲର ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଯକୃତ ସହିତ ପାକସ୍ଥଳୀ ମଧ୍ୟ ପ୍ରଭାବିତ ହୋଇଥାଏ, ଯାହାକି ପରବର୍ତ୍ତୀ ସମୟରେ ଅଲ୍‌ସର୍‌ର ଆଶଙ୍କାକୁ ବି ଦ୍ୱିଗୁଣିତ କରିଥାଏ।
- ତେଣୁ ସହଜ ଉପଲବ୍ଧ ହୋଇଥିବାରୁ ପେନ୍‌କିଲର ସେବନକୁ ନ ଆପଣେଇ ବିଭିନ୍ନ ଘରୋଇ ଉପଚାର ସହ ଯୋଗ ବ୍ୟାୟାମକୁ ଜୀବନଶୈଳୀରେ ସାମିଲକରି ଏକ ଯନ୍ତ୍ରଣା ମୁକ୍ତ ଜୀବନ ଜିଅନ୍ତୁ।





**ଖାଦ୍ୟରୁଚି**

## ଗ୍ରୀନ୍ ମୋମୋ

**ଆବଶ୍ୟକ ସାମଗ୍ରୀ:** ପାଳଙ୍ଗ- ୨୦୦ଗ୍ରାମ୍, ମଇଦା- ୨ କପ୍, ଲୁଣ ସ୍ୱାଦ ଅନୁସାରେ, ତେଲ- ୧ ଚାମଚ, ମ୍ୟାଗି ନୁଡଲ୍ସ- ୨ ପ୍ୟାକେଟ୍, ଛୋଟ ଛୋଟ କଟାହୋଇଥିବା ବନ୍ଧାକୋବି ୧ କପ୍, ପନିର- ୫୦ ଗ୍ରାମ, ଗୋଲ ମରିଚ ଗୁଣ୍ଡ ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳଙ୍ଗକୁ ଗ୍ରାଇଣ୍ଡିଂ କରି ଛାଣି ଦିଅନ୍ତୁ। ସେଥିରେ ମଇଦା, ଲୁଣ ଏବଂ ଅଳ୍ପ ତେଲ ଦେଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ କିଛି ସମୟ ଘୋଡ଼ାଇ ରଖିଦିଅନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ୨ କପ୍ ପାଣିରେ ମସଲା ଏବଂ ମ୍ୟାଗି ପକାଇ ୩ ମିନିଟ୍ ଫୁଟିବାକୁ ଦିଅନ୍ତୁ। ନୁଡଲ୍ସ ସିଝିଗଲେ ଏହାକୁ କାଢ଼ି ଥଣ୍ଡା କରିବାକୁ ଦିଅନ୍ତୁ। ଏକ ପାତ୍ରରେ କଟା ବନ୍ଧାକୋବି, କୋରା ହୋଇଥିବା ପନିର, ଗୋଲମରିଚ ଗୁଣ୍ଡ ସହ ପୂର୍ବରୁ ପ୍ରସ୍ତୁତ ମ୍ୟାଗି ଏବଂ ଆବଶ୍ୟକ ଲୁଣ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ।

ବର୍ତ୍ତମାନ ଚକଟା ହୋଇଥିବା ମଇଦାକୁ ଗୁଳାକରି ଛୋଟ ଛୋଟ ଗୋଲ ପୁରି ଭଳି ବେଲି ଦିଅନ୍ତୁ। ଏହା ଭିତରେ ପ୍ରସ୍ତୁତ ହୋଇଥିବା କୋବି ଓ ନୁଡଲ୍ସ ପୁର ଦେଇ ଆଙ୍ଗୁଠିରେ ଚାପି ପିଠା ଭଳି ବନ୍ଦ କରନ୍ତୁ। ଆପଣ ଚାହିଁଲେ ଏଥିପାଇଁ ମାର୍କେଟରେ ମିଳୁଥିବା ମୋମୋ ମେକରର ସାହାଯ୍ୟ ନେଇପାରିବେ। ଏକ କୁକରରେ କିମ୍ବା ଇଡ୍‌ଲି ଛାଞ୍ଚରେ ପାଣି ଗରମକରି ଏହା ଉପରେ କଣା କଣା ଥିବା ପ୍ଲେଟ୍ ରଖି ମୋମୋ ରଖନ୍ତୁ। ଏହାକୁ ଘୋଡ଼ାଇ ୫-୬ ମିନିଟ୍ ସିଝିବାକୁ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗ୍ରୀନ୍ ମୋମୋ। ଚୁଲା ବନ୍ଦ କରି ପ୍ଲେଟ୍‌ରେ କାଢ଼ିଦିଅନ୍ତୁ। ବର୍ତ୍ତମାନ ଗ୍ରୀନ୍ ମୋମୋ ଖାଇବାର ମଜା ନିଅନ୍ତୁ।



**ସୌନ୍ଦର୍ଯ୍ୟ**

# ଘରେ କରନ୍ତୁ ହେୟାର ସ୍ପା



**ଶୀତଦିନେ ଥଣ୍ଡା ପବନରେ କେଶ ଶୁଷ୍କ ହୋଇଯାଏ ଏବଂ ରୁପି ସମସ୍ୟା ମଧ୍ୟ ଦେଖାଦିଏ। ଏହାକୁ ଦୂରକରିବା ଲାଗି ଆପଣ ହେୟାର ସ୍ପା କରିପାରିବେ। ତେବେ ବ୍ୟୁଟିପାର୍ଲର ଯାଇ ଏଥିପାଇଁ ଅଧିକ ଖର୍ଚ୍ଚ କରିବା ଅପେକ୍ଷା ଆପଣ ଘରେ ମଧ୍ୟ ହେୟାର ସ୍ପା କରି ମଜଭୁତ ଓ ସୁନ୍ଦର କେଶ ପାଇପାରିବେ...**

**କୋକୋନଟ୍ କ୍ରିମ୍ ସ୍ପା:** କେଶ ପାଇଁ ନଡ଼ିଆତେଲ କେତେ ଭଲ ସମସ୍ତେ ଜାଣନ୍ତି। କେବଳ ତେଲ ନୁହେଁ, ନଡ଼ିଆକୁ ବ୍ୟବହାର କରି ଆପଣ ହେୟାର ସ୍ପା କରିପାରିବେ। ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରଥମେ ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ କେଶକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ଦିଅନ୍ତୁ। ଏହାପରେ ପେଷ୍ଟକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ରୁ ଦେଢଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏହାକୁ ମାଇଲ୍ଡ ଶାମ୍ପୁ ବ୍ୟବହାର କରି ଭଲ ଭାବେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହିତ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ କଳା ଏବଂ ଚମକପ୍ରଦ କରିଥାଏ।

**କକୁମ୍ବର ହେୟାର ସ୍ପା:** ପ୍ରଥମେ ଗୋଟିଏ କାକୁଡ଼ିକୁ ଛୋଟ ଛୋଟ କାଟି ସେଥିରେ ଏକ ଚାମଚ ଅଲିଭ ଅଏଲ ପକାଇ ଗ୍ରାଇଣ୍ଡିଂ କରିନିଅନ୍ତୁ। କେଶକୁ ୧୦ମିନିଟ୍ ଷ୍ଟିମ୍ ଦେବା ପରେ ଏହି ପେଷ୍ଟକୁ ଭଲ ଭାବେ ଲଗାଇଦିଅନ୍ତୁ। ଅଧଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇଦିଅନ୍ତୁ। ଏହାକୁ ଲଗାଇଲେ କେଶ ଝଡ଼ିବା କିମ୍ବା ଶୁଷ୍କ ହେବା ଭଳି ସମସ୍ୟା ଦୂର ହୋଇଥାଏ।



**ବିଅର ସ୍ପା:** ଏକ କାଚ ଗିନାରେ ଅଧା ପର୍ଯ୍ୟନ୍ତ ବିଅର ନେଇ ରାତି ସାରା ରଖି ଦିଅନ୍ତୁ। ଏପରି କଲେ ତାହା ଅଳ୍ପ ଗାଢ଼ ହୋଇଯିବ। କେଶକୁ ୧୦ ମିନିଟ୍ ଷ୍ଟିମ୍ ଦେବା ପରେ ମାଇଲ୍ଡ ଶାମ୍ପୁରେ ଧୋଇ ଦିଅନ୍ତୁ। ବର୍ତ୍ତମାନ ପୂର୍ବରୁ ରଖାଯାଇଥିବା ବିଅରକୁ କେଶରେ ଭଲ ଭାବେ ମସାଜ କରନ୍ତୁ। ୧୦- ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା କେଶକୁ ମଜଭୁତ ଓ ସାଇନିଂ କରିବାରେ ସାହାଯ୍ୟ କରେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୦/୨୦୨୨ Bhubaneswar, Tuesday, December 20/ 2022

# ବକ୍ସ ଅଫିସରେ ଟିକେଟ ବିକ୍ରି



କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବକ୍ସ ଅଫିସରୁ ଟିକେଟ କିଣିବା ପରେ ହକିପ୍ରେମୀ।

**ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଓ ରାଉରକେଲାରେ ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ସୋମବାରଠାରୁ ବକ୍ସ ଅଫିସ ଟିକେଟ ବିକ୍ରି ହୋଇଛି। ଅନ୍‌ଲାଇନ୍‌ରେ ଉପଲବ୍ଧ ସମସ୍ତ ଟିକେଟ ବିକ୍ରି ସରିଥିବାରୁ ବକ୍ସ ଅଫିସରୁ ଟିକେଟ କିଣିବା ପାଇଁ ଦର୍ଶକଙ୍କ ମଧ୍ୟରେ ଅହେତୁକ ଆଗ୍ରହ ପରିଲକ୍ଷିତ ହୋଇଛି। ଭୁବନେଶ୍ୱର କଳିଙ୍ଗ ହକି ଷ୍ଟାଡିୟମର ୮ ନମ୍ବର ଗେଟ୍‌ସ୍ଥିତ ରିଜର୍ଭ ପୋଲିସ ଲାଇନ୍ ଗ୍ରାଉଣ୍ଡ ପଡ଼ିଆରେ ଖୋଲାଯାଇଥିବା ବକ୍ସ ଅଫିସରେ ସକାଳୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମର ୬ ନମ୍ବର ଗେଟ୍ (ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡ) ଏବଂ ୨ ନମ୍ବର ଗେଟ୍ (ନର୍ଥ ଓ ୱେଷ୍ଟ ଷ୍ଟାଣ୍ଡ) ନିକଟରେ ଉପଲବ୍ଧ ବକ୍ସ ଅଫିସରେ ମଧ୍ୟ ସମାନ ଅବସ୍ଥା ଦେଖା ଦେଇଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଖେଳିବାକୁ ଥିବା ମ୍ୟାଚ୍‌ର ଟିକେଟ ଉପଲବ୍ଧ ନ ଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ଖେଳିବାକୁ ଥିବା ୩ଟିଯାକ ଗ୍ରୁପ୍ ମ୍ୟାଚ୍‌ର ସମସ୍ତ ଟିକେଟ ଅନ୍‌ଲାଇନ୍‌ରେ ବିକ୍ରି ହୋଇଯାଇଛି। ବକ୍ସ ଅଫିସରେ ଅନ୍ୟ ମ୍ୟାଚ ଗୁଡ଼ିକର ଟିକେଟ ବିକ୍ରି ଚାଲିଛି। ବଳକାଥିବା ଟିକେଟ ଗୁଡ଼ିକର ବିକ୍ରି ଜାରି ରହିବ। ପ୍ରକାଶଯୋଗ୍ୟ, ଲିଗ୍ ପର୍ଯ୍ୟାୟରେ ଭାରତ ଯେଉଁ ୩ଟି ମ୍ୟାଚ୍ ଖେଳିବାର ଅଛି, ସେଥିରୁ ୨ଟି ରାଉରକେଲାରେ ଏବଂ କେବଳ ଗୋଟିଏ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦର୍ଶକମାନେ ଉଭୟ ସ୍ଥାନରୁ ଟିକେଟ କିଣିବା ସହିତ ଅନ୍‌ଲାଇନ୍ ଟିକେଟ ରିଡେମ୍ପ୍‌ଶନ କରିଛନ୍ତି।

**୨୦୨୩ ହକି ବିଶ୍ୱକପ୍**

**ଭାରତ ଖେଳିବାକୁଥିବା ମ୍ୟାଚର ଟିକେଟ ନ ପାଇ ହକିପ୍ରେମୀ ନିରାଶ**

ଆଗାମୀ ବିଶ୍ୱକପ୍ ଲାଗି ଆୟୋଜକ ଭାରତ ସହ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ଜର୍ମାନୀ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, କୋରିଆ, ମାଲେସିଆ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଜାପାନ, ଚିଲି ଓ ୱେଲ୍ସ ରହିଛନ୍ତି। ସେଥିରେ ଭାରତ ଗ୍ରୁପ୍ 'ଡି'ରେ ସ୍ପେନ୍, ଇଂଲଣ୍ଡ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ରାଉରକେଲାରେ ଜାନୁୟାରୀ ୧୩ରେ ସ୍ପେନ୍ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୧୫ରେ ଇଂଲଣ୍ଡ ଏବଂ ୧୯ରେ ୱେଲ୍ସ ବିପକ୍ଷରେ ମୁକାବିଲା କରିବ। ଭାରତର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ। ଜାନୁୟାରୀ ୨୯ରେ ପ୍ରତିଯୋଗିତାର ଫାଇନାଲ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବିର୍ସାମୁଣ୍ଡା ଷ୍ଟାଡିୟମ ହେଉଛି ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ। ଏହାର ଦର୍ଶକ କ୍ଷମତା ୨୦,୦୦୦। ମାତ୍ର କଳିଙ୍ଗ ଷ୍ଟାଡିୟମରେ ୧୫,୦୦୦ ଦର୍ଶକ ମ୍ୟାଚ୍ ଉପଭୋଗ କରିବାର ବ୍ୟବସ୍ଥା ରହିଛି।

## ତମାଣ୍ଡୋ କପ୍ ଫୁଟବଲ: ସେମିରେ ପପୁଲାର

**ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି):** ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ଢେଙ୍କାନାଳର ପପୁଲାର ସ୍ପୋର୍ଟିଂ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ପପୁଲାର ସ୍ପୋର୍ଟିଂ ସଡନ୍‌ଡେଥ୍ ୬-୫ ଗୋଲରେ ଗଣ୍ଡରପୁରର ୟୁନାଇଟେଡ୍ ୟୁଥ୍ କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ର ୪ର୍ଥ ମିନିଟରେ ୟୁନାଇଟେଡ୍ କ୍ଲବର ରାଜା ନାଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୫୦ତମ ମିନିଟ୍‌ରେ ପପୁଲାରର ବିଜୟ ଓରାମ ଗୋଲଟିକୁ ପରିଶୋଧ କରିଦେଇଥିଲେ। ନିର୍ଦ୍ଧାରିତ ସମୟ ଏବଂ ଟାଇବ୍ରେକରରେ ଫଳାଫଳ ନ ମିଳିବାରୁ ସଡନ୍‌ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଗଣ୍ଡରପୁର ପକ୍ଷରୁ ବାବୁଲାଲ ସାହୁ, ଅବିନାଶ ସାମଲ, ଚନ୍ଦନ ନାୟକ ଓ କାର୍ତ୍ତିକ ଭୋଳ ଗୋଲ ଦେଇଥିବାବେଳେ ଢେଙ୍କାନାଳ ଦଳ ପକ୍ଷରୁ ଅଜୟ ନାୟକ, ସାଗର ବିଶ୍ୱାଳ, ବିଜୟ ଓରାମ, ମଣ୍ଟୁ ସ୍ୱାଇଁ ଓ ଭାବଗ୍ରାହୀ ପଡ଼ିହାରୀ ଗୋଲ ସ୍କୋର କରିଥିଲେ। ଖେଳ ଶେଷରେ ବିଜୟୀ ଦଳର ସରୋଜ ପ୍ରଧାନଙ୍କୁ ଅତିଥି ଜମେଶ୍ୱର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଟି. ମୋହନରାଓ, ସୁଜିତ ପାତ୍ର, ଚନ୍ଦ୍ରକାନ୍ତ ବାରିକ ଓ ସୁଶାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ